

ମୃଣାଳଙ୍କ ପ୍ରେମରେ ଧନୁଷ

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in


# ସକାଳ
## THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-46 ◆SATURDAY ◆9 AUGUST 2025 ◆PAGE-12 ◆₹ 6.00


PANIKOILI

◆ବର୍ଷ-୪୩ ◆ସଂଖ୍ୟା-୪୬ ◆ଶନିବାର ◆୯ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ୧୦ ଗ୍ରାମ ପିଛା ୧.୦୨ ଲକ୍ଷ ଉପରେ ସୁନା ଦର



■ **ନୂଆଦିଲ୍ଲୀ, ୮।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦%ର ଭାରି ଶୁଳ୍କ ଲାଗୁ କରିବା ପରେ ଘରୋଇ ବଜାରରେ ସୁନା ମୂଲ୍ୟ ଏକ ନୂତନ ଶିଖର ଛୁଇଁଛି। ଶୁଳ୍କ ଲାଗୁର ତତ୍କ୍ଷଣାତ୍ ଏହାର ପ୍ରଭାବ ସ୍ୱରୂପ ଶୁକ୍ରବାର ସୁନା ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି। ଯାହାଫଳରେ ରକ୍ଷାବନ୍ଧନ ପୂର୍ବରୁ ସୁନା ମୂଲ୍ୟ ଏଭଳି ଶୀର୍ଷ ସ୍ତରରେ ପହଞ୍ଚିଛି। ଇଣ୍ଡିଆନ୍ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ଆଜି ବଜାରରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧,୦୨,୫୦୦ ଟଙ୍କାରେ ପହଞ୍ଚିଛି। ଏହାବାଦ୍ ଗତ ୮ ମାସ ମଧ୍ୟରେ ବଜାରରେ ସୁନା ୨୫ ହଜାର ମହଙ୍ଗା ହୋଇଛି। ଅନ୍ୟପକ୍ଷରେ, ରୁପା ମୂଲ୍ୟ କିଲୋଗ୍ରାମ ପିଛା ୧,୧୭,୦୦୦ ଟଙ୍କାରେ କାରବାର ହେଉଛି। ଗୁରୁବାର ଏହା କିଲୋ ପିଛା ୧,୧୪,୫୦୫ ଟଙ୍କା ପ୍ରତି କିଲୋଗ୍ରାମ ରହିଲା। ଗତ ଦୁଇ ଦିନ ମଧ୍ୟରେ ରୁପା ମୂଲ୍ୟରେ ୨୫୦୦ ଟଙ୍କାରୁ ଅଧିକ ବୃଦ୍ଧି ପାଇଛି।



### ଟ୍ରମ୍ପ ଟାରିଫ୍

## ଭାରତରୁ ଅର୍ଡର ବନ୍ଦ କଲେ ୱାଲ୍‌ମାର୍ଟ, ଆମାଜନ୍

■ **ନୂଆଦିଲ୍ଲୀ, ୮।୮ (ଏଜେନ୍ସି):** ଭାରତ ଉପରେ ପଡିଛି ଟ୍ରମ୍ପ୍ ଶୁଳ୍କର ପ୍ରଭାବ। ଆମେରିକା ୫୦% ଶୁଳ୍କ ଲାଗୁ କରିବା ପରେ ୱାଲମାର୍ଟ, ଆମାଜନ୍, ଟାର୍ଗେଟ୍ ଓ ଗ୍ୟାପ୍ ଭଳି ପ୍ରମୁଖ ଆମେରିକୀୟ ରିଟେଲ ବିକ୍ରେତା ଭାରତରୁ ଆସୁଥିବା ଅର୍ଡରଗୁଡିକୁ ଏବେ ସ୍ଥଗିତ ରଖିଛନ୍ତି। ତେବେ ଭାରତୀୟ ରପ୍ତାନିକାରୀ ପୂର୍ବରୁ ଜାଣିଥିଲେ ଯେ, ଶୁଳ୍କ ବଢିଲେ ସେମାନଙ୍କ ଅର୍ଡର ପ୍ରଭାବିତ ହେବ। ରିପୋର୍ଟ ଅନୁସାରେ ଭାରତୀୟ ରପ୍ତାନିକାରୀଙ୍କୁ ଆମେରିକୀୟ କ୍ରେତାଙ୍କଠାରୁ ଏ ସମ୍ପର୍କରେ ପତ୍ର ଓ ଇ-ମେଲ ମିଳିଛି। ଏଥିରେ କୁହାଯାଇଛି ଭାରତୀୟ ରପ୍ତାନୀକାରୀ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ କପଡ଼ା ରପ୍ତାନି ରୋକିଦିଅନ୍ତୁ। ତେବେ ଶୁଳ୍କ ଯୋଗୁଁ ବଢୁଥିବା ବ୍ୟୟ ଭାର ଭାରତୀୟ ରପ୍ତାନିକାରୀ ବହନ କରନ୍ତୁ ବୋଲି ଆମେରିକୀୟ କମ୍ପାନୀ ଚାହୁଁଛନ୍ତି। ଆମେରିକାରେ ବିକ୍ରି ହେଉଥିବା ସାମଗ୍ରୀଗୁଡିକର ମୂଲ୍ୟ ୩୦ରୁ ୩୫% ବଢିଯିବ ବୋଲି ଆକଳନ କରାଯାଉଛି। ଭାରତର ୱେଲସ୍ପନ ଲିଭିଂ, ଗୋକଲଦାସ ଏକ୍ସପୋର୍ଟସ୍, ଇଣ୍ଡୋ କାଉଣ୍ଟ ଓ ଟ୍ରାଇଡେଣ୍ଟ ଭଳି ପ୍ରମୁଖ ରପ୍ତାନୀକାରୀ ସଂସ୍ଥା ଆମେରିକାରେ ୪୦ରୁ ୭୦% ପର୍ଯ୍ୟନ୍ତ ଉତ୍ପାଦ ବିକ୍ରି କରୁଛନ୍ତି। କୁହାଯାଉଛି ଆମେରିକା ଯାଉଥିବା ଅର୍ଡର ଏବେ ସ୍ଥଗିତ ହେବା ଯୋଗୁଁ ବାଣିଜ୍ୟରେ ୪୦ରୁ ୫୦% ହ୍ରାସ ହୋଇପାରେ। ଉଲ୍ଲେଖଯୋଗ୍ୟ, ଭାରତରୁ ବହୁମାତ୍ରାରେ କପଡ଼ା ଆମେରିକା ରପ୍ତାନୀ ହୋଇଥାଏ। ଟାରିଫ ଯୋଗୁଁ ଏହି ସବୁ ଅର୍ଡର ବାଂଲାଦେଶ ବା ଭିଏତ୍‌ନାମକୁ ଚାଲିଯାଇପାରେ।

### ଖରିଫ୍‌ରେ ଜଟିଳ ଚାଷୀ ପଞ୍ଜୀକରଣ ବ୍ୟବସ୍ଥା

# ଚାଷୀଙ୍କୁ ଅଡୁଆ ‘ପୂର୍ବପୁରୁଷ’

■ **ଭୁବନେଶ୍ୱର, ୮।୮ (ସମିସ):** ଖରିଫ ଧାନ ବିକ୍ରି ନିମନ୍ତେ ପଞ୍ଜିକରଣରେ ଜଟିଳ ବ୍ୟବସ୍ଥା ଚାଷୀଙ୍କ ପାଇଁ ସୃଷ୍ଟି କରିଛି ସମସ୍ୟା। ଜମିପଟ୍ଟାରେ ବାପା-ଜେଜେବାପାଙ୍କ ନାମ ରହିଥିବାରୁ ପଞ୍ଜିକରଣ କରିବାରୁ ଚାଷୀମାନେ ବଞ୍ଚିତ ହୋଇଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସରକାର ସରଳ ସୂତ୍ର ବାହାର କରିବା ପରିବର୍ତ୍ତେ ଯେଉଁ ସାନି ବ୍ୟବସ୍ଥା କରିଛନ୍ତି ତାହା ପୂର୍ବଠାରୁ ଅଧିକ ଜଟିଳ। ଚାଷୀମାନେ ପଞ୍ଜିକରଣ ନିମନ୍ତେ ସ୍ୱ-ଘୋଷଣାନାମା (ସେଲ୍ଫ ଡିକ୍ଲାରେସନ) ଦେଇ ପାରିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ମାତ୍ର ଏହି ସ୍ୱ-ଘୋଷଣାନାମାରେ ଜମିର ସମସ୍ତ ଅଂଶୀଦାରଙ୍କ ଆଧାର ନମ୍ବର, ଦସ୍ତଖତ ବାଧ୍ୟତାମୂଳକ କରାଯାଇଛି। ତିନି ଚାରି ପିଢ଼ିର ସମସ୍ତ ଅଂଶୀଦାରଙ୍କ ନାମ, ଆଧାର,

### କମ୍ ଧାନ କିଣିବାକୁ ସରକାରୀ ଷଡ଼ଯନ୍ତ୍ର !

ଦସ୍ତଖତ ସହ ପଞ୍ଜିକରଣ ବ୍ୟବସ୍ଥା ଚାଷୀଙ୍କ ପାଇଁ ଅସମ୍ଭବ ହୋଇ ପଡ଼ିଛି। ଏକପକ୍ଷରେ ନିଜ ପେଟପାଟଣା ପାଇଁ ବାହାରେ ରହୁଥିବା ପରିବାରର ପିଲାମାନଙ୍କ ଦସ୍ତଖତ ସଂଗ୍ରହ କରିବା ମୁସ୍କିଲ ବ୍ୟାପାର, ଅନ୍ୟପକ୍ଷରେ ଅନେକ କ୍ଷେତ୍ରରେ ତିକ୍ତ ପାରିବାରିକ ସମ୍ପର୍କ ଯୋଗୁଁ ପଞ୍ଜିକରଣରେ ଦସ୍ତଖତ କରିବାରେ ଅଂଶୀଦାରମାନଙ୍କ ଅନାଗ୍ରହ ଚାଷୀଙ୍କ ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି। ଫଳରେ ଚାଷୀଙ୍କ ପାଇଁ ସ୍ୱ-ଘୋଷଣାନାମା ଦେବା ଏକପ୍ରକାର ଅସମ୍ଭବ ହୋଇଛି ଓ ପୂର୍ବାପେକ୍ଷା ପଞ୍ଜିକରଣ ସଂପୂର୍ଣ୍ଣ ଧୀମା ହୋଇଯାଇଛି। ବ୍ୟବସ୍ଥାର ସରଳୀକରଣ ନେଇ ଚାଷୀମାନେ ବାରମ୍ବାର ଦାବି କରୁଥିଲେ ହେଁ ତାହା କର୍ଣ୍ଣପାତ କରୁନାହାନ୍ତି। ତେଣୁ ଖରିଫରେ ଚାଷୀଙ୍କ ଠାରୁ କମ୍ ଧାନ କିଣିବାକୁ ସରକାର ବ୍ୟବସ୍ଥାଗତ ଷଡ଼ଯନ୍ତ୍ର କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ପୂର୍ବ ସରକାର ସମୟରେ ପଞ୍ଜିକରଣ ଓ ଋଣ ପ୍ରଦାନ ସମୟରେ ଏପରି ଜଟିଳ ବ୍ୟବସ୍ଥା ନ ଥିଲା। ମାତ୍ର ଏବେ ସରକାରୀ କଟକଣା ଯୋଗୁଁ ଚାଷୀମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପଟେ ଜମି ପଟ୍ଟା ସଂଶୋଧନ କାର୍ଯ୍ୟ ଚାଲିଥିଲେ ବି ଭଉଣୀ (ପରିବାରର କନ୍ୟାସନ୍ତାନ)ଙ୍କ ନାମକୁ ଏଥିରେ ସାମିଲ କରାଯିବାକୁ ନେଇ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଏଥିପାଇଁ ଅନେକ ଲୋକ ପଟ୍ଟା ସଂଶୋଧନ କରିପାରି ନାହାନ୍ତି। ▶ପୃଷ୍ଠା-୭

# ଏମ୍‌ସରେ ନିଯୁକ୍ତି ଜାଲିଆତି

### ୫ ସ୍ଥାନରେ ସିବିଆଇ ଚଢ଼ଉ; ୩ ଅଟକ

### ଏମ୍‌ସର ଅଭିଯୋଗ ପରେ ୬ଜଣଙ୍କ ନାମରେ ମାମଲା ରୁଜୁ

### ପ୍ରଶାସନିକ ଅଧିକାରୀ ସହ ମିଶି ଶ୍ରୁତି କରିଥିଲେ ଜାଲିଆତି

### ଜାଲ୍ ମେଡିକାଲ ପ୍ରମାଣପତ୍ର ଦାଖଲ କରି ଚାକିରି କରିଥିଲେ

■ **ଭୁବନେଶ୍ୱର, ୮।୮ (ସମିସ):** ଏମ୍‌ସରେ ଜାଲିଆତି କରି ଚାକିରି କରିବା ଘଟଣାରେ ସିବିଆଇ ଶୁକ୍ରବାର ଭୁବନେଶ୍ୱର ସମେତ ଜଗତସିଂହପୁର ଜିଲ୍ଲାର ଏକାଧିକ ସ୍ଥାନରେ ଚଢ଼ଉ କରିଛି। ୮ଘଣ୍ଟା ଧରି ସିବିଆଇର ୧୫ଟି ଟିମ୍ ଚଢ଼ଉ କରି ଏକାଧିକ ଗୁରୁତପୂର୍ଣ୍ଣ ଦସ୍ତାବିଜ୍ ଏବଂ ଡିଜିଟାଲ ପ୍ରମାଣ ଜବତ କରିବା ସହ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଏମ୍‌ସରେ ଠିକା ସଂସ୍ଥା ନିଜ ସମ୍ପର୍କୀୟଙ୍କ ନାମରେ ଜାଲ୍ ଦସ୍ତାବିଜ୍ ବାହାର କରି ଚାକିରି କରାଯାଇଥିବା ଏମ୍‌ସ କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ ଏନେଇ ସିବିଆଇକୁ ଚିଠି କରି ଜଣାଇଥିଲେ। ତଦନ୍ତରୁ ଘଟଣାର ସତ୍ୟାସତ ଥିବା ଜାଣିବା ପରେ ସିବିଆଇ କୋଲଥିଆ ହାଉସିଂବୋର୍ଡ କଲୋନୀ ଏମ୍ଆଇଜି-୩ରେ ରହୁଥିବା ରାଜଶ୍ରୀ ପଣ୍ଡା, ରାହାମା, ପଙ୍କପାଳରେ ରହୁଥିବା ସଂଗ୍ରାମ ମିଶ୍ର, କୋଲଥିଆର ସାଇ ସାଗର କର, ପଙ୍କପାଳରେ ରହୁଥିବା ସମ୍ବିତ ମିଶ୍ର, ହାଉସିଂବୋର୍ଡ କଲୋନୀର ଶ୍ରୁତି ସାଗର କର ଏବଂ ଏମ୍ସର ରିକ୍ରୁଟ୍‌ମେଣ୍ଟ ସେଲ୍ ତଥା ସହକାରୀ ପ୍ରଶାସନିକ ଅଧିକାରୀ ସୁଧିର କୁମାର ପ୍ରଧାନଙ୍କ ନାମରେ ମାମଲା ରୁଜୁ କରିଛି। ଜାଲ୍ ସାର୍ଟିଫିକେଟ ଦେଇ ▶ପୃଷ୍ଠା-୭

# ଆୟକର ବିଲ୍ ପ୍ରତ୍ୟାହୃତ

### ୧୧ରେ ଆସିବ ସଂଶୋଧିତ ବିଲ୍

### ସିଲେକ୍ଟ କମିଟିର ରିପୋର୍ଟ ପରେ ନିଷ୍ପତ୍ତି

■ **ନୂଆଦିଲ୍ଲୀ, ୮।୮ (ଏଜେନ୍ସି):** ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ଲୋକସଭାରୁ ଆୟକର ବିଲ୍ ୨୦୨୫କୁ ପ୍ରତ୍ୟାହାର କରିନେଇଛନ୍ତି। ବିଲ୍ ଯାଞ୍ଚ କରିବା ପାଇଁ ଗଠିତ ସିଲେକ୍ଟ କମିଟିର ରିପୋର୍ଟ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ବିଲ୍ ଫେବୃଆରୀରେ ଲୋକସଭାରେ ଆଗତ କରାଯାଇଥିଲା। କୁହାଯାଉଛି ଯେ ଅଗଷ୍ଟ ୧୧ ରେ ଲୋକସଭାରେ ନୂତନ ବିଲ୍ ଆଗତ କରାଯିବ। କେନ୍ଦ୍ର ସରକାର ଫେବୃଆରୀ ୧୩ ରେ ଲୋକସଭାରେ ଆୟକର ବିଲ୍ ୨୦୨୫ ଆଗତ କରିଥିଲେ। ବିଲ୍ ଯାଞ୍ଚ କରିବା ପାଇଁ ବିଜେପି ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ୩୧ ସଦସ୍ୟ ବିଶିଷ୍ଟ ସିଲେକ୍ଟ କମିଟି ଗଠନ କରାଯାଇଥିଲା। କମିଟି ବିଲ୍ ଯାଞ୍ଚ କରି ୨୮୫ ଟି ପରାମର୍ଶ ଦେଇଥିଲା। କମିଟି ୨୧ ଜୁଲାଇ ୨୦୨୫ରେ ଲୋକସଭାରେ ଏହାର ରିପୋର୍ଟ ଦାଖଲ କରିଥିଲା। କେନ୍ଦ୍ର ସରକାର ସିଲେକ୍ଟ କମିଟିର ପ୍ରାୟ ସମସ୍ତ ସୁପାରିଶକୁ ଗ୍ରହଣ କରିଛନ୍ତି। କିଛି ପରାମର୍ଶ ମଧ୍ୟ ମିଳିଛି ଯାହାକୁ ସଠିକ୍ ଆଇନଗତ ଅର୍ଥ ଦେବା ପାଇଁ ▶ପୃଷ୍ଠା-୭

# ସ୍କିମାଟିକ୍ ଶିକ୍ଷକଙ୍କୁ ଧକ୍କା

### ପ୍ରସ୍ତାବ ପ୍ରତ୍ୟାହାର କଲା ଗଣଶିକ୍ଷା ବିଭାଗ

■ **ଭୁବନେଶ୍ୱର, ୮।୮ (ସମିସ):** ମାତ୍ର ସପ୍ତାହେ ମଧ୍ୟରେ ସ୍କିମାଟିକ୍ ଶିକ୍ଷକଙ୍କୁ ଲାଗିଛି ବଡ଼ ଧକ୍କା। ମଉଳି ଯାଇଛି ସେମାନଙ୍କର ଚାକିରି ନିୟମିତ ହେବାର ଆଶା। ସ୍କିମାଟିକ୍ ଶିକ୍ଷକମାନଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସ୍ତାବକୁ ପ୍ରଥମେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୱେବସାଇଟ୍‌ରୁ ଉଡ଼ାଇ ଦିଆଯାଇଥିଲା। ଏବେ ଆନୁଷ୍ଠାନିକ ଭାବରେ ଏ ସଂକ୍ରାନ୍ତ ପ୍ରସ୍ତାବକୁ ସରକାର ଶୁକ୍ରବାର ପ୍ରତ୍ୟାହାର କରି ନେଇଛନ୍ତି। ନିୟମିତ କରିବାର ଆଶା ଦେଖାଇ ସରକାର ସେମାନଙ୍କୁ ପ୍ରତାରିତ କରିଛନ୍ତି ଓ ୧୬୦୦୦ ଶିକ୍ଷକଙ୍କ ଭବିଷ୍ୟତ ଅନ୍ଧାରକୁ ଚାଲି ଯାଇଛି ବୋଲି ସ୍କିମାଟିକ ଶିକ୍ଷକମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ରାଜ୍ୟରେ ଶିକ୍ଷକ ନିଯୁକ୍ତି, ସ୍କିମାଟିକ୍ କନିଷ୍ଠ ଶିକ୍ଷକ ପଦ ଉଚ୍ଛେଦ, ନିୟମିତ ଶିକ୍ଷକ ନିଯୁକ୍ତି ପରି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବସିଥିବା ବୈଠକର ସାରାଂଶ ସମ୍ପର୍କରେ ଗତ ୨ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ଜାରି କରିଥିଲା। ଗଣଶିକ୍ଷା ବିଭାଗର ୱେବସାଇଟ୍‌ରେ ଏହା ଅପଲୋଡ୍

### ଅନ୍ଧାରରେ ୧୬,୦୦୦ ଶିକ୍ଷକଙ୍କ ଭବିଷ୍ୟତ

ମଧ୍ୟ ହୋଇଥିଲା। ସ୍କିମାଟିକ୍ ପଦକୁ ଉଚ୍ଛେଦ କରାଯାଇ ମାଧ୍ୟମିକ ଶିକ୍ଷକଙ୍କ ପରି ନିୟମିତ ପ୍ରାଥମିକ ଶିକ୍ଷକ ନିଯୁକ୍ତି ପାଇଁ ପ୍ରସ୍ତାବ ରହିଥିଲା। ଫଳରେ ସ୍କିମାଟିକ୍ ଶିକ୍ଷକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ସ୍କିମାଟିକ୍ ଶିକ୍ଷକଙ୍କ ଏହି ଉତ୍ସାହ ଅଧିକ ଦିନ ▶ପୃଷ୍ଠା-୭

## ୪ ହାତୀଦାନ୍ତ ଜବତ, ୫ ମାଫିଆ ଗିରଫ



■ **କେନ୍ଦୁଝର, ୮।୮ (ସମିସ):** କେନ୍ଦୁଝର ବନ ବିଭାଗକୁ ଏକ ବଡ଼ଧରଣର ସଫଳତା ମିଳିଛି। ନୟାକୋଟ ଥାନା ବାଲିବେଡ଼ା ଗ୍ରାମରେ ଚଢ଼ଉ କରି ୪ଟି ହାତୀଦାନ୍ତ ଜବତ କରିବା ସହ ଏହି ବେଆଇନ କାରବାରରେ ସଂପୃକ୍ତ ୫ ମାଫିଆଙ୍କ ଗିରଫ କରିଛି। ସେମାନେ ହେଲେ, ନୟାକୋଟ ଥାନା ଅନ୍ତର୍ଗତ ବାଲିବେଡ଼ା ଗ୍ରାମର ଗଙ୍ଗାଧର ପାତ୍ର(୪୧), ଜମ୍ବିରିପସି ଗ୍ରାମର ନାରଦ ମୁଣ୍ଡା(୨୫), ମୟୂରଭଞ୍ଜ ଜିଲ୍ଲାର ରରୁଆଁ ଥାନା ଅନ୍ତର୍ଗତ ଭାଲିଆଡିହାର କେଦାରନାଥ ପାତ୍ର(୪୯), ଚମ୍ପୁଆ ଥାନା ଯୋଡ଼ାପୋଖରୀ ଗ୍ରାମର ▶ପୃଷ୍ଠା-୭






# ନିଅଣ୍ଟିଆ ବର୍ଷା, ସାର ଅଭାବ ବଢ଼ାଉଛି ଚିନ୍ତା

### ୧୩ ପରେ ବର୍ଷା ବଢ଼ିବ; ନିଅଣ୍ଟିଆ ଭରଣା ହେବନି

■ **ଭୁବନେଶ୍ୱର, ୮।୮ (ସମିସ):** ନିଅଣ୍ଟିଆ ବର୍ଷା ଏବଂ ସାରର ଅଭାବ ଏବେ ଚାଷୀଙ୍କ ପାଇଁ ଚିନ୍ତା ବଢ଼ାଇଛି। ନିଷ୍କ୍ରିୟ ମୌସୁମୀ ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବହୁ ମାତ୍ରାରେ ହ୍ରାସ ପାଇଥିବା ବେଳେ ଚାଷ କାର୍ଯ୍ୟ ମଧ୍ୟ ପ୍ରଭାବିତ ହୋଇଛି। ଯେଉଁ ସ୍ଥାନରେ ରୁଆ ସରିଛି, ସେଠାରେ ପାଣିର ଅଭାବ ହେତୁ ତଳି ମରିବା ସ୍ଥିତି ସୃଷ୍ଟି ହୋଇଛି। ଏହାସହିତ ଅନେକ ସ୍ଥାନରେ ରୁଆ ବେଉଷଣ ପାଇଁ ପାଣିର ଅଭାବ ହେତୁ ଚାଷୀକୁଳ ବର୍ଷାକୁ

### ଜରୁରୀକାଳୀନ ପଦକ୍ଷେପ ନେବାକୁ ବିଶେଷଜ୍ଞଙ୍କ ପରାମର୍ଶ

### ସାରର ଉପଲବ୍ଧତା ସୁନିଶ୍ଚିତ ନ କରାଇଲେ ସ୍ଥିତି ବିଗିଡ଼ିବ

ଅପେକ୍ଷା କରି ରହିଛି। ଏସବୁ ଭିତରେ ରାଜ୍ୟର ଚାଷୀମାନଙ୍କ ପାଇଁ ସାରର ଅଭାବ ବଡ଼ ସମସ୍ୟା ସୃଷ୍ଟି କରିଛି। ରୁଆ ପରେ ଧାନଗଛ ବୃଦ୍ଧି ପାଇଁ ସାରର ଆବଶ୍ୟକତା ରହୁଥିବା ବେଳେ ପ୍ରତି ଜିଲ୍ଲାରେ ସାର ଉପଲବ୍ଧ କରାଇବାରେ ସରକାର ବିଫଳ ହେଉଛନ୍ତି। ଫଳରେ ଚାଷୀଙ୍କ ପାଇଁ ବର୍ଷା ସାଙ୍ଗକୁ ସାର ସମସ୍ୟା ଚିନ୍ତା ବଢ଼ାଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ମୌସୁମୀ ନିଷ୍କ୍ରିୟ ରହିଛି। ଆସନ୍ତା ୧୩ରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ପରବର୍ତ୍ତୀ ▶ପୃଷ୍ଠା-୭

# ଦିଲ୍ଲୀରେ ଅଭିନେତ୍ରୀ ହୁମା କୁରେଶୀଙ୍କ ଭାଇଙ୍କୁ ହତ୍ୟା

ନୂଆଦିଲ୍ଲୀ, ୮।୮(ଏଜେନ୍ସି): ଦିଲ୍ଲୀର ନିଜାମୁଦ୍ଦିନ ଇଲାକାରେ ଜଣାଶୁଣା ବଲିଉଡ ଅଭିନେତ୍ରୀ ହୁମା କ୍ୟୁରେଶିଙ୍କ ଦାଦା ପୁଅ ଭାଇଙ୍କୁ ହତ୍ୟା କରାଯାଇଛି। ଗୁରୁବାର ରାତି ୧୧ଟାରେ ଏହି ଘଟଣା ଜଙ୍ଗପୁରା ଗଗୋଲ ଲେନ୍‌ରେ ଘଟିଛି। ଗାଡି ପାର୍କିଂକୁ ନେଇ ବିବାଦ ହେବା ପରେ ତାଙ୍କ ଉପରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିଲା। ପୁଲିସ ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରିଛି। ହୁମାଙ୍କ ଭାଇ ଆସିଫ୍ କ୍ୟୁରେଶୀ ଓ ଦୁଇ ଜଣ ପଡୋସୀଙ୍କ ମଧ୍ୟରେ ମେନ୍ ଗେଟ୍ ସାମ୍ନାରେ ସ୍କୁଟର ପାର୍କ କରିବା ନେଇ ଝଗଡ଼ା ହୋଇଥିଲା। ଏହାପରେ ସେମାନେ ଆସିଫ୍‌ଙ୍କୁ ଆକ୍ରମଣ କରିଥିଲେ। ସେ ଗୁରୁତ୍ୱର ଭାବେ ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ନିହାତି ମାମୁଲି ଘଟଣା ତଥା ସାମାନ୍ୟ ଯୁକ୍ତିତର୍କ ପାଇଁ ଆସିଫ୍‌ଙ୍କ ଉପରେ ଆକ୍ରମଣ କରାଯାଇଥିଲା ବୋଲି ତାଙ୍କ ପତ୍ନୀ ସାଇନା କ୍ୟୁରେସି କହିଛନ୍ତି। ପୂର୍ବରୁ ମଧ୍ୟ ପାର୍କିଂକୁ ନେଇ ବିବାଦ ହୋଇଥିଲା। ଗୁରୁବାର ଆସିଫ ଯେତେବେଳେ କାମ ସାରି ଘରକୁ ଫେରିଲେ, ସେତେବେଳେ ସାମ୍ନା ଗେଟ୍‌ରେ ପଡୋସୀଙ୍କ ବାଇକ ପାର୍କ କରାଯାଇଥିବା ଦେଖିଥିଲେ। ସେ ବାଇକ ହଟାଇବାକୁ କହିବା ଫଳରେ ଦୁଇ ପଡୋସୀ ତାଙ୍କୁ ଆକ୍ରମଣ କରିଥିଲେ ବୋଲି ସାଇନା ପୁଲିସକୁ କହିଛନ୍ତି। ହିନ୍ଦୁ ଅଞ୍ଚଳରେ ରହୁଥିବାରୁ ଆମକୁ ଟାର୍ଗେଟ କରାଯାଉଥିଲା ଓ ଏହି ଘଟଣା ପଛରେ ହିନ୍ଦୁ- ମୁସଲିମ୍ ଧାର୍ମିକ କାରଣ ରହିଛି ବୋଲି ସେ କହିଛନ୍ତି।

## ଚଳନ୍ତା ବସ୍ ଉପରେ ଗଛ ପଡ଼ି ୫ ମୃତ

ବାରାବଙ୍କୀ, ୮।୮(ଏଜେନ୍ସି): ଉତ୍ତରପ୍ରଦେଶର ବାରାବଙ୍କୀ ଜିଲ୍ଲାରେ ଚଳନ୍ତା ବସ ଉପରେ ଏକ ବଡ଼ ଗଛ ଭାଙ୍ଗି ପଡ଼ିଯାଇଥିଲା। ଫଳରେ ୫ ଜଣ ବସ୍ ଯାତ୍ରୀ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୨ ଜଣ ଶିକ୍ଷକ, ଦୁଇଜଣ ବ୍ଲକ ଅଧିକାରୀ ସମେତ ୪ ଜଣ ମହିଳା ସାମିଲ ରହିଛନ୍ତି। ଜଣେ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଛନ୍ତି ଓ ତାଙ୍କ ସ୍ଥିତି ଗମ୍ଭୀର ରହିଛି। ୬୦ଜଣ ଯାତ୍ରୀଙ୍କୁ ନେଇ ଏହି ବାରାବଙ୍କୀରୁ ହାଇଦରଗଡ଼ ଯାଉଥିଲା। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ହରଖ ଛକଠାରେ ବସ୍ ଆଗରେ ଏକ ପଶୁ ଅଚାନକ ଚାଲିଯାଇଥିଲା। ତାକୁ ବଞ୍ଚାଇବାକୁ ଯାଇ ବସ ପ୍ରଥମେ ଏକ ଇଲେକଟ୍ରିକ୍ ଖୁଣ୍ଟକୁ ବାଡେଇ ହୋଇଥିଲା। ଏହାପରେ ବସ୍ ଯାଇ ଗଛକୁ ଧକ୍କା ଦେଇଥିଲା। ଫଳରେ ଗଛଟି ବସ୍ ଉପରେ ପଡ଼ିଯାଇଥିଲା। ଏହି ଘଟଣାର ସିସିଟିଭି ଫୁଟେଜ ମଧ୍ୟ ସାମ୍ନାକୁ ଆସିଛି। ସୂଚନା ପାଇବା ପରେ ପୁଲିସ ସେଠାରେ ପହଞ୍ଚିଥିଲା। ବୁଲଡୋଜର ଡାକି ଗଛକୁ ହଟାଇଯାଇଥିଲା ଓ ପାଖାପାଖି ଦେଢଘଣ୍ଟା ଧରି ଉଦ୍ଧାର କାର୍ଯ୍ୟ ଚାଲିଥିଲା। ଗଛ ବିଶାଳ ଥିଲା। ଫଳରେ ବସର ଛାତ ପୂରା ଚାପି ହୋଇଯାଇଥିଲା।

## କପିଲ ଶର୍ମାଙ୍କୁ ଲରେନ୍ସ ଗ୍ୟାଙ୍ଗର ଧମକ

ନୂଆଦିଲ୍ଲୀ, ୮।୮(ଏଜେନ୍ସି): କାନାଡାରେ କମେଡିଆନ୍ କପିଲ ଶର୍ମାଙ୍କ କାଫେ ଉପରେ ଗୁଳି ମାରିବା ଘଟଣା ପରେ ଏବେ ତାଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ତରଫରୁ ଧମକ ଦିଆଯାଇଛି। ଲରେନ୍ସ ଗ୍ୟାଙ୍ଗର ହ୍ୟାରି ବକ୍ସର ନାମରେ ଏକ ଅଡିଓ ସାମ୍ନାକୁ ଆସିଛି। ଏଥିରେ କପିଲ ଶର୍ମାଙ୍କ ସମେତ ପୂରା ବଲିଉଡ୍ ଫିଲ୍ମ ଇଣ୍ଡଷ୍ଟ୍ରୀକୁ ଧମକ ଦିଆଯାଇଛି। ଯିଏ ଅଭିନେତା ସଲମାନ ଖାନଙ୍କ ସହ କାମ କରିବ ତାଙ୍କୁ ମାରି ଦିଆଯିବ ଓ ମୁମ୍ବଇର ସ୍ଥିତ ଖରାପ୍ କରି ଦିଆଯିବ ବୋଲି ଖୋଲାଖୋଲି ଧମକ ଦିଆଯାଇଛି। ପୁଣି 'ଦି ଗ୍ରେଟ୍ ଇଣ୍ଡିଆନ କପିଲ ଶୋ ସିଜନ-୨'ର ପ୍ରଥମ ଏପିଶୋଡରେ ସଲମାନଙ୍କୁ ଡକାଯାଇଥିଲା ଓ ଏଥିପାଇଁ କପିଲଙ୍କ କାନାଡାସ୍ଥିତ କାଫେ ଉପରେ ଆକ୍ରମଣ କରାଯାଇଥିଲା ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, କପିଲଙ୍କ କାଫେ ଉପରକୁ ପ୍ରଥମେ ଜୁଲାଇ ୧୦ରେ ଫାୟାରିଂ ହୋଇଥିଲା। ସେହିପରି ଅଗଷ୍ଟ ୭ରେ ଗୁଳି ଚାଳନା ହୋଇଛି। ସେତେବେଳେ ମୁଁ ଡରିବା ଲୋକ ନୁହଁ ବୋଲି କପିଲ କହିଥିଲେ।

## ପରମାଣୁ ବୈଜ୍ଞାନିକଙ୍କୁ ଫାଶୀ ଦେଲା ଇରାନ

ତେହେରାନ, ୮।୮(ଏଜେନ୍ସି): ଇରାନ ଦୁଇଟି ଭିନ୍ନ ଭିନ୍ନ ମାମଲାରେ ବୁଧବାର ଦୁଇଜଣ ବ୍ୟକ୍ତିଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଛି। ଏମାନଙ୍କ ମଧ୍ୟରେ ଜଣେ ପରମାଣୁ ବୈଜ୍ଞାନିକ ସାମିଲ ରହିଛନ୍ତି। ଏହି ପରମାଣୁ ବୈଜ୍ଞାନିକ ହେଉଛନ୍ତି ରୌଜବେ ଭାଦୀ। ସେ ଇସ୍ରାଏଲର ଗୋଇନ୍ଦା ସଂସ୍ଥା ମୋସାଦ ପାଇଁ ଗୁପ୍ତଚର ଭାବେ କାର୍ଯ୍ୟ କରୁଥିଲେ ଓ ଗୁରୁତ୍ୱପୂର୍ଣ୍ଣ ସୂଚନା ଓ ତଥ୍ୟ ପ୍ରଦାନ କରୁଥିଲେ ବୋଲି ଅଭିଯୋଗ ହୋଇଥିଲା। ସେ ଇରାନର ଅଟୋମିକ ଏନର୍ଜି ଅର୍ଗାନାଇଜେସନ ଅଧିନରେ ଥିବା ନ୍ୟୁକ୍ଲିଆର ସାଇନ୍ସ ଆଣ୍ଡ ଟେକନୋଲୋଜି ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍‌ର ସଦସ୍ୟ ଥିଲେ। ସେ ଜଣେ ବୈଜ୍ଞାନିକଙ୍କ ବିଷୟରେ ସମ୍ବେଦନଶୀଳ ସୂଚନା ମୋସାଦକୁ ଦେଇଥିଲେ। ଫଳରେ ଇସ୍ରାଏଲ ଆକ୍ରମଣରେ ସେହି ବୈଜ୍ଞାନିକଙ୍କ ମୃତ୍ୟୁ ହୋଇଥିଲା। ସେ ଦେଶର ସୁରକ୍ଷା ବ୍ୟବସ୍ଥା ପାଇଁ ବିପଦ ସୃଷ୍ଟି କରିଥିଲେ ବୋଲି ଇରାନ ତରଫରୁ କୁହାଯାଇଛି।

## ୟୁପିର ୨୪ ଜିଲ୍ଲାରେ ବନ୍ୟା

ନୂଆଦିଲ୍ଲୀ/ ଲକ୍ଷ୍ନୌ, ୮।୮(ଏଜେନ୍ସି): ଉତ୍ତର ପ୍ରଦେଶ ରାଜଧାନୀ ଲକ୍ଷ୍ନୌ ସମେତ ୧୦ଟି ସହରରେ ଶୁକ୍ରବାର ପ୍ରବଳ ବର୍ଷା ଜାରି ରହିଛି। ଲକ୍ଷ୍ନୌରେ କ୍ରମାଗତ ୭ ଦିନ ହେବ ବର୍ଷା ଜାରି ରହିଛି। ବାରଣାସୀ- ବିଜନୋରରେ ଦ୍ୱାଦଶ ଶ୍ରେଣୀ ଓ ଲକ୍ଷ୍ନୌ- ଜୋନପୁରରେ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ବନ୍ଦ କରାଯାଇଛି। ରାଜ୍ୟର ୨୪ଟି ଜିଲ୍ଲାରେ ୧୨୪୫ ଗାଁ ବନ୍ୟା ଘେରରେ ରହିଛି। ଏପର୍ଯ୍ୟନ୍ତ ୩୬୦ ଘର ତଥା ବାସଗୃହ ଭୁଶୁଡିଛି। ହିମାଚଳରେ ୪୫୦ରୁ ଊର୍ଦ୍ଧ୍ୱ ସଡକ ବନ୍ଦ ରହିଛି। ଏଥିରେ ୩୦୫ ଓ ୫ ନଂ ଜାତୀୟ ରାଜପଥ ସାମିଲ ରହିଛି। ହିମାଚଳରେ ବର୍ଷା ଜନିତ କାରଣରୁ ଏପର୍ଯ୍ୟନ୍ତ (ଜୁନ ୨୦ରୁ ଅଗଷ୍ଟ ୭) ପର୍ଯ୍ୟନ୍ତ ୨୦୨ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ସେହିପରି ଝାଡଖଣ୍ଡରେ ସମାନ କାରଣରୁ ୪୩୧ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ତେବେ ମଧ୍ୟ ପ୍ରଦେଶରେ ଗତ ୭ ଦିନ ହେବ ବର୍ଷା ହୋଇନାହିଁ। ଫଳରେ ରାଜ୍ୟରେ ତାପମାତ୍ରରେ ବୃଦ୍ଧି ଘଟିଛି। ସେହିପରି ବିହାର ଓ ତାମିଲନାଡୁ ସମେତ ୯ଟି ରାଜ୍ୟରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଦିଲ୍ଲୀର ଯମୁନା ନଦୀରେ ଜଳସ୍ତର ବିପଦ ସଂକେତ ଉପରେ ରହିଛି।

## ପୁଟିନଙ୍କ ସହ ଫୋନ୍‌ରେ କଥାହେଲେ ମୋଦୀ

# 'ଭାରତରେ ଆପଣଙ୍କୁ ସ୍ୱାଗତ କରିବାକୁ ଉତ୍ସାହିତ ଅଛୁ'



ନୂଆଦିଲ୍ଲୀ, ୮।୮(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଫୋନରେ କଥା ହୋଇଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ବିବାଦ ଚାଲିଥିବା ବେଳେ ଏହା ଦୁଇ ଦେଶ ପାଇଁ ବିଶେଷ ଗୁରୁତ୍ୱବହନ କରୁଛି। ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ମଜଭୁତ କରିବାକୁ ଦୁଇ ନେତା ସେମାନଙ୍କ ପ୍ରତିବଦ୍ଧତା ଦୋହରାଇଛନ୍ତି। ପୁଟିନଙ୍କ ସହ କଥା ହେବା ନେଇ ମୋଦୀ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଫୋନ୍‌ରେ ଭଲ ଭାବେ ବିସ୍ତୃତ ଭାବେ କଥା ହୋଇଥିଲୁ। ସେହିପରି ୟୁକ୍ରେନ୍ ସମ୍ପର୍କରେ ସୂଚନା ଦେଇଥିବାରୁ ପୁଟିନଙ୍କୁ ଧନ୍ୟବାଦ ଜଣାଇଥିଲି। ପରସ୍ପର ମଧ୍ୟରେ ସହଯୋଗ ବୃଦ୍ଧି କରିବା ସହ ରଣନୈତିକ ସହଭାଗିତା ଆହୁରି ଦୃଢ଼ କରିବା ନେଇ ପ୍ରତିବଦ୍ଧତାକୁ ଦୋହରାଇଥିଲୁ। ଭାରତରେ ଆପଣଙ୍କୁ ସ୍ୱାଗତ କରିବାକୁ ଆମେ ଉତ୍ସାହିତ ଅଛୁ ବୋଲି ମୋଦି ଫୋନ୍‌ରେ ପୁଟିନକୁ କହିଥିଲେ। ଏବର୍ଷ ପୁଟିନଙ୍କ ଭାରତ ଗସ୍ତକୁ ଅପେକ୍ଷା କରିଛି ବୋଲି ମୋଦୀ ଉଲ୍ଲେଖ କରିଛନ୍ତି।

ଗୋଟିଏ ଦିନ ପୂର୍ବରୁ ଭାରତର ରାଷ୍ଟ୍ରୀୟ ନିରାପତ୍ତା ଉପଦେଷ୍ଟା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ମଧ୍ୟ ପୁଟିନଙ୍କୁ ମସ୍କୋରେ ଭେଟିଥିଲେ। ଡୋଭାଲ ପ୍ରତିରକ୍ଷା, ଆର୍ଥିକ ଓ ଶକ୍ତି କ୍ଷେତ୍ରରେ ସହଯୋଗ ନେଇ ପୁଟିନଙ୍କ ଆଲୋଚନା କରିଥିଲେ। ପୁଟିନ ଚଳିତବର୍ଷ ଶେଷ ସପ୍ତାହରେ ଭାରତ ଆସିବେ। ଏହାପୂର୍ବରୁ ଡୋଭାଲ ରୁଷ୍ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁଙ୍କ ମଧ୍ୟ ଭେଟିଥିଲେ। ଏବେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଯଥେଷ୍ଟ ଉନ୍ନତି ହୋଇଛି ଓ ଏହାକୁ ଆମେ ସମ୍ମାନ କରୁଛୁ। ଦୁଇ ଦେଶ ମଧ୍ୟରେ ଏକ ଦୃଢ଼ ତଥା ଉତ୍ତମ ବୁଝାମଣା ରହିଛି ଓ ଏହାକୁ ଆଗେଇ ନେବୁ ବୋଲି ଡୋଭାଲ ସାକ୍ଷାତ ଅବସରରେ ଶୋଇଗୁଙ୍କୁ କହିଛନ୍ତି। ପୁଟିନ ୨୦୨୧ ଡିସେମ୍ବର ୬ରେ ଶେଷଥର ପାଇଁ ଭାରତ ଆସିଥିଲେ ଓ ମାତ୍ର ୪ ଘଣ୍ଟା ରହିଥିଲେ। ସେତେବେଳେ ଭାରତ ଓ ରୁଷ୍ ମଧ୍ୟରେ ୨୮ଟି ବୁଝାମଣା ନେଇ ଚୁକ୍ତି ହୋଇଥିଲା ଓ ଦସ୍ତଖତ ହୋଇଥିଲା। ୨୦୨୨ରେ ୟୁକ୍ରେନ ବିପକ୍ଷରେ ଯୁଦ୍ଧ ଆରମ୍ଭ ହେବା ପରେ ପୁଟିନ ପ୍ରଥମଥର ପାଇଁ ଭାରତ ଗସ୍ତରେ ଆସିବେ।

## ବ୍ରାଜିଲ ରାଷ୍ଟ୍ରପତିଙ୍କ ସହ ଆଲୋଚନା

ନୂଆଦିଲ୍ଲୀ, ୮।୮(ଏଜେନ୍ସି): ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡା ସିଲଭା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ଏହି ଅବସରରେ ଗତ ମାସରେ ମୋଦୀଙ୍କ ବ୍ରାଜିଲ ଗସ୍ତ ନେଇ ଚର୍ଚ୍ଚା କରିଥିଲେ। ଏଥିରେ ଦୁଇ ନେତା ବାଣିଜ୍ୟ, ବୈଷୟିକ ଜ୍ଞାନ କୌଶଳ, ଶକ୍ତି, ପ୍ରତିରକ୍ଷା ଓ କୃଷି ନେଇ ଆପୋସ ବୁଝାମଣା ଓ ସହମତିକୁ ଆହୁରି ଦୃଢ଼ କରିବାକୁ ସମ୍ମତି ପ୍ରକାଶ କରିଥିଲେ। ଦୁଇ ନେତା ଭାରତ ଓ ବ୍ରାଜିଲ ମଧ୍ୟରେ ରଣନୈତିକ ସହଭାଗିତାକୁ ଆହୁରି ଆଗକୁ ବୃଦ୍ଧି କରିବା ନେଇ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଥିଲେ। ସେହିପରି ଆଞ୍ଚଳିକ ଓ ବିଶ୍ୱସ୍ତରରେ ଚାଲିଥିବା ବିଭିନ୍ନ ପ୍ରସଙ୍ଗକୁ ନେଇ ମଧ୍ୟ ଦୁହେଁ ଆଲୋଚନା କରିଥିଲେ। ଉଲ୍ଲେଖଥାଉ କି, ବୁଧବାର ଲୁଲା ଟ୍ରମ୍ପ ଦେଇଥିବା ଆଲୋଚନା ପ୍ରସ୍ତାବକୁ ପ୍ରତ୍ୟାଖାନ କରିଥିଲେ। ଟାରିଫ୍ ସମ୍ପର୍କରେ ଟ୍ରମ୍ପଙ୍କ ସହ କଥା ନ ହୋଇ ମୋଦୀଙ୍କ ସହ କଥା ହେବେ ବୋଲି କହିଥିଲେ। ଟ୍ରମ୍ପ ଭାରତ ଓ ବ୍ରାଜିଲ ଉପରେ ୫୦ ପ୍ରତିଶତ ଟାରିଫ ଲାଗୁ କରିବାକୁ ଘୋଷଣା କରିସାରିଛନ୍ତି।

## ଉତ୍ତରକାଶୀ ବିପତ୍ତି | ୮୦ ଏକର ଜମିରେ ଆବର୍ଜନାର ପାହାଡ଼

ଡେରାଡୁନ୍, ୮।୮(ଏଜେନ୍ସି): ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାର ଧରାଲୀ ଗାଁରେ ହୋଇଥିବା ପ୍ରାକୃତିକ ବିପର୍ଯ୍ୟୟକୁ ୪ ଦିନ ବିତି ଗଲାଣି। ଏବେ ମଧ୍ୟ ୧୦୦ରୁ ୧୫୦ ଲୋକ ନିଖୋଜ ରହିଛନ୍ତି। ଏମାନେ ସବୁ କାଦୁଅ ଓ ଆବର୍ଜନା ମଧ୍ୟରେ ଚାପି ହୋଇଥିବା ଆଶଙ୍କା କରାଯାଉଛି। ସମ୍ପୂର୍ଣ୍ଣ ଭାବେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବାକୁ ଆହୁରି ୪ ଦିନ ସମୟ ଲାଗିବ। ଧରାଲୀର ୮୦ ଏକର ଜମିରେ ୨୦ରୁ ୫୦ ଫୁଟ ପର୍ଯ୍ୟନ୍ତ କାଦୁଅ ଓ ଆବର୍ଜନା ଜମି ରହିଛି। ଏହାକୁ ହଟାଇବା ପାଇଁ ମାତ୍ର ୩ଟି ଜେସିବି ମେସିନ ନିୟୋଜିତ ହୋଇଛି। ଏହି ଆବର୍ଜନା ତଳେ ଚାପି ହୋଇଥିବା ଲୋକଙ୍କୁ ଠାବ କରିବା ପାଇଁ ହାଇଟେକ ଥର୍ମାଲ ସେନସିଂ ଉପକରଣର ଆବଶ୍ୟକତା ରହିଛି। କିନ୍ତୁ ଏହି ସବୁ ମେସିନ ତଥା ଉପକରଣ ୬୦ କିମି ଦୂରରେ ଥିବା ଭଟବାଡି ରାସ୍ତା ବନ୍ଦ ହେବା କାରଣରୁ ସେଠାରେ ଦୁଇ ଦିନ ଅଟକି ରହିଛି। ଧରାଲୀରୁ ଶୁକ୍ରବାର ୫୩ ଜଣ ଲୋକଙ୍କୁ ଉଦ୍ଧାର କରାଯାଇଛି। ଉତ୍ତରକାଶୀ ଜିଲ୍ଲାରୁ ଏପର୍ଯ୍ୟନ୍ତ ୫୬୬ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଉଦ୍ଧାର କାର୍ଯ୍ୟରେ ଭାରତୀୟ ସେନା ଓ ହେଲିକପ୍ଟର ମଧ୍ୟ ନିୟୋଜିତ ହୋଇଛି। ମହାରାଷ୍ଟ୍ରର ୧୫୧ ଜଣ ପର୍ଯ୍ୟଟକ ଏପର୍ଯ୍ୟନ୍ତ ଫସି ରହିଛନ୍ତି। ସେନା ଓ ଏନ୍‌ଡିଆରଏଫ୍ ଟିମ୍ ୨ ଦିନରେ ୩୦୭ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଛନ୍ତି। ଏହି ବିପତ୍ତି କାରଣରୁ ବଦ୍ରିନାଥ ଯାତ୍ରା ପାଇଁ ପଞ୍ଜିକରଣକୁ ଓ କେଦାରନାଥ ଯାତ୍ରାକୁ ରୋକା ଯାଇଛି।

ଉତ୍ତରକାଶୀରୁ ଗଙ୍ଗୋତ୍ରୀ ଯିବାକୁ ହେଲେ ମାତ୍ର ଗୋଟିଏ ସଡକ ଉପଲବ୍ଧ ରହିଛି ଓ ଏହା ଧରାଲୀ ଦେଇ ଯାଉଛି। ହର୍ଷୀଲରୁ ଧରାଲୀ ପର୍ଯ୍ୟନ୍ତ ୩ କିମି ଲମ୍ବ ରାସ୍ତାର ୪ଟି ସ୍ଥାନରେ ୧୦୦ରୁ ୧୫୦ମିଟର ଲମ୍ବର ସଡକ ନଷ୍ଟ ହୋଇଛି। ସେହିପରି ଭଟବାଡୀରୁ ହର୍ଷୀଲ ପର୍ଯ୍ୟନ୍ତ ଥିବା ରାସ୍ତାରେ ୩ ସ୍ଥାନରେ ଭୂସ୍ଖଳନ ହୋଇଛି। ତେଣୁ ଧରାଲୀ ପର୍ଯ୍ୟନ୍ତ ରାସ୍ତା ସଫା ଓ ଖୋଲିବାକୁ ଆହୁରି ୪ ଦିନ ଲାଗିବ।



ବାଦଲ ଫଟା ବର୍ଷା ଜନିତ ବନ୍ୟା, ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାକୁ ଏକପ୍ରକାର ଧ୍ୱଂସ ସ୍ତୁପରେ ପରିଣତ କରିଛି। ମଙ୍ଗଳବାର ଆସିଥିବା ଏହି ବନ୍ୟା ଓ କାଦୁଅ ସୁଅରେ ଉତ୍ତରକାଶୀର ଧରାଲୀ ଓ ହର୍ଷୀଲ ଗାଁ ସମ୍ପୂର୍ଣ୍ଣ ଭାବେ ମାଟିରେ ମିସିଯାଇଥିଲା। ଉଦ୍ଧାର କାର୍ଯ୍ୟ ଚାଲୁ ରହିଛି। ୨୭୪ ଜଣ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଛି। ମଙ୍ଗଳବାର ଅପରାହ୍ଣ ୧.୪୫ରେ ବାଦଲ ଫଟା ବର୍ଷା କାରଣରୁ ଖୀର ଗଙ୍ଗା ନଦୀରେ ଭୟଙ୍କର ବନ୍ୟା

## ସେନା ଓ ବାୟୁସେନାକୁ ମିଳିବ ୨୦୦ ନୂଆ ହେଲିକପ୍ଟର

ନୂଆଦିଲ୍ଲୀ, ୮।୮(ଏଜେନ୍ସି): ଭାରତୀୟ ସେନା ଓ ବାୟୁସେନାକୁ ଏବେ ୨୦୦ଟି ନୂଆ ହେଲିକପ୍ଟର ମିଳିବ। ପୁରୁଣା ଚେତକ ଓ ଚିତାକୁ ହଟାଇ ନୂଆ ହେଲିକପ୍ଟର କ୍ରୟ କରାଯିବା ନେଇ ପ୍ରସ୍ତୁତି ଚାଲିଛି। ଏଥିପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ରିକ୍ୱେଷ୍ଟ ଫର ଇନଫର୍ମେସନ (ଆରଏଫ୍‌ଆଇ) ଜାରି କରିଛି। ଏଗୁଡିକ ମଧ୍ୟରୁ ୧୨୦ ହେଲିକପ୍ଟର ଭାରତୀୟ ସେନାକୁ ଓ ୮୦ଟି ବାୟୁସେନାକୁ ପ୍ରଦାନ କରାଯିବ। ଏହି ହେଲିକପ୍ଟର ଉଭୟ ଦିନ ଓ ରାତିରେ କାର୍ଯ୍ୟ କରିବାର ଦକ୍ଷତା ରଖୁଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ବୈଷୟିକ ଆବଶ୍ୟକାତ ପୂରଣ କରିବା ସହ କିଣିବା ପ୍ରକ୍ରିୟାରେ ନିଷ୍ପତ୍ତି ନେଇଥାଏ। ଏଥିରେ ଭାରତୀୟ କମ୍ପାନୀଗୁଡିକୁ ସାମିଲ କରାଯିବ। ଏହି କମ୍ପାନୀଗୁଡିକ ବିଦେଶୀ କମ୍ପାନୀଗୁଡିକ ସହ ମିସିକରି ହେଲିକପ୍ଟର ନିର୍ମାଣ କରିବ। ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟ ବିଭିନ୍ନ ପ୍ରକାର ହେଲିକପ୍ଟର ମଧ୍ୟ କ୍ରୟ କରିବାକୁ ଯୋଜନା କରୁଛି। ଏଗୁଡିକ ମଧ୍ୟରେ ନିମ୍ନସ୍ତରୀୟ ରାଡାର, ହାଲକା ଲଢୁଆ ବିମାନ (ଏଲ୍‌ଏସି), ମଲ୍ଟି ରୋଲ ହେଲିକପ୍ଟର ଓ ମିଡ୍ ଏୟାର ରିଫୁଏଲିଂ ଏୟାରକ୍ରାଫ୍ଟ ସାମିଲ ରହିଛି।

# ଗାଜା ସିଟିକୁ କବ୍‌ଜା କରିବ ଇସ୍ରାଏଲ୍

ଜେଲ ଅଭିଭ୍, ୮।୮(ଏଜେନ୍ସି): ଇସ୍ରାଏଲ ସମ୍ପୂର୍ଣ୍ଣ ଭାବେ ଗାଜା ସିଟିକୁ କବଜା କରିବାକୁ ଯୋଜନା କରିଛି। ଏ ନେଇ ଇସ୍ରାଏଲର ପ୍ରତିରକ୍ଷା କ୍ୟାବିନେଟ୍ ସେନାକୁ ମଞ୍ଜୁରୀ ପ୍ରଦାନ କରିଛି। ଶୁକ୍ରବାର ଗାଜା ପଟିର ଉତ୍ତରାଞ୍ଚଳରେ ଥିବା ଗାଜା ସିଟିକୁ ଅକ୍ତିଆର କରିବାକୁ ଇସ୍ରାଏଲ ସେନା ଅନୁମତି ପାଇଛି। ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏ ସଂକ୍ରାନ୍ତରେ ବିବୃତ୍ତି ଦେଇଛି। ଏହି ନିଷ୍ପତ୍ତି ନେବାକୁ କ୍ୟାବିନେଟ୍‌ରେ ଦୀର୍ଘ ୧୦ ଘଣ୍ଟା ଧରି ଆଲୋଚନା ହୋଇଥିଲା। କ୍ୟାବିନେଟର ଅଧିକାଂଶ ସଦସ୍ୟ ଇସ୍ରାଏଲର ଏହି ଯୋଜନାକୁ ସପକ୍ଷରେ ମତ ଦେଇଛନ୍ତି ବୋଲି ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଗାଜାର ୭୫ ପ୍ରତିଶତ ଅଞ୍ଚଳ ଏବେ ଇସ୍ରାଏଲ ସେନା ଅଧିନ ତଥା ନିୟନ୍ତ୍ରଣରେ ରହିଛି। ତେବେ ୨୫ ପ୍ରତିଶତ ଅଞ୍ଚଳ ସେନା ଅକ୍ତିଆରରେ ନାହିଁ। ପୂର୍ବରୁ ନେତାନ୍ୟାହୁ ସମ୍ପୂର୍ଣ୍ଣ ଗାଜା ପଟି ବିଷୟରେ ମନ୍ତବ୍ୟ ଦେଇଥିଲେ। କିନ୍ତୁ ତାଙ୍କ କାର୍ଯ୍ୟାଳୟ ତରଫରୁ ଦିଆଯାଇଥିବା ବିବୃତ୍ତିରେ ଏଥର କେବଳ ଗାଜା ସିଟି ବିଷୟରେ ଉଲ୍ଲେଖ କରାଯାଇଛି। ଗାଜାରେ ଚାଲିଥିବା ଯୁଦ୍ଧ ବନ୍ଦ କରିବାକୁ ଇସ୍ରାଏଲ ହମାସ ଆଗରେ ୫ଟି ପ୍ରମୁଖ ସର୍ତ୍ତ ରଖିଛି। ଏବେ ଗାଜାରେ ଚାଲିଥିବା ଯୁଦ୍ଧ କାରଣରୁ ନାହିଁ ନଥିବା ସ୍ଥିତି ଉପୁଜିଛି। ପ୍ରତିଦିନ ୨୮ ଜଣ ଛୋଟ ପିଲା ପ୍ରାଣ ହରାଉଛନ୍ତି ଓ ଏପର୍ଯ୍ୟନ୍ତ ୧୮ ହଜାର ପିଲା ମୃତ୍ୟୁବରଣ କରିସାରିଲେଣି। ୨୦୨୩ ଅକ୍ଟୋବର ୭ରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧରେ ଏପର୍ଯ୍ୟନ୍ତ ପାଖାପାଖି ୬୧, ୦୦୦ ଲୋକ ମୃତ୍ୟୁବରଣ କଲେଣି। ସେହିପରି ଦେଢ ଲକ୍ଷ ଲୋକ ଆହତ ହୋଇଛନ୍ତି।

## ଓଆଇସି ବୈଠକ ଡାକିଲା ଇରାନ୍

ତେହେରାନ, ୮।୮(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଖାସ୍ କରି ଗାଜାରେ ଇସ୍ରାଏଲ୍ ଆକ୍ରମଣ ଯୋଗୁଁ ସୃଷ୍ଟି ହୋଇଥିବା ମାନବୀୟ ସଂକଟକୁ ଦୃଷ୍ଟିରେ ରଖି ଇରାନ ଅର୍ଗାନାଇସେନ ଅଫ୍ ଇସ୍‌ଲାମିକ କୋପରେସନ (ଓଆଇସି) ବୈଠକ ଡାକିଛି। ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଚି ଆନୁଷ୍ଠାନିକ ଭାବେ ଏହି ବୈଠକ ଡାକିଛନ୍ତି। ସେ ଏହିକ୍ରମରେ ଓଆଇସି ସାଧାରଣ ସମ୍ପାଦକ ହୁସେନ ଇବ୍ରାହିମ ତାହାଙ୍କୁ ଚିଠି ଲେଖିଛନ୍ତି। ଗାଜାରେ ମାନବିକତାର ହତ୍ୟା ହେଉଛି। ଗାଜାକୁ ନିଜ ଅକ୍ତିଆରକୁ ନେବାକୁ ଇସ୍ରାଏଲ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି। ସେଠାରେ ଛୋଟ ପିଲାମାନେ ଅନାହାରରେ ମୃତ୍ୟୁବରଣ କରୁଛନ୍ତି। ତେଣୁ ଏହାକୁ ବିରୋଧ କରିବାକୁ ଓଆଇସି ବୈଠକରେ ନିର୍ଣ୍ଣାୟକ ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି ବୋଲି ଆବାସ କହିଛନ୍ତି।

## ୨୦୨୪ରେ ଭାରତରେ ୧୫ ଲକ୍ଷ କର୍କଟ ମାମଲା

ନୂଆଦିଲ୍ଲୀ, ୮।୮(ଏଜେନ୍ସି): ଭାରତରେ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ୨୦୨୪ରେ ଭାରତରେ ୨୫ ଲକ୍ଷ କର୍କଟ ମାମଲା ଚିହ୍ନଟ ହୋଇଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପରାଓ ଯାଦବ କହିଛନ୍ତି। ଗତବର୍ଷ ୧୫, ୩୩, ୦୫୫ ଲୋକ କର୍କଟ ପୀଡିତ ହୋଇଛନ୍ତି ବୋଲି ଇଣ୍ଡିଆନ୍ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ ସୂଚନା ଦେଇଛି। କିନ୍ତୁ ୨୦୧୯ରେ ଏହି ସଂଖ୍ୟା ୧୩.୫ ଥିଲା। ସେହିପରି ୨୦୨୦ରେ ଏହା ୧୩.୯ ଲକ୍ଷ, ୨୦୨୧ରେ ଏହା ୧୪.୨ ଲକ୍ଷ, ୨୦୨୨ରେ ଏହା ୧୪.୬ ଲକ୍ଷ ଏବଂ ୨୦୨୩ରେ ଏହି ସଂଖ୍ୟା ୧୪.୯ ଲକ୍ଷରେ ପହଞ୍ଚିଥିଲା। ପୁଣି କେବଳ ୨୦୨୩ରେ ୮.୨ ଲକ୍ଷ ଲୋକ କର୍କଟରେ ପୀଡିତ ହୋଇ ମୃତ୍ୟୁବରଣ କରିଛନ୍ତି। ୨୦୧୯ ପରେ ଏହି ସଂଖ୍ୟା ସର୍ବାଧିକ ବୋଲି କୁହାଯାଇଛି। ସେହିପରି ୨୦୧୯, ୨୦୨୦, ୨୦୨୧ ଓ ୨୦୨୨ରେ ଯଥାକ୍ରମେ ୭.୫, ୭.୭, ୭.୮ ଓ ୮ ଲକ୍ଷ ଲୋକ ଏହି ରୋଗରେ ପ୍ରାଣ ହରାଇଥିଲେ।

# ଅନୁପ୍ରବେଶକାରୀ ବିରୋଧୀଙ୍କ ଭୋଟ ବ୍ୟାଙ୍କ: ଶାହା

ନୂଆଦିଲ୍ଲୀ, ୮।୮(ଏଜେନ୍ସି): କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବିହାରରେ ଏସ୍‌ଆଇଆର (ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ) ନେଇ ଚାଲିଥିବା ବିବାଦ ଉପରେ ମତ ରଖିଛନ୍ତି। ଏସଆଇଆରକୁ ବିରୋଧୀ ଦଳଗୁଡିକ ତରଫରୁ ବିରୋଧ କରାଯାଉଛି। ଅନୁପ୍ରବେଶକାରୀମାନେ ହିଁ ମହାଗଠବନ୍ଧନ(ଇଣ୍ଡି ମେଣ୍ଟ)ର ଭୋଟ ବ୍ୟାଙ୍କ। ତେଣୁ ଏସଆଇଆର କାରଣରୁ ବିରୋଧୀଙ୍କ ଚିନ୍ତା ଓ ସମସ୍ୟା ବଢ଼ିଯାଇଛି ବୋଲି ସେ କହିଛନ୍ତି। ଏହିକ୍ରମରେ ସେ ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଆରଜେଡି ସୁପ୍ରିମୋ ଲାଲୁ ଯାଦବଙ୍କୁ ସମାଲୋଚନା କରିଛନ୍ତି। ଯେଉଁମାନେ ଭାରତରେ ଜନ୍ମ ଗ୍ରହଣ କରିନାହାନ୍ତି ସେମାନଙ୍କୁ ଭୋଟ ଦେବାର ଅଧିକାର ନାହିଁ। ଦେଶ ଭିତରକୁ ଅନୁପ୍ରବେଶ କରିଥିବା ଲୋକମାନେ ହେଉଛନ୍ତି ଗଠବନ୍ଧନର ଭୋଟ ବ୍ୟାଙ୍କ୍। ତେଣୁ ଏସ୍‌ଆଇଆରକୁ ନେଇ ଏମାନେ ପ୍ରଶ୍ନ ଉଠାଉଛନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି। ଶାହା ଓ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶୁକ୍ରବାର ସୀତାମାଢ଼ିରେ ମାତା ଜାନକୀ ମନ୍ଦିରର ଭୂମିପୂଜନ କରିଥିଲେ। ଉପ- ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ମଧ୍ୟ ଉପସ୍ଥିତ ଥିଲେ ଓ ଏହି ଅବସରରେ ଏକ କାର୍ଯ୍ୟକ୍ରମକୁ ସଂବୋଧିତ କରି ନୀତୀଶ ପୁରୁଣା ସରକାରଙ୍କୁ ନୀତିକୁ ନେଇ ସମାଲୋଚନା କରିଥିଲେ। ସେହିପରି ଶାହା ଏସ୍‌ଆଇଆରଠାରୁ ଆରମ୍ଭ କରି ଅପରେସନ ସିନ୍ଦୂର ପର୍ଯ୍ୟନ୍ତ ନିଜର ମତ ଉପସ୍ଥାପନ କରିଥିଲେ। ଆଗାମୀ ବିଧାନସଭା ନିର୍ବାଚନରେ ଏନ୍‌ଡିଏ ସ୍ପଷ୍ଟ ବହୁମତରେ ବିଜୟୀ ହୋଇ ପୁଣି ସରକାର ଗଠନ କରିବ ବୋଲି ଶାହା କହିଛନ୍ତି।


# 'ଭୋଟ୍ ଚୋରାଇ ବିଜେପି ସରକାର ଗଢ଼ିଛି'



**ବିଜେପି ୨୫ଟି ସିଟ୍‌ରେ ୩୫ ହଜାର କିମ୍ବା କମ୍ ଭୋଟ୍‌ରେ ଜିତିଛି: ରାହୁଲ**

ନୂଆଦିଲ୍ଲୀ, ୮।୮(ଏଜେନ୍ସି): କଂଗ୍ରେସ ନେତା ରହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ ମୋଦୀ ଓ ବିଜେପିକୁ ପୁଣି ସମାଲୋଚନା କରିଛନ୍ତି। ମୋଦୀ ଭୋଟ ଚୋରାଇ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ନିର୍ବାଚନ କମିଶନ ଆମକୁ ଇଲେକଟ୍ରୋନିକ ଡାଟା ପ୍ରଦାନ କରନ୍ତି, ତାହେଲେ ଆମେ ଏହାକୁ ପ୍ରମାଣ କରିପାରିବୁ ବୋଲି ସେ କହିଛନ୍ତି। ମୋଦୀ ୨୫ ସିଟ୍ ଅନ୍ତରରେ ପ୍ରଧାନମନ୍ତ୍ରୀ ହୋଇଛନ୍ତି। କିନ୍ତୁ ୨୫ଟି ସିଟ୍‌ରେ ବିଜେପି ୩୫ ହଜାର କିମ୍ବା ତା'ଠାରୁ କମ୍ ଭୋଟ୍‌ରେ ବିଜୟୀ ହୋଇଛି। ତେଣୁ ଭୋଟ ଚୋରାଇ ମୋଦୀ ପ୍ରଧାନମନ୍ତ୍ରୀ ପଦ ଅଳଙ୍କୃତ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। କମିଶନ ଗତ ୧୦ ବର୍ଷର ଦେଶର ସବୁ ଇଲେକଟ୍ରୋନିକ ଭୋଟର ତାଲିକା ଓ ଭିଡିଓଗ୍ରାଫି ଦେବା ଆବଶ୍ୟକ। ଯଦି କମିଶନ ଏହା ନ ଦେବେ, ତେବେ ଏହାକୁ ଅପରାଧ ବୋଲି ବିବେଚନା କରାଯିବ। କମିଶନ ବିଜେପିକୁ ଭୋଟ ଚୋରି କରିବାର ସୁଯୋଗ ଦେଉଛି। ତେଣୁ ନିର୍ବାଚନ କମିଶନଙ୍କୁ ସାରା ଦେଶ ଭୋଟରଙ୍କ ତଥ୍ୟ ମାଗିବା ଆବଶ୍ୟକ ବୋଲି ସେ କହିଛନ୍ତି। ବେଙ୍ଗାଲୁରୁରେ ଫ୍ରିଡମ୍ ପାର୍କରେ ଆୟୋଜିତ କଂଗ୍ରେସର 'ଭୋଟ ଅଧିକାର ରାଲି'ରେ ଯୋଗ ଦେଇ ସେ ଏହି କଥା କହିଛନ୍ତି। ଏହି ଅବସରରେ ତାଙ୍କ ସହ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ୍ ଖଡ୍‌ଗେ ଉପସ୍ଥିତ ଥିଲେ।

# ୪ ମହିଳାଙ୍କ ଜାଲରେ ଫସି ୯ କୋଟି ହରାଇଲେ ୮୦ ବର୍ଷୀୟ ବୃଦ୍ଧ



ମୁମ୍ବଇ, ୮।୮(ଏଜେନ୍ସି): ସାମାଜିକ ଗଣମାଧ୍ୟମରେ ବନ୍ଧୁତ୍ୱ ସ୍ଥାପନ୍ କରି ଜଣେ ୮୦ ବର୍ଷୀୟ ବରିଷ୍ଠ ନାଗରିକ ପାଖାପାଖି ୯ କୋଟି ଟଙ୍କା ହରାଇଛନ୍ତି। ଅନ ଲାଇନ୍‌ରେ ପ୍ରେମର ଅନ୍ୱେଷଣ ଏତେ ମହଙ୍ଗା ପଡ଼ିବ ବୋଲି ମୁମ୍ବଇର ଏହି ବରିଷ୍ଠ ନାଗରିକ କେବେ ଭାବି ନଥିବେ। ପ୍ରେମ, ସହାନୁଭୂତି, ଖରାପ ସ୍ଥିତିର ବାହାନା କରି ୪ ମହିଳା ତାଙ୍କଠାରୁ ୮.୭ କୋଟି ଟଙ୍କା ଠକି ନେଇଛନ୍ତି। ୨୧ ମାସରେ ୭୩୪ଟି ଟ୍ରାନଜାକସନ ଅର୍ଥାତ ନେଣଦେଣ କରି ସେ ଏତେ ପରିମାଣର ଟଙ୍କା ହରାଇଛନ୍ତି। ଜଣକ ପରେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ମହିଳାଙ୍କ ଚକରରେ ପଡ଼ି ସେ ସାରା ଜୀବନରେ ଉପାର୍ଜନ କରିଥିବା ଅର୍ଥ ମାତ୍ର ୨୧ ମାସରେ ହରାଇବା ପରେ ସେ ଠକାମୀର ଶିକାର ହୋଇଥିବା କଥା ହୃଦୟଙ୍ଗମ କରିଥିଲେ। ଏହାପରେ ପୁଲିସରେ ଅଭିଯୋଗ କରି ୨୧ ମାସର ଏହି କାହାଣୀ ବଖାଣି ଥିଲେ। ସାଇବର ପୁଲିସ ଏ ନେଇ ମାମଲା ରୁଜୁ କରିବା ସହ ଯାଞ୍ଚ ଆରମ୍ଭ କରିଛି।

୨୦୨୩ ଏପ୍ରିଲରେ ଶରବୀ ନାମକ ଏକ ମହିଳା ତାଙ୍କୁ ଏକ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇଥିଲେ ଓ ଏହାକୁ ସେ ଆକସେପ୍ଟ କରିଥିଲେ। ଏହାପରେ ଦୁହେଁ ଚାଟିଂ ଆରମ୍ଭ କରିଥିଲେ ଓ ଦୁହେଁ ପରସ୍ପରର ଫୋନ୍ ନଂ ଦେଇଥିଲେ। ଏହାପରେ ଦୁହେଁ ହ୍ୱାଟ୍ସଆପ୍‌ରେ ଚାଟିଂ କରିଥିଲେ। ସ୍ୱାମୀଙ୍କଠାରୁ ଅଲଗା ହୋଇ ନିଜ ପିଲାଙ୍କ ସହ ରହୁଥିବା କଥା ଶରାବୀ ତାଙ୍କୁ କହିଥିଲେ। ଏହାପରେ ପିଲାଙ୍କ ଦେହ ଖରାପ୍ ଓ ବିଭିନ୍ ଆଳ ଦେଖାଇ ଶରାବୀ ଏହି ବରିଷ୍ଠ ନାଗରିକଙ୍କଠାରୁ ପଇସା ମାଗିଥିଲେ। କିଛି ଦିନପରେ ଶରବୀର ସମ୍ପର୍କୀୟ ଭାବେ ନିଜକୁ ଦର୍ଶାଇ କବିତା ନାମରେ ଆଉ ଜଣେ ମହିଳା ତାଙ୍କ ସହ ହ୍ୱାଟ୍ସଆପ୍‌ରେ ଯୋଗାଯୋଗ କରି ସମାନ କାହାଣୀ କହି ପଇସା ହଡପ କରିଥିଲେ। ଏହାପରେ ଗତ ଡିସେମ୍ବରରେ ଶରବୀର ଭଉଣୀର ପରିଚୟ ଦେଇ ଡିନାଜ ନାମ୍‌ରେ ଜଣେ ମହିଳା ମଧ୍ୟ ତାଙ୍କ ସମ୍ପର୍କରେ ଆସି ବିଭିନ୍ନ ଆଳ ଦେଖାଇ ପଇସା ନେଇଥିଲେ। ପୁଣି ପରେ ଡିନାଜର ବାନ୍ଧବୀ ବୋଲି ନିଜକୁ ଦର୍ଶାଇ ଜାସମିନ ନାମରେ ଜଣେ ମହିଳା ମଧ୍ୟ ବିଭିନ୍ନ ସ୍ଥିତିର ଆଳ ଦର୍ଶାଇ ତାଙ୍କଠାରୁ ଆର୍ଥିକ ସାହଯ୍ୟ ମାଗିଥିଲେ। ତାଙ୍କୁ ମଧ୍ୟ ବୃଦ୍ଧଜଣକ ପଇସା ପଠାଇଥିଲେ। କିନ୍ତୁ କେହି ତାଙ୍କ ଟଙ୍କା ଫେରସ୍ତ କରି ନଥିଲେ। ଏହିପରି ଭାବେ ସେ ୨୦୨୩ ଏପ୍ରିଲରୁ ୨୦୨୫ ଜାନୁଆରୀ ପର୍ଯ୍ୟନ୍ତ ୭୩୪ଟି ଟ୍ରାନଜାକସନ କରି ମୋଟ୍ ୮.୭ କୋଟି ଟଙ୍କା ହରାଇଥିଲେ। ଏହାପରେ ବ୍ୟକ୍ତିଜଣକ ନିଜ ପୁଅ ଓ ବହୁଙ୍କଠାରୁ ପଇସା ମାଗିବା ପରେ ସେମାନଙ୍କର ସନ୍ଦେହ ହୋଇଥିଲା। ଫଳରେ ସେ ପୁଲିସର ସାହଯ୍ୟ ଲୋଡିଥିଲେ। ଜଣେ ବ୍ୟକ୍ତି ହିଁ ୪ ମହିଳାଙ୍କ ପରିଚୟ ଦେଇ ଏହି ଅର୍ଥ ଲୁଟିଛି ବୋଲି ପୁଲିସ କହିଛି। ତେବେ ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

## ଚେକିଂ ଆଳରେ ପୁଲିସର ଦାଦାଗିରି

# ଟୋଲ୍‌ଗେଟ୍‌ରେ ଟ୍ରକ୍ ଚାଳକ ଓ ହେଲ୍‌ପରଙ୍କୁ ନିସ୍ତୁକ ମାଡ଼



ବୈଶିଙ୍ଗା, ୮।୮ (ସମିସ): ପୁଣି ପଦାକୁ ଆସିଲା ପୁଲିସ୍‌ର ବର୍ବରତା। ଟୋଲଗେଟ୍ ନିକଟରେ ଏକ ଟ୍ରକ୍‌କୁ ଅଟକାଇବା ସହ ଚାଳକ ଓ ହେଲପର୍‌ଙ୍କୁ ନିସ୍ତୁକ ମାଡ଼। ବୈଶିଙ୍ଗା ଥାନା ଅଧୀନ ୧୮ ନଂ. ଜାତୀୟ ରାଜପଥର ଟୋଲଗେଟ୍ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏପରି ଏକ ଘଟଣା ଘଟିଛି। ଏହାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହାକୁ ସାଧାରଣରେ ନାପସନ୍ଦ କରାଯିବା ସହ ସଂପୃକ୍ତ ଦୁଇ ପୁଲିସ୍ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ତେବେ ଭିଡିଓଟି କେଉଁ ଦିନର ତାହା ଜଣାପଡ଼ିନାହିଁ।

ସୂଚନା ଅନୁସାରେ, ଗୁରୁବାର ବିଳମ୍ବିତ ରାତିରେ ଏକ ଦ୍ରୁତଗାମୀ ଟ୍ରକ୍ ଓଭରଲୋଡିଂ ନେଇ ଟୋଲଗେଟ୍ ନିକଟରେ ପହଞ୍ଚିଥିଲା। ପରେ ବିନା ୟୁନିଫର୍ମରେ ଥିବା ପୁଲିସ କର୍ମଚାରୀ ଓ ଚାଳକଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ପୁଲିସ ପରେ ଚାଳକଙ୍କୁ ଆଲକହଲ ବ୍ରେଥ ଏନଲାଇଜରରେ ଚେକିଂ କରିବା ସହ ତାଙ୍କୁ ମାରପିଟ୍ କରୁଥିବାର ଦୃଶ୍ୟ ମଧ୍ୟ ଭିଡିଓରେ ଦେଖିବାକୁ ମିଳିଥିଲା। ଏପରିକି, ଜଣେ ପୁଲିସ ଏସଆଇ ଟ୍ରକ୍ ଭିତରେ ଜବରଦସ୍ତ ପଶି ଚାଳକଙ୍କୁ ମାଡ଼ ମାରିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି। ତେବେ ସାଦା ପୋଷାକରେ ବିଳମ୍ବିତ ରାତିରେ ପୁଲିସ ପାଟ୍ରୋଲିଂ ଓ ଗାଡ଼ି ଚେକିଂ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏନେଇ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କୁ ଯୋଗାଯୋଗ କରିବାରୁ ଭିଡିଓ ବାବଦରେ ଅବଗତ ଅଛନ୍ତି ଏବଂ ତଦନ୍ତ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ରିପୋର୍ଟ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

■ ମଦ ମାଫିଆଙ୍କ ଦୌରାତ୍ମ୍ୟ

# ଅବକାରୀ ଟିମ୍‌କୁ ଆକ୍ରମଣ, ଗାଡ଼ି ଭାଙ୍ଗିଦେଲେ

ବୈଶିଙ୍ଗା/ବେତନଟୀ,୮।୮ (ସମିସ): ଅବକାରୀ ଟିମ୍‌କୁ ମଦ ମାଫିଆଙ୍କ ସଂଘବଦ୍ଧ ଆକ୍ରମଣ। ଶୁକ୍ରବାର ଭୋର୍‌ରେ ବଡ଼ସାହି ଥାନା ଅଧୀନ ସାକୁଆ ଉପକଣ୍ଠ ବଣତାଳପଦାଠାରେ ଏହି ଘଟଣା ଘଟିଛି। ୧୨ରୁ ୧୫ଜଣ ଦୁର୍ବୃତ୍ତ ରାସ୍ତାରେ ଟ୍ରାକ୍ଟର୍ ରଖି ବାଟ ଅବରୋଧ କରିବା ପରେ ଅବକାରୀ ଟିମ୍‌କୁ ଆଖିବୁଜା ଆକ୍ରମଣ କରିଛନ୍ତି। ଟେକା, ପଥର ମାଡ଼ କରିବା ସହ ଠେଙ୍ଗା ଓ ଅନ୍ୟାନ୍ୟ ମାରଣାସ୍ତ୍ରରେ ଗାଡ଼ି ଭଙ୍ଗାରୁଜା କରିଛନ୍ତି। ତେବେ ସୌଭାଗ୍ୟକୁ ସେଥିରେ ଥିବା ଅବକାରୀ କର୍ମଚାରୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏ ସଂପର୍କରେ ଆଜି ସକାଳେ ବଡ଼ସାହି ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ ଏକ ମାମଲା ରୁଜୁ କର ତନାଘନା ଆରମ୍ଭ କରିଛି।

**ଥାନାରେ ମାମଲା ରୁଜୁ**

ଅବକାରୀ ଥାନା ଅଧିକାରୀ ପ୍ରକାଶ ସାହୁଙ୍କ ସୂଚନା ମୁତାବକ, ଚୋରା ମଦ ବାହାର ଜିଲ୍ଲାକୁ ଚାଲାଣ ହେଉଥିବା ଖବର ପାଇ ଶୁକ୍ରବାର ଭୋର୍‌ରେ ଏକ ଟିମ୍ ଚଢ଼ଉ କରିବାକୁ ବାହାରିଥିଲା। ତେବେ ବାଟରେ ତିନିଟି ଭ୍ୟାନ୍ ଏକସଙ୍ଗେ ଯାଉଥିବା ବେଳେ ସନ୍ଦେହ ହେବାରୁ ଅବକାରୀ ଟିମ୍ ସେମାନଙ୍କ ପିଛା କରିଥିଲେ। ଏହା ଜାଣି ପାରି ସାକୁଆ ଉପକଣ୍ଠ ବଣତାଳପଦା ନିକଟରେ ମାଫିଆମାନେ ଏକ ଟ୍ରାକ୍ଟରକୁ ରାସ୍ତା ଉପରେ ଥୋଇ ଦେଇଥିଲେ। ଫଳରେ ଅବକାରୀ ବିଭାଗର ଗାଡ଼ି ଆଉ ଆଗକୁ ଯାଇ ପାରିନଥିଲା। ଏହି ସମୟରେ ହଠାତ୍ ୧୨ରୁ ୧୫ଜଣ ଦୁର୍ବୃତ୍ତ ଟେକା, ପଥର, ଠେଙ୍ଗା ଏବଂ ମାରଣାସ୍ତ୍ର ସାହାଯ୍ୟରେ ଅବକାରୀ ଟିମ ଉପରକୁ ଅତର୍କିତ ଆକ୍ରମଣ କରିଥିଲେ। ପରେ ସେମାନେ ଫେରାର୍ ହୋଇଯାଇଥିଲେ। ତେବେ ଗାଡ଼ିରେ ଅବକାରୀ ଥାନା ଅଧିକାରୀ ପ୍ରକାଶ ସାହୁ, ଏଏସ୍‌ଆଇ ଉର୍ମିଳା ବେହେରା, ମାନସ ବେହେରା, ଲିଜା ପ୍ରଧାନ ଏବଂ ଗାଡ଼ି ଚାଳକ କୌଣସି ପ୍ରକାରେ ନିଜ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଥିଲେ।

■ ରାଇରଙ୍ଗପୁର ନୂତନ ପୁଲିସ୍ ଜିଲ୍ଲା ପାଇଁ ବିଜ୍ଞପ୍ତି ପ୍ରକାଶ

# ମୟୂରଭଞ୍ଜରୁ ପୃଥକ୍ ଓ ୪୦ଟି ନୂତନ ପଦବୀ ସୃଷ୍ଟି

ରାଇରଙ୍ଗପୁର, ୮।୮ (ସମିସ): ପୁଲିସ୍ ବ୍ୟବସ୍ଥାକୁ ଅଧିକ ଦକ୍ଷ ଓ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ନୂତନ ଭାବେ ରାଇରଙ୍ଗପୁର ପୁଲିସ୍ ଜିଲ୍ଲା ଗଠନ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଗତ ୬ ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କ ଦ୍ୱାରା ଜାରି ପତ୍ର ଅନୁଯାୟୀ, ରାଇରଙ୍ଗପୁର ପୁଲିସ ଜିଲ୍ଲା ଗଠନ ସହ ମୋଟ ୪୦ଟି ନୂତନ ପଦବୀ ସୃଷ୍ଟି କରାଯାଇଛି। ପୂର୍ବରୁ ରହିଥିବା ୨୦ଟି ପଦବୀର ପୁନଃବଣ୍ଟନ କରାଯିବ। ସମସ୍ତ ପଦବୀର ଦରମା ଏବଂ ଅନ୍ୟାନ୍ୟ ଭତ୍ତା ସରକାରଙ୍କ ଦ୍ୱାରା ଅନୁମୋଦିତ ହାରରେ ପ୍ରଯୁଜ୍ୟ ହେବ। ଏହି ୪୦ଟି ନୂତନ ପଦ ମଧ୍ୟରୁ ୭ଟି ଗ୍ରୁପ୍-ଡି ପଦବୀ ଯଥା ୨ଟି ରୋଷେୟା, ୨ଟି ଝାଡୁଦାର, ୧ଟି ନାପିତ ଏବଂ ୨ଟି ଧୋବା ପଦବୀ ଆଉଟସୋର୍ସିଂ ମାଧ୍ୟମରେ ପୂରଣ କରାଯିବ।

ବିଜ୍ଞପ୍ତି ଅନୁଯାୟୀ, ରାଇରଙ୍ଗପୁର ପୁଲିସ ଜିଲ୍ଲାକୁ ଦୁଇଟି ପୁଲିସ ଉପଖଣ୍ଡ ଭାବେ ରାଇରଙ୍ଗପୁର ଏବଂ କରଞ୍ଜିଆକୁ ବିଭକ୍ତ କରାଯାଇଛି। ଏହା ଅଧୀନରେ ୧୪ଟି ଥାନା ରହିବ। ରାଇରଙ୍ଗପୁର ପୁଲିସ୍ ଉପଖଣ୍ଡରେ ରାଇରଙ୍ଗପୁର, ରାଇରଙ୍ଗପୁର ଟାଉନ୍, ବାଦାମପାହାଡ଼, ଗୋରୁମାହିଷାଣୀ, ବିଶୋଇ, ତିରିଂ, ବହଳଦା ଏବଂ ଜାମଦା ଥାନା ରହିବ। ସେହିପରି କରଞ୍ଜିଆ ପୁଲିସ୍ ଉପଖଣ୍ଡରେ କରଞ୍ଜିଆ, ଠାକୁରମୁଣ୍ଡା, ମହୁଲଡିହା, ରରୁଆଁ, ଘାଘରବେଡା ଏବଂ ଯଶିପୁର ଥାନା ରହିବ। ରାଇରଙ୍ଗପୁରକୁ ଏକ ସ୍ୱାଧୀନ ପୁଲିସ ଜିଲ୍ଲା କରିବା ଦ୍ୱାରା ଏହି ଅଞ୍ଚଳରେ ଆଇନଶୃଙ୍ଖଳା ତଦାରଖ ଏବଂ ଅପରାଧ ନିୟନ୍ତ୍ରଣରେ ଉନ୍ନତି ଆସିବ ବୋଲି କୁହାଯାଉଛି।

# କୃଷକମାରଣ ନୀତି ବିରୋଧରେ ବିଜେଡିର ରଣହୁଙ୍କାର



■ ୧୮ରେ ବରଗଡ଼ରେ ବିଜେଡିର ବିରାଟ ଚାଷୀ ସମାବେଶ
■ କୃଷି କ୍ଷେତ୍ରରେ ଚରମ ଅବହେଳା ଓ କେନ୍ଦ୍ରୀୟ ଅନୁଦାନରେ ହ୍ରାସ
■ ତ୍ରୁଟିପୂର୍ଣ୍ଣ ପଞ୍ଜୀକରଣ ପ୍ରକ୍ରିୟା ଚାଷୀଙ୍କୁ ଧାନ ବିକ୍ରିରୁ ବଞ୍ଚିତ କରିବ
■ ସ୍ୱାମୀନାଥନ୍ ରିପୋର୍ଟ ଅନୁଯାୟୀ ଧାନ ଏମ୍‌ଏସ୍‌ପି ୩୧୦୦ ଦାବି

ଭୁବନେଶ୍ୱର,୮।୮ (ସମିସ): ରାଜ୍ୟରେ ବିଜେପି ସରକାର ଗତ ୧୩ ମାସର ଶାସନରେ ଚାଷୀକୁଳର ସ୍ୱାର୍ଥକୁ ଉପେକ୍ଷା କରିଛନ୍ତି। ଏଥିପାଇଁ ରାଜ୍ୟର ଚାଷୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ଚାଷୀମାରଣ ନୀତି ଅବଲମ୍ବନ କରୁଥିବା ଅଭିଯୋଗ କରି ଆସନ୍ତା ୧୮ ତାରିଖରେ ବରଗଡ଼ଠାରେ ବିରାଟ ଚାଷୀ ସମାବେଶ କରିବାକୁ ବିଜେଡି ନିଷ୍ପତ୍ତି ନେଇଛି। ଏହା ପୂର୍ବରୁ ଶୁକ୍ରବାର ଦଳର କୃଷକ ସେଲ୍‌ର ଆବାହକତ୍ୱରେ ଶଙ୍ଖ ଭବନରେ ଏକ ରାଜ୍ୟସ୍ତରୀୟ ବୈଠକ ଆୟୋଜନ କରାଯାଇଥିଲା। ଏହି ବୈଠକରେ ରାଜ୍ୟରେ କୃଷକ ମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ସବିଶେଷ ଆଲୋଚନା ହୋଇଛି।

ଏହି କାର୍ଯ୍ୟକ୍ରମ ପରେ, ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି କୃଷକ ସେଲ୍‌ର ଆବାହକ ପ୍ରସନ୍ନ ଆଚାର୍ଯ୍ୟ, ଉପସଭାପତି ସ୍ନେହାଙ୍ଗିନୀ ଛୁରିଆ ଓ ସଞ୍ଜୟ ଦାସବର୍ମା ରାଜ୍ୟ ସରକାରଙ୍କ କୃଷକ ମାରଣ ନୀତି ଉପରେ ବର୍ଷିଥିଲେ। ଶ୍ରୀ ଆଚାର୍ଯ୍ୟ କହିଥିଲେ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟରେ କୃଷି ଉତ୍ପାଦନର ବିକାଶ ହାର ୭.୮ ପ୍ରତିଶତ ଥିଲାବେଳେ, ୨୦୨୪-୨୫ ଆର୍ଥିକ ବର୍ଷରେ ଏହା ୩.୮ ପ୍ରତିଶତକୁ ଖସିଆସିଛି। ସେହିପରି, ଡବଲ ଇଞ୍ଜିନ ଓ ଡବଲ ବିକାଶ ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାରଙ୍କ ସମୟରେ କେନ୍ଦ୍ରୀୟ ଅନୁଦାନ କମିଛି।୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ, ୨୦୨୪-୨୫ ଆର୍ଥିକ ବର୍ଷରେ, କେନ୍ଦ୍ରୀୟ ଅନୁଦାନ ୧୮.୧୯ ପ୍ରତିଶତ କମିଥିବା ବେଳେ କୃଷି କ୍ଷେତ୍ରରେ ମଧ୍ୟ କେନ୍ଦ୍ରୀୟ ଅନୁଦାନ କମିଛି। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ୨୦୨୩-୨୪ ଆର୍ଥିକ ବର୍ଷରେ ୧୪୬ କୋଟି ଟଙ୍କାର ଅନୁଦାନ ମିଳିଥିବା ବେଳେ ଏହା ୨୦୨୪-୨୫ ଆର୍ଥିକ ବର୍ଷରେ ୩୨ କୋଟି ଟଙ୍କାକୁ ଖସି ଆସିଛି। ସେହିପରି, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶାକୁ ୨୨୩ କୋଟି ଟଙ୍କାର ଆର୍ଥିକ ଅନୁଦାନ ମିଳିଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ କୌଣସି ଅନୁଦାନ ମିଳିଲା ନାହିଁ। ଶ୍ରୀ ଆଚାର୍ଯ୍ୟ ଆହୁରି କହିଥିଲେ, ନିକଟରେ ରାଜ୍ୟ ସରକାରଙ୍କ ଦ୍ୱାରା ଖରିଫ ଧାନ କିଣା ପାଇଁ ଚାଷୀମାନଙ୍କୁ ପଞ୍ଜିକୃତ କରିବାକୁ ଆହ୍ୱାନ କରାଯାଇଥିବା ବେଳେ ଜଟିଳ ସର୍ତ୍ତ ପାଇଁ ଅଧିକାଂଶ ଚାଷୀ ପଞ୍ଜୀକରଣ କରିବାରେ ସକ୍ଷମ ହୋଇପାରୁ ନାହାନ୍ତି। ରାଜ୍ୟର ଚାଷୀଭାଇଙ୍କୁ ଧାନ ବିକ୍ରି ପ୍ରକ୍ରିୟାରୁ ନିବୃତ କରିବା ପାଇଁ ଏହା ରାଜ୍ୟ ସରକାରଙ୍କ ଏକ ଚାଲ୍। କାରଣ, ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କା ଇନ୍‌ପୁଟ୍ ସବ୍‌ସିଡି ଦେଇ ପଡ଼ିଥିବା ଆର୍ଥିକ ବୋଝରୁ ମୁକୁଳିବା ପାଇଁ ରାଜ୍ୟ ସରକାର ଏଭଳି ଫନ୍ଦି ବାହାର କରିଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କରିଛନ୍ତି।

ସେହିପରି ସ୍ନେହାଙ୍ଗିନୀ ଛୁରିଆ କହିଥିଲେ, ବିଜେପି ବିନା କଟ୍‌ନୀଛଟ୍‌ନୀରେ ଧାନ କିଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ, ଖରିଫ ଧାନ କିଣା ସମୟରେ, ରାଜ୍ୟ ସରକାର ଗ୍ରେଡ୍ ଆନାଲାଇଜର ଲଗାଇଲେ। ଯାହା ଫଳରେ ଧାନ ପ୍ରତି କୁଇଣ୍ଟାଲରେ ପ୍ରାୟ ୧୦ରୁ ୧୫ କେଜି କଟ୍‌ନୀଛଟ୍‌ନୀ ହେଲା। ବିଜେପିର ବିନା କଟ୍‌ନୀଛଟ୍‌ନୀରେ ଧାନ କିଣା ଓ ଦଲାଲମୁକ୍ତ ଧାନ କିଣା ପ୍ରତିଶ୍ରୁତି ବାସ୍ତବରେ ଏକ ଧୂଆଁବାଣରେ ପରିଣତ ହୋଇଛି। ଅନ୍ୟପଟେ ନିର୍ବାଚନ ସମୟରେ ବିଜେପି ତରଫରୁ ସ୍ୱାମୀନାଥନ କମିସନଙ୍କ ସୁପାରିସ ଅନୁଯାୟୀ ଧାନର ସର୍ବନିମ୍ନ ମୂଲ୍ୟ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଏହା କାହିଁକି ପ୍ରଦାନ କରାଯାଉ ନାହିଁ ବୋଲି ସଞ୍ଜୟ ଦାସବର୍ମା ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାର ଇନପୁଟ୍ ସବ୍‌ସିଡି ନାମରେ ପ୍ରତି କୁଇଣ୍ଟାଲ ୮୦୦ ଟଙ୍କା ପ୍ରଦାନ କରୁଛନ୍ତି। କିନ୍ତୁ, ଖରିଫ ଓ ରବି ଧାନ କିଣା ସମୟରେ, ଟୋକନ ମିଳିଥିବା ଅଧିକାଂଶ ଚାଷୀମାନଙ୍କ ଧାନ ଉଠିପାରିଲା ନାହିଁ। ଯୋଗାଣ ବିଭାଗର ରିପୋର୍ଟ ଅନୁଯାୟୀ, ପ୍ରାୟ ୧ ଲକ୍ଷ ୫୩ ହଜାର ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇ ପାରିନାହିଁ। ଯେଉଁଥିପାଇଁ ସମଗ୍ର ଓଡିଶାରେ ଚାଷୀମାନେ ହଇରାଣ ହରକତ ହେଉଛନ୍ତି। ସେହି ସମସ୍ୟା ସମାଧାନ ହୋଇ ନ ଥିବା ବେଳେ, ଏବେ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଖରିଫ ଧାନ ପାଇଁ ପଞ୍ଜୀକରଣ ସମ୍ପୂର୍ଣ୍ଣ ଭାବେ ତ୍ରୁଟିପୂର୍ଣ୍ଣ ଓ ଚାଷୀମାରଣ ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଛନ୍ତି।

ପ୍ରସନ୍ନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ରାଜ୍ୟର ସମସ୍ତ ଜିଲ୍ଲାରୁ କୃଷକ ପ୍ରତିନିଧିମାନଙ୍କ ସହିତ ଦଳର ବରିଷ୍ଠ ନେତା ଚନ୍ଦ୍ରଶେଖର ସାହୁ, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ କୁମାର ଦାସବର୍ମା, ଅରୁଣ ସାହୁ, ସୁଦାମ ମାରାଣ୍ଡି, ପ୍ରତାପ ଜେନା, ପ୍ରଣବ ବଳବନ୍ତରାୟ, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ପ୍ରୀତିରଞ୍ଜନ ଘଡେଇ, ବଦ୍ରି ପାତ୍ର, ନିରଞ୍ଜନ ପୂଜାରୀ, ଅଶୋକ ପଣ୍ଡା, ପ୍ରଫୁଲ୍ଲ ସାମଲ, ଅମର ପଟ୍ଟନାୟକ, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ରମେଶ ମାଝୀଙ୍କ ସହିତ ଦଳୀୟ ବିଧାୟକଗଣ ଓ ବିଭିନ୍ନ ଜିଲ୍ଲାର ସଭାପତିମାନେ ଅଂଶଗ୍ରହଣ କରିଥିଲେ।




ରାକ୍ଷୀ ପୂର୍ଣ୍ଣିମା ଉପଲକ୍ଷେ ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା

■ ବୋମା ଭିଡ଼ିବା ବେଳେ ଅଘଟଣ

# ବିସ୍ଫୋରଣରେ ଥରିଲା ଗାଁ; ଜଣେ ମୃତ



ନିରାକାରପୁର/ଭୂଷଣ୍ଡପୁର,୮।୮ (ସମିସ): ପ୍ରଚଣ୍ଡ ବିସ୍ଫୋରଣରେ ଥରିଲା ଗାଁ। ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ନୂଆଗଡ଼ ପଞ୍ଚାୟତ ହରିପୁର ଗ୍ରାମ ମାଝୀସାହିରେ ଗୁରୁବାର ଅପରାହ୍ଣରେ ଏପରି ଏକ ଅଘଟଣ ଘଟିଛି। ବୋମା ଭିଡ଼ିବା ବେଳେ ଗୋଟିଏ ଫାଟିଯିବାରୁ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ, ଗ୍ରାମର ରମେଶ ମହାପାତ୍ର (୩୭)। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ୩ ବଖରା ଘରର ଛାତ ଉଡ଼ିଯାଇଛି। ଗତକାଲି ଏହି ଘଟଣା ଘଟିଥିବା ବେଳେ ଆଜି ପଦାକୁ ଆସିଛି।


**ଉଡ଼ିଗଲା ୩ ବଖରା ଘର**

ସୂଚନାନୁଯାୟୀ, ବାର୍‌ହା ଶିକାର ପାଇଁ ରମେଶ ଗତକାଲି ଅପରାହ୍ଣରେ ନିଜ ଘରେ ବୋମା ଭିଡୁଥିଲେ। ଏହି ସମୟରେ ଗୋଟିଏ ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ତାଙ୍କ ଶରୀର ଜଳି ପୋଡ଼ି ଯିବା ସହ ସେ ଗୁରୁତର ଆହତ ହୋଇଥିଲେ। ସୌଭାଗ୍ୟବସତଃ ଏହି ସମୟରେ ରମେଶଙ୍କ ଦୁଇ ସନ୍ତାନ ସ୍କୁଲକୁ ଯାଇଥିବା ବେଳେ ପତ୍ନୀ କୌଣସି କାମରେ ବାଡ଼ି ପଟକୁ ଯାଇଥିବାରୁ ସେମାନେ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ଗୁରୁତର ରମେଶଙ୍କୁ ଗ୍ରାମବାସୀମାନେ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ନିରାକାରପୁର ପୁଲିସ ପହଞ୍ଚି ତଦନ୍ତ କରିଛି।

# ବାଟ ମଝିରେ ଶୋଇପଡ଼ିଲେ ମଦ୍ୟପ ଆମ୍ବୁଲାନ୍ସ ଚାଳକ

ମୋହନା,୮।୮ (ସମିସ): ଅଧ ରାତିରେ ବାଟ ମଝିରେ ଶୋଇପଡ଼ିଲା ଆମ୍ବୁଲାନ୍ସ ଚାଳକ। ଯେତେ ଡାକିଲେ ବି ଆଉ ଉଠିଲାନି। ତେଣୁ ବାଧ୍ୟ ହୋଇ ପରିବାରଲୋକ ଅନ୍ୟ ଏକ ଗାଡ଼ିରେ ଗର୍ଭବତୀଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲ ନେଲେ। ଗଜପତି ଜିଲ୍ଲାରେ ଘଟିଥିବା ଏଭଳି ଏକ ଅଭାବନୀୟ ଘଟଣା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ଆମ୍ବୁଲାନ୍ସ ଚାଳକଜଣଙ୍କ ମଦ ପିଇବା ପରେ ଏପରି କାଣ୍ଡ ଘଟାଇଥିବା କୁହାଯାଉଛି।

ସୂଚନାନୁସାରେ, ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ଆମ୍ବୁଲାନ୍ସ କାନିକିପଦର ଗ୍ରାମର ଗର୍ଭବତୀ ମହିଳା ବିଜୟ ରଇତଙ୍କ ପତ୍ନୀ ନନ୍ଦିନୀ ରଇତଙ୍କୁ ନେଇ ଗୁରୁବାର ରାତିରେ ବ୍ରହ୍ମପୁର ଯାଉଥିଲା। ହେଲେ ଅଧା ରାସ୍ତାରେ ଚାଳକ କୌଣସି କାମ ଲାଗି କିଛି ସମୟ ଓହ୍ଲାଇଥିଲେ। ସେଠାରୁ କିଛି କିଲୋମିଟର ଯିବା ପରେ ଡ୍ରାଇଭରଙ୍କ ହାବଭାବ ବଦଳି ଯାଇଥିଲା। ସେ ଆଉ



ଠିକ୍‌ରେ ଗାଡ଼ି ଚଳାଇ ନପାରି ଗାଡ଼ିକୁ ରାସ୍ତାକଡ଼ରେ ସାଇଡ୍ କରି ଶୋଇପଡ଼ିଥିଲେ। ଗାଡ଼ିରେ ଥିବା ଗର୍ଭବତୀଙ୍କ ପରିବାରଲୋକେ ଯେତେ ଉଠାଇଥିଲେ ମଧ୍ୟ ଚାଳକ ଆଉ ଉଠିନଥିଲେ। ସେପଟେ ମହିଳାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସମ୍ପର୍କୀୟମାନେ ଅନ୍ୟ ଏକ ଗାଡ଼ି ଡାକି ବ୍ରହ୍ମପୁର ନେଇଥିଲେ। ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରି ଲୋକଙ୍କ ସେବାରେ ୧୦୨/୧୦୮

**ଘରୋଇ ଗାଡ଼ି ଡାକି ଗର୍ଭବତୀଙ୍କୁ ନେଲେ ପରିବାରଲୋକେ**

ଆମ୍ବୁଲାନ୍ସ ଯୋଗାଉଛନ୍ତି। କିନ୍ତୁ କିଛି ଅସାଧୁ ମଦ୍ୟପ ଚାଳକଙ୍କ ଲାଗି ଏହି ସେବାରୁ ବଞ୍ଚିତ ହେଉଛନ୍ତି ରୋଗୀ। ଏହି ମଦ୍ୟପ ଚାଳକଙ୍କ ଉପରେ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଆଜି ମିଳିବ 'ସୁଭଦ୍ରା'ର ତୃତୀୟ କିସ୍ତି ଟଙ୍କା

ଭୁବନେଶ୍ୱର,୮।୮ (ସମିସ): ଆସନ୍ତାକାଲି ରାକ୍ଷୀ ପୂର୍ଣ୍ଣିମାରେ ରାଜ୍ୟ ସରକାର 'ସୁଭଦ୍ରା' ଯୋଜନାର ୩ୟ କିସ୍ତି ଅର୍ଥ ପ୍ରଦାନ କରିବେ। କୋଟିଆରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ କୋଟିଆ ବାସିନ୍ଦାଙ୍କୁ ସୁଭଦ୍ରା କିସ୍ତି ଟଙ୍କା ବଣ୍ଟାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଯାହା ପାଖରେ ଯେଉଁ ଆଧାର କାର୍ଡ ରହିଥିଲେ ବି ସେମାନଙ୍କ ଆର୍ଥିକ ସ୍ଥିତିକୁ ଦେଖି ହିତାଧିକାରୀ ପାଇଁ ଯେଉଁମାନେ ଯୋଗ୍ୟ, ସେମାନଙ୍କୁ ସୁଭଦ୍ରା ଟଙ୍କା ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। କୋଟିଆ ପଞ୍ଚାୟତରେ ୨୦୭୮ ଜଣ ମହିଳା ସୁଭଦ୍ରା ଯୋଜନା ପାଇଁ ଆବେଦନ କରିଥିବା ବେଳେ ୧୭୯୫ ଜଣ ଯୋଜନାରେ ସାମିଲ ହୋଇଛନ୍ତି। ସେହିପରି ୧୭୪ ଜଣଙ୍କ ଆବେଦନ ପ୍ରୋସେସିଂରେ ରହିଥିବା ବେଳେ ୧୦୯ ଜଣ ହିତାଧିକାରୀଙ୍କ ଆବେଦନ ଖାରଜ ହୋଇଥିବା ଜଣାପଡ଼ିଛି। ଏଠାକାର ୨୧ ଖଣ୍ଡ ବିବାଦୀୟ ଗ୍ରାମର ସମସ୍ତ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ କୋରାପୁଟର ପୂର୍ବତନ ସାଂସଦ ଜୟରାମ ପାଙ୍ଗୀ ସରକାରଙ୍କୁ ନିବେଦନ କରିଛନ୍ତି। ସୂଚନା ଅନୁସାରେ, ଅଗଷ୍ଟ ୯ ତାରିଖ ଅର୍ଥାତ୍ ଆସନ୍ତାକାଲି ଖୋଲିବ ସୁଭଦ୍ରା ପୋର୍ଟାଲ। ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ଯୋଡ଼ିବାକୁ ସର୍ଭେ କରାଯିବା ସହ ୨୧ ବର୍ଷ ହୋଇଥିବା ଯୁବତୀ ଓ ମହିଳା ଆବେଦନ କରିବେ।

**ରାକ୍ଷୀ ପୂର୍ଣ୍ଣିମାରେ କୋଟିଆରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ**

# ଆଇଇଡି ବିସ୍ଫୋରଣରେ ଥରିଲା ସରଣ୍ଡା

ରାଉରକେଲା, ୮।୮ (ସମିସ): ଆଇଇଡି ବିସ୍ଫୋରଣରେ ପୁଣି ଥରିଲା ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲ। ଏଥିରେ ୨୦୯ କୋବ୍ରା ବାଟାଲିୟନର ଦୁଇ ଯବାନ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଯବାନଦ୍ୱୟ ୨୦୯ କୋବ୍ରା ବାଟାଲିୟନ୍‌ର ରାମ ପ୍ରବେଶ ସିଂହ ଓ ଛୋଟା କଶ୍ୟପ।

**୨ ଯବାନ ଗୁରୁତର**

ସେମାନଙ୍କୁ ହେଲିକପ୍ଟର୍ ଯୋଗେ ଏୟାରଲିଫ୍ଟ କରି ରାଞ୍ଚି ନିଆଯାଇଛି। ପରେ ଉକ୍ତ ଅଞ୍ଚଳରେ କମ୍ବିଂ ଅପରେସନକୁ ଆହୁରି ଜୋରଦାର କରାଯାଇଥିବା ସୂଚନା ମିଳିଛି।

ସୂଚନା ମୁତାବକ, ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ପଶ୍ଚିମ ସିଂହଭୂମି ଜିଲ୍ଲାର ଜରେଇକେଲା ଥାନା ଅଧୀନ ସରଣ୍ଡା ଜଙ୍ଗଲରେ ଶୁକ୍ରବାର ସକାଳେ ଯବାନମାନେ ସର୍ଚ୍ଚ ଅପରେସନ୍ କରିଥିଲେ। ଦୀଘା ଓ ତିରିଲପୋଷି ମଝିରେ ଅବସ୍ଥିତ ଇନ୍ଦକୁଲି ଗାଁରେ ଅପରେସନ୍ ଚାଲିଥିବା ବେଳେ ଦିନ ପ୍ରାୟ ସାଢ଼େ ୧୦ଟା ବେଳେ ଏହି ବିସ୍ଫୋରଣ ହୋଇଥିଲା। ଏଥିରେ ଯବାନ ରାମ ପ୍ରବେଶ ଓ ଛୋଟା କଶ୍ୟପ ଆହତ ହୋଇଥିଲେ।

ଉଲ୍ଲେଖଯୋଗ୍ୟ, ଗତ ୩ତାରିଖ ଦିନ ମାଓବାଦୀଙ୍କ ସହିଦ ସପ୍ତାହ ପାଳନର ଅନ୍ତିମ ଦିବସରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ବିମଳାଗଡ଼-କିରିବୁରୁ ସେକ୍ସନ୍‌ର ରାଞ୍ଜଡ଼ା ଷ୍ଟେସନ୍‌ରୁ ୩ କି.ମି ଦୂରରେ ରେଳଧାରଣା ଖୁଣ୍ଟ ନମ୍ବର ୪୭୧/୧ ନିକଟରେ ମାଓବାଦୀମାନଙ୍କ ଦ୍ୱାରା ଖଞ୍ଜାଯାଇଥିବା ଏକ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା। ଏହି ଘଟଣାରେ ରେଲୱେ କର୍ମଚାରୀ ବୁଦ୍ଧୁରାମ ମୁଣ୍ଡା ଗୁରୁତର ଭାବେ ଆହତ ହୋଇଥିଲେ। ପୁନର୍ବାର ସେହିଦିନ ସକାଳ ୯ ଟା ୧୧ରେ ସେହି ଟ୍ରାକ୍ ର ଖୁଣ୍ଟ ନମ୍ବର ୪୭୭/୩୪-୩୫ ନିକଟରେ ଆଉ ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟିଥିଲା। ଏଥିରେ ଗ୍ୟାଙ୍ଗମ୍ୟାନ୍ ଏତୁଆ ଓରାମଙ୍କ ମୃତ୍ୟୁ ଘଟିଥିଲା।

# ଓଡ଼ିଶା ବିଧାନସଭାର ନୂତନ ୱେବ୍‌ସାଇଟ୍ ଉନ୍ମୋଚିତ

## ଜନସାଧାରଣଙ୍କ ଅଂଶଗ୍ରହଣ ଓ ସମ୍ପୃକ୍ତିକୁ ଏହା ପ୍ରୋତ୍ସାହିତ କରିବ : ବାଚସ୍ପତି

ଭୁବନେଶ୍ୱର,୮।୮ (ସମିସ): ଓଡ଼ିଶା ବିଧାନସଭାର ନୂତନ ୱେବ୍‌ସାଇଟ୍‌କୁ ଶୁକ୍ରବାର ବାଚସ୍ପତି ସୁରମା ପାଢ଼ୀ ଉନ୍ମୋଚନ କରିଛନ୍ତି। ଓଡ଼ିଶା ସରକାରଙ୍କ ଆଇଟି ଓ ଇଟି ବିଭାଗ ଏବଂ ଭାରତ ସରକାରଙ୍କ ଏନ୍‌ଆଇସିର ବୈଷୟିକ ପରାମର୍ଶରେ ବିକଶିତ ହୋଇଥିବା ଏହି ନୂତନ ୱେବ୍‌ସାଇଟ୍ ବିଧାନସଭା କାର୍ଯ୍ୟଧାରାକୁ ଜନସାଧାରଣଙ୍କ ପାଇଁ ଅଧିକ ସୁଗମ ଏବଂ ସ୍ୱଚ୍ଛ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ନାଗରିକମାନଙ୍କୁ ବିଧାନସଭାର କାର୍ଯ୍ୟକଳାପ, ନିଷ୍ପତ୍ତି ଏବଂ ପଦକ୍ଷେପ ବିଷୟରେ ସଠିକ୍ ଏବଂ ସବିଶେଷ ସୂଚନା ପ୍ରଦାନ କରିବ ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ପ୍ରକାଶ କରିଛନ୍ତି।

ଆସନ୍ତା ୨୯ ଓ ୩୦ ତାରିଖ ଦୁଇଦିନ ଧରି ଭୁବନେଶ୍ୱରରେ ଜାତୀୟ ସ୍ତରର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷମାନଙ୍କ ସମ୍ମିଳନୀ ଆୟୋଜିତ ହେବ। ଉକ୍ତ ସମ୍ମିଳନୀରେ ଲୋକସଭାର ବାଚସ୍ପତି ଓ ରାଜ୍ୟସଭାର ଉପାଧ୍ୟକ୍ଷ ଏବଂ ସଂସଦର ଉଭୟ ଗୃହ ଓ ସମସ୍ତ ରାଜ୍ୟ ତଥା କେନ୍ଦ୍ର



ଶାସିତ ଅଞ୍ଚଳର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିମାନଙ୍କର ଅଧ୍ୟକ୍ଷ ଓ ସଦସ୍ୟମାନେ ଯୋଗଦେବେ। ଅତିଥିମାନେ ଏହି ନୂତନ ୱେବ୍‌ସାଇଟ୍‌ରେ ପାର୍ଲାମେଣ୍ଟ ଦ୍ୱାରା ପ୍ରଦତ୍ତ ଲିଙ୍କ୍‌ରେ ରେଜିଷ୍ଟ୍ରେସନ୍ କରିବାର ସୁବିଧା ପାଇବେ ବୋଲି ବାଚସ୍ପତି କହିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ୍ ଦେବ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ଓକାକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ରାଉତ, ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର,୮।୮ (ସମିସ): ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା ଏବଂ ବିକାଶ କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ବିଭାଗ ଓ ବାଙ୍ଗାଲୋରର ବେସିକ୍ ନିଡ୍‌ସ ଇଣ୍ଡିଆର ମିଳିତ ପ୍ରୟାସରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ମୁଖ୍ୟ ଅତିଥି ଡାକ୍ତର ମୁକେଶ ମହାଲିଙ୍ଗ କହିଥିଲେ, ମନୁଷ୍ୟ ଅଧିକ ଦିନ ଧରି ମାନସିକ ଚାପରେ ରହିଲେ, ତାହା ମାନସିକ ଅସୁସ୍ଥତା ଆଡ଼କୁ ଗତି କରିଥାଏ। ଏହାର ସଠିକ୍ ପରିଚାଳନା କରିବାକୁ ହେଲେ ଚାପରେ ରହୁଥିବା ସମୟରେ ବ୍ୟବହାରରେ ସକରାତ୍ମକ ଚିନ୍ତା ଆଣିବାକୁ ପଡ଼ିବ। ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ବିଷୟରେ ଲୋକଙ୍କୁ ସଚେତନ କରିବା ସହ ମାନସିକ ବିକାର, ଛୋଟ ପିଲାଙ୍କ ମାନସିକ ଚାପକୁ କିପରି ନିୟନ୍ତ୍ରଣ କରିହେବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବଲାଙ୍ଗିର, ବରଗଡ଼, ଅନୁଗୋଳ, ସୁବର୍ଣ୍ଣପୁର ଏବଂ କନ୍ଧମାଳ ଜିଲ୍ଲାରୁ ଆସିଥିବା ମାନସିକ ରୋଗ ଏବଂ ମାନସିକ ବିଷାଦରୁ ମୁକ୍ତ ହୋଇଥିବା ବ୍ୟକ୍ତିବିଶେଷ ଏ ବାବଦରେ ବୁଝାଇବା ସହ ସେଥିରୁ ମୁକୁଳିବା ପାଇଁ ନିଜର ଚିନ୍ତାଧାରାକୁ ସକାରାତ୍ମକ କରିବା ଏବଂ ମନ ଭିତରକୁ ପ୍ରବେଶ କରୁଥିବା ନକାରାତ୍ମକ ଚିନ୍ତାଧାରାକୁ ଦୂରେଇ ମାନସିକ ଚାପରୁ ମୁକୁଳିବାର ଉପାୟମାନ ପ୍ରଦାନ କରଯାଇଥିଲା। ବୈଠକରେ ସ୍ୱତନ୍ତ୍ର ସଚିବ ଡା. ଜିତେନ୍ଦ୍ର ମୋହନ ବେବୋର୍ଥା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବ୍ରତତି ହରିଚନ୍ଦନ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ



- ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା
- ଦାବି ପୂରଣ ନେଇ ସରକାରଙ୍କୁ ଦେଲେ ଚେତାବନୀ

ବାଲେଶ୍ୱର,୮।୮ (ସମିସ)

ବିଭିନ୍ନ ଦାବି ନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା କରାଯାଇଛି। ସରକାରଙ୍କୁ ବର୍ଷେ ପୂରି ଗଲାଣି। ଶିକ୍ଷକଙ୍କର ସମସ୍ତ ସମସ୍ୟାର ସମାଧାନ କରିବେ ବୋଲି ଆଶା ଥିଲା। ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ନ୍ୟାୟ ପାଇବେ। ସରକାର ଅବିଳମ୍ବେ ଆଲୋଚନା ମାଧ୍ୟମରେ ଦାବିଗୁଡ଼ିକ ପୂରଣ କରିବେ। କିନ୍ତୁ ସେମାନେ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଛନ୍ତି ବୋଲି ସମିତି ପକ୍ଷରୁ କୁହାଯାଇଛି। ତଥାପି ସରକାରଙ୍କ ନିକଟରେ ବହୁବାର ଦାବି ଉପସ୍ଥାପନ କଲାପରେ ମଧ୍ୟ ସରକାର ଚେଇଁ ଶୋଇଛନ୍ତି ବୋଲି ଅଭିଯୋଗ ହେଉଛି। ଶିକ୍ଷକ ଓ କର୍ମଚାରୀଙ୍କ ମନରେ ଅସନ୍ତୋଷ କ୍ରମଶଃ ବୃଦ୍ଧି ପାଇଛି। ଏଣୁ ବାଧହୋଇ ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନ କ୍ରମେ ଶତାଧିକ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ପ୍ଲାକାର୍ଡ ଧରି ଦିନ ଆଜି ବାଲେଶ୍ୱର ରେଳଷ୍ଟେସନରୁ ବିଶାଳ ରାଲିରେ ଯାଇ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା କରିଛନ୍ତି। ରାଜ୍ୟସ୍ତରରେ ନିଆଯାଇଥିବା ଆନ୍ଦୋଳନ କାର୍ଯ୍ୟକ୍ରମଗୁଡ଼ିକୁ ସଫଳ କରିବା ପାଇଁ ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକରେ ଗତ ଅଗଷ୍ଟ ୨ ତାରିଖରେ ଜୋରଦାର ପ୍ରତିବାଦ ଓ ଧାରଣା ଦିଆଯିବ। ଏଥିସହ ମୁଖ୍ୟମନ୍ତ୍ରୀ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ, ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସୂଚନା ଥାଉ କି, ରାଜ୍ୟରେ କିଛି ସ୍କୁଲ ଓ କଲେଜ ଦୀର୍ଘ ଦିନ ଧରି ଅନୁଦାନରୁ ବଞ୍ଚିତ ହେବାଯୋଗୁଁ ଅଧ୍ୟୟନରତ ଛାତ୍ରଛାତ୍ରୀ ସମସ୍ତ ସରକାରୀ ସୁବିଧା ସୁଯୋଗ ପାଉନଥିବା ବେଳେ କାର୍ଯ୍ୟରତ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀମାନେ ବିନା ଦରମାରେ ଖଟି ଚାଲିଛନ୍ତି। ସମାନ ଭାବେ ସରକାର ଏକ ନୂତନ ଅନୁଦାନ ନାମରେ ଆଉ ଏକ ଶ୍ରେଣୀ ସୃଷ୍ଟି କରିଛନ୍ତି। ଏଥିରେ ଅନ୍ତର୍ଭୁକ୍ତ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀମାନେ ଅବସର ଗ୍ରହଣ କଲା ଦିନ ରିକ୍ତହସ୍ତରେ ଘରକୁ ଫେରନ୍ତି। ଜଣେ ସରକାରୀ କର୍ମଚାରୀ ପେନସନ ପାଇବା ଏକ ସାମ୍ବିଧାନିକ ଅଧିକାର ହୋଇଥିବା ବେଳେ ଏବଂ ଉଚ୍ଚ ନ୍ୟାୟାଳୟ ଏବାବଦରେ ରାୟ ଶୁଣାଇ ସାରିଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାଁନ୍ତି ବୋଲି ଅଭିଯୋଗ ହେଉଛି। ଇତି ମଧ୍ୟରେ ଯେଉଁମାନେ ଅବସର ନେଇ ସାରିଛନ୍ତି ସେମାନଙ୍କର ଦୟନୀୟ ଅବସ୍ଥା ଅବର୍ଣ୍ଣନୀୟ। ବାର୍ଦ୍ଧକ୍ୟ ଅବସ୍ଥାରେ ଔଷଧ ପାଇଁ ସେମାନଙ୍କ ହାତରେ ପଇସାଟିଏ ନାହିଁ। ସେହି ସବୁ ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତିର ବ୍ୟବସ୍ଥା ନ ଥିବାରୁ ବିଦ୍ୟାଳୟଗୁଡିକ ଶିକ୍ଷକ ଶୂନ୍ୟ ହେବାକୁ ବସିଲାଣି। ସରକାର ଶିକ୍ଷକ ନିଯୁକ୍ତି ନଦେଲେ ଦୁଇଚାରି ବର୍ଷ ଭିତରେ ଏହି ସମସ୍ତ ବିଦ୍ୟାଳୟ ବନ୍ଦ ହୋଇଯିବ। ସରକାର ଯେଭଳି କାଳକ୍ଷେପଣ ନୀତି ଧରିଛନ୍ତି ଏଥିପାଇଁ ସରକାରଙ୍କୁ ବହୁ ମୂଲ୍ୟଦେବାକୁ ପଡିବ ବୋଲି ସମନ୍ୱୟ ସମିତି ତରଫରୁ ଚେତାବନୀ ଦିଆଯାଇଛି। ସେହିପରି ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ଦେବା, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଅବସର ନେଇଥିବା ଓ କାର୍ଯ୍ୟରତ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀଙ୍କ ନିମନ୍ତେ ୧୯୮୧ ପେନସନ ନିୟମ ଲାଗୁ ସହିତ ଅବସରକାଳୀନ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ, ସମସ୍ତ ଅନୁଦାନ ପ୍ରାପ୍ତ ବିଦ୍ୟାଳୟକୁ ସରକାରୀ ଘୋଷଣା କରିବା, ଗ୍ରେଡ ପେ' ରେ ଥିବା ଅସଂଗତି ଦୂର କରିବା, ପୁରୁଣା ପେନସନ ପୁନଃ ପ୍ରଚଳନ, ଚୁକ୍ତି ଭିତ୍ତିକ ଶିକ୍ଷକମାନଙ୍କର ୬ବର୍ଷର ଚାକିରି କାଳକୁ ବରିଷ୍ଠତା କ୍ଷେତ୍ରରେ ହିସାବକୁ ନେବା, ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି, ଶୂନ୍ୟ ପଡ଼ିଥିବା ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ ପଦବୀ ପୂରଣ କରିବା ଆଦି ଦାବିରେ ଆଜି ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହିତ ପ୍ରତିବାଦ ସଭା କରାଯାଇ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ସତ୍ତ୍ୱେ ଯଦି ଦାବି ପୂରଣ ନ ହୁଏ ତେବେ ଅଗଷ୍ଟ ୧୬ରେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ହେବାକୁ ଥିବା ମହାସମାବେଶରେ ଜିଲ୍ଲାରୁ ପାଞ୍ଚ ହଜାର ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ଯୋଗଦେଇ ସରକାରଙ୍କୁ ଜବାବ୍ ମାଗିବେ। ଏନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆବାହକ ତଥା ଓଷ୍ଟା ବାଲେଶ୍ୱରର ସମ୍ପାଦକ ବିଜୟ କୁମାର ପାତ୍ରଙ୍କ ଆହ୍ୱାନ କ୍ରମେ ବାଲେଶ୍ୱର ଓଷ୍ଟାର ସଭାପତି ମନୋରଞ୍ଜନ ଦାସଙ୍କ ସଭାପତିତ୍ୱରେ ସଭାରେ ଉପସ୍ଥିତ ନେତୃତ୍ୱ ମାନେ ଦୃଢ଼ ଚେତାବନୀ ଦେଇଛନ୍ତି। ସମସ୍ତ କାର୍ଯ୍ୟକ୍ରମକୁ ଓଷ୍ଟାର ସମସ୍ତ ବ୍ଲକ୍ ସମ୍ପାଦକ ଓ ସଭାପତି, ଅଲ୍ ଓଷ୍ଟା, ସଂସ୍କୃତ ମହାମଣ୍ଡଳ, ମଦ୍ରାସା ଓ ୬୬୨ ବର୍ଗ କଲେଜର ଅଣଶିକ୍ଷକ କର୍ମଚାରୀମାନଙ୍କ ଜିଲ୍ଲା ନେତୃତ୍ୱମାନେ ପରିଚାଳନା କରିଥିଲେ।

## ଏଫ୍‌ଏମ୍ ଛାତ୍ରୀ ଆତ୍ମଦାହ ଘଟଣା: ତଦନ୍ତ ପ୍ରକ୍ରିୟା ବାଧାପ୍ରାପ୍ତ ଅଭିଯୋଗ

ବାଲେଶ୍ୱର,୮।୮ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟଶ୍ରୀ ଆତ୍ମଦାହ ଘଟଣାର ଅନୁସନ୍ଧାନ କରୁଥିବା ଅଧିକାରୀଙ୍କ ବଦଳରେ ଆଉ ଜଣେ ନୂଆ ଅଧିକାରୀଙ୍କୁ ଦାୟିତ୍ୱ ଦେବା ଫଳରେ ତଦନ୍ତ ପ୍ରକ୍ରିୟା ବାଧାପ୍ରାପ୍ତ ହେବା ସହିତ ପ୍ରକୃତ ଦୋଷୀକୁ ଘଣ୍ଟ ଘୋଡ଼ାଇବା ପାଇଁ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି ବୋଲି ସିପିଆଇଏମ ବାଲେଶ୍ୱର ଜିଲ୍ଲା କମିଟି ବୈଠକରେ ଉଦ୍‌ବେଗ ପ୍ରକାଶ କରିଛି। ସେହିଭଳି ରାଜ୍ୟ ସରକାର ଧାନ କିଣିବା କ୍ଷେତ୍ରରେ ଯେଉଁ ପଞ୍ଜୀକରଣ ବ୍ୟବସ୍ଥା ଚାଷୀ ପ୍ରତିବାଦ ହେବା ଫଳରେ ଏବେ ଏହି ପ୍ରକ୍ରିୟା ସରଳୀକରଣ କଲେ ମଧ୍ୟ ଏହା ଚାଷୀଙ୍କ ନିକଟରେ ସ୍ପଷ୍ଟ ନୁହେଁ। ଅନେକ ସମବାୟ ପଞ୍ଜୀକରଣ କରୁନାହାନ୍ତି। ସେହିପରି ଭାଗଚାଷୀ ମାନଙ୍କ ପାଇଁ କୌଣସି ନିର୍ଦ୍ଦେଶ ନାହିଁ। ସିପିଆଇଏମ ସରକାରଙ୍କ ଚାଷୀଙ୍କ ପ୍ରତି ଏଭଳି ଟାଳଟୁଳ ନୀତିର ଘୋର ବିରୋଧ କରିଛି। କର୍ପୋରେଟ ଭାରତ ଛାଡ଼ ଦାବି ସହିତ ଆମେରିକା ବର୍ଦ୍ଧିତ ଶୁଳ୍କ ଫେରସ୍ତ ନିଅ ଦାବିରେ ଆସନ୍ତା ୧୩ ରେ ଏସକେଏମ ଏବଂ ମିଳିତ କେନ୍ଦ୍ରୀୟ ଟ୍ରେଡ଼ ୟୁନିଅନ ତରଫରୁ ଦିଆଯାଇଥିବା ମିଳିତ ପ୍ରତିବାଦ ଆନ୍ଦୋଳନକୁ ସିପିଆଇଏମ ଜିଲ୍ଲା କମିଟିରେ ସମର୍ଥନ ଦେବା ସହ ଜିଲ୍ଲାର ସମସ୍ତ ବ୍ଲକ ଅଞ୍ଚଳରେ ଶ୍ରମିକ, କୃଷକ ମହିଳା, ଯୁବ ଏବଂ ଛାତ୍ର ମାନଙ୍କର ମିଳିତ ପଟୁଆର ସହ ସଭାମାନ ସଂଗଠିତ ହେବ ବୋଲି ବୈଠକରେ ଘୋଷଣା କରାଯାଇଛି। ନୀଳଗିରି ପ୍ରଜା ଆନ୍ଦୋଳନର ଅନ୍ୟତମ ନେତା, ସିପିଆଇଏମ ରାଜ୍ୟର ପୂର୍ବତନ ସମ୍ପାଦକ ଏବଂ ପୂର୍ବତନ ନୀଳଗିରି ବିଧାୟକ କ୍ରାନ୍ତି ପୁରୁଷ ବନମାଳୀ ଦାସଙ୍କ ୧୦୭ବର୍ଷ ଜନ୍ମଦିନ ନୀଳଗିରିଠାରେ ଅଗଷ୍ଟ ୨୯ରେ ପାଳନ କରାଯିବ। ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତି ପୂରଣ, ଜିଲ୍ଲାର ଆଇନ ଶୃଙ୍ଖଳା ନିୟନ୍ତ୍ରଣ ସହିତ ଚାଷୀ ଓ ଭାଗ ଚାଷୀମାନଙ୍କ ଧାନକୁ କିଣିବା ପାଇଁ ସରକାର ଅତ୍ୟନ୍ତ ସରଳ ଉପାୟରେ ପଞ୍ଜୀକରଣ କରିବା ଦାବିରେ ଆଗାମୀ ଦିନରେ ଆନ୍ଦୋଳନ ଗଢି ତୋଳିବାକୁ ଗତକାଲି ସୀତାଂଶୁ ସେନାପତିଙ୍କ ଅଧ୍ୟକ୍ଷତାରେ ସିପିଆଇଏମ ଜିଲ୍ଲା କମିଟି ବୈଠକରେ ଆହ୍ୱାନ ଦିଆଯାଇଛି। ବୈଠକରେ ପାର୍ଟିର ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ଜିଲ୍ଲାର ରାଜନୈତିକ, ସାମାଜିକ ଚିତ୍ର ଜିଲ୍ଲା ସମ୍ପାଦକ ଶିଶିର ହୁଇ କମିଟି ବୈଠକରେ ଉପସ୍ଥାପନ କରିଥିଲେ। ବୈଠକରେ ପାର୍ଟିର ରାଜ୍ୟ କମିଟି ସଭ୍ୟ ନିର୍ମଳ ନାୟକ, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଦିଲ୍ଲୀପ ଗିରି, ପ୍ରେମ ରଞ୍ଜନ ପାତ୍ର, ଦୀପ୍ତିମାନ ଆଚାର୍ଯ୍ୟ, ଅକ୍ଷୟ ମିଶ୍ର, ଶ୍ୟାମ ସୁନ୍ଦର ଜେନା, ଗୋବିନ୍ଦ ବାରିକ, ଜ୍ୟୋତିର୍ମୟ ରାଉତ, ହରପ୍ରିୟା ଜେନା, ସ୍ନେହଲତା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

### ସିପିଆଇଏମ୍ ବାଲେଶ୍ୱର ଜିଲ୍ଲା କମିଟିର ଉଦ୍‌ବେଗ ପ୍ରକାଶ

## ସୁନାମୀ ସତର୍କତା ଓ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର,୮।୮ (ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଅଧ୍ୟକ୍ଷତାରେ ଆଜି ସୁନାମୀ ସତର୍କତା ଓ ସଚେତନତା କାର୍ଯ୍ୟକ୍ରମ ଅଡିଟୋରିଓମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ବାଲେଶ୍ୱର (ରାଜସ୍ୱ) ହେମନ୍ତ ସିଂ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମୁଖ୍ୟ ସାଧାରଣ ପରିଚାଳକ, ଗାୟତ୍ରୀ ଦତ୍ତ ନାୟକ, ଅବନୀ କାନ୍ତ ଭୂୟାଁ, ଡିପିଓ, ଓଏସଡିଏମ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିବର୍ଷ ଓଡ଼ିଶାକୁ ପ୍ରାକୃତିକ ବିପର୍ଯ୍ୟୟ ସାମ୍ନା କରିବାକୁ ପଡୁଛି। ବାଲେଶ୍ୱର ଜିଲ୍ଲା ସର୍ବଦା ପ୍ରାକୃତିକ ବିପର୍ଯ୍ୟୟ ସଫଳତାର ସାମ୍ନା ମଧ୍ୟ କରୁଛି। ତେଣୁ ସମନ୍ୱୟ ରକ୍ଷା କାର୍ଯ୍ୟ କଲେ ନିଶ୍ଚିତ ଭାବେ ବିପର୍ଯ୍ୟୟ ମୁକାବିଲ ସଫଳ ହେବ ବୋଲି ଜିଲ୍ଲାପାଳ କହିଥିଲେ। ସୁନାମୀ ଭଳି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟରୁ ଧନ ଜୀବନକୁ ରକ୍ଷା କରି ଶୂନ୍ୟ ମୃତ୍ୟୁ ଆଭିମୁଖ୍ୟକୁ ସାକାର କରିବା ପାଇଁ ପ୍ରସ୍ତୁତିକୁ ସଦାସର୍ବଦା ସଜାଗ ରହିବା ପାଇଁ ବିଭିନ୍ନ ଦିଗକୁ ନେଇ ଏହି ବୈଠକରେ ଆଲୋଚନା ହୋଇଛି। କାର୍ଯ୍ୟକ୍ରମରେ ସୁନାମୀ ସମୟରେ ସତର୍କତା, ସ୍ୱାସ୍ଥ୍ୟ ଓ ପରିମଳ, ବାତ୍ୟା ଆଶ୍ରୟସ୍ଥଳ ପରିଚାଳନା, ସ୍ଥାନାନ୍ତର ପ୍ରକ୍ରିୟା ଓ ବିଭିନ୍ନ ଅଧିକାରୀ ଓ ଏନଜିଓ ନିଜର ଅଭିଜ୍ଞତା ଉପସ୍ଥାପନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଏନଡିଆରଏଫ, ଓଡ୍ରାଫ ବାହିନୀ, ସିଭିଲ ଡିଫେନ୍ସ, ଅଗ୍ନିଶମ ବିଭାଗ ଅଧିକାରୀ, ପାଞ୍ଚଟି ଉପକୂଳବର୍ତ୍ତୀ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର, ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅବନୀକାନ୍ତ ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରାଉନସୁଗର ଜବତ, ତିନି ଅଟକ

ବାଲେଶ୍ୱର,୮।୮ (ସମିସ): ବାଲେଶ୍ୱର ସହରର ଅରଡ଼ ବଜାର ଅଞ୍ଚଳରୁ ପୁଣି ବ୍ରାଉନ ସୁଗାର ଜବତ ହୋଇଛି। ନିଶା କାରବାରର ପେଣ୍ଠସ୍ଥଳୀ ଭାବେ ପରିଚିତ ଏହି ଅଞ୍ଚଳରୁ ବାଲେଶ୍ୱର ସହଦେବଖୁଣ୍ଟା ଥାନା ପୁଲିସ ୫୦ ଗ୍ରାମରୁ ବ୍ରାଉନସୁଗର ଜବତ କରିଛି। ଅରଡବଜାର ଅଞ୍ଚଳରୁ ବ୍ରାଉନସୁଗର ଜବତ କରିବା ସହ ୩ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଥିବା ଜଣାପଡ଼ିଛି। ତେବେ ଖୁଚୁରା କାରବାର ପାଇଁ ଆସୁଥିବା ବ୍ରାଉନସୁଗର ପଛରେ ଥିବା ନିଶା କାରବାରର ମାଷ୍ଟର ମାଇଣ୍ଡକୁ ଧରିବାରେ ପୁଲିସ କେତେଟା ସଫଳ ହେଉଛି ତାହା ଚର୍ଚ୍ଚା ହେଉଛି।

## ଦିଲ୍ଲୀପ ଭୂୟାଁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର,୮।୮ (ସମିସ): ପାଇକ ଆଖଡ଼ା ଖେଳାଳି ତଥା ବିଶିଷ୍ଟ ମଲ୍ଲଯୋଦ୍ଧା ସ୍ୱର୍ଗତ ଦିଲ୍ଲୀପ ଭୂୟାଁ (ବୁନୁ ଭାଇ)ଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଗୋପାଳ ଗାଁର ୟୁଥ୍ କ୍ଲବ୍ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ କ୍ଲବ୍ ସଭାପତି ଅଭୟ ମହାପାତ୍ର ଅଧ୍ୟକ୍ଷତା କରିବା ସହିତ ସ୍ୱର୍ଗତଃ ବୁନୁ ଭାଇଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ। ବାଲେଶ୍ୱର ପ୍ରେସ କ୍ଲବ ସଭାପତି ବିପ୍ଳବ କୁମାର ମହାନ୍ତି, ଅମର ମହାନ୍ତି, ରବୀନ୍ଦ୍ର କୁମାର ମହାନ୍ତି, ବୀରକିଶୋର ପଟ୍ଟନାୟକ, ଦିଲ୍ଲୀପ ନାୟକ, ବୈଲୋ ଚନଦାଶ, ବିରେନ୍ଦ୍ର ସ୍ୱାଇଁ, ଅରୁଣ ଚାଟାର୍ଜୀ, ସଞ୍ଜୟ ଲେଙ୍କା, ପର୍ଶୁରାମ ସାହୁ ପ୍ରମୁଖ ଯୋଗ ଦେଇ ଅମର ଆତ୍ମାର ସଦଗତି କାମନା କରିଥିଲେ। ତାଙ୍କ ପରି ଜଣେ ବ୍ୟକ୍ତିଙ୍କୁ ହରାଇ ଆଜି ସମଗ୍ର ବାଲେଶ୍ୱରବାସୀ ଝୁରି ହେଉଛନ୍ତି ବୋଲି ବକ୍ତାମାନେ କହିଥିଲେ। କ୍ଲବ ସମ୍ପାଦକ ଲକ୍ଷ୍ମୀ ନାରାୟଣ ମହାନ୍ତି, ଅନୁପ କୁମାର ଚାଟାର୍ଜୀ, ଗିରିଜା ଶଙ୍କର ଦାସ, ଅମୃତାଂଶୁ ପଟ୍ଟନାୟକ, କୌଶିକ ପଣ୍ଡା, ଦେବାନନ୍ଦ ରାଉତ, ବିବେକାନନ୍ଦ ରାଉତ, ପ୍ରଶାନ୍ତ ମହାନ୍ତି, ଶୁଭଙ୍କର ସ୍ୱାଇଁ, ମଳୟ ଦାସ, ଅଜୟ ମହାନ୍ତି ପ୍ରମୁଖଙ୍କ ସମେତ କ୍ଲବର ବହୁ ସଦସ୍ୟ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ସ୍ୱର୍ଗତଃ ବୁନୁଙ୍କ ସାନ ଭାଇ ଅଶୋକ ଭୂୟାଁ ଓ ଏକମାତ୍ର ପୁତ୍ର ରାଜୀବ ଲୋଚନ ଭୂୟାଁ ଉପସ୍ଥିତ ଉପସ୍ଥିତ ଥିଲେ।

## ସଙ୍ଗୀତ ଗୁରୁ ଗଙ୍ଗାଧର ସେଠୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ



ବାଲେଶ୍ୱର,୮।୮ (ସମିସ): ବିଶିଷ୍ଟ ସଙ୍ଗୀତ ଗୁରୁ ସ୍ୱର୍ଗତ ଗଙ୍ଗାଧର ସେଠୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଏନେଇ ରେମୁଣାସ୍ଥିତ ବାସଭବନରେ ସ୍ମୃତିସଭା ଆୟୋଜନ କରାଯାଇଥିଲା। ଏକାଧାରାରେ ସ୍ୱର୍ଗତ ଗଙ୍ଗାଧର ସେଠୀ ସଙ୍ଗୀତ, ନୃତ୍ୟ ଓ ନାଟକ ରଚନାରେ ରାଜ୍ୟ ତଥା ଦେଶରେ ପ୍ରସିଦ୍ଧି ଲାଭ କରିଥିଲେ। ଗତବର୍ଷ ତାଙ୍କର ଦେହାନ୍ତ ହୋଇଥିବା ବେଳେ ଆଜି ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ଆୟୋଜନ ହୋଇଥିଲା। କବି, ଲେଖକ ଓ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସଭାରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ଅମ୍ଲାନ ପ୍ରତିଭା ଗୁରୁ ଗଙ୍ଗାଧର ନାମରେ ସ୍ମାରକୀ ମଧ୍ୟ ଉନ୍ମୋଚିତ ହୋଇଥିଲା। କବି କାଳିପଦ ପଣ୍ଡା ଏହାକୁ ଉନ୍ମୋଚନ କରିଥିଲେ। ଏହି ସ୍ମାରକୀରେ ଗୁରୁ ଗଙ୍ଗାଧରଙ୍କୁ ମନେ ପକାଇ ତାଙ୍କ ପ୍ରତିଭା ସମ୍ପର୍କରେ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ପୂର୍ବତନ ସାଂସଦ ପ୍ରଶାନ୍ତ ନନ୍ଦଙ୍କ ସମେତ ବହୁ ବ୍ୟକ୍ତି ନିଜର ବାର୍ତ୍ତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ପ୍ରକଟ କରିଛନ୍ତି।

## ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ

ବାଲେଶ୍ୱର,୮।୮ (ସମିସ): ଜାତୀୟ ଆଇନସେବା ପ୍ରାଧିକରଣର ଭିର୍ ପରିବାର ସହାୟତା ଯୋଜନା ୨୦୨୫ ଅନୁଯାୟୀ ବାଲେଶ୍ୱର ଜିଲ୍ଲା ସୈନିକ ବୋର୍ଡ ପରିସରରେ ଆଇନ୍ ସହାୟତା କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏହି କେନ୍ଦ୍ରକୁ ଭାରପ୍ରାପ୍ତ ଜିଲ୍ଲା ଏବଂ ଦୌରା ଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ମୋହନ ରାଓ ଦୋରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦ୍‌ଘାଟନୀ ସମାରୋହରେ ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ସୀତୀକଣ୍ଠ ପ୍ରଧାନ, ଜିଲ୍ଲା ସୈନିକ ବୋର୍ଡ ସମ୍ପାଦକ ଅମ୍ଲାନ୍ ନାୟକ, ପାରାଲିଗାଲ୍ ସ୍ୱେଚ୍ଛାସେବୀ, ବାଲେଶ୍ୱର ଜିଲ୍ଲାର ଭୂତପୂର୍ବ ସୈନିକମାନେ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି, ଉପରୋକ୍ତ ଆଇନ୍ ସହାୟତା କେନ୍ଦ୍ର ମାଧ୍ୟମରେ ସୈନ୍ୟ ବିଭାଗର କର୍ମଚାରୀ, ଭୂତପୂର୍ବ ସୈନିକ ତଥା ସେମାନଙ୍କର ପରିବାର ବର୍ଗଙ୍କୁ ନିଃଶୁଳ୍କ ଆଇନ୍ ସହାୟତା ପ୍ରଦାନ କରାଯିବ। ସମାରୋହକୁ ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ ବିଚାରପତି ତଥା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ସୁମନ୍ ଜେନା ପରିଚାଳନା କରିଥିଲେ।

### ଆଳଦିଆ ସରକାରୀ ଉପ୍ରା ବିଦ୍ୟାଳୟ

## ସ୍କୁଲ ଛାତରୁ ଖସିଲାଣି କଂକ୍ରିଟ୍; ଭୟରେ ପାଠପଢୁଛନ୍ତି ଛାତ୍ରଛାତ୍ରୀ





ଶୌଚାଳୟ ନଥିବାରୁ ଝିଅମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି

ବାଲେଶ୍ୱର,୮।୮ (ସମିସ)

ବିପଦ ସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟାଳୟରେ ପିଲାମାନେ ପାଠ ପଢୁଛନ୍ତି। ଉକ୍ତ ବିଦ୍ୟାଳୟ ଅତ୍ୟନ୍ତ ପୁରୁଣା ହୋଇଥିବାରୁ ଛାତରୁ ଭଙ୍ଗା କଂକ୍ରିଟ ଖସୁଛି। କେତେବେଳେ କାହା ଉପରେ ଏହାପଡ଼ିବ ତାହା ଜଣାନାହିଁ। ପ୍ରତିଦିନ ଭୟରେ ପାଠ ପଢୁଛନ୍ତି ଉଭୟ ପିଲା ଏବଂ ଶିକ୍ଷକ। ଖାଲି ସେତିକି ନୁହେଁ ବିଦ୍ୟାଳୟରେ ଶୌଚାଳୟ ନଥିବାରୁ ବିଶେଷକରି ଝିଅମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ହେଉଛି ଆଳଦିଆ ସରକାରୀ ଉପ୍ରା ବିଦ୍ୟାଳୟ ଅବସ୍ଥା। ଏହି ବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଜି ଆଳଦିଆ ଗ୍ରାମବାସୀ ତଥା ପିଲାମାନଙ୍କ ଅଭିଭାବକ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ବିଇଓଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ବିଦ୍ୟାଳୟର ଫଟୋ ଦରଖାସ୍ତରେ ସଂଲଗ୍ନ କରି ପ୍ରଦାନ କରିଛନ୍ତି। ସୂଚନାନୁଯାୟୀ, ଚାନ୍ଦିପୁର ଥାନା ଅଧୀନ ରଣସାହିର ଆଳଦିଆ ଗ୍ରାମରେ ଆଳଦିଆ ସରକାରୀ ଉପ୍ରା ବିଦ୍ୟାଳୟ ରହିଛି। ଉକ୍ତ ବିଦ୍ୟାଳୟରେ ପ୍ରାୟ ୪ରୁ ୫ ଖଣ୍ଡ ଗ୍ରାମର ପିଲାମାନେ ପାଠ ପଢ଼ିବାକୁ ଆସୁଛନ୍ତି। ମାତ୍ର ଉକ୍ତ ବିଦ୍ୟାଳୟର ଗୃହଗୁଡ଼ିକ ବହୁ ପୁରାତନ ହୋଇଯାଇଥିବାରୁ ଛାତରୁ ଚିପ୍ସ ଓ ମସଲା ଖସି ରଡ଼ ଦେଖାଗଲାଣି। ପିଲାମାନେ ବିପଦ ସଙ୍କୁଳ ଅବସ୍ଥାରେ ପାଠ ପଢୁଛନ୍ତି। କେତେ ବେଳେ କାହା ଉପରେ ଛାତ ଖସିପଡ଼ିବ ଜଣାନାହିଁ। ଏହାବ୍ୟତୀତ ଉକ୍ତ ସ୍କୁଲରେ ପାଇଖାନା ନଥିବାରୁ ଝିଅମାନେ ଶୌଚ ପାଇଁ ନାନାଦି ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟ ଚାରିପାଖେ ପାଚେରି ନଥିବାରୁ ରାତିରେ ଅସାମାଜିକ ଲୋକଙ୍କ ଆଡ୍ଡା ଜମୁଛି ବୋଲି ଅଭିଯୋଗ ହେଉଛି। ତେଣୁ ପିଲାମାନେ କିପରି ଭଲ ଗୃହରେ ପାଠ ପଢ଼ିପାରିବେ ଓ ନୂତନ ଶୌଚାଳୟ ସହ ନୂତନ ପାଚେରୀ ନିର୍ମାଣ ପାଇଁ ଅଭିଭାବକ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଅସୁବିଧାଗୁଡିକ ଯଥାଶୀଘ୍ର ସମାଧାନ କରିଲେ ପିଲାମାନେ ସୁରକ୍ଷିତ ପରିବେଶ ଭିତରେ ପାଠ ପଢିପାରିବେ ବୋଲି ଅଭିଭାବକମାନେ କହିଛନ୍ତି।

## 'ନାରୀ ନ୍ୟାୟ ପଦଯାତ୍ରା' ପାଇଁ ଜିଲ୍ଲା କଂଗ୍ରେସର ପ୍ରସ୍ତୁତି

ବାଲେଶ୍ୱର,୮।୮ (ସମିସ): ଜିଲ୍ଲା କଂଗ୍ରେସର ଆସନ୍ତା ୧୪ ତାରିଖ ପ୍ରସ୍ତାବିତ ପ୍ରଦେଶ କଂଗ୍ରେସ ସଭାପତିଙ୍କ "ନାରୀ ନ୍ୟାୟ ପଦଯାତ୍ରା' ଓ ସାଧାରଣ ସଭା ଉପଲକ୍ଷେ ଏକ ପ୍ରସ୍ତୁତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରୁ ବାହାରି ଷ୍ଟେସନ ଛକ, ଫକୀରମୋହନ କଲେଜ, ସିନେମା ଛକ ଦେଇ ପୁରୁଣା ଷ୍ଟାଡିୟମରେ ସମାପ୍ତ ହୋଇ ଏକ ସାଧାରଣ ସଭା ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସର ବହୁ ନେତୃତ୍ୱ ଯୋଗଦେବେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲା କଂଗ୍ରେସ ସଂଯୋଜକ ସଂଜୀବ ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରସ୍ତୁତି କମିଟି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ସତ୍ୟଶିବ ଦାସ, ହିମାଂଶୁ ବେହେରା, ସରୋଜ ଲେଙ୍କା, ସତ୍ୟ ଦାସ, ପଦ୍ମଲୋଚନ ଲେଙ୍କା, ସୁଧାଂଶୁ ଜେନା, ରଞ୍ଜନ ଦାସ, ଗୌତମ ସାହୁ, ଗିରିଜା ଦାସ, ହରିଶଙ୍କର ଜେନା, ଜୟକୃଷ୍ଣ ବେହେରା, ଜଗନ୍ନାଥ ମହାପାତ୍ର, ତରୁଣ ଦାସ, କନ ବେହେରା, ଜୁବିଲି ପଣ୍ଡା, କେଶବ ନାୟକ, ଜୀବନ ମହାପାତ୍ର, ଉପେନ୍ଦ୍ର ବେହେରା, ସତ୍ୟନାରାୟଣ ଗୁପ୍ତା, ଜ୍ୟୋତ୍ସ୍ନା ସେନାପତି, ବାସନ୍ତୀ ନାୟକ ଓ କୁମୁଦିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।









# ମାଲବାହି ଗାଡ଼ିରେ ଶ୍ରମିକ ନେଉ ଯାଉଥିବା ଗାଡ଼ିକୁ ଜରିମାନା



ବସ୍ତା ବ୍ଲକ,୮।୮(ସମିସ): ଜିଲ୍ଲା ସଡ଼କ ଓ ପରିବହନ ବିଭାଗ ପକ୍ଷରୁ ଶୁକ୍ରବାର ଗାନ୍ଧିଛକରେ ଯାଞ୍ଚ କଡ଼ାକଡ଼ି କରି ବେଆଇନ ଭାବେ ମାଲ ପରିବହନ ଗାଡ଼ିରେ ଶ୍ରମିକମାନଙ୍କୁ ଲଦିନେଇ ଯାଉଥିବା ଗାଡ଼ିସବୁ ଯାଞ୍ଚ ସହ ଜରିମାନା କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଖରିଫ ଚାଷ କାର୍ଯ୍ୟ ପାଇଁ ଗ୍ରାମାଞ୍ଚଳରୁ ପୁରୁଷ ଓ ମହିଳା ଶ୍ରମିକମାନେ ମାଲବୁହା ଗାଡ଼ିରେ ଲଦିହୋଇ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ବିଲ ମାଲିକ ମାନେ ଶ୍ରମିକଙ୍କୁ ଗାଡ଼ି ପଠାଇ ଦୂର ଦୁରାନ୍ତକୁ ଯାଉଥିବା କୁହାଯାଉଛି। ସେମାନଙ୍କୁ ପିକଅପ, ଓଟୋ, ଟାଟା ଏସି ଗାଡିରେ ବୋହି ଆଣି ଚାଷ କାର୍ଯ୍ୟରେ ନିୟୋଜିତ କରିଆସୁଥିବା ବେଳେ ସଡ଼କ ଓ ପରିବହନ ବିଭାଗ ପକ୍ଷରୁ ରାସ୍ତା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମାଲବାହି ଗାଡିରେ ପାସେଞ୍ଜର ବହିବା ବେନିୟମ ହୋଇଥିବା ବେଳେ ସେଥିରୁ ଅନେକ ଗାଡ଼ିରେ କାଗଜ ପତ୍ର ଠିକ ନଥିବାରୁ ଏହି ଯାଞ୍ଚ କରା ଯାଇଥିବା କୁହାଯାଉଛି। ଅନେକ ସ୍ଥାନରେ ଦୁର୍ଘଟଣା ଘଟି ଶ୍ରମିକଙ୍କ ଜୀବନ ହାନି ଘଟୁଛି। ଅନ୍ୟ ପକ୍ଷେ ଜୀବିକା ପାଇଁ ଜୀବନ ବାଜି ଲାଗୁଛି। ତେଣୁ ସଡ଼କ ଓ ପରିବହନ ବିଭାଗର କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ସକାଳେ ଟ୍ରାଫିକ ଇନ୍ସପେକ୍ଟର ସମରେନ୍ଦ୍ର ମହାପାତ୍ରଙ୍କ ସହ ଏକ ଟିମ ବସ୍ତା ଅଞ୍ଚଳରେ ଚଢ଼ଉ କରିଥିଲେ। ଦିନମଜୁରିଆ ମାନଙ୍କୁ ନେଉଥିବା ଅନେକ ଗାଡିକୁ ଅଟକାଇ ଚାଲାଣ କାଟିବା ସହିତ ସେମାନଙ୍କୁ ତାଗିଦ କରିଥିଲେ।

## ଭେଲୋରାରେ ସିରିଜ୍ ଚୋରି

# ସ୍କୁଲ ଓ ଗୋଦାମ ଘରୁ ଲୁଟିଲେ ଦୁର୍ବୃତ୍ତ

ରାଜଘାଟ,୮।୮(ସମିସ)

ବସ୍ତା ବ୍ଲକ ଭେଲୋରା ଅଞ୍ଚଳରେ ବଢିଚାଲିଛି ସିରିଜ ଚୋରି। ବସ୍ତା ଥାନା ସନ୍ତୋଷପୁର ପଞ୍ଚାୟତ ଅଧୀନ ରାମଚନ୍ଦ୍ରପୁର ୟୁଜିୟୁପି ବିଦ୍ୟାଳୟକୁ ବି ଛାଡ଼ିଲେନି ଦୁର୍ବୃତ୍ତ। କୁନି କୁନି ପିଲାଙ୍କ ଉଦ୍ଦେଶ୍ୟରେ ଥିବା ସ୍ମାର୍ଟ ଟାବଲେଟ ଓ ପଇଡ଼ ବିକ୍ରୀ ହୋଇଥିବା ନଗଦ ଅର୍ଥକୁ ତାଲା ଭାଙ୍ଗି ଲୁଟି ନେଇଛନ୍ତି ଲୁଟେରା। ଅଭିଯୋଗ ମୁତାବକ ପ୍ରତ୍ୟକ ଦିନ ଭଳି ଆଜି ମଧ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସିଥିଲେ। ମାତ୍ର ବିଦ୍ୟାଳୟରେ ଗୋଟିଏ ଶ୍ରେଣୀ ଗୃହ, ଅଫିସ ଗୃହ ତାଲା ଭଙ୍ଗାଥିବା ଓ ବିଦ୍ୟାଳୟର ବ୍ୟବହାର ପାଇଁ ଥିବା କୁଦାଳ, କତା ଏଣେ ତେଣେ ପଡ଼ିଥିବା ଦେଖି ପ୍ରଥମେ ବସ୍ତା ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି। ଏନେଇ ବସ୍ତା ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ସେହିଭଳି ଭେଲୋରା ଅଞ୍ଚଳରେ ଥିବା ଦୁଇଟି ଭଙ୍ଗା ଲୁହା ଗୋଦାମରୁ ସମାନ ଢଙ୍ଗରେ ତାଲା ଭାଙ୍ଗି ବହୁ ମୂଲ୍ୟବାନ ଜିନିଷ ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ପୂର୍ବରୁ ଏଭଳି ବହୁବାର ଉକ୍ତ ଗୋଦାମରୁ ଦୁଇଟି ଚୋରି ହୋଇଛି। ଏନେଇ ଥାନାରେ ଅଭିଯୋଗ କରିଛନ୍ତି ବୋଲି ଜଣାପଡ଼ିଛି। ତେବେ

**ପୁଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ଦାବି**

ଏଠାରେ ସୂଚନା ଥାଉକି ପୂର୍ବରୁ ବ୍ୟାଙ୍କ ଓ ଏଟିଏମ ଲୁଟ ହେଉଥିବା ବେଳେ ଏବେ ଲଗାତାର ୧୫ ଦିନ ମଧ୍ୟରେ ଭେଲୋରା ଗ୍ରାମରେ ରହୁଥିବା ତପନ ଦାସ ମହାପାତ୍ର, ନଗେନ ସାହୁ, ବିରଞ୍ଜନ ଦାସ ମହାପାତ୍ର, ହରିଶ ବେହେରାଙ୍କ ଘରୁ ଚୋରି ହୋଇଥିବା ବସ୍ତା ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ୧୫ ଦିନ ମଧ୍ୟରେ ଏଭଳି ବାରମ୍ବାର ଚୋରି ହେଉଥଲେ ବି ପୁଲିସର ହାତ ଖାଲି। ଅପରାଧୀକୁ ଧରିବା ତ ଦୂରର କଥା, କୌଣସି ସୁରାଗ ପାଇ ପାରୁନାହୁଁ। ଅନ୍ୟ ପଟେ ପୁଲିସ ପକ୍ଷରୁ ପାଟ୍ରୋଲିଂ କଡାକଡି କରିବା ସହିତ ପ୍ରକୃତ ଅପରାଧିଙ୍କୁ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସୁଭଦ୍ରା ତୃତୀୟ କିସ୍ତିରୁ ବାଦ ପଡ଼ିଛନ୍ତି ୨୬୧୭ ଜଣ ମହିଳା

ଜଳେଶ୍ୱର ବ୍ଲକ,୮।୮(ସମିସ): ସୁଭଦ୍ରା ଯୋଜନାରେ ମିଳୁଥିବା ଅର୍ଥ ପାଇବାରୁ ବଞ୍ଚିତ ହୋଇଛନ୍ତି ଅନେକ ମହିଳା। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପଞ୍ଚାୟତ ସମିତିର ୩୫ଟି ପଞ୍ଚାୟତ ଓ ଜଳେଶ୍ୱର ପୌରପାଳିକାର ୧୭ଟି ୱାର୍ଡକୁ ନେଇ ମୋଟ ୫୬୮୩୬ ଜଣ ସୁଭଦ୍ରା ଯୋଜନାରେ ସାମିଲ ହେବାକୁ ଆବେଦନ କରିଥିବା ବେଳେ ସେଥିମଧ୍ୟରୁ କିଛି ମହିଳା ସୁଭଦ୍ରା ପ୍ରଥମ କିସ୍ତିରେ ୫ ହଜାର ଟଙ୍କା ପାଇଁ ଦ୍ୱିତୀୟ କିସ୍ତି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏପରିକି ଆଉ କିଏ ଆଦୌ ନ ପାଇ ନିରାଶ ହେବାକୁ ପଡ଼ିଛି। ଠିକ୍ ସେହିପରି ଜଳେଶ୍ୱର ପଞ୍ଚାୟତସମିତି ଓ ପୌରପାଳିକାରେ ଆବେଦନ କରି ମଧ୍ୟ ୨୬୧୭ ଜଣ ମହିଳା ସୁଭଦ୍ରା ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏନେଇ ପଶ୍ଚିମବାଡ ଗ୍ରାମର ମମତା ବାରିକ୍ ଓ ତାଙ୍କ ଝିଅ ଅମିଶା ବାରିକ୍ ୮୫ ପ୍ରତିଶତ ଦିବ୍ୟାଙ୍ଗ ହୋଇ ମଧ୍ୟ ସୁଭଦ୍ରା କିସ୍ତି ନ ପାଇଁ ବାରମ୍ବାର ବ୍ଲକ କାର୍ଯ୍ୟାଳୟ ଦୌଡ଼ିଦୌଡ଼ି ନୟାନ୍ତ ହେବାକୁ ପଡ଼ିଛି। ସେହିପରି ଅନେକ ମହିଳା ସୁଭଦ୍ରା ନ ପାଇ ରାଜ୍ୟ ସରକାରଙ୍କ ଉପରେ କ୍ଷୁବ୍ଧ ପ୍ରକାଶ କରିଛନ୍ତି।

# ୫୦୦ ପରିବାରକୁ ରିଲିଫ୍ ସହାୟତା ପ୍ରଦାନ

ବାଲିଆପାଳ,୮।୮(ସମିସ): ବାଲିଆପାଳ ବ୍ଲକରେ ଚଳିତବର୍ଷ ସୁବର୍ଣ୍ଣରେଖା ବନ୍ୟାରେ ପ୍ରଭାବିତ ହୋଇଥିବା ଲୋକମାନଙ୍କ ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସହାୟତା ଯୋଗାଇ ଦିଆଯାଉଛି। ସେହିପରି ବ୍ଲକର ପ୍ରଭାବିତ ପାଞ୍ଚଟି ପଞ୍ଚାୟତର ଲୋକମାନଙ୍କୁ ବାଲିଆପାଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆର୍ମ, ଖ୍ରୀଷ୍ଟିଆନଏଡର ତଥା ସିୟାଏସଡି ଭୁବନେଶ୍ୱରର ମିଳିତ ଉଦ୍ୟମରେ ପାଞ୍ଚଟି ପଞ୍ଚାୟତରେ ଅଧିକ ପ୍ରଭାବିତ ହୋଇଥିବା ପାଞ୍ଚ ଶହରୁ ଅଧିକ ପରିବାରଙ୍କୁ ଆର୍ମ ସ୍ୱେଚ୍ଛାସେବୀ ସଂଗଠନ ପରିସର ମଧ୍ୟରେ ରିଲିଫ ଯୋଗାଇ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୩୦୦ ପରିବାରକୁ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ୪ହଜାର ଲେଖାଏଁ ଟଙ୍କା ସହାୟତା ଆକାରରେ ଦିଆଯାଇଛି। ସେହିପରି ଅନ୍ୟ ଦୁଇ ଶହ ପରିବାରଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ପ୍ୟାକେଟ ଯୋଗାଇ ଦିଆଯାଉଛି। ବାଲିଆପାଳ ବ୍ଲକରେ ଅଧିକ ରିଲିଫର ଆବଶ୍ୟକତା ରହିଥିବାରୁ ରିଲିଫରୁ ବଞ୍ଚିତ ଥିବା ଲୋକମାନଙ୍କୁ ରିଲିଫ ଯୋଗାଇଦେବା ପାଇଁ ସମ୍ପୃକ୍ତ ସ୍ୱେଚ୍ଛାସେବୀ ସଂଗଠନକୁ ସାମାଜିକ କର୍ମୀ ପ୍ରତାପ କୁମାର ପାତ୍ର ଅନୁରୋଧ କରିଛନ୍ତି। ରିଲିଫ ବଣ୍ଟନ କାର୍ଯ୍ୟକ୍ରମରେ ଆର୍ମ ସଂଗଠନର ଉଦ୍ୟୋକ୍ତା ରାଜେନ୍ଦ୍ର ରଣା, ସଂସ୍ଥାର ପୋଗ୍ରାମ ଅଫିସର ଶୁଭମ୍ ନାୟକ, ଅସ୍ତି ସରପଞ୍ଚଙ୍କ ସ୍ୱାମୀ ହରେକୃଷ୍ଣ ଜେନା, ସୈମ୍ୟ ରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ପାଚିକା ଚୟନରେ ଅନିୟମିତତା ଅଭିଯୋଗ

ଜଳେଶ୍ୱର,୮।୮(ସମିସ): ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ନାମ୍ପୋ ପଞ୍ଚାୟତରେ ସରକାରୀ ଉଚ୍ଚବିଦ୍ୟାଳୟରେ ପାଚିକା ନିଯୁକ୍ତିରେ ଅନିୟମିତତା ହୋଇଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଅରୂପା ରାଣୀ ଜେନା, କବିତା ବାରିକ୍ ଦୁଇ ଜଣ ଆବେଦନକାରୀ ଚୟନ ପ୍ରକିୟାରେ ଅନିୟମିତତା ହୋଇଥିବା ଦର୍ଶାଇ ଜଳେଶ୍ୱର ଗୋଷ୍ଠୀ ଉନ୍ନୟନ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଗତ ଜୁଲାଇ ୮ ତାରିଖରେ ନାମ୍ପୋ ସରକାରୀ ଉଚ୍ଚବିଦ୍ୟାଳୟରେ ୩ ଜଣ ପାଚିକା ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ଫଳରେ ଆଗ୍ରହୀ ମହିଳାମାନେ ନିଯୁକ୍ତି ପାଇଁ ଆବେଦନ କରିଥିଲେ। କିନ୍ତୁ ଚୟନ ସମୟରେ ଆବେଦନକାରୀଙ୍କ ଆବେଦନପତ୍ର ଓ ଦାଖଲ ହୋଇଥିବା ପ୍ରମାଣପତ୍ର ଠିକ୍ ଭାବେ ଯାଞ୍ଚ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏପରିକି ବିଧବା ମାନଙ୍କୁ ଅଗ୍ରାଧିକାର ଦେବାର ସରକାରୀ ନିୟମ ଥିବା ବେଳେ ଏହାର ଉଲ୍ଲଙ୍ଘନ ହୋଇଛି ବୋଲି ପଞ୍ଚାୟତ ବିଜେପି ସଭାପତି ଜଗଦୀଶ ପ୍ରଧାନ ଓ ଦୁଇ ଆବେଦନ କାରୀ ଅଭିଯୋଗ କରିଛନ୍ତି। ଏନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ଚୟନ ପ୍ରକିୟା ସରକାରୀ ନୟମ ଅନୁସାରେ ହୋଇଛି ବୋଲି ସେ କହିଛନ୍ତି।

# ଏଫ୍ଏମ୍ କଲେଜ ଛାତ୍ରୀଙ୍କ ସ୍ମୃତିରେ ପଦଯାତ୍ରା

ସିମୁଳିଆ,୮।୮(ସମିସ): ଏଫ୍ଏମ୍ କଲେଜର ଛାତ୍ରୀଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିରୋଧରେ ତୀବ୍ର ସ୍ୱର ଉଠାଇ ନବନିର୍ମାଣ କୃଷକ ସଂଗଠନ, ଯୁବଛାତ୍ର ସଂଗଠନ ପକ୍ଷରୁ ଏକ ଶୋଭାଯାତ୍ରା ବାଲେଶ୍ୱରରୁ ଭୁବନେଶ୍ୱର ଅଭିମୁଖେ ବାହାରିଛନ୍ତି। ଛାତ୍ରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ନବନିର୍ମାଣ ଯୁବଛାତ୍ର ସଂଗଠନ ଓଡ଼ିଶାରେ ଛାତ୍ର ସମାବେଶ କରିବା ସହିତ ଆଗାମୀ ଅଗଷ୍ଟ ୪ ତାରିଖ ବାଲେଶ୍ୱରରୁ ପଦଯାତ୍ରା ବାହାରି ଅଗଷ୍ଟ ୧୮ ତାରିଖରେ ଭୁବନେଶ୍ୱରରେ ପହଞ୍ଚି ବିଶାଳ ଛାତ୍ର ସମାବେଶ ଅନୁଷ୍ଠିତ ହେବ। ନ୍ୟାୟ ପର୍ଯ୍ୟନ୍ତ ଲଢ଼େଇ ଜାରିରହିବ ବୋଲି କୁହାଯାଇଛି।

# ବିଜେପି ପକ୍ଷରୁ ବିଭିନ୍ନ ସ୍ଥାନରେ ସେବା କାର୍ଯ୍ୟକ୍ରମ



ଜଳେଶ୍ୱର ବ୍ଲକ୍,୮।୮(ସମିସ): ଜଳେଶ୍ୱର ନିର୍ବାଚନମଣ୍ଡଳୀ ଅଧୀନ ଭାରତୀୟ ଜନତା ପାର୍ଟିର ରାଇବଣିଆ ମଣ୍ଡଳ ତରଫରୁ ହାତିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବରିଷ୍ଠ ନେତା ବ୍ରଜମୋହନ ପ୍ରଧାନଙ୍କ ଉପସ୍ଥିତିରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ପରେ ଚିକିତ୍ସାଧୀନ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀଙ୍କ ସହିତ ଚାକିତ୍ସାଳୟର ସମସ୍ୟା ଆଲୋଚନା କରି ସିଡିଏମଓ ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରି ସମାଧାନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ରାୟବଳିଆର ସିଂ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ ସହିତ ଗୋଟିଏ ବୃକ୍ଷର ନାମ ରାଣୀ ଲକ୍ଷ୍ମୀବାଈର ଦାୟିତ୍ୱ ଛାତ୍ରୀ ଗୁନ୍ ଗୁନ ପାତ୍ର ଅନ୍ୟ ଏକ ବୃକ୍ଷ ସରୋଜିନୀ ନାଇଡୁ ନାମରେ ନାମକରଣ କରି ତାର ଦାୟିତ୍ୱ ଛାତ୍ର ଅଞ୍ଜନ ଆଚାର୍ଯ୍ୟ ଓ ଅନ୍ୟ ବୃକ୍ଷ ମହାତ୍ମା ଗାନ୍ଧୀଙ୍କ ନାମରେ ନାମିତ କରି ତାର ଦାୟିତ୍ୱ ଛାତ୍ରୀ ସନ୍ଧ୍ୟାରାଣୀ ମଲ୍ଲିକ ଚାରାର ରକ୍ଷଣା ବେକ୍ଷଣ ଦାୟିତ୍ୱ ତୁଲାଇବେ ବୋଲି କହିଛନ୍ତି। ବିଦ୍ୟାଳୟର ଶୋଚାଳୟ ସମ୍ପର୍କରେ ଆଲୋଚନା କରି ଖୁବ୍ ଶୀଘ୍ର ବ୍ୟବସ୍ଥା ଗ୍ରହଣ କରାଯିବ। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ନିର୍ଦ୍ଦେଶ କ୍ରମେ କବାଟ ଘାଟି ଆଶ୍ରମ ସ୍କୁଲ ପରିସରରେ ପିଲାମାନଙ୍କ ସହିତ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ଶ୍ରୀ ପ୍ରଧାନ, ରାଇବଣିଆ ମଣ୍ଡଳ ସଭାପତି ସଞ୍ଜୀବ ଜେନା, ପୂର୍ବତନ ସଭପତି ତରୁଣ ପଟ୍ଟନାୟକ, ମଣ୍ଡଳ ପ୍ରଭାରୀ କାଳୀଚରଣ ଦାସ, ରାସବିହାରୀ ରଣା, ତାପସ ପାଣିଗ୍ରାହୀ, ଦିଗାମ୍ବର ଦାସ, ନିହାର ରଞ୍ଜନ ଦାସ, ସରୋଜ ସାସମଲ୍, ସୁଜିତ୍ ଦାସ, ସନତ ସାହୁ, ସୁକାନ୍ତ ଜେନା, ହରିପଦ ବେରା, ଗୋଲକ ବାରିକ, ରବୀନ୍ଦ୍ର ମହାପାତ୍ର, ମୃତ୍ୟୁଞ୍ଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଜାମଶୂଳୀ କଲେଜ ଦୁଇ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



କାଳିପଦା,୮।୮(ସମିସ): ଜାମଶୂଳୀ ସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜର ପ୍ରାଣୀ ବିଜ୍ଞାନ ଓ ଇତିହାସ ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପ୍ରାଣୀ ବିଜ୍ଞାନ ବିଭାଗ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ କୁମାର ଗିରି ପୌରହିତ୍ୟ କରିଥିଲେ। ଏଥିରେ ଇଂରାଜୀ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଦେବବ୍ରତ ଦାସ, ଗଣିତ ବିଭାଗ ମୁଖ୍ୟ ଅଧାପକ ଡ଼ଃ ସୁକାନ୍ତ କୁମାର ଗିରି, ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପକ ନଗେନ୍ଦ୍ର ନାଥ ପାତ୍ର ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଅଧାପକ ଅଜିତ କୁମାର ଭୂୟାଁ ଅତିଥି ପରିଚୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜ୍ୟୋତିର୍ମୟୀ ରଣା, ବବିରାଣୀ ଦାସ, ସୁହାନୀ ଜେନା, ମିତାଲି ନାୟକ, ଗୀତାଞ୍ଜଳି ସାହୁ, ନମ୍ରତା ଦାସ ପ୍ରମୁଖ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେହିପରି ଶୁକ୍ରବାର ଇତିହାସ ବିଭାଗ ପକ୍ଷରୁ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଅଧ୍ୟକ୍ଷ ଶ୍ରୀ ଗିରି ପୌରହିତ୍ୟ କରିଥିବା ବେଳେ ଅର୍ଥନୀତି ବିଭାଗ ମୁଖ୍ୟ ପ୍ରାଧ୍ୟାପକ ସଂଗ୍ରାମ କେଶରୀ ନାୟକ, ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଇତିହାସର ଗୁରୁତ୍ୱ ତଥା ଭାରତୀୟ ସଂସ୍କୃତି ଓ ପରମ୍ପରା ବିଷୟରେ ଆଲୋଚନା କରିଥିଲେ। ବିଭାଗୀୟ ବରିଷ୍ଠ ଅଧାପକ ପରମାନନ୍ଦ ମହାନ୍ତି ଅତିଥି ପରିଚୟ, ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ନିର୍ମଳ କୁମାର ସାମଲ ସ୍ୱାଗତ ଭାଷଣ ବିବରଣୀ ପାଠ କରିଥିଲେ। ଏ ଅବସରରେ ନବାଗତ ପ୍ରାଧ୍ୟାପକ ନିର୍ମଳ କୁମାର ସାମଲଙ୍କୁ ବିଭାଗ ପକ୍ଷରୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭାଗୀୟ ଅଧାପକ ଶେଖ ସବିର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

ଜଳେଶ୍ୱର ବ୍ଲକ,୮।୮(ସମିସ): ଭାରତ ସରକାରଙ୍କ ସାଂସ୍କୃତିକ ମନ୍ତ୍ରାଳୟ ଓ ପୂର୍ବାଞ୍ଚଳ ସାଂସ୍କୃତକ କେନ୍ଦ୍ର ଦ୍ୱାରା ଆୟୋଜିତ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଗତ ଅଗଷ୍ଟ ୨ ତାରିଖରୁ ଜଳେଶ୍ୱର ବିକାଶ ପରିଷଦର ସହଭାଗିତାରେ କାସିଡିହା ସରକାରୀ ପ୍ରାଥମିକ ବିଦ୍ୟାଳୟ, ଶାଳିକୋଠା ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟ, ସେଣ୍ଟ ଜାଭିୟର୍ କନ୍‌ଭେଣ୍ଟ ସ୍କୁଲ ଷ୍ଟେସନ ବଜାର ଏବଂ ନନ୍ଦିକା ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟରେ ମହାସମାରୋହରେ ପାଳିତ ହୋଇଛି। ଚିତ୍ରାଙ୍କନ, ରଙ୍ଗୋଲି, କୁଇଜ୍ ପ୍ରତିଯୋଗିତା, ତ୍ରିରଙ୍ଗା ପତାକା ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ଉକ୍ତ କାର୍ଯ୍ୟକ୍ରମରେ କାସିଡିହା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ ଦାସ, ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ହରେକୃଷ୍ଣ ଜେନା, ସେଣ୍ଟ ଜାଭିୟର୍ କନଭେଣ୍ଟ ସ୍କୁଲର ଅଧ୍ୟକ୍ଷ ବରୁଣ କୁମାର ଜେନା ଏବଂ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଇଯାକ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ଜଳେଶ୍ୱର ବିକାଶ ପରିଷଦର ସଭାପତି କମଳ ଚକ୍ରବର୍ତ୍ତୀ, ସମ୍ପାଦକ ମନୋରଞ୍ଜନ ଦାସ୍, କୋଷାଧକ୍ଷ ସୌଭିକ୍ କୁମାର ଜେନା, ସିଦ୍ଧେଶ୍ୱର ବେହେରା ପ୍ରମୁଖ ପରିଚାଳନା କରୁଛନ୍ତି। ଆସନ୍ତା ସ୍ୱାଧୀନତା ଦିବସରେ ନୁଆବଜାର ଠାରେ ସାମୁହିକ ପତାକା ଉତ୍ତୋଳନ ଓ ତ୍ରିରଙ୍ଗା ଶୋଭାଯାତ୍ରା ସହିତ ଉକ୍ତ କାର୍ଯ୍ୟକ୍ରମକୁ ସମାପନ କରାଯିବ।

# ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା

ଲଙ୍ଗଳେଶ୍ୱର,୮।୮(ସମିସ): ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ଅଧୀନ କଷାଫଳ ପଞ୍ଚାୟତରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସ୍ଥିତି ସମୀକ୍ଷା କରିଛନ୍ତି ସଦର ବିଧାୟକ ମାନସ କୁମାର ଦତ୍ତ। କଷାଫଳ ପଞ୍ଚାୟତ ସମୁଦ୍ର ଉପକୂଳବର୍ତ୍ତୀ ହୋଇଥିବାରୁ ପ୍ରାକୃତିକ ବିପର୍ଯ୍ୟୟସମୟରେ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଥାନ୍ତି ଅଞ୍ଚଳବାସୀ। ସେଥିପାଇଁ ପଥର ବନ୍ଧ ସମେତ ସମୁଦ୍ର ପ୍ରାଚୀର ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କ ସହିତ ବିଧାୟକ ଆଲୋଚନା କରିଥିଲେ। ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇଥିବା ବାବା ସାରଙ୍ଗ ଦେବ ପୀଠର ଉନ୍ନତିକରଣ ସାଙ୍ଗକୁ ଟୁରିଷ୍ଟ ଠାରେ ବିଭିନ୍ନ ନିର୍ମାଣାଧୀନ କାର୍ଯ୍ୟର ସମୀକ୍ଷା କରିବା ସହ ଖୁବଶୀଘ୍ର କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ବିଦ୍ୟୁତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ମାନସ ଦତ୍ତଙ୍କ ସମେତ ଜଳସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ତାପସ କୁମାର ନାୟକ, କନିଷ୍ଠ ଯନ୍ତ୍ରୀ ମହେଶ୍ୱର ସିଂ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ପ୍ରତ୍ୟୁଷ ସାହୁ, ସରପଞ୍ଚ ଜୟନ୍ତୀ ଆଦେକ, ସମିତି ସଭ୍ୟ ସସ୍ମିତା ଜେନା, ନାଏବ ସରପଞ୍ଚ ପ୍ରିୟ ରଞ୍ଜନ ପୃଷ୍ଟି, ମୁକୁନ୍ଦ ଆଦେକ, ବିଧାୟକଙ୍କ ପ୍ରତିନିଧି ଲୋକନାଥ ଭୂୟାଁ ଉପସ୍ଥିତ ଥିଲେ।

# ବାଲିଆପାଳରେ ରାକ୍ଷୀ ବଜାର ମାନ୍ଦା

କାଳିପଦା,୮।୮(ସମିସ): ଚଳିତ ବର୍ଷ ବାଲିଆପାଳ ବଜାର ସମେତ ଗ୍ରାମାଞ୍ଚଳରେ ରାକ୍ଷୀ ବଜାର ମାନ୍ଦା ଥିବା ପରିଲକ୍ଷିତ ହୋଇଛି। ବର୍ଷା ଓ କୋହଲା ପାଗ ଯୋଗୁଁ ଏପରି ହୋଇଛି ବୋଲି କୁହାଯାଇଛି। ଦୈନିକ ସିମୁଳିଆ, କାଳିପଦା, ଲଙ୍ଗଳେଶ୍ୱର, ନିଖିରା, ମାନ୍ଧାତା, ରତାଇ, ବାଲିଆପାଳ ପୁରୁଣା ବସଷ୍ଟାଣ୍ଡ ଆଦି ବଜାର ଅଞ୍ଚଳରେ ଅନେକ ରାକ୍ଷୀଷ୍ଟଲ ଖୋଲିଥିଲେ ବି ବିକ୍ରିବଟା କମ ହେଉଥିବା ବ୍ୟବସାୟୀମାନେ କହିଛନ୍ତି। ସାଧାରଣତଃ ଏଅଞ୍ଚଳର ବେକାର ଯୁବକ ଯୁବତୀ ମାନେ କିଛି ଅଧିକ ରୋଜଗାର ଆଶାରେ କଲିକତା ବଜାରରୁ ପାଇକାରୀ ମୂଲ୍ୟରେ ରାକ୍ଷୀ କିଣି ସ୍ଥାନୀୟ ଛକ ବଜାର ଓ ସାପ୍ତାହିକ ହାଟରେ ବିକ୍ରି କରିଥାନ୍ତି।

# ରାସ୍ତା ଜବରଦଖଲ ଅଭିଯୋଗ

ରାଜଘାଟ,୮।୮(ସମିସ): ବସ୍ତା ଥାନା ଅଧୀନ କୋଠାପଦା ଗ୍ରାମରେ ଇଜମାଲି ରାସ୍ତାକୁ ପଡ଼ୋଶୀ ଜବରଦଖଲ କରିଥିବାରୁ ଯାତାୟାତରେ ସମସ୍ୟା ଉପୁଜିଥିବା ନେଇ ଜୈନିକ ବୃଦ୍ଧ ଥାନା ଏବଂ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗ୍ରାମର ଜୟକୃଷ୍ଣ ସାହୁଙ୍କ ବାପା ଏବଂ ପଡ଼ୋଶୀ ଗୌରମୋହନ ସାହୁ ଓ ମଦନ କୁମାର ସାହୁଙ୍କ ବାପାଙ୍କ ଆପୋଷ ବୁଝାମଣା କ୍ରମେ ଏକ ଇଜମାଲି ରାସ୍ତାରେ ସମସ୍ତେ ଯିବାଆସିବା କରୁଥିଲେ। ମାତ୍ର କିଛି ଦିନ ହେବ ଗୌରମୋହନ ଏବଂ ମଦନ ରାସ୍ତାଟିରେ ଜୋର ଜବରଦସ୍ତ ବାଡ଼ କରିବା ସହ ଏକ ତୁଳସୀ ଚଉରା ତିଆରି କରି ରାସ୍ତାକୁ ଅବରୋଧ କରିଛନ୍ତି। ଯାତାୟାତରେ ଅସୁବିଧା ହେବାରୁ ଜୟକୃଷ୍ଣ ସେମାନଙ୍କୁ ପଚାରିବାରୁ ଦୁହେଁ ତାଙ୍କୁ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼, ଧମକ ଚମକ ଦେଉଛନ୍ତି। ଫଳରେ ଉକ୍ତ ରାସ୍ତାରୁ ଅବରୋଧକୁ ହଟାଇବା ପାଇଁ ଜୟକୃଷ୍ଣ ବସ୍ତା ଥାନା ଓ ତହସିଲରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

# ଜନ୍ମାଷ୍ଟମୀ ଉତ୍ସବ ପ୍ରସ୍ତୁତି ବୈଠକ

ଭୋଗରାଇ,୮।୮(ସମିସ): ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଞ୍ଚାୟତ ଅନ୍ତର୍ଗତ ସାନତେଘରୀ ଗ୍ରାମର ଶ୍ରୀକୃଷ୍ଣ ମୈଦାନରେ ରାଧାକୃଷ୍ଣ ଯୁବକ ସଂଘ ଦ୍ୱାରା ଆୟୋଜିତ ହେବାକୁ ଥିବା ଜନ୍ମାଷ୍ଟମୀ ଓ ଲବଣୀଖିଆ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୬ ଅଗଷ୍ଟରୁ ୨୧ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଚାଲୁରହିବ। ୧୭ ତାରିଖ ଲବଣୀ ଖିଆ ଓ ଦହିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ସହିତ, ରକ୍ତଦାନ ଶିବିର, ମେଗା ସ୍ୱାସ୍ଥ୍ୟ ଶିବିର ଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ରାଙ୍କନ ସହିତ ବହୁ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ରାଧାକୃଷ୍ଣ ଯୁବକ ସଂଘ ସଭାପତି ସୁଶାନ୍ତ ପାତ୍ର, ଉପସଭାପତି ଦେବବ୍ରତ ମୈଶାଳ, ସମ୍ପାଦକ ଝାଡେଶ୍ୱର ସାହୁ, ସହସମ୍ପାଦକ ଅଜିତ୍ ସାହୁ, କୋଷାଧ୍ୟକ୍ଷ ଅଜିତ ପାତ୍ର, ଚନ୍ଦନ ସାହୁ, ଉପଦେଷ୍ଟା ଦୀପକ ପାତ୍ର, ତାରାପଦ ପାତ୍ର, ରଣଜିତ୍ ପାତ୍ର, ଶମ୍ଭୁନାଥ ସାହୁ, ନକୁଳ ସାହୁ, ମନ୍ମଥ ଦାସମହାପାତ୍ର, ସାମ୍ବାଦିକ ସଂଯୋଜକ ସୁରେଶ ପାତ୍ର, ଗୋବିନ୍ଦ ପାତ୍ର, ସଦସ୍ୟ ଆଲୋକ ପାତ୍ର, ରାକେଶ ପାତ୍ର, ସୁମନ୍ତ ପାତ୍ର, ବିପୁଲ ଗିରି, ଚନ୍ଦନ ସାହୁ ପ୍ରମୁଖ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସୂଚନା ଦେଇଥିଲେ।

# ଅଙ୍ଗନବାଡ଼ି କେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ

ଚନ୍ଦନେଶ୍ୱର,୮।୮(ସମିସ): ଭୋଗରାଇ ବ୍ଲକ ନାରାୟଣ ମହାନ୍ତି ପଡ଼ିଆ ପଞ୍ଚାୟତ ସେହି ଗ୍ରାମର ଅଙ୍ଗନବାଡି (ଖ) କେନ୍ଦ୍ରର ନୂତନ ଗୃହ ଉଦଘାଟନ ହୋଇଯାଇଛି। ନାରାୟଣ ମହାନ୍ତି ପଡିଆ ପଞ୍ଚାୟତର ସରପଞ୍ଚ ରାଧାରାଣୀ ବେହେରା ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଭୋଗରାଇ ସିଡିପିଓ ପବିତ୍ର ହାଜିରା, ସମ୍ମାନିତ ଅତିଥି ଭାବେ ନାରାୟଣ ମହାନ୍ତି ପଡିଆ ପଞ୍ଚାୟତର ସଦସ୍ୟ ବିଶ୍ୱନାଥ ଗିରି, ସୁପର ଭାଇଜର କନକଲତା ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସୁବର୍ଣ୍ଣରେଖା ସେବା ସମବାୟ ସମିତିର ସଭାପତି ନନ୍ଦଦୁଲାଲ ବେଜ, ରବୀନ୍ଦ୍ର ପରିଡା, ଭୁବନ ପ୍ରମାଣିକ, ଗୋପାଳ ଚନ୍ଦ୍ର ଗିରି, ଅଙ୍ଗନବାଡ଼ି କର୍ମୀ ମଞ୍ଜୁରାଣୀ ପରିଡା, ସହାୟିକା ଦୁର୍ଗାମଣୀ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଗୁହାଲିଆ ଗ୍ରାମରେ ହାତୀସଭା କାର୍ଯ୍ୟକ୍ରମ

ନୀଳଗିରି,୮।୮(ସମିସ)



ହାତୀ ଏବଂ ମଣିଷର ସମ୍ପର୍କ ସନାତନୀ ଭଗବତ ସମ୍ପର୍କ। ଗୁରୁବାର ମାଣବସା ହେଉ ଅବା ପ୍ରତ୍ୟେକ ଧର୍ମୀୟ କାର୍ଯ୍ୟରେ ହାତୀକୁ ହିନ୍ଦୁ ପରମ୍ପରାରେ ଅଗ୍ରାଧିକାର ଦିଆଯାଇଛି। ମାତ୍ର ଜଙ୍ଗଲି ହାତୀ ଏବେ ଅସୁରକ୍ଷିତ। ଅଧିକାଂଶ ସମୟରେ ହାତୀ ମଣିଷର ଲଢେଇରେ କେତେବେଳେ ହାତୀ ମରୁଛି ତ କେତେବେଳେ ମଣିଷର ଜୀବନ ଯାଉଛି। ସବୁରି ମୂଳରେ ଜଙ୍ଗଲ ଧ୍ୱଂସ ହେବା ଏବଂ ଦିନକୁ ୫କ୍ୱିଣ୍ଟାଲ ଖାଦ୍ୟ ଗ୍ରହଣ କରୁଥିବା ଏକ ପ୍ରାପ୍ତବୟସ୍କ ହାତୀ ଖାଦ୍ୟ ନ ପାଇ ଜନବସତି ମୁହାଁ ହୋଇଥିବାର ପ୍ରାରମ୍ଭିକ ସୂଚନା ଦେଇଥିଲେ ବିକାଶ ସାଥୀ ସଂଗଠନର ସଂସ୍ଥାପକ ଡ. ବିଶ୍ୱଜିତ ପଣ୍ଡା। ଔପଦା ବ୍ଲକ୍ ବାଉଁଶବଣିଆ ପଞ୍ଚାୟତ ଗୁହାଳିଆ ଗ୍ରାମର ଦେବଗିରି ପାହାଡ଼ ପାଦଦେଶରେ ଅବସ୍ଥିତ ଖରାଖାଇ ପଡିଆରେ ଗୁରୁବାର ବିକାଶସାଥୀ ସଂଗଠନ, ଏଏସ୍‌ଡିର ମିଳିତ ସହଯୋଗରେ ଆୟୋଜିତ ସଂସ୍ଥାର ପ୍ରଥମ ହାତୀସଭା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଦୈନିକ ଖବରକାଗଜ ଧରିତ୍ରୀର ସମ୍ପାଦକ ତଥାଗତ ସତପଥୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉକ୍ତ ଅଞ୍ଚଳର ହାତୀ ଜନିତ ସମସ୍ୟା ଓ ଏହାର ନିରାକରଣ ଉପରେ ସ୍ଥାନୀୟ ବାସିନ୍ଦାଙ୍କ ସହିତ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ଶତପଥୀ ଲୋକଙ୍କ ସମସ୍ୟା ଶୁଣିବା ସହିତ ହାତୀ ଦାଉରୁ ରକ୍ଷାପାଇଁ ମହୁଚାଷ କରିବା ସହିତ ଗନ୍ଧଯୁକ୍ତ ଲଙ୍କା ଚାଷ ଏବଂ ଲଙ୍କା ଧୂଆଁ ଦେଲେ ହାତୀ ପଳାୟନ କରିଥାନ୍ତି ଯାହା ଦେଶର ହାତୀପ୍ରବଣ ଆସାମ, ପଶ୍ଚିମବଙ୍ଗ, ଆନ୍ଧ୍ର ଆଦି ପ୍ରଦେଶରେ କାର୍ଯ୍ୟକାରୀ କରି ସଫଳ ହୋଇଥିବା ଉଦାହରଣ ଦେଇଥିଲେ। ସ୍ଥାନୀୟବାସିନ୍ଦାଙ୍କ ଅଭିଯୋଗ ଅନୁସାରେ ପାହାଡ଼ ପାଦଦେଶ ଅଞ୍ଚଳରେ ସୌରବାଡ ନିର୍ମାଣ କରାଗଲେ ସ୍ଥାୟୀ ପ୍ରତିକାର କରିହେବ ବୋଲି ମତବ୍ୟକ୍ତ କରିଥିଲେ। ବିକାଶ ସାଥିର ସଂସ୍ଥାପକ ଡ. ପଣ୍ଡା ଏହି ହାତୀସଭା କାର୍ଯ୍ୟକ୍ରମ ଓଡ଼ିଶାର ୧୦ଜିଲ୍ଲାରେ ଚାଲୁଥିବା ବେଳେ ୧୩ଟି ଡିଭିଜନରେ କାର୍ଯ୍ୟକାରୀ ହେଉଥିବା ସୂଚନା ଦେଇଥିଲେ। ଏହି ସଭାରେ ସଂସ୍ଥାର ସହ ସଂସ୍ଥାପକ ମନୋରଞ୍ଜନ ଦାସ, ସାଇପ୍ରୀୟା ନାୟକ, ତୁଷାର ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ନୀଳମାଧବ ବାରିକ, ମୁକ୍ତିକାନ୍ତ ବାରିକ, ଗଣେଶ ବାରିକ, ସୁରେନ୍ଦ୍ର ମହାପାତ୍ର, ଜୟନ୍ତୀ ବେହେରା, ଗୀତାଞ୍ଜଳି ବେହେରା, ବାସନ୍ତୀ ବାରିକ, ବସୁମତୀ ବେହେରା, ସନାତନ ଦାସ, ଯୋଗେଶ୍ୱର ନାୟକ ବେଣୁଧର ସ, ଭାସ୍କର ବାରିକ ପ୍ରମୁଖ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ବଡ଼ ସ୍ୱପ୍ନ, କଠିନ ପରିଶ୍ରମ, ବିନୟୀ, ସକାରାତ୍ମକ ଲୋକଙ୍କ ଗହଣ ହିଁ ସଫଳତାର ମନ୍ତ୍ର ।
-ସୁନିତା ୱିଲିୟମସ୍

## ସନ୍ଧିକ୍ଷଣରେ ଭାରତ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ଉତ୍ପାଦ ଉପରେ ପ୍ରଥମ ଦଫାରେ ୨୫% ଶୁଳ୍କ ଲାଗୁ କରିଥିବା ବେଳେ ଦ୍ୱିତୀୟ ଦଫାରେ ଆଉ ୨୫% ଏପରି ୫୦% ଶୁଳ୍କ ଲାଗୁ କରିଛନ୍ତି । ଏହିକ୍ରମରେ ବିଶ୍ୱ ବାଣିଜ୍ୟରେ ଆମେରିକା ଦ୍ୱାରା ସର୍ବାଧିକ ଶୁଳ୍କ ଧାର୍ଯ୍ୟ କରାଯାଇଥିବା ରାଷ୍ଟ୍ର ଭାବେ ଭାରତ ଏକ ଅଲୋଡ଼ା ରେକର୍ଡ ସୃଷ୍ଟି କରିଛି । ଭାରତ ଉପରେ ଶୁଳ୍କ ପ୍ରହାର ପଛରେ ଟ୍ରମ୍ପ ଦୁଇଟି କାରଣ ଦର୍ଶାଇଛନ୍ତି । ପ୍ରଥମତଃ, ରୁଷରୁ ତୈଳ ଆମଦାନୀ ଏବଂ ଦ୍ୱିତୀୟତଃ, ଆମେରିକୀୟ କୃଷି ଉତ୍ପାଦ ପାଇଁ ଭାରତୀୟ ବଜାରରେ କଟକଣା । ଭାରତ ଏହି ଦୁଇଟିରେ କୋହଳ ନୀତି ନ ଆପଣେଇଲେ ଭବିଷ୍ୟତରେ ଆହୁରି ଅଧିକ ଶୁଳ୍କ ଧାର୍ଯ୍ୟ କରାଯିବ ବୋଲି ଟ୍ରମ୍ପ ଧମକ ଦେଇଛନ୍ତି । ହୁଏତ ଚପଳମତି ଟ୍ରମ୍ପ ଶୁଳ୍କ ନୀତିକୁ ପ୍ରତ୍ୟାହାର କରିପାରନ୍ତି, ଯାହା ଦ୍ୱିପାକ୍ଷିକ ଆଲୋଚନା ଏବଂ ଭାରତର କୂଟନୈତିକ ବିଚକ୍ଷଣତା ଉପରେ ନିର୍ଭର କରୁଛି । ଯଦି ଟ୍ରମ୍ପଙ୍କ ସାମ୍ପ୍ରତିକ ଶୁଳ୍କ ନୀତି ବଳବତ୍ତର ରହେ ତେବେ ଭାରତୀୟ ଅର୍ଥନୀତି ପ୍ରଭୂତ କ୍ଷତି ସହିବ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଇଛନ୍ତି । ଭାରତୀୟ ଅଭିବୃଦ୍ଧି ହାର ୦.୬% ହ୍ରାସ ପାଇବ ବୋଲି ଗୋଲ୍ଡମ୍ୟାନ୍ ସାଚେଟ୍ ଆକଳନ କରିଛି ।

ଆକଳନ ସଂଖ୍ୟାରେ ଫରକ୍ ରହିଲେ ମଧ୍ୟ ଭାରତୀୟ ଅର୍ଥନୀତି ଯେ ପ୍ରଭାବିତ ହେବ ତାହା ନିଶ୍ଚିତ । ଏଥିସହିତ ବିଶ୍ୱରେ ତୃତୀୟ ବୃହତ୍ ଅର୍ଥନୀତି ହେବାର ସ୍ୱପ୍ନ ମଧ୍ୟ ମଉଳି ଯିବ, ଯାହାର ପ୍ରଭାବ ବିଶ୍ୱରେ ଭାରତର ସ୍ଥିତି, ସାମର୍ଥ୍ୟ, ଗୁରୁତ୍ୱ ଓ ମର୍ଯ୍ୟାଦାକୁ ହାନିପହଞ୍ଚାଇବ । ଏହାଦ୍ୱାରା ମଧ୍ୟ ବିଶ୍ୱରେ ଭାରତର କୂଟନୈତିକ ପ୍ରଭାବ କେତେକାଂଶରେ ହ୍ରାସ ପାଇ ଏସିଆର ଭୂରାନୈତିକ ସମୀକରଣକୁ ଓଲଟପାଲଟ କରିଦେବ ବୋଲି ଏବେଠାରୁ ଅନୁମାନ କରାଗଲାଣି । ଆମେରିକା ବଜାରରେ ଭାରତର ସ୍ଥାନ ଅବିଳମ୍ବେ ପୂରଣ ପାଇଁ ଚୀନ ଆଦୌ ଅବହେଳା କରିବ ନାହିଁ । ଅପରପକ୍ଷରେ ଭାରତ-ଆମେରିକା ଦୂରତ୍ୱ ବଢ଼ିଲେ ତାହାର ଫାଇଦା ପାକିସ୍ତାନ ଉଠାଇବା ଅସମ୍ଭବ ନୁହେଁ । ତେଣୁ ଭାରତ ପାଇଁ କୂଟନୈତିକ ସ୍ତରରେ ୧୯୬୦ ଦଶକର ସ୍ଥିତିର ପୁନରାବୃତ୍ତି ହେବାକୁ ଯାଉଛି ବୋଲି କହିଲେ ଭୁଲ୍ ହେବ ନାହିଁ । ସେତେବେଳେ ହିନ୍ଦୀ-ଚୀନୀ ଭାଇ ଭାଇ ନାରା ଦେଇ ଚୀନ୍ ଭାରତ ଉପରେ ଆକ୍ରମଣ କରିଥିଲା ଏବଂ ଏବେ ଟ୍ରମ୍ପ ଭାରତକୁ ବନ୍ଧୁ ବୋଲି ସମ୍ବୋଧନ କରି ଦାଉ ସାଧୁଛନ୍ତି । ସେତେବେଳର ଗୁଳିଗୋଳା ଆକ୍ରମଣ ଏବେ କେବଳ ଯାହା ବାଣିଜ୍ୟ ଶୁଳ୍କରେ ରୂପାନ୍ତରିତ ହୋଇଛି ।

ଭାରତ ଏବେ ଏଭଳି ଏକ ସନ୍ଧିକ୍ଷଣରେ ଉପନୀତ, ଯେଉଁଠି ଆଭ୍ୟନ୍ତରୀଣ ସ୍ୱାର୍ଥର ସୁରକ୍ଷା ଏବଂ ଆନ୍ତର୍ଜାତିକ ସମ୍ପର୍କ - ଏ ଦୁଇଟି ମଧ୍ୟରୁ ଗୋଟିକୁ ବାଛିବାକୁ ପଡ଼ିବ । ଯଦି ଆମେରିକାର ସର୍ତ୍ତରେ ଭାରତ ରାଜି ହୁଏ ତେବେ ବାଣିଜ୍ୟ ଅର୍ଥନୀତିରେ ସୁଧାର ଆସିବ ସତ, କିନ୍ତୁ ଦେଶର ଗରିବ କୃଷକ, ମତ୍ସ୍ୟଜୀବୀ, ଖାଉଟିଙ୍କ ସ୍ୱାର୍ଥ ବଳି ପଡ଼ିବ । ଯଦି ଦେଶବାସୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବାକୁ ଭାରତ ସରକାର ବଦ୍ଧ ପରିକର ହୁଅନ୍ତି ତେବେ ଆମେରିକା ଅପମାନିତ ହୋଇ ଆହୁରି ଅଧିକ ଦାଉ ସାଧିବ । ଏପରିକି ଏବେ ରୁଷ ଓ ଇରାନ୍ ଉପରେ ଯେଭଳି କଟକଣା ଲାଗୁ ହୋଇଛି ସେଭଳି କଟକଣା ଭାରତ ଉପରେ ଲାଗୁ ହେବା ବିଚିତ୍ର ନୁହେଁ । ରୁଷ୍ ଓ ଇରାନ୍ ସେମାନଙ୍କର ଆର୍ଥିକ, ରାଜନୈତିକ, ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ଆମେରିକା କଟକଣା ଝଡ଼କୁ ସମ୍ଭାଳି ନେବାର କ୍ଷମତା ରଖିଛନ୍ତି । କିନ୍ତୁ ଆମେରିକୀୟ କଟକଣା ଲାଗିଲେ ଭାରତର ବିକାଶ ପଛକୁ ଚାଲିଯିବ । ଭାରତ ଏବେ କୃଷି ଓ ଅର୍ଥନୀତିରେ ସ୍ୱାବଲମ୍ବନଶୀଳ ହୋଇସାରିଥିବାରୁ ସେ ଦିଗରେ ବିଶେଷ କ୍ଷତିଗ୍ରସ୍ତ ହେବ ନାହିଁ । କିନ୍ତୁ ସେମିକଣ୍ଡକ୍ଟର, ଏଆଇ, କ୍ୱାଣ୍ଟମ୍ କମ୍ପ୍ୟୁଟିଂ ପରି କ୍ଷେତ୍ରରେ ଗୁରୁତର ପ୍ରଭାବିତ ହେବ । ଭାରତ ମୁଖ୍ୟତଃ ସେବା ଓ ବୈଷୟିକ ଜ୍ଞାନକୌଶଳକୁ ପାଥେୟ କରି ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହେବାର ଯୋଜନା କରିଥିବାରୁ ଉପରୋକ୍ତ କ୍ଷେତ୍ର ପ୍ରଭାବିତ ହେଲେ ଭାରତର ବିକାଶ ଓ ଅର୍ଥନୀତି ନିମ୍ନଗାମୀ ହେବା ସୁନିଶ୍ଚିତ ।

ଏଭଳି ଏକ ସନ୍ଧିକ୍ଷଣରେ ଭାରତ କ'ଣ କରିବା ଉଚିତ ଓ ଅନୁଚିତ ସେ ସମ୍ପର୍କରେ ବିଶେଷଜ୍ଞମାନେ ପରାମର୍ଶ ଓ ମତାମତ ଦେଉଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଆମେରିକାର ଚାପ ଆଗରେ ଭାରତ ନଇଁବ ନାହିଁ ଏବଂ ଭାରତୀୟ କୃଷି ଓ କୃଷକଙ୍କ ସ୍ୱାର୍ଥର ସୁରକ୍ଷାକୁ ଅଗ୍ରାଧିକାର ଦିଆଯିବ ବୋଲି ଦୃଢ଼ୋକ୍ତି କରିଛନ୍ତି । ଏହି ପୃଷ୍ଠଭୂମିରେ ଭାରତ ପାଇଁ ଏକମାତ୍ର ଭରସା ହେଉଛି 'ବ୍ରିକ୍ସ' । ଇତିମଧ୍ୟରେ ରୁଷ୍ ଓ ଚୀନ୍ ଆମେରିକାର ଭାରତବିରୋଧୀ ବାଣିଜ୍ୟ ଆଭିମୁଖ୍ୟକୁ ନିନ୍ଦା କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀମୋଦୀ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମାର ପୁଟିନ୍‌ଙ୍କ ସହିତ କଥାବାର୍ତ୍ତା କରିଛନ୍ତି । ପୁଟିନ୍ ଚଳିତ ବର୍ଷ ଶେଷ ଭାଗରେ ଭାରତ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ଆଗାମୀ 'ଏସ୍‌ସିଓ' ବୈଠକରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ଓ ରଣନୀତି ପ୍ରସ୍ତୁତ ହେବ ବୋଲି ଆଶା । ବିଶେଷକରି 'ବ୍ରିକ୍ସ'ର କାୟାବିସ୍ତାର ହେବାର ସମ୍ଭାବନା ଉଜ୍ଜ୍ୱଳ ହେଉଥିବାରୁ ସଦସ୍ୟ ରାଷ୍ଟ୍ରଙ୍କ ସହଯୋଗ ବୃଢ଼ ରହିଲେ ଭାରତ ଆମେରିକା ଶୁଳ୍କ ଝଡ଼କୁ ସଫଳତାର ସହ ମୁକାବିଲା କରିପାରିବ । କିନ୍ତୁ ଯୁଦ୍ଧରେ ଲିପ୍ତ ରୁଷ୍ ଭାରତକୁ କେବଳ ରିହାତି ତୈଳ ଦେବା ଛଡ଼ା ଅନ୍ୟ କ୍ଷେତ୍ରରେ କେତେ ସହାୟତା କରିପାରିବ ତାହାକୁ ନେଇ ପ୍ରଶ୍ନ ଉଠୁଛି । ଦକ୍ଷିଣ ଆଫ୍ରିକା ଓ ବ୍ରାଜିଲ୍‌ର ଆମେରିକାର ନାଲିଆଖିକୁ ମୁକାବିଲା ଶକ୍ତି ଉପରେ ଭରସା କରିହେବ ନାହିଁ । ଯଦି ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଚୀନ୍ ମନରେ ଭାରତକୁ ଅର୍ଥନୀତିର ଦୌଡ଼ରେ ବହୁପଛରେ ଛାଡ଼ିବା ଚିନ୍ତା ଆସେ ତେବେ 'ବ୍ରିକ୍ସ' ନୀତି ଓ ସଂକଳ୍ପ ସମାନ୍ତରାଳରେ ଚୀନ୍ ଆମେରିକା ସହିତ ସାଲିସ୍ କରିବା ବିଚିତ୍ର ନୁହେଁ । ଯେଭଳି ଭାବେ ଜାପାନ୍, ୟୁରୋପ, ୟୁକେ, ଦକ୍ଷିଣ କୋରିଆ, ପାକିସ୍ତାନ, ଭିଏତ୍‌ନାମ ଆଦି ବୃହତ୍ ଓ କ୍ଷୁଦ୍ର ଅର୍ଥନୀତି ଦେଶମାନେ ଆମେରିକା ପାଖରେ ନିଜ ଦେଶର ସ୍ୱାର୍ଥ ପାଇଁ ଏକପ୍ରକାର ଆତ୍ମସମର୍ପଣ କରିବା ଭଳି ବାଣିଜ୍ୟ ଚୁକ୍ତି କରିଛନ୍ତି ସେହି ପୃଷ୍ଠଭୂମିରେ ଭାରତ ଏତେ ଶୀଘ୍ର ଭରସାଯୋଗ୍ୟ ବାଣିଜ୍ୟ-ବନ୍ଧୁ ପାଇବା କଷ୍ଟକର ।

ଟ୍ରମ୍ପଙ୍କ ଶୁଳ୍କ ପ୍ରହାର କେବଳ ଭାରତୀୟ ବାଣିଜ୍ୟ ଓ ଅର୍ଥନୀତି ଉପରେ ନୁହେଁ, ବରଂ ରାଜନୀତିକୁ ମଧ୍ୟ ପ୍ରଭାବିତ କରିବାକୁ ଯାଉଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି । ଯଦି ଆମେରିକା ସହିତ ଭାରତ ସରକାର ସାଲିସ୍ କରନ୍ତି ତେବେ ତାହା ଦେଶ ଓ ଦେଶବାସୀଙ୍କ ସ୍ୱାର୍ଥର ପରିପନ୍ଥୀ ହେବ ବୋଲି ବ୍ୟାଖ୍ୟାନ ସୃଷ୍ଟି ହେବ । ଅପରପକ୍ଷରେ ଯଦି ଆମେରିକା ଅଧିକ ଦାଉ ସାଧେ ତେବେ ସରକାରଙ୍କ କୂଟନୀତିକୁ ନେଇ ପ୍ରଶ୍ନ ଉଠିବ । ତେଣୁ ଆମେରିକା ଭାରତର ଅର୍ଥନୀତି, ରାଜନୀତି ଓ କୂଟନୀତି ଉପରେ ପ୍ରହାର କରିବା ପାଇଁ ସୁଚିନ୍ତିତ ଯୋଜନାରେ ଶୁଳ୍କ ଭଳି ଅସ୍ତ୍ରକୁ ବାଛିଛି, ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ । ତେଣୁ ଆଗକୁ ଭାରତ ଯେଉଁ ପଥୁରିତ ଓ କଣ୍ଟକିତ ରାସ୍ତାରେ ଚାଲିବାକୁ ଯାଉଛି, ତାକୁ କିପରି ସାବଲୀଳକ୍ରମେ ଅତିକ୍ରମ କରିବା କିମ୍ବା ଏଡ଼ାଇ ଯାଇ ବିକଳ୍ପ ରାସ୍ତା ଆବିଷ୍କାର କରିପାରିବ ତାହା ଉପରେ ଭାରତର ଭବିଷ୍ୟତ ନିର୍ଭର କରୁଛି ।

# କାହିଁକି ହେଉଛି ଆତ୍ମାହୁତିର ଅନୁକରଣ ?

**ଡକ୍ଟର ଅବଶ ପରିଡ଼ା**

ଏଫ୍ଏମ୍ କଲେଜ ଛାତ୍ରୀ ଆତ୍ମାହୁତିର ଦୁଃଖଦ ଘଟଣା ପରେ ଓଡ଼ିଶାର ଆଉ କିଛି ସ୍ଥାନରେ ଆତ୍ମାହୁତି ବା ଆତ୍ମହତ୍ୟା ଉଦ୍ୟମ ଦେଖିବାକୁ ଓ ଶୁଣିବାକୁ ମିଳିଛି । ଏହିସବୁ ଆତ୍ମହତ୍ୟା ପାଇଁ ସରକାରୀ, ଅଣସରକାରୀ, ରାଜନୈତିକ, ସ୍ଥାନୀୟ ଓ ସାମାଜିକ ସ୍ତରରେ ଅନେକ କାରଣ ଦର୍ଶାଯାଇଛି । ବିଳମ୍ବିତ ନ୍ୟାୟ, ଆଇନର ଦୁର୍ବଳ ରୂପାୟନ, ସାଙ୍ଗସାଥୀଙ୍କ ଚାପ, ମାନସିକ ଦୁର୍ବଳତା ଓ ଅବସାଦ, ଉପଯୁକ୍ତ ପରାମର୍ଶର ଅଭାବ ଇତ୍ୟାଦିକୁ ଆତ୍ମହତ୍ୟା ପଛର କାରଣ ଭାବେ ବର୍ତ୍ତମାନ ପର୍ଯ୍ୟନ୍ତ ବର୍ଣ୍ଣିତ । ସାମାଜିକ ମହାମାରୀ ରୂପେ କାୟା ବିସ୍ତାର କରୁଥିବା ଆତ୍ମତ୍ୟାର ପ୍ରାୟ ସମସ୍ତ ଦିଗକୁ ନେଇ ଅସଂଖ୍ୟ ପ୍ରବନ୍ଧ, ପ୍ରକାଶନ ଓ ଗବେଷଣା କରାଯାଇଛି । ତେଣୁ ଆଜିର ବିଶ୍ଳେଷଣ ଆତ୍ମହତ୍ୟାର କାରଣ ଓ ନିରାକାରଣ ନୁହେଁ, ବରଂ ଏକ ଅଣୁବୀକ୍ଷଣିକ ବିନ୍ଦୁ ଉପରେ ଆଧାରିତ । ତାହା ହେଉଛି 'ପୀଡ଼ିତ/ ପୀଡ଼ିତାମାନେ ଆତ୍ମହତ୍ୟା ପାଇଁ କାହିଁକି ଆତ୍ମାହୁତି ଭଳି ସମାନ ପ୍ରକ୍ରିୟା ବାଛିଲେ?'

ଅନୁକରଣୀୟ ଆତ୍ମହତ୍ୟାରେ ଦୁଇଟି ଦିଗ ଅଛି । ପ୍ରଥମ, ଆତ୍ମହତ୍ୟା ଯେଉଁଠି ପରିଣାମ ଘାତକ ଏବଂ ବ୍ୟକ୍ତିର ମୃତ୍ୟୁ ସୁନିଶ୍ଚିତ । ଅନ୍ୟଟି ହେଉଛି ପେରା-ଆତ୍ମହତ୍ୟା, ଯେଉଁଠାରେ ବ୍ୟକ୍ତି ମରିବାକୁ ଚାହେଁନାହିଁ, କିନ୍ତୁ ଜାଣିଶୁଣି ହିସାବ କରି ନିଜକୁ କ୍ଷତି ପହଞ୍ଚାଇଥାଏ କିମ୍ବା ସମ୍ଭାବ୍ୟ ଘାତକ ଆଚରଣରେ ଲିପ୍ତ ହୁଏ । ଏହା ପ୍ରାୟତଃ ସାହାଯ୍ୟ ପାଇଁ ଚିତ୍କାର, ସମସ୍ୟା ମୁକାବିଲା କରିବାର ଏକ ପଦ୍ଧତି କିମ୍ବା ମାନସିକ ଯନ୍ତ୍ରଣା ପ୍ରକାଶ କରିବାର ଏକ ମାଧ୍ୟମ । କିନ୍ତୁ ଅନେକ ସମୟରେ ନିଜ ଭୁଲ ପାଇଁ ପୀଡ଼ିତଙ୍କ ଅନିଚ୍ଛାକୃତ ମୃତ୍ୟୁ ହୋଇଯାଏ । ସମାଜଶାସ୍ତ୍ରୀଙ୍କ ମତରେ ମୌଖିକ ଯୋଗାଯୋଗ ବିଫଳତା ହିଁ ପେରା-ଆତ୍ମହତ୍ୟାର ଉତ୍ପତ୍ତି । ଏକ ରିପୋର୍ଟ ଅନୁଯାୟୀ ୬୦% ରୁ ଅଧିକ କିଶୋରୀ ଓ ଛାତ୍ରୀ ପେରା-ଆତ୍ମହତ୍ୟାର ଶିକାର ।

କୁହାଯାଏ 'ସମାଜ ଅନୁକରଣ ଉପରେ ଆଧାରିତ ଏବଂ ଅନୁକରଣ ହେଉଛି ଏକପ୍ରକାରର ସାମାଜିକ ସଂକ୍ରମଣ ।' ଏଠାରେ ଏକ ଉଦାହରଣ ନେବା । ମାଇକ୍ରୋନେସିଆ ଏକ ଦ୍ୱୀପପୁଞ୍ଜର ଦେଶ । ଊଣେଇଶ ଅଶୀଦଶକରେ ଦୁନିଆର ଅନ୍ୟଦେଶମାନଙ୍କ ଅପେକ୍ଷା ମାଇକ୍ରୋନେସିଆରେ ମୁଣ୍ଡପିଛା ଆତ୍ମହତ୍ୟାର ସଂଖ୍ୟା ସାତଗୁଣ ବୃଦ୍ଧି ପାଇଥିଲା । ସମସ୍ତ ପୀଡ଼ିତ ଓ ମୃତକ ଥିଲେ କିଶୋର ବର୍ଗର । ଛୋଟଛୋଟ କଥାରେ, ଯେମିତିକି ବାପାଙ୍କ ଗାଳି ସହି ନ ପାରି କିମ୍ବା ପକେଟ ଖର୍ଚ୍ଚ ପାଇଁ ଅତିରିକ୍ତ ଟଙ୍କା ନମିଳିବାରୁ କିଶୋରମାନେ ଆତ୍ମହତ୍ୟା କରୁଥିଲେ । ଏ ଘଟଣାସବୁ ଯେତିକି ବିଚିତ୍ର ଓ ଅସାମାନ୍ୟ ଲାଗୁଥିଲେ, ତା'ଠାରୁ ଅଧିକ ଆଶ୍ଚର୍ଯ୍ୟ କରୁଥିଲା ସେସବୁ ଆତ୍ମହତ୍ୟାର ଉପାୟ ଓ ପ୍ରଣାଳୀ । କାରଣ ସମସ୍ତ ଆତ୍ମହତ୍ୟାର ଢାଞ୍ଚା ଓ 'ସୁଇସାଇଡ ନୋଟ' ଅପାତତଃ ସମାନ ଥିଲା । ମାଇକ୍ରୋନେସିଆର ଆତ୍ମହତ୍ୟାର ଘଟଣା ଥିଲା ଆତ୍ମବିନାଶର ଏକ ସଂକ୍ରାମକ ମହାମାରୀ । ସେଠାରେ ଆତ୍ମବିନାଶ କିଶୋରଙ୍କ ପାଇଁ ସାଜିଥିଲା ଆତ୍ମପ୍ରକାଶର ଏକ ମାଧ୍ୟମ । ଏହି ଅଘଟଣଗୁଡ଼ିକର ଉତ୍ତରରେ ସମାଜଶାସ୍ତ୍ରୀ ଡାଭିଡ ଫିଲିପ୍ସ ମତ ରଖନ୍ତି ଯେ ଆତ୍ମହତ୍ୟା କାହାଣୀ ଏକପ୍ରକାର ପ୍ରାକୃତିକ ବିଜ୍ଞାପନ, ଯାହା ଏକ ନିର୍ଦ୍ଦିଷ୍ଟ ସମସ୍ୟାର ନିର୍ଦ୍ଦିଷ୍ଟ ପ୍ରତିକ୍ରିୟା ବୋଲି ବିବେଚନା କରଯାଏ ଏବଂ ଏହାକୁ ଅନୁକରଣ କରଯାଏ । ଏହା ପ୍ରତୀକାତ୍ମକ ପାରସ୍ପରିକ କ୍ରିୟାର ତତ୍ତ୍ୱ ଉପରେ ପର୍ଯ୍ୟବସିତ । ସରଳରେ କହିବାକୁ ଗଲେ ଆତ୍ମହତ୍ୟାକୁ କିଛି ସକାରାତ୍ମକ ଓ ନକାରାତ୍ମକ ସାମାଜିକ ବ୍ୟାଖ୍ୟା ମିଳେ ଏବଂ ସାଧାରଣ ବ୍ୟକ୍ତି ଏହାକୁ ବିଭିନ୍ନ ଅର୍ଥରେ ପ୍ରୟୋଗ କରନ୍ତି । ଆତ୍ମହତ୍ୟା ପଳାତକର କାର୍ଯ୍ୟ, ବିଦ୍ରୋହର ଭାଷା, ଏହା ହେଉଛି ଦୁର୍ବଳର ଶେଷ ନିଷ୍ପତ୍ତି, ଅବହେଳିତ ସ୍ୱର ଶୁଣିବା ପାଇଁ ଏକ ବାଟ ଏବଂ ଆତ୍ମହତ୍ୟା ସମସ୍ତ ସମାଧାନର ଏକ ରୂପ ଇତ୍ୟାଦି ହେଉଛି କିଛି ସାମାଜିକ ବ୍ୟାଖ୍ୟା । ଅନ୍ୟପଟେ ଦୁର୍ବଳ ମାନସିକତା ଓ ଦୁର୍ବଳ ସାମାଜିକ ବନ୍ଧନ ଥିବା ବ୍ୟକ୍ତିବିଶେଷ ପାଇଁ ଏହା ହୋଇଯାଏ ଏକ ସାଙ୍କେତିକ ଅର୍ଥ । ଦୁର୍ଭାଗ୍ୟବଶତଃ ପରବର୍ତ୍ତୀ ସମୟରେ ଏହି ଭୁଲ ବ୍ୟାଖ୍ୟାର ସାମାଜିକ ଅନୁକରଣ ହୋଇଥାଏ । ଉଦାହରଣ ସ୍ୱରୂପ, ଦିଲ୍ଲୀ ମେଟ୍ରୋ ଷ୍ଟେସନରେ ଆତ୍ମହତ୍ୟାର ସମାନ ସ୍ଥାନ ଓ ସମାନ ପଦ୍ଧତି ବାରମ୍ବାର ବ୍ୟବହୃତ ହେଉଛି । ଏହାର ଦୁଇଟି କାରଣ ହେଉଛି ମିଡିଆରେ ଦୃଶ୍ୟମାନତା ଓ ପ୍ରତୀକାତ୍ମକ ଚିହ୍ନଟକରଣ ।

ରାଜସ୍ଥାନର କୋଟାରେ ପ୍ରତିବର୍ଷ ଘଟୁଥିବା ଅନୁକରଣୀୟ ଆତ୍ମହତ୍ୟା ଦେଶ ପାଇଁ ଏକ ଚିନ୍ତାର ବିଷୟ । ସୂଚନାଅନୁଯାୟୀ ଘଟିଥିବା ସମସ୍ତ ଆତ୍ମହତ୍ୟାର ସୁଇସାଇଡ ନୋଟ ଏବଂ ଆତ୍ମହତ୍ୟାର ଧାରା (ପ୍ୟାଟର୍ନ) ରେ ପ୍ରାୟତଃ ସାମଞ୍ଜସ୍ୟତା ଅଛି । 'ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ୍'ର ଏକ ସାମାଜିକ -ମନସ୍ତାତ୍ତ୍ୱିକ ଗବେଷଣାରେ ଉଲ୍ଲେଖ କରାଯାଇଛି ଯେ 'ଗୋଟିଏ ଆତ୍ମହତ୍ୟା ଅନ୍ୟ ଏକ ଆତ୍ମହତ୍ୟାକୁ ପ୍ରେରିତ କରିଥାଏ ।' କୋଟା ଆତ୍ମହତ୍ୟା ମାମଲା ହେଉଛି ଶିକ୍ଷାଗତ ଚାପ ଏବଂ ପୂର୍ବ ମାମଲାଗୁଡ଼ିକର ଅନୁକରଣ । ସମାଜଶାସ୍ତ୍ରୀଙ୍କ ମତରେ ଏହା ଆଚରଣ ମଡେଲିଂ ବା ଏକପ୍ରକାରର ସାମାଜିକ ଶିକ୍ଷଣ । ସେହିପରି ୨୦୧୭ ମସିହାରେ ତାମିଲନାଡୁର ୧୭ ବର୍ଷୀୟା ଅନିତାଙ୍କ ନିଟ୍ ବିରୋଧରେ ଆବେଦନକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିବା ପରେ ସେ ଆତ୍ମହତ୍ୟା କରିଥିଲେ ଏବଂ ତାଙ୍କର ମୃତ୍ୟୁ ପରେ ଅନେକ ଅନୁକରଣୀୟ ଆତ୍ମହତ୍ୟା ରାଜ୍ୟରେ ଘଟିଥିଲା । ଏହାର ସମାଜତାତ୍ତ୍ୱିକ ଅନ୍ତର୍ଦୃଷ୍ଟି କୁହେ ଯେ ପାଠ ଓ ପରିବାରର ଚାପରେ ଥିବା ନିଟ୍ ଆଶାୟୀଙ୍କ ପାଇଁ ସଂଘର୍ଷର ଏକ ପ୍ରତୀକାତ୍ମକ ମଡେଲ ହୋଇଗଲେ ଅନିତା ଏବଂ ତାଙ୍କ ଆତ୍ମହତ୍ୟା ପାଲଟିଗଲା ବୀର ସହିଦଙ୍କ ଭଳି ସାମାଜିକ କାହାଣୀ । ପ୍ରଚାରିତ କାହାଣୀ, ପୀଡ଼ିତଙ୍କ ସହ ପରିଚୟ ସହିତ ସମାନ ପରିସ୍ଥିତିରେ ଥିବା ଛାତ୍ରମାନଙ୍କ ପାଇଁ ଆତ୍ମହତ୍ୟା ଥିଲା ଏକ ପ୍ରରୋଚନାକାରୀ ଉପାଦାନ । ତେଣୁ ସାମାଜିକ ବିଭ୍ରାଟ ଏବଂ ନିୟନ୍ତ୍ରଣର ଅଭାବ ସମାନ ଗୋଷ୍ଠୀରେ ଆତ୍ମହତ୍ୟାର ପୁନରାବୃତ୍ତି ସୃଷ୍ଟି କରେ ।

ସମାଜବିଜ୍ଞାନୀ ଷ୍ଟିଭେନ୍ ଷ୍ଟାକ୍‌ଙ୍କ ଏକ ଉଲ୍ଲେଖନୀୟ ଅଧ୍ୟୟନ ହେଉଛି 'ୱେର୍ଥର୍ ପ୍ରଭାବ' । କୌଣସି ସେଲିବ୍ରିଟି ଆତ୍ମହତ୍ୟାର ଗଣମାଧ୍ୟମ ପ୍ରସାରଣ ହେଉ କିମ୍ବା କୌଣସି ଆତ୍ମହତ୍ୟାର ନିରନ୍ତର ଏବଂ ଅତିରଞ୍ଜିତ ପ୍ରଚାର ପରେ ଆତ୍ମହତ୍ୟା କାର୍ଯ୍ୟକଳାପର ସାଂଖ୍ୟିକ ଭାବରେ ବୃଦ୍ଧି ପାଏ ବୋଲି ଷ୍ଟାକ୍‌ଙ୍କ ଏହି ଅଧ୍ୟୟନରେ ପ୍ରକାଶିତ ହୋଇଛି । ଚିନ୍ତାର ବିଷୟ ଯେ ଏହାଦ୍ୱାରା କିଶୋର ଓ ଯୁବବର୍ଗ ଅତ୍ୟନ୍ତ ପ୍ରଭାବିତ । ଅଧ୍ୟୟନରେ ଗୁରୁତ୍ୱାରୋପ କରାଯାଇଥିଲା ଯେ ବିସ୍ତୃତ ଓ ଭାବପ୍ରବଣ ମିଡିଆ ପ୍ରଚାରରେ ଆତ୍ମହତ୍ୟାର ପଦ୍ଧତି (ଆତ୍ମାହୁତି) ନାଟକୀୟ ଶିରୋନାମା (ନ୍ୟାୟର ଲଢ଼େଇରେ ହାରିଗଲେ, କେବେ ମିଳିବ ନ୍ୟାୟ, ଅବହେଳିତର କରୁଣ ବାର୍ତ୍ତା) ଏବଂ ବ୍ୟକ୍ତିଗତ ପୃଷ୍ଠଭୂମି(ବିଦ୍ୟାର୍ଥୀ, ବେରୋଜଗାର) ସମେତ ଆତ୍ମ-ଧ୍ୱଂସାତ୍ମକ ଆଚରଣର ରୋମାନିକରଣ (ରୋମାନିଟିସାଇଜ୍‌ଡ) କିମ୍ବା ସାଧାରଣ କରିବାର ଚେଷ୍ଟା ହିଁ ଅନୁକରଣୀୟ ଆତ୍ମହତ୍ୟା ପାଇଁ ଦାୟୀ । ତେଣୁ ଭାବପ୍ରବଣ, କଷ୍ଟ କିମ୍ବା ପରିଚୟ ସଙ୍କଟରେ ଥିବା ବ୍ୟକ୍ତିମାନେ ଗଣମାଧ୍ୟମର ଚକିତ ଓ ରୋମାଞ୍ଚକର ବିଷୟବସ୍ତୁକୁ ଆତ୍ମହତ୍ୟାର ବୈଧ ପ୍ରତିକ୍ରିୟା ଭାବରେ ଦେଖିପାରନ୍ତି । ସଂକ୍ଷେପରେ, ଷ୍ଟାକ୍‌ଙ୍କ ଅଧ୍ୟୟନରେ ଉଲ୍ଲେଖ ଅଛି ଯେ ଗଣମାଧ୍ୟମ ସାମାଜିକ ଆଚରଣକୁ ପ୍ରଭାବିତ କରିବା ସହିତ ଏକ ବ୍ୟକ୍ତିଗତ ଦୁଃଖଦ ଘଟଣାବଳୀକୁ ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ବିପଦରେ ପରିଣତ କରିପାରେ ।

ଗଣମାଧ୍ୟମ ଓ ଆତ୍ମହତ୍ୟା ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟରେ ପ୍ରକାଶ ପାଇଛି ଯେ ଏସିଆ ଓ ୟୁରୋପରେ ଚାଞ୍ଚଲ୍ୟକର 'ମିଡିଆ ରିପୋର୍ଟିଂ' ଏବଂ ଆତ୍ମହତ୍ୟା ବୃଦ୍ଧି ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ଅଛି । ବ୍ୟକ୍ତିର ଆଚରଣ ହେଉଛି ପାରିପାର୍ଶ୍ୱିକ ପର୍ଯ୍ୟବେକ୍ଷଣର ଫଳାଫଳ । ଆତ୍ମହତ୍ୟା ପରେ ଗଣମାଧ୍ୟମରେ ମିଳୁଥିବା ଅତ୍ୟଧିକ ସହାନୁଭୂତି ଏବଂ ଗଣମାଧ୍ୟମର ଅତ୍ୟଧିକ ଧ୍ୟାନ କିଛି ଦୁର୍ବଳ/ ଅବସାଦ ମନରେ ଏପରି କାର୍ଯ୍ୟ କରିବା ପାଇଁ ପ୍ରରୋଚିତ କରିପାରେ । 'ଯଦି ଅନ୍ୟମାନେ ଏହା କରିପାରୁଛନ୍ତି ଏବଂ ସେମାନଙ୍କ ଅଭିଯୋଗ ଶୁଣାଯାଇପାରୁଛି, ତେବେ ହୁଏତ ମୁଁ ମଧ୍ୟ ଏମିତି କରିପାରିବି'ର ମାନସିକତା ଏବେ ବୃଦ୍ଧି ପାଉଛି । ଏହାକୁ ଆତ୍ମହତ୍ୟାର ସାଂକେତିକ ବୈଧତା କୁହାଯାଏ । ସମାଜବିଜ୍ଞାନୀଙ୍କ ମତରେ ଏହି ମାନସିକତାର ଧାରା ନିକଟ ଭବିଷ୍ୟତରେ ଜାରି ରହିବ ।

କ୍ରମବର୍ଦ୍ଧିଷ୍ଣୁ କିଶୋର ଆତ୍ମହତ୍ୟାକୁ ନେଇ କେରଳର ମାନସିକ ସ୍ୱାସ୍ଥ୍ୟ ପ୍ରାଧିକରଣର ବିଶ୍ଳେଷଣରୁ ଜଣାପଡ଼ିଛି ଯେ ସମ୍ବାଦପତ୍ରର ରିପୋର୍ଟ ଏବଂ ସମକକ୍ଷ ଆତ୍ମହତ୍ୟା ସହିତ ସାମାଜିକ ଗଣମାଧ୍ୟମରେ ମିଳୁଥିବା ପ୍ରବଳ ଶ୍ରଦ୍ଧାଞ୍ଜଳି ହେଉଛି ଅନିଚ୍ଛାକୃତ ଅନୁକରଣୀୟ ଆତ୍ମହତ୍ୟା ପାଇଁ ଦାୟୀ । ସମାଜବିଜ୍ଞାନୀ ଷ୍ଟାନଲି କୋହେନଙ୍କ 'ନୈତିକ ଆତଙ୍କ' ତତ୍ତ୍ୱ ବ୍ୟାଖ୍ୟା କରେ ଯେ ଅତିରଞ୍ଜିତ ମିଡିଆ ରିପୋର୍ଟିଂ ଏକ ଗୋଷ୍ଠୀ ମଧ୍ୟରେ ଉଭୟ ଆତଙ୍କ ଓ ଅନୁକରଣ ସୃଷ୍ଟି କରିପାରେ । ଅଷ୍ଟ୍ରିଆ ଓ ଜର୍ମାନୀ ଭଳି ଦେଶରେ, ଆତ୍ମହତ୍ୟା ରିପୋର୍ଟିଂ ଉପରେ କଠୋର ନିର୍ଦ୍ଦେଶାବଳୀ ଲାଗୁ ହେବା ପରେ ଯୁବ ଓ କିଶୋର ଆତ୍ମହତ୍ୟା ହାର ହ୍ରାସ ପାଇଛି । ଏହି ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧୀ କହିଥିଲେ 'ଆତ୍ମହତ୍ୟା ଓ ଆତ୍ମଦାହ କୌଣସି ପ୍ରକାରର ଯଥାର୍ଥ ନୈତିକ କାର୍ଯ୍ୟ ନୁହେଁ । ଯେତେ ବି ଅନ୍ୟାୟ ହେଉ ମନୁଷ୍ୟ ଜୀବନ ପବିତ୍ର । ଜୀବନ୍ତ ବ୍ୟକ୍ତି ପରିବର୍ତ୍ତନ ଆଣିପାରିବ, ମୃତ୍ୟୁ ନୁହେଁ । ବ୍ୟକ୍ତିଗତ ଯନ୍ତ୍ରଣା ଓ ଦୁଃଖକୁ ଆତ୍ମହତ୍ୟାରେ ନୁହେଁ, ସେବାରେ ପରିଣତ କରିବା ଉଚିତ ।' ଗାନ୍ଧୀଙ୍କ ମତରେ, 'ଆତ୍ମଦାହ ନିଜ ଶରୀର ବିରୁଦ୍ଧରେ ଏକପ୍ରକାର ହିଂସା । ଏହା ନୈତିକ ଓ ଆଧ୍ୟାତ୍ମିକ ଭାବରେ ଅଗ୍ରାହ୍ୟ । ଶରୀରର ବିନାଶ ସତ୍ୟର ପଥ ନୁହେଁ ।'

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ପରିବେଶ ଓ ଜୀବନରେ ବିପର୍ଯ୍ୟୟର ଛାୟା

**ହୃଷୀକେଶ ପାଣଗ୍ରାହୀ**

ଜଳବାୟୁ ପରିବର୍ତ୍ତନ ଏବଂ ମାନବୀୟ ଅବହେଳା ଆଜି ଆମ ପରିବେଶ ଓ ଜୀବନ ପାଇଁ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି । ନିକଟରେ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାରେ ବାଦଲଫଟା ବର୍ଷା ଯୋଗୁଁ କ୍ଷୀର ଗଙ୍ଗାରେ ଆକସ୍ମିକ ପାହାଡ଼ୀ ବନ୍ୟା ଘଟିଛି, ଯାହା ଧରାଲିର ହରସିଲ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି । ଏହି ବନ୍ୟାରେ ଅନେକ ଘରଦ୍ୱାର, ହୋଟେଲ ଓ ଅନ୍ୟାନ୍ୟ କୋଠା ମଧ୍ୟ ଧୋଇ ହୋଇଯାଇଛି । ଏହି ଦୁର୍ଘଟଣାରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫୦ରୁ ଅଧିକ ଲୋକ ନିଖୋଜ ହୋଇଛନ୍ତି । ଏହି ଘଟଣା କେବଳ ଏକ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, ବରଂ ମାନବୀୟ ଅବହେଳା ଏବଂ ଜଳବାୟୁ ପରିବର୍ତ୍ତନର ମିଳିତ ପରିଣାମ ।

ଜଳବାୟୁ ପରିବର୍ତ୍ତନ ହିମାଳୟ ଭଳି ସମ୍ବେଦନଶୀଳ ଅଞ୍ଚଳରେ ଅତିବୃଷ୍ଟି, ବାଦଲଫଟା ଓ ଆକସ୍ମିକ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ତୀବ୍ର କରୁଛି । ବୈଜ୍ଞାନିକ ଅନୁସନ୍ଧାନ ଅନୁଯାୟୀ, ପ୍ରତି ୧ ଡିଗ୍ରୀ ସେଲସିୟସ ତାପମାତ୍ରା ବୃଦ୍ଧି ସହିତ ବାୟୁମଣ୍ଡଳରେ ଜଳୀୟବାଷ୍ପର ପରିମାଣ ୭% ବୃଦ୍ଧି ପାଉଛି, ଯାହା ବାଦଲଫଟା ବର୍ଷା ଭଳି ଘଟଣାକୁ ଅଧିକ ଘନ ଓ ତୀବ୍ର କରୁଛି । ଉତ୍ତରାଖଣ୍ଡରେ ୨୦୧୩ ମସିହାରେ ଘଟିଥିବା ବିନାଶକାରୀ ବନ୍ୟା, ଯାହା ୬,୦୦୦ରୁ ଅଧିକ ଲୋକଙ୍କ ଜୀବନ ନେଇଥିଲା ଏବଂ ୨୦୨୧ ଓ ୨୦୨୫ରେ ଘଟିଥିବା ବାଦଲଫଟା ବର୍ଷା ଓ ବନ୍ୟା ଘଟଣାଗୁଡ଼ିକ ଏହାର ଜ୍ୱଳନ୍ତ ଉଦାହରଣ ।

ଜଳବାୟୁ ପରିବର୍ତ୍ତନ ଏକ ପ୍ରମୁଖ କାରଣ ହେଲେ ମଧ୍ୟ ମାନବୀୟ କାର୍ଯ୍ୟକଳାପ ଏହି ବିପର୍ଯ୍ୟୟକୁ ଆହୁରି ଜଟିଳ କରୁଛି । ଉତ୍ତରାଖଣ୍ଡରେ ଅନିୟନ୍ତ୍ରିତ ନିର୍ମାଣ, ଜଳବିଦ୍ୟୁତ ପ୍ରକଳ୍ପ, ଅତ୍ୟଧିକ ପର୍ଯ୍ୟଟନ ଓ ବନାଞ୍ଚଳ ନଷ୍ଟ ହେବା ପରିବେଶର ସମ୍ବେଦନଶୀଳତାକୁ ବୃଦ୍ଧି କରୁଛି । ୨୦୧୩ ବନ୍ୟା ପରେ ସୁପ୍ରିମକୋର୍ଟ ଅନୁଯାୟୀ ୨୩ଟି ଜଳବିଦ୍ୟୁତ ପ୍ରକଳ୍ପ ବନ୍ଦ କରିବାକୁ ପରାମର୍ଶ ଦିଆଯାଇଥିଲା, କିନ୍ତୁ ଏବେ ମଧ୍ୟ ନୂତନ ପ୍ରକଳ୍ପ ପାଇଁ ଆବେଦନ ଜାରି ରହିଛି । ଅନିୟନ୍ତ୍ରିତ ରାସ୍ତା ନିର୍ମାଣ, ବନ ଉଜାଡ଼ିକରଣ ଓ ନଦୀକୂଳରେ ଅବୈଧ ନିର୍ମାଣ ପାହାଡ଼ୀ ଅଞ୍ଚଳରେ ମାଟିଧସିବା ସହ ବନ୍ୟା ପରିସ୍ଥିତି ବୃଦ୍ଧି କରୁଛି । ଏହାସହିତ ପୂର୍ବ ସୂଚନା ବ୍ୟବସ୍ଥା ଓ ବିପର୍ଯ୍ୟୟ ପରିଚାଳନାରେ ଅସମର୍ଥତା ମଧ୍ୟ କ୍ଷୟକ୍ଷତିକୁ ବୃଦ୍ଧି କରୁଛି । ୨୦୧୩ରେ ଭାରତୀୟ ପାଣିପାଗ ବିଭାଗ ପୂର୍ବ ସୂଚନା ଦେଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ପ୍ରତିକ୍ରିୟା ଅପର୍ଯ୍ୟାପ୍ତ ଥିଲା, ଯାହା ବିପର୍ଯ୍ୟୟର ପରିମାଣକୁ ବୃଦ୍ଧି କରିଥିଲା । ଏହି ବିପର୍ଯ୍ୟୟ କେବଳ ପରିବେଶକୁ ନଷ୍ଟ କରୁନାହିଁ, ବରଂ ମାନବ ଜୀବନ ଓ ଅର୍ଥନୀତି ଉପରେ ମଧ୍ୟ ଗଭୀର ପ୍ରଭାବ ପକାଉଛି । ଉତ୍ତରକାଶୀରେ ଘଟିଥିବା ସାମ୍ପ୍ରତିକ ବନ୍ୟା ଯୋଗୁଁ ଅନେକ ପରିବାର ନିଃସ୍ୱ ହୋଇଯାଇଛନ୍ତି, ପର୍ଯ୍ୟଟନ ଶିଳ୍ପ ପ୍ରଭାବିତ ହୋଇଛି ଏବଂ କୃଷି ଓ କୋଠାମାନ ନଷ୍ଟ ହୋଇଛି । ଏହା ସହିତ, ପରିବେଶରେ ଅତ୍ୟଧିକ ମାଟିଧସିବା ଓ ଜଙ୍ଗଲ ନଷ୍ଟ ହେବା ଜୈବବିବିଧତା ଓ ପରିବେଶ ସନ୍ତୁଳନକୁ ଆହୁରି ଦୁର୍ବଳ କରୁଛି । ଏହା ଦୀର୍ଘକାଳୀନ ଭାବେ ଜଳ ସଙ୍କଟ, ଖାଦ୍ୟ ଅଭାବ ଓ ଜୀବନଧାରଣରେ ଅସୁବିଧା ସୃଷ୍ଟି କରୁଛି ।

ଏହି ସମସ୍ୟାର ସ୍ଥାୟୀ ସମାଧାନ ଓ ନକାରାତ୍ମକ ପ୍ରଭାବ ହ୍ରାସ ପାଇଁ ବନ ଓ ଜଳାଶୟ ସଂରକ୍ଷଣ ମାଧ୍ୟମରେ ପାହାଡ଼ୀ ଅଞ୍ଚଳରେ ମାଟିଧସିବା ଓ ବନ୍ୟା ପରିସ୍ଥିତିକୁ ହ୍ରାସ କରାଯାଇ ପାରିବ । ବୃକ୍ଷରୋପଣ ଓ ବନାଞ୍ଚଳ ପୁନରୁଦ୍ଧାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଭଳି ପଦକ୍ଷେପ ଗ୍ରହଣ କରାଯାଇପାରେ । ଅନିୟନ୍ତ୍ରିତ ଜଳବିଦ୍ୟୁତ ପ୍ରକଳ୍ପ ଓ କୋଠା ନିର୍ମାଣ ଉପରେ କଡ଼ା ନିୟମ ଲାଗୁ କରିବା, ପର୍ଯ୍ୟଟନକୁ ପରିବେଶ ସହ ସମନ୍ୱୟ ରଖି ପରିଚାଳନା, ହିମାଳୟ ଅଞ୍ଚଳରେ ଅଧିକ ସଂଖ୍ୟକ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ଏବଂ ଉପଗ୍ରହ ଆଧାରିତ ପର୍ଯ୍ୟବେକ୍ଷଣ ବ୍ୟବସ୍ଥା ସ୍ଥାପନ କରାଯିବା ଆବଶ୍ୟକ । ଏହା ସଠିକ ସମୟରେ ପୂର୍ବ ସୂଚନା ପ୍ରଦାନ କରି ଜୀବନ ଓ ସମ୍ପତ୍ତିର କ୍ଷୟକ୍ଷତି ହ୍ରାସ କରିବ । ସ୍ଥାନୀୟ ଜନସାଧାରଣଙ୍କୁ ବିପର୍ଯ୍ୟୟ ପରିଚାଳନା ତାଲିମ ପ୍ରଦାନ କରିବା ଏବଂ ସେମାନଙ୍କର ପାରମ୍ପରିକ ଜ୍ଞାନକୁ ପୂର୍ବ ସୂଚନା ବ୍ୟବସ୍ଥା ସହ ସଂଯୋଜନ କହିବା ଭଳି ପଦକ୍ଷେପ ନେବାକୁ ପଡ଼ିବ । ଏହାଦ୍ୱାରା ସ୍ଥାନୀୟ ସ୍ତରରେ ତୁରନ୍ତ ପ୍ରତିକ୍ରିୟା ସମ୍ଭବ ହେବ । ଜଳବାୟୁ ପରିବର୍ତ୍ତନ ଅନୁକୂଳନକୁ ଶିକ୍ଷା, ଶୁଷ୍କ ନିର୍ମାଣ ଓ ବିପର୍ଯ୍ୟୟ ପ୍ରଶମନ ନୀତିରେ ସାମିଲ କରାଯାଇ ପ୍ରାକୃତିକ ଜଳ ସଂରକ୍ଷଣ କ୍ଷେତ୍ର ଯଥା ଜଳାଶୟ ଓ ମାଙ୍ଗ୍ରୋଭ ପୁନରୁଦ୍ଧାର କରାଯାଇପାରିବ ।

ଉତ୍ତରାଖଣ୍ଡରେ ଘଟୁଥିବା ବାଦଲଫଟା ଓ ବନ୍ୟା ଭଳି ଘଟଣା ଆମକୁ ଜଳବାୟୁ ପରିବର୍ତ୍ତନ ଓ ମାନବୀୟ ଅବହେଳାର ଗମ୍ଭୀର ପରିଣାମ ସମ୍ପର୍କରେ ସତର୍କ କରୁଛି । ଏହା କେବଳ ଉତ୍ତରାଖଣ୍ଡ କିମ୍ବା ହିମାଳୟରେ ସୀମିତ ନୁହେଁ, ବରଂ ସାରା ବିଶ୍ୱରେ ପରିବେଶ ସଂରକ୍ଷଣ ଓ ସ୍ଥାୟୀ ବିକାଶର ଆବଶ୍ୟକତାକୁ ଆଲୋକପାତ କରୁଛି । ସଠିକ ନୀତି, ସାମୁଦାୟିକ ସହଯୋଗ ଓ ବୈଜ୍ଞାନିକ ପଦକ୍ଷେପ ମାଧ୍ୟମରେ ଆମେ ଏହି ନକାରାତ୍ମକ ପ୍ରଭାବକୁ ହ୍ରାସ କରି ଆମ ପରିବେଶ ଓ ଜୀବନକୁ ସୁରକ୍ଷିତ କରିପାରିବା । ଏହା ଆମ ସମସ୍ତଙ୍କର ଦାୟିତ୍ୱ, ଯାହା ଆଜିର କାର୍ଯ୍ୟ ଦ୍ୱାରା ଆମ ଭବିଷ୍ୟତ ପିଢ଼ିଙ୍କ ପାଇଁ ଏକ ସୁସ୍ଥ ପୃଥିବୀ ସୁନିଶ୍ଚିତ କରିବ ।

(ସହକାରୀ ପ୍ରାଧ୍ୟାପକ, ଧରଣୀଧର ବିଶ୍ୱବିଦ୍ୟାଳୟ)
କେନ୍ଦୁଝର, ମୋ: ୮୨୪୯୫୮୬୨୦୭

# ପଦ୍ମସମ୍ଭବ, ମନ୍ଦରଭା ଓ ୟେଶେ

**ପ୍ରବୀର କୁମାର ପଟ୍ଟନାୟକ**

## ଦ୍ୱିତୀୟ-ବୁଦ୍ଧ କଥା

ଗୁରୁ ପଦ୍ମସମ୍ଭବଙ୍କ ଜୀବନ ଓ ତାଙ୍କ ଧର୍ମ ପ୍ରଚାର କାର୍ଯ୍ୟ ଉଭୟ କ୍ଷେତ୍ରରେ ଦୁଇଜଣ ମହିଳାଙ୍କର ଗୁରୁତ୍ୱପୂର୍ଣ୍ଣ ତଥା ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି । ଜଣେ ହେଲେ ତାଙ୍କର ଦ୍ୱିତୀୟ ଧର୍ମପତ୍ନୀ ତଥା ତାଙ୍କର ମୁଖ୍ୟ ସହଯୋଗୀ, ସହକର୍ମୀ, ବନ୍ଧୁ ତଥା ପରମ ଶୁଭାକାଂକ୍ଷୀ ଆଚାର୍ଯ୍ୟ ଶାନ୍ତରକ୍ଷିତଙ୍କ ଭଗିନୀ ମନ୍ଦରଭା । ତାଙ୍କର ପ୍ରଥମ ପତ୍ନୀ ଭାସଧାରାଙ୍କୁ ସେ ସମ୍ବଳରେ ରାଜପ୍ରାସାଦରେ ରଖି ରାଜ୍ୟ ତ୍ୟାଗ କରି ପଳାଇ ଆସିଥିଲେ । ଅନ୍ୟ ସହଚରୀ ଜଣକ ହେଲେ ୟେଶେ ସୋଗ୍ୟାଲ୍ । ତିବ୍ବତରେ ପହଞ୍ଚିବା ପରଠାରୁ ଓ ତିବ୍ବତ ପରିତ୍ୟାଗ କରିବା ପର୍ଯ୍ୟନ୍ତ ୟେଶେ ପଦ୍ମସମ୍ଭବଙ୍କ ଜୀବନରେ ଓ କର୍ମକ୍ଷେତ୍ରରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସହଯୋଗୀ ଭାବେ ତାଙ୍କ ସହ ସବୁବେଳେ ସବୁକାର୍ଯ୍ୟରେ ଲାଗି ରହିଥିଲେ ।

ମନ୍ଦରଭା: ସହୋର ନାମକ ଦେଶର ରାଜା ଥିଲେ ଆର୍ଷଧର । ତାଙ୍କ ରାଣୀ ଥିଲେ ହାଉକୀ । ତାଙ୍କର କନ୍ୟାଟି ଦେବଦେବୀଙ୍କ କୃପାରୁ ଜନ୍ମ ଲାଭ କରିଥିଲା । ପିଲାଦିନେ କନ୍ୟାଟିକୁ ଦେଖି ଜଣେ ଯୋଗୀ ତାଙ୍କ ନିକଟରେ ଭଗବାନ ବୁଦ୍ଧଙ୍କର ବତ୍ରିଶ ଗୋଟି ଶୁଭ-ଲକ୍ଷଣମାନ ଥିବାରୁ ଭବିଷ୍ୟବାଣୀ କରିଥିଲେ ଯେ 'କନ୍ୟାଟି ଦେବକନ୍ୟା । ଏଣୁ ତାଙ୍କୁ ବିବାହ ବନ୍ଧନରେ ରଖାଯାଇ ପାରିବ ନାହିଁ । କନ୍ୟାଟି ନିଶ୍ଚିତ ଭାବେ ଯୋଗିନୀଟିଏ ହେବେ ।' କନ୍ୟାର ନାମ ମଧ୍ୟ 'ଯୋଗୀ ମନ୍ଦରଭା' ରଖଗଲେ । ସେ ତେର ବର୍ଷ ବୟସର ହେଲା ବେଳକୁ ବାସ୍ତବରେ ଜଣେ ଦେବକନ୍ୟା ଭଳି ଦେଖାଗଲେ । ଚୀନର ରାଜକୁମାର, ହିନ୍ଦୁ, ମୁସଲମାନ ଓ ପାରସ୍ୟର ରାଜା ଆଦି ଚାଳିଶ ଜଣ ରାଜବଂଶୀୟ ମନ୍ଦରଭାଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ମନ୍ଦରଭା ସମସ୍ତଙ୍କୁ ଅଗ୍ରାହ୍ୟ କରି ସେ ଧର୍ମ (ବୌଦ୍ଧ ଧର୍ମ) ର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ ବୋଲି କହିଲେ । ରାଜା ଯେତେ ବାଧ କଲେ ମଧ୍ୟ ମନ୍ଦରଭା ନିଜ ନିଷ୍ପତ୍ତିରେ ଦୃଢ଼ ରହିଲେ । ଫଳରେ ରାଜା ରାଗି ଯାଇ ପାଞ୍ଚଶହ ସେବକ ନିୟୋଜିତ କରି ସ୍ୱତନ୍ତ୍ର ପ୍ରାସାଦରେ ମନ୍ଦରଭାଙ୍କୁ ଏକପ୍ରକାର ବନ୍ଦୀ ଭଳି ରଖାଇଲେ ।

ପଦ୍ମସମ୍ଭବ ରତ୍ନଗିରି ବିଶ୍ୱବିଦ୍ୟାଳୟରେ ଯୋଗ-ତନ୍ତ୍ର ଶିକ୍ଷା ସାରି ବିଭିନ୍ନ ପ୍ରକାର ଜ୍ଞାନ ଆହରଣ ପାଇଁ ସମଗ୍ରଦେଶ ଭ୍ରମଣ କରୁଥିବା ବେଳେ ମନ୍ଦରଭାଙ୍କ ସ୍ଥାନରେ ପହଞ୍ଚିଲେ । ସେଠାରେ ତାଙ୍କ ଗୁଣାବଳୀ ଜାଣିପାରି ମନ୍ଦରଭା ଓ ତାଙ୍କ ସେବକ ସମସ୍ତେ ତାଙ୍କୁ ପ୍ରାସାଦ ମଧ୍ୟକୁ ଡକାଇ ତାଙ୍କଠାରୁ ବୌଦ୍ଧଧର୍ମ ଗ୍ରହଣ ପୂର୍ବକ ଦୀକ୍ଷିତ ହେଲେ । ପ୍ରାସାଦ ମଧ୍ୟକୁ ପଦ୍ମସମ୍ଭବ ପ୍ରବେଶ କରିଥିବା ଖବର ଜଣେ ଗାଈ ଜଗୁଆଳୀ ରାଜାଙ୍କୁ ଜଣାଇ ଦେଇଥିଲା । ରାଜା ଏଥିରେ କ୍ରୋଧ ଜର୍ଜରିତ ହୋଇ ସେମାନଙ୍କ ନିକଟକୁ ଆସି ପଦ୍ମସମ୍ଭବଙ୍କୁ ମନ୍ଦରଭା ନିକଟରେ ଦେଖିବା ପରେ ରାଜକର୍ମଚାରୀଙ୍କୁ ଆଦେଶ ଦେଲେ ପଦ୍ମସମ୍ଭବଙ୍କୁ କାଠ ଓ ତିଳ ତେଲରେ ଅଗ୍ନି ନିକ୍ଷେପ କରି ଜାଳି ଭସ୍ମ କରିଦେବାକୁ । ଏହାସହ ମନ୍ଦରଭାଙ୍କୁ ବିବସ୍ତ୍ର କରି ଗାତ ଖୋଳି ସେଥିରେ କଣ୍ଟା ପୂରାଇ ପକାଇ ଦେବାକୁ ଆଦେଶ ଦେଲେ । ପଦ୍ମସମ୍ଭବଙ୍କୁ ହତ୍ୟା ନିମିତ୍ତ ଯେଉଁ ଅଗ୍ନି ପ୍ରସ୍ତୁତ ହୋଇଥିଲା ତାହା ଜୋରରେ ଜଳି ଚାରିଆଡ଼େ ଧୂଆଁମୟ ହୋଇଗଲା ଏବଂ ସେଥିମଧ୍ୟରୁ ପ୍ରଚଣ୍ଡ ଶବ୍ଦ ଶୁଣାଗଲା । ସାତ ଦିନ ପର୍ଯ୍ୟନ୍ତ ନିଆଁ ନ ଲିଭି ଅଧିକରୁ ଅଧିକ ଜଳି ଉଠୁଥିବାର ଦେଖି ରାଜା ତନଖି ପାଇଁ ମନ୍ତ୍ରୀଙ୍କୁ ପଠାଇଲେ । ମନ୍ତ୍ରୀ ଦେଖିଲେ ଯେ ସେଠାରେ ଗୋଟିଏ ଇନ୍ଦ୍ରଧନୁକୁ ଘେରିଥିବା ହ୍ରଦଟିଏ ରହିଛି ଏବଂ ତା' ମଧ୍ୟରେ ପଦ୍ମଫୁଲ ଉପରେ ବାଳକଟିଏ ବସିରହିଛି । ଏହା ଶୁଣି ରାଜା ନିଜେ ସେହି ହ୍ରଦ ନିକଟକୁ ଯିବାରୁ ବାଳକଟି ପାଟିକରି ଅନ୍ୟାୟରେ ବିନା କାରଣରେ ଜଣେ ବିଖ୍ୟାତ ବୌଦ୍ଧଗୁରୁଙ୍କୁ ଦଣ୍ଡ ଦେଇଥିବା ରାଜାଙ୍କୁ କହିଲେ । ରାଜା ସେହି ବାଳକ ମଧ୍ୟରେ ବୁଦ୍ଧ ବିରାଜମାନ କରିଥିବା ବୋଧ କରି ନିଜ ଭୁଲ ବୁଝିପାରି ପ୍ରାୟଶ୍ଚିତ ସ୍ୱରୂପ ପଦ୍ମସମ୍ଭବ ଓ ତାଙ୍କ କନ୍ୟାଙ୍କୁ ଉଦ୍ଧାର କରି ରାଜପ୍ରାସାଦକୁ ନେଇଗଲେ । ପଦ୍ମସମ୍ଭବଙ୍କୁ ନିଜ ରାଜ୍ୟ ସହ ମନ୍ଦରଭାଙ୍କୁ ଅର୍ପଣ କଲେ । ଏହିଭଳି ଦୈବୀଯୋଗ କ୍ରମେ ମନ୍ଦରଭାଙ୍କୁ ପଦ୍ମସମ୍ଭବ ବିବାହ କଲେ । ସାରା ଜୀବନ ଛାଇ ପରି ମନ୍ଦରଭା ପଦ୍ମସମ୍ଭବଙ୍କ ସାଙ୍ଗରେ ପତ୍ନୀ, ସହକର୍ମୀ, ସହଚରୀ, ସର୍ବୋପରି ସାଧନା ସଙ୍ଗିନୀ ରୂପେ ରହିଥିଲେ । (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ଡିଜି ଅଫିସ୍ ଘେରିଲା କଂଗ୍ରେସ

## ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନା ରୋକିବାକୁ ଆହ୍ୱାନ

କଟକ,୮।୮(ସମିସ): ରାଜ୍ୟରେ ନାରୀ ନିର୍ଯାତନା ବଢ଼ିଚାଲିଛି। ପ୍ରତ୍ୟେକ ଦିନ ଗଣଦୁଷ୍କର୍ମଠାରୁ ଆରମ୍ଭ କରି ମହିଳାଙ୍କ ଉପରେ ଅକଥନୀୟ ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟ ସରକାର ଏହାକୁ ରୋକିବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି। ଏଥିପାଇଁ ସରକାର ହିଁ ଦାୟୀ। ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ବକ୍ସିବଜାରସ୍ଥିତ ପୁଲିସ ମୁଖ୍ୟାଳୟ ସମ୍ମୁଖରେ ଆଜି ଆୟୋଜିତ ଧାରଣା ଓ ପ୍ରତିବାଦ ସଭାରେ କଂଗ୍ରେସ ନେତୃବୃନ୍ଦ ଏହି ଗୁରୁତର ଅଭିଯୋଗ ଆଣିଛନ୍ତି। କଂଗ୍ରେସ ନେତାମାନେ ଶାନ୍ତିପୂର୍ଣ୍ଣ ଧାରଣାରେ ବସି ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବାକୁ ଦାବି କରିଥିଲେ। ପିସିସି ସଭାପତି ଭକ୍ତ ଚରଣ ଦାସ ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ କଂଗ୍ରେସର ଏକ ମହିଳା ପ୍ରତିନିଧିଦଳ ଡିଜିପିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନା ରୋକିବାକୁ କଂଗ୍ରେସ ପକ୍ଷରୁ ଆହ୍ୱାନ ଦିଆଯାଇଛି।

କଟକ ନଗର ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ତଥା ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ୍‌ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଧାରଣା ଓ

### କାର୍ଯ୍ୟାନୁଷ୍ଠାନ ନନେଲେ ସବୁ ଥାନା ଆଗରେ ଧାରଣା ଚେତାବନୀ

ପ୍ରତିବାଦ ସଭାରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଶରତ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ଅନନ୍ତ ସେଠୀ ବରିଷ୍ଠ ନେତା ସୁରେଶ ରାଉତରାୟ, ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା, କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାଶ, ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ରବି ମଲ୍ଲିକ, ଶିବାନନ୍ଦ ରାୟ, ଓଡିଶା ପ୍ରଦେଶ ମହିଳା ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ଯୋଗ ଦେଇ ବିଜେପି ସରକାରର ବିଫଳତା ଓ ନାରୀ ସୁରକ୍ଷା ଦିଗରେ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି।

ଏହି ଅବସରରେ ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ ରାଜ୍ୟରେ ସରକାରଙ୍କ ବିଫଳତା ସମ୍ପର୍କରେ ଅଭିଯାନ ଜାରି ରହିଛି। ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିଗିଡ଼ି ଯାଇଥିବା ବେଳେ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ବଳାଙ୍ଗୀ ପୀଡିତାର ଅଭିଯୁକ୍ତଙ୍କୁ କାହିଁକି ଗିରଫ କରାଯାଉନାହିଁ? ପୁଲିସ କାହିଁକି ଏ ଦିଗରେ ଚୁପ୍ ହୋଇ ବସି ରହିଛି। ବିଜେପି ସରକାର ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଇ ରଖୁଥିବା ସେ ଅଭିଯୋଗ ଆଣିବା ସହ ପୁଲିସ ଏଦିଗରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ରାଜ୍ୟରେ ଥିବା ସମସ୍ତ ଥାନା ଆଗରେ ଧାରଣା ଦିଆଯିବ ବୋଲି ସେ କହିଛନ୍ତି।

ଏହି ଧାରଣାରେ ପୂର୍ବତନ ନଗର ସଭାପତି ଗିରିବାଳା ବେହେରା, ବନ୍ଦିତା ପରିଡା, ସସ୍ମିତା ବେହେରା, ମାନସ ଚୌଧୁରୀ, ଶୁଭେନ୍ଦୁ ମହାନ୍ତି, ଜିଲା କଂଗ୍ରେସ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ ଓ ରାଜେଶ ସ୍ୱାଇଁ, ବରିଷ୍ଠ ନେତା ରାମ ଚନ୍ଦ୍ର ଗୋଛାୟତ, କଟକ ନଗର(ଜିଲ୍ଲା) କଂଗ୍ରେସ ମୁଖ୍ୟ-ମୁଖପାତ୍ର ମାନସ ପରିଡା, କଟକ ନଗର ଯୁବ କଂଗ୍ରେସ ସଭାପତି ଡ. ବିପ୍ଳବ ଶିଳାଦିତ୍ୟଙ୍କ ସମେତ ଓଡିଶାର ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ସଭାକୁ ବିଶ୍ୱଜିତ ଦାଶ ପରିଚାଳନା କରିଥିଲେ। କଂଗ୍ରେସର ଏହି ପ୍ରତିବାଦ ସଭା ପୂର୍ବରୁ ଏକ ବିଶାଳ ଶୋଭାଯାତ୍ରା ମାତାମଠରୁ ବାହାରି ପୁଲିସ ମୁଖ୍ୟାଳୟରେ ପହଞ୍ଚିଥିଲା।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାନସିକ ନିର୍ଯାତନା ଅଭିଯୋଗ

## ସିଡିଏମଓଙ୍କୁ ମୌଖିକ ଜଣାଇଲେ ୧୧ ଆଟେଣ୍ଡାଣ୍ଟ

ବାଲେଶ୍ୱର, ୮।୮(ସମିସ): ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଆସିଛି ମାନସିକ ନିର୍ଯାତନାର ଅଭିଯୋଗ। ମୁଖ୍ୟ ଚିକିତ୍ସାଳୟରେ ନୂତନ ଭାବେ କାର୍ଯ୍ୟରେ ନିଯୁକ୍ତ ହେବାକୁ ଆସିଥିବା ଆଟେଣ୍ଡାଣ୍ଟମାନେ ହସ୍ପିଟାଲ ପରିଚାଳକଙ୍କ ନାଁରେ ଅଭିଯୋଗ ଆଣିଛନ୍ତି। ଏନେଇ ଆଜି ୧୧ଜଣ ଆଟେଣ୍ଡାଣ୍ଟ ସିଡିଏମଓ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଭାତ ବେହେରାଙ୍କୁ ଭେଟି ମୌଖିକ ଭାବେ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚଳିତ ମାସ ୬ ତାରିଖରେ ଜଣେ ଅଫିସର ସମସ୍ତ ନଥିପତ୍ର ଯାଞ୍ଚ କରିବା ପରେ ଆଟେଣ୍ଡାଣ୍ଟମାନେ ଯୋଗ ଦେଇଥିଲେ। ଏହାପରେ ସମସ୍ତଙ୍କୁ ହସ୍ପିଟାଲ ପରିଚାଳକଙ୍କୁ ଦେଖା କରିବାକୁ କୁହାଯାଇଥିଲା। ତେବେ ଏହି ସମୟରେ ହସ୍ପିଟାଲ ପରିଚାଳକ ସେମାନଙ୍କୁ ମାନସିକ ନିର୍ଯାତନା ଦେଇଥିବା ଆଟେଣ୍ଡାଣ୍ଟମାନେ ଅଭିଯୋଗ ଆଣିଛନ୍ତି। ହସ୍ପିଟାଲ ପରିଚାଳକ ପୁଣିଥରେ ନଥିପତ୍ର ଯାଞ୍ଚସହ ସମସ୍ତଙ୍କୁ ଦୁର୍ବ୍ୟବହାର, ଅଭିଭାବକଙ୍କ ଖରାପ ବ୍ୟବହାର, କାର୍ଯ୍ୟରେ ନିୟୋଜିତ ପୂର୍ବରୁ ମାନସିକ ନିର୍ଯାତନା ଆଦି ଅଭିଯୋଗ ହୋଇଛି। ଏନେଇ ଆଜି ୧୧ଜଣ ଆଟେଣ୍ଡାଣ୍ଟ ସିଡିଏମ୍‌ଓଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ଏନେଇ ସିଡିଏମଓ ଡା. ପ୍ରଭାତ ବେହେରା କହିଛନ୍ତି, ସକାଳେ ମୋ ପାଖକୁ ସେମାନେ ସମସ୍ତେ ଆସିଥିଲେ। ସେମାନେ ମୌଖିକ ଭାବେ ମୋତେ ଜଣାଇଛନ୍ତି। ଲିଖିତ ଭାବେ ଅଭିଯୋଗ ହେଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଶାନ୍ତନୁ ସ୍ୱାଇଁ ସିକ୍କିମ୍ ବିଶ୍ୱବିଦ୍ୟାଳୟର ନୂତନ କୁଳପତି

ଭୁବନେଶ୍ୱର, ୮।୮(ସମିସ): ପ୍ରଫେସର ଶାନ୍ତନୁ କୁମାର ସ୍ୱାଇଁ ସିକ୍କିମ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ନିଯୁକ୍ତ ହୋଇଛନ୍ତି। ପୁରୀ ଜିଲା ରଷିପଡ଼ା ଗ୍ରାମ ନିବାସୀ ପ୍ରଫେସର ସ୍ୱାଇଁ ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ସେ କୁଳପତି ଦାୟିତ୍ୱ ତୁଲାଇବେ। ରାଷ୍ଟ୍ରପତି ତାଙ୍କୁ ନିଯୁକ୍ତି ଦେଇଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି।

ଶିକ୍ଷା କ୍ଷେତ୍ରରେ ପ୍ରଫେସର ସ୍ୱାଇଁଙ୍କର ୪୩ ବର୍ଷର ଅଭିଜ୍ଞତା ରହିଛି। ପୂର୍ବରୁ ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ) ଶିକ୍ଷା ବିଭାଗର ଡିନ୍ ଭାବରେ କାର୍ଯ୍ୟ କରିଛନ୍ତି। ଏହାସହ ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି। ଓଡ଼ିଶା କୋରାପୁଟ୍‌ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଶିକ୍ଷା ପରିଷଦର ସଦସ୍ୟ ଭାବେ ମଧ ସେ କାର୍ଯ୍ୟ କରିଛନ୍ତି। ତାଙ୍କ ନେତୃତ୍ୱରେ ୬୭ରୁ ଅଧିକ ଗବେଷକ ପିଏଚ୍‌ଡି ଡିଗ୍ରୀ ହାସଲ କରିଛନ୍ତି।

# ଦୌଡ଼ ପରୀକ୍ଷା ବେଳେ ଟଳିପଡ଼ିଲେ ହୋମ୍‌ଗାର୍ଡ ଆଶାୟୀ

ଖୋର୍ଦ୍ଧା, ୮।୮(ସମିସ): ହୋମ୍‌ଗାର୍ଡ ପଦ ପାଇଁ ଶାରୀରିକ ପରୀକ୍ଷା ବେଳେ ଟଳିପଡ଼ିଲେ ପରୀକ୍ଷାର୍ଥୀ। ଖୋର୍ଦ୍ଧା ଜିଲ୍ଲାରେ ଆଜି ଏପରି ଏକ ଅଘଟଣ ଘଟିଛି। ମୃତ ପରୀକ୍ଷାର୍ଥୀ ହେଲେ, ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ଏମାଦୁଲା ହକ ଖାଁ (୪୨)। ଜିଲ୍ଲା ପୁଲିସ ପ୍ରଶାସନ ଅଧୀନରେ ହୋମ୍‌ଗାର୍ଡ ନିଯୁକ୍ତି ନିମନ୍ତେ ଜିଲ୍ଲାସ୍ତରରେ ଲିଖିତ ପରୀକ୍ଷା ଦେଇଥିବା ୨୪ଶହ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬ଶହ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିଲେ। ସେମାନଙ୍କର ୪ଟି ଗ୍ରୁପ୍‌ରେ ଶାରୀରିକ ପରୀକ୍ଷା ଅନୁଷ୍ଠିତ ହେବାର ଥିଲା। ପୂର୍ବରୁ ୩ଟି ଗ୍ରୁପର ପରୀକ୍ଷାର୍ଥୀଙ୍କ ପରୀକ୍ଷା ଶେଷ ହୋଇଥିବା ବେଳେ ଆଜି ଶେଷ ଗ୍ରୁପର ପରୀକ୍ଷାର୍ଥୀଙ୍କ ଶାରୀରିକ ପରୀକ୍ଷା ଖୋର୍ଦ୍ଧା ସହର ଉପକଣ୍ଠ ପୁଲିସ ରିଜର୍ଭ ପଡ଼ିଆଠାରେ ଅନୁଷ୍ଠିତ ହେଉଥିଲା। ଏହି ସମୟରେ ୧୬ଶହ ମିଟର ଦୌଡ଼ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହେବା ନିମନ୍ତେ ଦୌଡିବା ସମୟରେ ଏମାଦୁଲା ହଠାତ ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଯାଇଛି।

# ଲାଞ୍ଚ ଭିଡିଓ ଭାଇରାଲ ରରୁଆଁ ଏଏସ୍‌ଆଇ ନିଲମ୍ବିତ

ବାରିପଦା/ଶୁକୃଳି,୮।୮(ସମିସ): ଲାଞ୍ଚ ନେବା ଭିଡିଓ ଭାଇରାଲ ପରେ ଏଏସ୍‌ଆଇ ନିଲମ୍ବିତ। ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା ଏଏସ୍‌ଆଇ ମୀନକେତନ ପ୍ରଧାନଙ୍କ ଉପରେ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲୀ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଥାନାରେ ଅଟକ ଥିବା ଏକ ବାଇକ୍ ଛାଡ଼ିଦେବା ପାଇଁ ଏଏସ୍‌ଆଇ ଶ୍ରୀ ପ୍ରଧାନ ଜଣେ ବ୍ୟକ୍ତିଙ୍କଠାରୁ ୨ହଜାର ଟଙ୍କା ଲାଞ୍ଚ ନେଇଥିଲେ। ସେ ପକେଟରେ ଲାଞ୍ଚ ଟଙ୍କା ଭର୍ତ୍ତି କରୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହା ଏସ୍‌ପିଙ୍କ ନଜରକୁ ଆସିଥିଲା। ଏହାର ତଦନ୍ତ କରି ଘଟଣାର ସତ୍ୟତା ଥିବା ଜାଣିବା ପରେ ଏସ୍‌ପି ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

# ରେଳଧାରଣାରେ ଖସିଲା ପଥର ବର୍ତ୍ତିଗଲା ବିଶାଖାପାଟଣାମ-କୋରବା ଏକ୍ସପ୍ରେସ

ରାୟଗଡ଼ା,୮।୮(ସମିସ): ପୂର୍ବତଟ ରେଳବାଇର ରାୟଗଡ଼ା ରେଳ ଡିଭିଜନ ଅନ୍ତର୍ଗତ ରାୟଗଡ଼ା-ବିଜୟନଗରମ ରେଳ ଧାରଣାରେ ଗୁରୁବାର ବିଳମ୍ବିତ ରାତିରେ ଏକ ବଡ଼ ପଥର ପଡ଼ିବାରୁ ବିଶାଖାପାଟଣାଠାରୁ କୋରବା ଯାଉଥିବା ଲିଙ୍କ ଏକ୍ସପ୍ରେସ ଟ୍ରେନ ଅଳ୍ପକେ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛି। ଦୀର୍ଘ ୫ ଘଣ୍ଟାରୁ ଅଧିକ ସମୟ ଧରି ଟ୍ରେନ୍ ଅଟକି ରହିଥିଲା। ବିଭାଗୀୟ ଅଧିକାରୀ ଏ ନେଇ ସୂଚନା ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ପଥର ବାହାର କରିବା ପରେ ଉକ୍ତ ରାସ୍ତାରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହିଭଳି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ସହରସ୍ଥିତ ମଝିଘରିଆଣୀ ମନ୍ଦିର ନିକଟରେ ରହିଥିବା ରେଳ ପୋଲ ଅପରପାର୍ଶ୍ୱର ରେଳଧାରଣାରେ। ନିକଟସ୍ଥ ପାହାଡ଼ରୁ ଏକ ବିରାଟ ପଥର ଖସି ରେଳ ଟ୍ରାକ୍‌ଉପରେ ପଡ଼ିରହିଥିଲା। ଫଳରେ ଟ୍ରାକ କ୍ଷତିଗ୍ରସ୍ତ ହେବା ସହ ଏହି ସମୟରେ ବିଶାଖାପାଟଣାଠାରୁ କୋରବା ଯାଉଥିବା ଏକ୍ସପ୍ରେସ ଟ୍ରେନ ରାୟଗଡ଼ା ରେଳ ଷ୍ଟେସନ୍ ମଧ୍ୟରେ ପ୍ରବେଶ କରି ନ ପାରି ସେଠାରେ ଅଟକି ରହିଥିଲା।

ସୂଚନା ପାଇ ରାୟଗଡ଼ା ରେଳ ଡିଭିଜନ ଡିଆରଏମ ଅମିତାଭ ସିଂଘଲ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଉଦ୍ଧାରଚାରୀ ଟିମ୍ ଏବଂ ଅନ୍ୟାନ୍ୟ ରେଳ କର୍ମଚାରୀ ପହଞ୍ଚି ପଥରକୁ ଟ୍ରାକ୍‌ରୁ ବାହାର କରିଥିଲେ। ଏଥିରେ କୌଣସି ଟ୍ରେନ ଦୁର୍ଘଟଣାଗ୍ରସ୍ତ ହୋଇନଥିବା ବେଳେ କୌଣସି ଧନଜୀବନ କ୍ଷତିଗ୍ରସ୍ତ ହୋଇନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଚାଷୀଙ୍କୁ ଅଡୁଆ...

ସେହିପରି ବାପା, ଜେଜେବାପାଙ୍କ ନାମ ଥିବା ପଟ୍ଟା ଜମିରେ ଚାଷ କରି ସେମାନେ ନିଜ ପରିବାର ଚଳାଇ ଆସୁଛନ୍ତି। ମାତ୍ର ଏବେ ଚାଷୀ ପଞ୍ଜିକରଣ ବେଳେ ପଟ୍ଟା ସଂଶୋଧନ ଜରୁରୀ ହୋଇ ପଡୁଛି। ଗୋଟିଏପଟେ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସହ ରିହାତି ଦେଉଛନ୍ତି। ଚାଷୀଙ୍କୁ ଅଧିକ ଚାଷ କରିବାକୁ ସରକାର କହୁଛନ୍ତି। ମାତ୍ର ଧାନ ଚାଷ କରିବା ପରେ ଏହା କିପରି ସହଜରେ ବିକ୍ରିହେବ ସେଥିପାଇଁ ବ୍ୟବସ୍ଥା କରୁନାହାନ୍ତି। ଧାନ ବିକ୍ରି ନିମନ୍ତେ ଚାଷୀ ପଞ୍ଜିକରଣ ନିମନ୍ତେ କଠୋର ବ୍ୟବସ୍ଥା ଚାଷୀଙ୍କୁ ଚାଷ ଛାଡ଼ିବାକୁ ବାଧ୍ୟ କରୁଥିବା ଅଭିଯୋଗ ହୋଇଛି।

ଭୁବନେଶ୍ୱର ଉପକଣ୍ଠ ନଁପୁଟ ସମବାୟ ସମିତିର ଚାଷୀ ବିଶ୍ୱରଞ୍ଜନ ଦଳେଇ କହିଛନ୍ତି ଯେ ତାଙ୍କର ସବୁ ଜମି ଜେଜେବାପାଙ୍କ ନାମରେ ରହିଛି। ବଡ଼ବାପା ଓ ଦାଦାମାନେ ସବୁ ଚାକିରି ଓ କାମ ଧନ୍ଦା ପାଇଁ ଦୀର୍ଘଦିନ ଧରି ରାଜ୍ୟ ବାହାରେ ରହୁଛନ୍ତି। ତାଙ୍କ ଭାଗ ଜମି ପଡ଼ିଆ ପଡ଼ିଛି; ମୋ ବାପା ବୁଢ଼ା ହୋଇ ଯାଇଥିବାରୁ ଏବେ ଚାଷ କାମ ମୁଁ ନିଜେ ବୁଝୁଛି। ବାପାଙ୍କ ବାର୍ଦ୍ଧକ୍ୟ ଯୋଗୁଁ ମୁଁ ମୋ ନାମରେ ପଞ୍ଜିକରଣ କରିବାକୁ ଚାହୁଁଥିଲେ ବି ତାହା ସମ୍ଭବ ହୋଇ ପାରିଲା ନାହିଁ। ସରକାରଙ୍କ ନିୟମ ଯୋଗୁଁ ଅତି କଷ୍ଟରେ ବୁଢ଼ା ବାପାଙ୍କୁ ଟେକି ଟେକି ସମବାୟ ସମିତିକୁ ନେବାକୁ ପଡ଼ିଲା। ପୁଣି ବୃଦ୍ଧ ଲୋକ ତାଙ୍କ ହାତ ଥରୁଛି, ଆଖିବୁ ଭଲ ଭାବେ ଦେଖାଯାଉନି। ତେଣୁ ଇ-କେୱାଇସି କରିବାରେ ସମସ୍ୟା ହେଲା ବୋଲି ବିଶ୍ୱରଞ୍ଜନ କହିଛନ୍ତି। କେବଳ ବିଶ୍ୱରଞ୍ଜନ ଜଣେ ନୁହନ୍ତି, ନଁପୁଟ ସମବାୟ ସମିତି ଅଧୀନରେ ପଞ୍ଜିକରଣ କରୁଥିବା ପାଖାପାଖି ଦେଢ଼ ଶହରୁ ଦୁଇ ଶହ ଲୋକ ଏଭଳି ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଛି। ପଞ୍ଜିକରଣ ଅବଧି ଶେଷ ହେବାକୁ ଆଉ ମାତ୍ର ୧୪ ଦିନ ଥିବାବେଳେ ଏପର୍ଯ୍ୟନ୍ତ ଅଧା ଚାଷୀ ବି ପଞ୍ଜିକରଣ କରିପାରିନାହାନ୍ତି। ତେଣୁ ଗତବର୍ଷ ଯେତିକି ଚାଷୀ ସରକାରଙ୍କ ଧାନ ବିକ୍ରି କରିଥିଲେ, ଏ ବର୍ଷ ସେତିକି ଚାଷୀ ଧାନ ବିକ୍ରି କରିପାରିବେ ନାହିଁ ବୋଲି କୃଷକ ନେତା ନିରାକାର ସାହୁ କହିଛନ୍ତି।

## ଏମ୍‌ସ ନିଯୁକ୍ତି ଜାଲିଆତି...

ଗୋଟିଏ ପରିବାରର ୪ ଜଣ ଚାକିରି କରିଥିବା ପିଟିସନ୍ ପଡ଼ିବା ପରେ ତଦନ୍ତ ଆରମ୍ଭ କରିଥିଲା ସିବିଆଇ। ଏହାର ସତ୍ୟାସତ ମିଳିବା ପରେ ସିବିଆଇ ନିଜ ଆଡୁ ମାମଲା ରୁଜୁ କରିଛି। ଏମ୍‌ସକୁ କର୍ମଚାରୀ ଯୋଗାଉଥିବା ଠିକା ସଂସ୍ଥା ବମ୍ବେ ଇଣ୍ଟେଲିଜେନ୍ସ ସିକ୍ୟୁରିଟି (ବିଆଇଏସ୍)ର ମ୍ୟାନେଜର ସ୍ମୃତି ସାଗର କର ହିଁ ଘୋଟାଲାର ମାଷ୍ଟରମାଇଣ୍ଡ ବୋଲି ପ୍ରାଥମିକ ଅନୁସନ୍ଧାନରୁ ସିବିଆଇ ଜାଣିବାକୁ ପାଇଛି। ଏହି ଠିକା ସଂସ୍ଥା ବିଆଇଏସ୍ ଏମ୍‌ସ ଭୁବନେଶ୍ୱରକୁ କର୍ମଚାରୀ ଯୋଗାଉଥିବା ବେଳେ ସ୍ମୃତି ସାଗର କର ସଂସ୍ଥାର ମ୍ୟାନେଜର ଭାବେ କାମ କରୁଛନ୍ତି। ସ୍ମୃତିଙ୍କ ୪ ଜଣ ସମ୍ପର୍କୀୟ ମଧ ଏହି ସଂସ୍ଥା ଅଧୀନରେ ଏମ୍‌ସରେ ଚାକିରି କରୁଥିଲେ। ୨୦୨୩ ମସିହା ଜୁଲାଇ ୧ ତାରିଖ ଦିନ ସାନିଟାରୀ ଇନ୍ସପେକ୍ଟର, ମେଡିକାଲ ରେକର୍ଡ ଆସିଷ୍ଟାଣ୍ଟ ଭଳି ସର୍ବଭାରତୀୟ ସ୍ତରରେ ମୋଟ ୭୭୫ ପଦବୀ ପୂରଣ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଓଡ଼ିଶାର ଅନେକ ଆଶାୟୀ ଏଥିପାଇଁ ଆବେଦନ କରିଥିଲେ। ବିଆଇଏସ୍ ଅଧୀନରେ ଏମ୍‌ସରେ ଚାକିରି କରିଥିବା ସ୍ମୃତିଙ୍କ ୪ ଜଣ ସମ୍ପର୍କୀୟଙ୍କୁ ସ୍ଥାୟୀ ନିଯୁକ୍ତି ମିଳିଥିଲା। ସ୍ମୃତିଙ୍କ ଭାଇ ସାଇ ସାଗର କର, ସମ୍ପର୍କୀୟ ଭାଇ ସମ୍ବିତ ମିଶ୍ର, ସଂଗ୍ରାମ ମିଶ୍ର ଓ ରାଜଶ୍ରୀ ପଣ୍ଡାଙ୍କୁ ସାନିଟାରୀ ଇନ୍ସପେକ୍ଟର ଓ ମେଡିକାଲ ରେକର୍ଡ ଆସିଷ୍ଟାଣ୍ଟ ପଦବୀରେ ନିଯୁକ୍ତି ମିଳିଥିଲା। ସ୍ମୃତିଙ୍କ ସମ୍ପର୍କୀୟମାନେ ଚାକିରି କରିବା ସମୟରେ ଗୋରଖପୁରର ଏକ ଶିକ୍ଷାନୁଷ୍ଠାନର ସାର୍ଟିଫିକେଟ ଦାଖଲ କରିଥିଲେ। ସିବିଆଇ ଯାଞ୍ଚ କରିବା ପରେ ସେଠାରେ କେହି ପାଠ ପଢ଼ି ନ ଥିବା ସ୍ପଷ୍ଟ ହୋଇଥିଲା। ପୂର୍ବରୁ ଠିକା ସଂସ୍ଥା ଅଧୀନରେ ଥିବା କର୍ମଚାରୀ ହଠାତ୍ କିପରି ସ୍ଥାୟୀ ନିଯୁକ୍ତି ପାଇଲେ ତା'କୁ ନେଇ ପ୍ରଶ୍ନ ଉଠିଥିଲା। ପିଟିସନ ଆଧାରରେ ତଦନ୍ତ ଆରମ୍ଭ କରିଥିଲା ସିବିଆଇ। ଶ୍ରୁତି ସାଗର ସହ ମିଶି ଏମ୍‌ସ ସହାୟକ ପ୍ରଶାସନିକ ଅଧିକାରୀ ସୁଧିର କୁମାର ପ୍ରଧାନ ଏହି ଚାକିରି ଜାଲିଆତି କରିଥିଲେ। କେବଳ ଏହି ୪ଜଣ ନୁହଁନ୍ତି; ମୋଟା ରକମର ଟଙ୍କା ନେଇ ସେମାନେ ଏକାଧିକ ବ୍ୟକ୍ତିଙ୍କୁ ଚାକିରି ଦେଇଥିବା ସିବିଆଇ ତଦନ୍ତରୁ ଜାଣିବାକୁ ପାଇଛି।

## ଆୟକର ବିଲ୍ ପ୍ରତ୍ୟାହାର...

ସାମିଲ କରାଯିବା ଆବଶ୍ୟକ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଶୁକ୍ରବାର ଲୋକସଭାରେ ଆୟକର ବିଲ୍, ୨୦୨୫ ପ୍ରତ୍ୟାହାର କରିନେଇଛନ୍ତି। ସେ କହିଛନ୍ତି ଯେ ସିଲେକ୍ଟ କମିଟି ଦ୍ୱାରା ପରାମର୍ଶିତ ପରିବର୍ତ୍ତନଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପରେ ସରକାର ବିଲ୍‌କୁ ଏକ ନୂତନ ରୂପରେ ଆଣିବେ। କୁହାଯାଉଛି ଯେ ବିଲ୍‌ର ନୂତନ ସଂସ୍କରଣ ଅଗଷ୍ଟ ୧୧ରେ ଲୋକସଭାରେ ଉପସ୍ଥାପନ କରାଯିବ। ବିଲ୍‌ର ବିଭିନ୍ନ ସଂସ୍କରଣ ଯୋଗୁଁ ଦ୍ୱନ୍ଦ୍ୱ ଏଡାଇବା ଏବଂ ସମସ୍ତ ପରିବର୍ତ୍ତନକୁ ଅନ୍ତର୍ଭୁକ୍ତ କରି ଏକ ସ୍ପଷ୍ଟ ଏବଂ ନୂତନ ସଂସ୍କରଣ ପ୍ରଦାନ କରିବା ପାଇଁ ଆୟକର ବିଲ୍‌ର ନୂତନ ସଂସ୍କରଣ ସୋମବାର ଗୃହରେ ବିଚାର ପାଇଁ ଆଗତ କରାଯିବ, ଯାହା କମିଟି ତା'ର ରିପୋର୍ଟରେ କହିଛି।

## ୪ ହାତୀଦାନ୍ତ ଜବତ...

ଶ୍ରୀକୃଷ୍ଣଚନ୍ଦ୍ର ମୁଣ୍ଡା(୪୫) ଓ ସଦର ଥାନା ଅନ୍ତର୍ଗତ ବରଦାପାଳ ଗ୍ରାମର ଘସିରାମ ମୁଣ୍ଡା(୩୦)। ଜବତ ଦାନ୍ତଗୁଡ଼ିକର ଓଜନ ୫ କେଜି ୫୮ଗ୍ରାମ୍ ହେବ ବୋଲି ଜଣାପଡ଼ିଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦୁଝର ଡିଏଫ୍‌ଓ ଧନରାଜ ଏଚ୍‌ଡି ଏହି ସୂଚନା ଦେଇଛନ୍ତି। ତେବେ ଏମାନେ କେବେ ଓ କେତୋଟି ହାତୀ ଶିକାର କରିଛନ୍ତି, ସେନେଇ ବନ ବିଭାଗ ଅଧିକ ତଦନ୍ତ ଚଳାଇଛି। ହାତୀଦାନ୍ତର ଅବୈଧ କାରବାର ସଂପର୍କରେ ବନ ବିଭାଗକୁ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ସ୍ୱିନ ବା ସିମ୍ଳିପଲ ୱାଇଲ୍ଡଲାଇଫ୍ ଇଣ୍ଟେଲିଜେନ୍ସ ନେଟୱର୍କ/ବନ୍ୟଜନ୍ତୁ ସୁରକ୍ଷା ଗୁଇନ୍ଦା ବ୍ୟବସ୍ଥା ଦ୍ୱାରା ଗୁପ୍ତଚର ସୂଚନା ଅନ୍ତର୍ଗତ ଏକ ଅଭିଯାନ ଡିଏଫଓଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା। ଏସିଏଫ୍ ସୁଦୀପ୍ତ ପଣ୍ଡା, ଭୂୟାଁ ଜୁଆଙ୍ଗ ପିଡ ରେଞ୍ଜର ନୟାକାନ୍ତ ସାହୁ, ବନପାଳ କାଳିନ୍ଦୀ ଚରଣ ସାମଲ, ଜ୍ୟୋତିର୍ମୟୀ ପଟ୍ଟନାୟକ, ସରୋଜ ପାତ୍ର, ବନରକ୍ଷୀ ସୁବ୍ରତ ପାତ୍ର, ମିତ୍ରଭାନୁ ନାଏକ ଏବଂ ମିଲିରାଣୀ ଦାଶଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଦଳ ଦିନ ପ୍ରାୟ ୧୦ଟା ବେଳେ ବାଲିବେଡ଼ା ଗ୍ରାମର ଗଙ୍ଗାଧର ପାତ୍ରଙ୍କ ଘରେ ଚଢ଼ଉ କରି ହାତୀଦାନ୍ତ ଜବତ କରିଥିଲେ। ସେଠାରୁ ଗଙ୍ଗାଧରକୁ ଗିରଫ କରାଯାଇଥିଲା। ପରେ ତା' ସୂଚନା ଆଧାରରେ ଅନ୍ୟ ଅଭିଯୁକ୍ତମାନଙ୍କୁ ବନ ବିଭାଗ ଧରିଥିଲା।

## ସ୍କିମାଟିକ୍ ଶିକ୍ଷକଙ୍କୁ...

ରହି ନଥିଲା। ଗଣଶିକ୍ଷା ବିଭାଗର ୱେବସାଇଟ୍‌ରେ ଅପଲୋଡ୍ ହୋଇଥିବା ଏହି ପ୍ରସ୍ତାବକୁ ମାତ୍ର ୨ଦିନ ପରେ ଡିଲିଟ୍ କରିଦିଆଗଲା। ଫଳରେ ସରକାରଙ୍କ ଆଭିମୁଖ୍ୟ ନେଇ ଆଶଙ୍କା ବଢ଼ିଥିଲା। ଗୁରୁବାର ଏହି ପ୍ରସ୍ତାବକୁ ଆନୁଷ୍ଠାନିକ ଭାବେ ପ୍ରତ୍ୟାହାର କରାଯାଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରସ୍ତାବଟି ଏପର୍ଯ୍ୟନ୍ତ ଉପଯୁକ୍ତ ସ୍ତରରେ ଅନୁମୋଦିତ ହୋଇ ନ ଥିବା ଦର୍ଶାଯାଇଛି।

ପ୍ରସ୍ତାବ ପ୍ରତ୍ୟାହୃତ ହେବା ପରେ ସ୍କିମାଟିକ୍ ଶିକ୍ଷକ ପଦ ଉଚ୍ଛେଦ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିର ଭାଗ୍ୟ ଭବିଷ୍ୟତ ଅନ୍ଧକାର ଭିତରକୁ ଚାଲିଯାଇଛି। ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। କାହିଁକି ପ୍ରସ୍ତାବକୁ ସାର୍ବଜନୀନ କରାଗଲା ଏବଂ ପୁଣି ପ୍ରତ୍ୟାହାର କରାଗଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି ଯେ, ଶିକ୍ଷକଙ୍କୁ ଠକିବାରେ ସରକାର ଧୂରନ୍ଧର। ବିଭିନ୍ନ ଶିକ୍ଷକ ସଂଘ ସହ ଆଲୋଚନା କରି ପ୍ରସ୍ତାବ ନେଲେ, ତାକୁ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ଦେଲେ। ହେଲେ ପ୍ରସ୍ତାବ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ତାକୁ ପ୍ରତ୍ୟାହାର କରିନେବା ଅତ୍ୟନ୍ତ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ। ବିଧାନସଭା ଅଧିବେଶନ ପୂର୍ବରୁ ସମସ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ କରା ନ ଗଲେ ବିରାଟ ଶିକ୍ଷକ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

ଅପରପକ୍ଷରେ ମନ୍ତ୍ରୀଙ୍କୁ ଅନ୍ଧାରରେ ରଖି ପ୍ରସ୍ତାବ ସାର୍ବଜନୀନ କରିବାର ଏହା ପାର୍ଶ୍ୱପ୍ରତିକ୍ରିୟା ବୋଲି କ୍ଷମତା କରିଡରରେ ଆଲୋଚନା ଜୋର ଧରିଛି। ଶିକ୍ଷକଙ୍କ ଅସନ୍ତୋଷ ବିଧାନସଭା ସମୟରେ ସରକାରଙ୍କୁ ଅଡ଼ୁଆରେ ପକାଇପାରେ ବୋଲି ମଧ ଶିକ୍ଷାବିତ୍‌ମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

## ନିଅଣ୍ଟିଆ ବର୍ଷା...

ସମୟରେ ଲଘୁଚାପ ହେବ ଓ ଏହା ପ୍ରଭାବରେ ରାଜ୍ୟରେ ବର୍ଷା ବଢ଼ିବ। ଗତ କିଛି ଦିନ ମଧ୍ୟରେ ବର୍ଷାର ସୁଷମ ବଣ୍ଟନ ହୋଇ ନ ଥିବାରୁ ଅନେକ ସ୍ଥାନରେ ରୁଆ ହୋଇପାରି ନାହିଁ। ଏଥିପାଇଁ ଅତି କମ୍‌ରେ ୧୦୦ ମିମି ବର୍ଷା ଆବଶ୍ୟକ ହେଉଛି। ତେବେ ସମ୍ଭାବ୍ୟ ଲଘୁଚାପ ଯୋଗୁଁ ଅବିଭକ୍ତ କୋରାପୁଟ, କଳାହାଣ୍ଡି ଓ ନୂଆପଡ଼ାରେ ରଆ ବେଉଷା ପାଇଁ ଆବଶ୍ୟକ ବର୍ଷାର ସମ୍ଭାବନା ଅଧିକ। ଦକ୍ଷିଣ ଉପକୂଳରେ ମଧ ୮୦-୧୦୦ ମିମି ବର୍ଷା ହେଲେ ଧାନ ଚାଷ ଆଗେଇବ। ମାତ୍ର ଏହି ଲଘୁଚାପ ଯୋଗୁଁ କୌଣସି ସ୍ଥାନରେ ଭାରି ବର୍ଷା ସମ୍ଭାବନା ନ ଥିଲେ ମଧ ୫-୬ ଦିନ ସ୍ୱଳ୍ପରୁ ମଧ୍ୟମ ବର୍ଷା ହେତୁ ପାଣି ଉଠିପାରେ। ଅଗଷ୍ଟ ମାସରେ ରାଜ୍ୟରେ ଦିନକୁ ହାରାହାରି ବର୍ଷା ୧୧ ମିମି ଆବଶ୍ୟକ। ଏଣୁ ଅଗଷ୍ଟ ୨୦ ପର୍ଯ୍ୟନ୍ତ ୧୪୫-୧୫୦ ମିମି ବର୍ଷା ହେବା କଥା। ମଡେଲ୍ କହୁଛି ଏହି ଲଘୁଚାପ ଯୋଗୁଁ ଏତେ ବର୍ଷା ହୋଇ ନ ପାରେ। ଫଳତଃ ଉତ୍ତର ଆଭ୍ୟନ୍ତରୀଣ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ବର୍ଷା ସ୍ୱାଭାବିକ ବା ଅଧିକ ରହିଥିଲେ ମଧ ୨୦ ବେଳକୁ କେତେକ ଜିଲ୍ଲାରେ ନିଅଣ୍ଟିଆ ପରିସ୍ଥିତି ଉପୁଜିପାରେ। ରୁଆ ବେଉଷା ପାଇଁ ସମୟ ଅଛି ସତ, ଧାନ ତଳି ମରି ନାହିଁ। ଏଣୁ ଲଘୁଚାପ ବର୍ଷା ଯୋଗୁଁ ରୁଆ ବେଳେ ସାରାର ପର୍ଯ୍ୟାପ୍ତ ଉପଲବ୍ଧି ହେବା ଦରକାର। ଯଦି ବର୍ତ୍ତମାନର ନିଅଣ୍ଟିଆ କମିବ ନାହିଁ କିମ୍ବା ଅନ୍ୟ ଜିଲ୍ଲାରେ (ବିଶେଷକରି ଉତ୍ତର ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶା) ନିଅଣ୍ଟିଆ ବର୍ଷା ସୃଷ୍ଟି ହୁଏ, ତା'ର ଜରୁରୀକାଳୀନ ପଦକ୍ଷେପ ବର୍ତ୍ତମାନଠାରୁ ଠିକ୍ କରିବା ଆବଶ୍ୟକ ବୋଲି ପ୍ରଫେସର ପଶୁପାଳକ ପରାମର୍ଶ ଦେଇଛନ୍ତି।

ସୂଚନା ଥାଉ କି, ବର୍ତ୍ତମାନ ସାମଗ୍ରିକ ଭାବେ ରାଜ୍ୟରେ ୨ ପ୍ରତିଶତ୍ ନିଅଣ୍ଟିଆ ବର୍ଷା ରହିଛି। ଜିଲ୍ଲାୱାରୀ ଦେଖିଲେ ଏବେ ୯ଟି ଜିଲ୍ଲାରେ ସ୍ୱାଭାବିକ ତୁଳନାରେ କମ୍ ବର୍ଷା ହୋଇଛି। ଖୋର୍ଦ୍ଧା, ପୁରୀ ସମେତ ଗଞ୍ଜାମ, ଗଜପତି, ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ବଲାଙ୍ଗିର ଓ ନୂଆପଡ଼ାରେ ନିଅଣ୍ଟିଆ ପରିମାଣ ୨୧ ପ୍ରତିଶତରୁ ଆରମ୍ଭ କରି ୪୦ ପ୍ରତିଶତ ପର୍ଯ୍ୟନ୍ତ ରହିଛି। ୧୩ ତାରିଖ ସୁଦ୍ଧା ବର୍ଷା ହେବା ପର୍ଯ୍ୟନ୍ତ ନିଅଣ୍ଟିଆର ପରିମାଣ ଆହୁରି ବଢ଼ିବାର ଆଶଙ୍କା କରାଯାଉଛି।

AFFIDAVIT
By virtue of an affidavit sworn before Notary Public Titilagarh, dated 29.07.2025 I, Bhikari Rana , Address At/Po-Badbahal, Ps- Tusura, Dist-Balangir, Odisha, Pin- 767067 declare that I have changed my name from Rikari Rana to Bhikari Rana. Henceforth, I shall be known as Bhikari Rana for all purposes.
**Bhikari Rana**

AFFIDAVIT
I, Jyotika Ramachandra Behera, D/o-Ramachandra Behera, resident of Flat no-E/1102, Jalvayu Tower, Niladri Vihar, Po-Sailashree Vihar , Dist-Khurda PIN-751021, Odisha declared by this affidavit No-638, dtd-08/08/2025 that now onwards I shall be known as **JYOTIKA BEHERA** for all future purposes.

AFFIDAVIT
By virtue of an affidavit before the Executive Magistrate, Umerkote, Dist.- Nabarangpur, I, Amit Das Kurey, S/o- Babulal Kuray resident of Vill./Po.-Adhikariguda, Ps.- Umerkote, Dist.- Nabarangpur state that, my son's actual name is **Tanish Kuray** but in his Birth certificate his name has been wrongly mentioned as Tanish Kureay. Both the names **Tanish Kureay** and **Tanish Kuray** are of single and same person. Hence he will be known as **Tanish Kuray** for all future purposes.

AFFIDAVIT
By virtue of an affidavit before The Notary Public, Titilagarh, on dated-06/08/2025. I, **Shashibhusan Bhoe** (Applicant name), S/O-Gokula Bhoe, Permanent resident of At- Dharapgarh, P.O. Goelbhadi, P.S. Saintala, Dist- Balangir, (Odisha), PIN- 767033, now residing at the same place affirm that I have changed my minor son's name from **Sahil Bhue** (old name) to **Sahil Bhoe** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Sahil Bhoe** (new name).
**Shashibhusan Bhoe**

AFFIDAVIT
I, Ramachandra Sanyasi Behera, S/o- Sanyasi Behera, resident of Flat No- E/1102, Jalvayu Tower, Niladri Vihar, Po-Sailashree Vihar, Dist-Khurda, PIN-751021, Odisha declared by this affidavit No-637, dtd- 08/08/2025 that now onwards I shall be known as **RAMA CHANDRA BEHERA** for all future purposes.

AFFIDAVIT
By virtue of an affidavit (CF No. 21, date- 07/08/2025) sworn before The Notary Public, Padampur. I, **Himanshu Agrawal,** S/o Anil Kumar Agrawal, resident of Vill- Padampur W.No.8, PO- Rajborasambar, Ps-Padampur, Dist- Bargarh, Odisha declare that I have changed my name from **Himanshu Agarwal** (old name) to **Himanshu Agrawal** (new name) in Bank Pass book vide A/C No. 367805001996 of ICICI Bank, Bheunria Branch. Henceforth, I shall be known as **Himanshu Agrawal** for all future purposes.
**Himanshu Agrawal**

AFFIDAVIT
By virtue of an affidavit sworn before Notary Public Titilagarh, dated 06.08.2025 I, Debraj Harpal, Adress At- Samiapada, Diatan Po- Parasara, Ps-Sindhekela, Dist- Balangir, Odisha, Pin- 767035 declare that I have changed my daughter's name from Suneli Harpal to Santoshini Harpal. Henceforth, she shall be known as Santoshini Harpal for all purposes.
**Debraj Harpal**

AFFIDAVIT
By virtue of an affidavit sworn before Executive Magistrate, Bhubaneswar, dated: 04.08.2025, I, Tanmayee Sahoo, resident of At/Po-Kusupur, Ps-Mahanga, Cuttack, Odisha-754205 declare that I have changed my minor Son's name from Aayansh Mohapatra to Aayansh Sahoo. Henceforth he shall be known as **Aayansh Sahoo** for all purposes.

AFFIDAVIT
By the virtue of an affidavit sworn before the Court of the Executive Magistrate, Aska, I Nivedita Panda, aged about 57 Years, D/O - Radhagobind Panda ( Farther ) and Smt Binodini Choudhury ( Mother ) permanent resident of Sunam Sahi , Aska , PO /PS - Aska , Dist - Ganjam , Odisha, PIN - 761110, do hereby declare that, I have changed my name from Nivedita Nayak to Nivedita Panda ! Hence I shall be known as **Nivedita Panda** for all purposes !

AFFIDAVIT
I, Aditya Shivraj Subarno, aged about 25 years, S/o- Rajesh Subarno, resident of Quarter No.01, Type-VI, SIB Colony, Bidyut Marg, Unit-V, Capital PS, Bhubaneswar, District Khordha, Odisha, PIN-751001 do hereby declare by this affidavit No.280, dated 08.08.2025 that, now onwards I shall be known as ADITYA SUBARNO for all future purposes.
**Sd/- Aditya Subarno**

AFFIDAVIT
I, Namrata Nivedita Behera, D/o-Chandan Behera, resident of Flat No-E/302, Phase-3, Metro Satelity City, Hanspal, Po-Balianta, Dist- Khurda PIN-752101, Odisha declared by this affidavit No-636, dtd- 08/08/2025 that now onwards I shall be known as **NAMRATA NIBEDITA BEHERA** for all future purposes.

AFFIDAVIT
By virtue of an affidavit sworn before the Executive Magistrate, Jajpur no 7627 dated 06/08/2025 declare that Myself Sk Jabir , S/o- Sk Bakabul of Sayedpur, Binjharpur, Jajpur have changed my old name from sk Jahid to Sk Jabir (new name). So I will be known as Sk. Jabir for all purposes.
**Sd/-Sk Jabir**

LOST
**I, Mrs. Nirupama Jena,** aged about 50 years, W/o: Mr. Sunil Kumar Jena, R/o: Plot No.: 172/1041, Sikharpur, Near BPCL Depot, Nadikula, Cuttack Sadar, Cuttack, Odisha - 753003 do hereby solemnly affirm that I am the absolute owner in respect of the land and building thereon situated at Dist.: Cuttack, DSRO: Cuttack, Thana: Chauliaganj No.: 2, Tahasil: Cuttack, Mouza: Unit No. 26, Sikharpur, Khata No.: 660/251, Plot No.: 172/1041, Area: Ac. 0.0520 Dec., Classified as Homestead having right title interest in and possession thereon. I hereby declare that the following original link deed are lost somewhere in transit and inspite of my best efforts I could not trace it out. The following deeds are not in my possession: **(A)** Registered Sale Deed No.: 1389 dated 21.03.2001 is not in my possession, **(B)** Original mutation ROR in respect of Khata No.: 660/ 251 of Mouza: Cuttack Sahar Unit No.: 26 Sikharpur**(C)** Registered Sale Deed No.: 2306 dated 10.05.2004. I have not deposited the said deed as security by way of equitable mortgage or otherwise with anybody nor I have given it to anybody for any purpose. If somebody found and misuse the said deed, I shall not be held responsible for that.
If any one found the above deed, is in possession or have any claim on the same please contact Advocate **Mr. A Pattnaik, Mob No.: 9338451066** within **7 days** of this publication. If no claim received during this period the validity of above mentioned original deeds is null and void.

AFFIDAVIT
By virtue of an affidavit CF No.2381, dtd. 06.08.2025 sworn before the Executive Magistrate, Sambalpur, I, Simran Binet, residing at Hospital Campus, PO-Modipada, PS-Sadar, Dist-Sambalpur, Odisha-768002 changed my name from Sriman Binet to Simran Binet. Henceforth I shall be known as **Simran Binet** for all purposes.
**Sd/- Simran Binet**

TO WHOM IT MAY CONCERN
Kind Attn:
Mr. Lokesh Dash of Cuttack
(Address not known)
We are hereby informed you that the undersigned has no power to register the flats (flat no.407,408 & 409) as per the certificate Case no.23/2025 issued on Dt.21.03.2025. We had informed you through the other Director, who has booked the flat during his tenure of Managing the company. We are unable to deposit the required amount of approx. Rupees Forty Lakhs penalties levied on the company of the promoter by Hon'ble Adjudicating Officer vide case no. AOCC No.22 of 2023 and execution case no.06 of 2024 in the matter of Saroj Kumar Sahu Vs. Mahodadhi Devlopers Pvt Ltd. So we informed through this notice by odia daily for information and refund of of your deposits of Rs.18,00,000/- for flat no 407, 408 and 409 of Tulasi Vihar, Phase-II, Puri. If any other claim, other Director will settle the issue at his end.
Managing Director,
Mahodadhi Devlopers Pvt. Ltd.
Bhubaneswar.

AFFIDAVIT
I, Ranjeeta Ramachandra Behera, W/o-Ramachandra Behera, resident of D/202, Sector-7,CDA,Markat Nagar, Cuttack Sadar, Dist-Cuttack PIN-753014, Odisha declared by this affidavit No-635, dtd-08/08/2025 that now onwards I shall be known as **RANJEETA BEHERA** for all future purposes.

## ପିଲା ଚୋରି ସନ୍ଦେହରେ ଆକ୍ରମଣ, ଉଦ୍ଧାରକଲା ପୁଲିସ

ଆନନ୍ଦପୁର/ରାମଚନ୍ଦ୍ରପୁର, ୮।୮(ସମିସ): ପିଲା ଚୋରି ସନ୍ଦେହ କରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ପୁଲିସର ଜିମା ଦେଇଛନ୍ତି ଗ୍ରାମବାସୀ। ରାମଚନ୍ଦ୍ରପୁର ଥାନା ନୂଆଗାଁ ଏବଂ ଖଲଣାରେ ଏକ ଗୁଜବ ପ୍ରସାରିତ ହୋଇଥିଲା। ଅପରାହ୍ନରେ ଖଲଣା ଗାଁ ବନ୍ଧ ନିକଟରେ ଅଜଣା ଯୁବକ ଚାଲି ଚାଲି ଯାଉଥିବା ବେଳେ କିଛି ଲୋକ ପିଲା ଚୋର ବୋଲି ପାଟି କରିବାରୁ ଯୁବକ ଜଣକ ମାଡ ଭୟରେ ଦୌଡିବାକୁ ଲାଗିଲେ। ପରେ କଥା ପ୍ରଘଟ ହୋଇଯିବା ପରେ ଶହଶହ ଗ୍ରାମବାସୀ ମିଶି ଯୁବକଙ୍କ ପିଛା କରି ନୂଆଗାଁ ଦେଇ ଯେନାପଦା ଗାଁ ନିକଟରେ କାବୁ କରିବା ପରେ ନିର୍ଦ୍ଦୁମ ମାଡ ମାରି ପୁଲିସକୁ ଖବର ଦେଇଥିଲେ। ପୁଲିସ ଯୁବକଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରି ଅଧିକ ପଚରାଉଚରା ପରେ ଉକ୍ତ ଯୁବକ ଜଣକ ଘର କଟକ ଆଠଗଡ ଅଞ୍ଚଳର ବୋଲି ଜଣାପଡ଼ିଛି। ସେ କୌଣସି କାମରେ ଆସି ଏଠାରେ ଅଟକିଥିବା ଏବା ଜଣେ ସାଧାରଣ ଯୁବକ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି।

## ଗାଡ଼ି ଧକ୍କାରେ ହରିଣ ମୃତ

ଆନନ୍ଦପୁର/ରାମଚନ୍ଦ୍ରପୁର, ୮।୮(ସମିସ): ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ବରାଙ୍ଗ ସଂରକ୍ଷିତ ଜଙ୍ଗଲ ପୁରୁଣାବାନ୍ଧଗୋଡା ଧନେଇ ପୀଠ ନିକଟରେ ଗତକାଲି ବିଳମ୍ବିତ ରାତ୍ରୀରେ ଅଜଣା ଗାଡ଼ି ଧକ୍କାରେ ଏକ ଟୀପା ହରିଣର ମୃତ୍ୟୁ ହୋଇଛି। ସ୍ଥାନୀୟ ଲୋକେ ଭୋରରେ ଯିବା ସମୟରେ ରାସ୍ତା ଉପରେ ମୃତ ଅବସ୍ଥାରେ ହରିଣ ପଡ଼ିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବନବିଭାଗର କର୍ମଚାରୀ ପହଞ୍ଚି ମୃତ ହରିଣଟିକୁ ନିଜ ହେପାଜତକୁ ନେଇଥିଲେ। ଅଜଣା ଗାଡି କିମ୍ବା ବୁଲା କୁକୁରଙ୍କ ଆକ୍ରମଣର ଶିକାର ହୋଇ ହରିଣଟିର ମୃତ୍ୟୁ ହୋଇଥିବା ଅନୁମାନ କରୁଛି ବନବିଭାଗ। ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହେବା ପରେ ପ୍ରକୃତ କାରଣ ଜଣପଡିବ ବୋଲି ବନ କର୍ମଚାରୀ କହିଛନ୍ତି।

## ବୋଲବମ୍ ଭକ୍ତ ନିଖୋଜ



ହାଟଡିହୀ,୮।୮(ସମିସ): ଶିବଙ୍କ ଜଳାଭିଷେକ କରିବାକୁ ପାଣି ଭାର ନେଇ ପୁରୀ ଯାଇଥିବା ବଞ୍ଜୋ ଗ୍ରାମର ଦୀପକ ଜେନା ନିଖୋଜ ହୋଇଯାଇଛନ୍ତି। ପରିବାର ପକ୍ଷରୁ ବଳିଆପଣ୍ଡା ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ପ୍ରାୟ ୨୦ ଯୁବକ ପାଣିଭାର ନେଇ ପୁରୀ ଯାଇଥିଲେ। ପରେ ୪ ତାରିଖ ସନ୍ଧ୍ୟାରେ ଅନ୍ୟ ଯୁବକମାନେ ସମୁଦ୍ରକୂଳକୁ ଯାଇଥିଲେ। ପରେ ଅନେକ ସ୍ଥାନରେ ଖୋଜାଖୋଜି କରିବା ପରେ କୌଣସି ସନ୍ଧାନ ନପାଇବାରୁ ଦୀପକଙ୍କ ଭାଇ ପ୍ରଦ୍ୟୁମ୍ନ ଜେନା ବଳିଆପଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ଯଦି କେହି ସୂଚନା ପାଆନ୍ତି ତେବେ ନିକଟସ୍ଥ ଥାନାରେ ଜଣାଇବାକୁ ସେ ନିବେଦନ କରିଛନ୍ତି।

## ୩ ଜୁଆଡ଼ି ଅଟକ; ନଗଦ ଟଙ୍କା ସହ ମୋବାଇଲ ଜବତ



ରାମଚନ୍ଦ୍ରପୁର, ୮।୮(ସମିସ): ରାମଚନ୍ଦ୍ରପୁର ଥାନା ଗଡବାନ୍ଧଗୋଡା ପଞ୍ଚାୟତ ବୋହୁଗଡିଆ ସାପ୍ତାହିକ ହାଟରେ ପୁଲିସ ଶୁକ୍ରବାର ଅପରାହ୍ନରେ ଅଚାନକ ଚଢଉ କରିଛି। ଏଥିରେ ୩ ଜଣ ଜୁଆଡିକୁ କାବୁ କରିବା ସହ ଜୁଆଖେଳରେ ବ୍ୟବହୃତ ତାସ, ନଗଦ ୫୭୨୦ ଟଙ୍କା ଏବଂ ଏକ ମୋବାଇଲ ଫୋନ ଜବତ କରିଛି ପୁଲିସ। ସେଠାରେ ଦୀର୍ଘଦିନ ହେଲା ଜୁଆ ଖେଳ ସହ କୁକୁଡା ଲଢେଇ ଚାଲିଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଆସୁଥିଲା। ଥାନାଧିକାରୀ ମନୋଜ ସ୍ୱାଇଁ ସଦଳବଳ ଚଢ଼ଉ କରିବା ଫଳରେ କିଛି ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସାପୁଆସାହିର ଶୁକଦେବ ମୁଣ୍ଡା (୨୫), ବୋହୁଗଡିଆ ଗ୍ରାମର ଶେଷଦେବ ସ୍ୱାଇଁ(୪୫), ସୁରେଶ ସ୍ୱାଇଁ(୪୧)ଙ୍କୁ ପୁଲିସ କୋର୍ଟ ଚାଲାଣ କରିବାକୁ ପ୍ରସ୍ତୁତି ଚଳାଇଛି।

## ଧର୍ମପରାୟଣା ମହିଳାଙ୍କ ପରଲୋକ



ଆନନ୍ଦପୁର, ୮।୮(ସମିସ): ଦେଓଗାଁ ପଞ୍ଚାୟତ ଢ଼ିଙ୍କିଆ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ସାହୁଙ୍କ ପତ୍ନୀ ସାବିତ୍ରୀ ସାହୁ ( ୬୬)ଙ୍କ ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣା ମହିଳା ଭାବେ ପରିଚିତ ଥିଲେ। ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାରକୁ ବହୁ ମାନ୍ୟଗଣ୍ୟ ଲୋକ ସାନ୍ତ୍ୱନା ଦେଇଥିଲେ। ଆନନ୍ଦପୁର ଉପଖଣ୍ଡ ସତସଙ୍ଗ ସହିତ ଜଡିତ ଥିଲେ। ଅନ୍ତିମ ସମୟରେ ତାଙ୍କର କନ୍ୟା ଲକ୍ଷ୍ମୀପ୍ରିୟା, ପୁତ୍ରବଧୂ ଭାନୁମତୀ, ଲଳିତା, ଜାମାତା ଶିକ୍ଷକ ପିତାମ୍ବର ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ନାତି ଜ୍ୟୋତିକୃଷ୍ଣ, ଯୋଗବ୍ରତ, ମୃତ୍ୟୁଞ୍ଜୟ, ନାତୁଣୀ ଲପିତା ସାହୁ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶବଦାହ କରାଯାଇଛି। ସାନପୁଅ ଅଧ୍ୟାପକ ଅଜୟ ସାହୁ ମୁଖାଗ୍ନି ଦେଇଥିଲେ।

## ବିଭିନ୍ନ ସେବାସମିତିରେ ଧାନ ପଞ୍ଜୀକରଣର ସମୀକ୍ଷା

ଆନନ୍ଦପୁର/ବେଲବାହାଳି, ୮।୮ (ସମିସ): ଚଳିତ ଖରିଫ ଧାନ ସଂଗ୍ରହ ଅଭିଯାନକୁ ଶୃଙ୍ଖଳିତ ଓ ଚାଷୀ ପଞ୍ଜୀକରଣକୁ ସ୍ୱଚ୍ଛ କରିବା ପାଇଁ ଆଜି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ସବଡିଭିଜନର ୫ଟି ସେବା ସମବାୟ ସମିତି ପରିଦର୍ଶନ କରିଛନ୍ତି। ଆନନ୍ଦପୁର ସବଡିଭିଜନର ବେଲବାହାଳି, ଖଲଣା, ବାତୋ, ଶାଳଦେଇ, ଅଳତି ଓ ଗଡବାନ୍ଧଗୋଡା ପ୍ରଭୃତି ସେବା ସମବାୟସମିତିକୁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପରିଦର୍ଶନ କରିବା ସହିତ ପଞ୍ଜୀକରଣ ଠିକ ଠାକ ଭାବେ ଚାଲୁଛି କି ନାହିଁ ତାହାର ତଦାରଖ କରିଥିଲେ। ବିଭିନ୍ନ ସମସ୍ୟା ବିଷୟରେ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଘସିପୁରା ବ୍ଲକ ସାଂସଦ ପ୍ରତିନିଧି ଶିବେନ୍ଦ୍ର ଚକ୍ର, ବିଜେପି ବରିଷ୍ଠ ନେତା ଅନାଦୀ ଚରଣ ସାହୁ, ପ୍ରାଣବନ୍ଧୁ ସାହୁ, ତୀର୍ଥବାସୀ ଜେନା, ପ୍ରମୋଦ ସାହୁ, ଚତୁର୍ଭୁଜ ମୁର୍ମୁ, ବିକାଶ ଚକ୍ର, ଶ୍ରୀଧର ମହାନ୍ତ, ଖଗେଶ୍ୱର ଜେନା, ମଳୟ ପଣ୍ଡା, ନରେନ୍ଦ୍ର ମଲ୍ଲିକ, ବାଇଧର ଜେନା, ସୁମନ୍ତ ତ୍ରିପାଠୀଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଓ ଚାଷୀ ଉପସ୍ଥିତ ଥିଲେ।

### ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ

# ଜିଲ୍ଲାରୁ ଲିମ୍ଫାଟିକ୍ ଫାଇଲେରିଆ ମୂଳୋତ୍ପାଟନ ଲକ୍ଷ୍ୟ




କେନ୍ଦୁଝର,୮।୮(ସମିସ): କେନ୍ଦୁଝର ଜିଲ୍ଲାରୁ ଲିମ୍ଫାଟିକ ଫାଇଲେରିଆ ନିରାକରଣ ପାଇଁ ଆସନ୍ତା ଅଗଷ୍ଟ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ (ଏମ୍‌ଡିଏ) କରାଯିବ। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆୟୋଜିତ ଏକ କର୍ମଶାଳାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶକ ଡାକ୍ତର ବିନୋଦ ବିହାରୀ ମିଶ୍ର କହିଥିଲେ, '୨୦୨୭ ସୁଦ୍ଧା ଫାଇଲେରିଆର ନିରାକରଣ କରିବାକୁ ଭାରତର ପ୍ରତିବଦ୍ଧତା ଦୃଷ୍ଟିରୁ ଏହି କାର୍ଯ୍ୟକ୍ରମ ତିନୋଟି ପୌରପାଳିକା ଏବଂ ତିନୋଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଦର (ପଦ୍ମପୁର), ବାସୁଦେବପୁର ଓ ଭଣ୍ଡାରେ ଅନୁଷ୍ଠିତ ହେବ। ଜିଲ୍ଲାରେ ସମସ୍ତ ଯୋଗ୍ୟ ହିତାଧିକାରୀ (୦୨ ବର୍ଷରୁ କମ ବୟସର ଶିଶୁ, ଗର୍ଭବତୀ ମହିଳା ଓ ଗୁରୁତର ଅସୁସ୍ଥ)ଙ୍କୁ ଆଶା, ଅଙ୍ଗନବାଡି କର୍ମୀ ଏବଂ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀଙ୍କ ଉପସ୍ଥିତିରେ ଫାଇଲେରିଆ ନିରୋଧୀ ଔଷଧ ସେବନ କରାଯିବ। ଏଡିପିଏଚଓ (ଭିବିଡି) ଡାକ୍ତର ପୁଷ୍ପାରାଣୀ ପଟ୍ଟନାୟକ କହିଥିଲେ ଯେ ଫାଇଲେରିଆ କ୍ୟୁଲେକ୍ସ ମଶା କାମୁଡିବା ଦ୍ୱାରା ବ୍ୟାପୁଛି। ଆକ୍ରାନ୍ତ ଲେକମାନେ ଅନେକ ସମୟରେ ହାଇଡ୍ରୋସିଲ, ଲିମ୍ଫୋଡେମା (ଅଙ୍ଗପ୍ରତ୍ୟଙ୍ଗ ଫୁଲିବା) ଇତ୍ୟାଦିର ଶିକାର ହୋଇଥାନ୍ତି। ସେ କହିଥିଲେ ଯେ ମୃତ ପରଜୀବୀଙ୍କଠାରୁ ଉତ୍ପାଦିତ ଆଣ୍ଟିଜେନ କାରଣରୁ କୁଣ୍ଡାଇହେବା, ବାନ୍ତିଲାଗିବା ଭଳି ଲକ୍ଷଣ ଦେଖାଦେଇପାରେ। ଏହି ସାମାନ୍ୟ ପାର୍ଶ୍ୱ ପ୍ରତିକ୍ରିୟା କାରଣରୁ ଫାଇଲେରିଆ ନିରୋଧୀ ଔଷଧ ସେବନରୁ ବିରତ ରହିବା ଅନୁଚିତ। ଏହି ଅଭିଯାନ ସମୟରେ ପ୍ରାୟ ୧୯୪୨ ତାଲିମପ୍ରାପ୍ତ ଔଷଧ ପ୍ରଦାନକାରୀ, ୧୮୭ ଜଣ ସୁପରଭାଇଜର, ୨୩ ଜଣ ଆରଆରଟିଙ୍କୁ ନିଯୁକ୍ତ କରାଯାଇଛି। ଜିଲ୍ଲାରେ ମୋଟ ଧାର୍ଯ୍ୟଲକ୍ଷ୍ୟ ହିତାଧିକାରୀଙ୍କ ସଂଖ୍ୟା ୫,୬୩,୦୬୬ ରହିଛି। ଏନଏଚଏମ ଜିଲ୍ଲା ମୁଖ୍ୟ ନିତ୍ୟରଞ୍ଜନ ବରାଳ ଧନ୍ୟବାଦ ଦେଇଥିଲେ।

## ଶିଶୁ ବିଭାଗରେ ଅଡ୍ଡା ଜମାଇଛନ୍ତି କର୍ମଚାରୀ

**ଜିଲ୍ଲାସ୍ତରୀୟ ନିର୍ଦ୍ଦେଶକୁ ବି ଚାପି ଦେଉଛନ୍ତି**

ଆନନ୍ଦପୁର, ୮।୮ (ସମିସ): ଘସିପୁରାରେ କାର୍ଯ୍ୟକାରୀ ହେଉନି ବଦଳି ଆଦେଶ। ଏପରିକି ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଆଦେଶକୁ କାର୍ଯ୍ୟକାରୀ କରାଯାଉ ନଥିବାବେଳେ କର୍ମଚାରୀଙ୍କୁ ଚୌକିର ମୋହ ଛାଡୁ ନଥିବା ଅଭିଯୋଗ ହୋଇଛି। ବଦଳି ହେବାପରେ କର୍ମଚାରୀମାନେ ଧରାଧରି କରି ରହୁଥିବା ଏଠାରେ ରହୁଥିବାରୁ ଅନ୍ୟ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ ପାଇଛି। କେନ୍ଦୁଝର ଜିଲ୍ଲା ପରିଷଦ ଆଦେଶ ଚିଠି ନମ୍ବର୪୯୨୫/୫.୯.୨୦୨୪ ଅନୁସାରେ ଘସିପୁରା ବ୍ଲକରେ କାର୍ଯ୍ୟରତ କନିଷ୍ଠଯନ୍ତ୍ରୀ ସସ୍ମିତା ପାତ୍ରଙ୍କ ଝୁମ୍ପୁରା ବ୍ଲକକୁ ବଦଳି ହୋଇଛି। ସେ ଅଦ୍ୟାବଧି ଘସିପୁରା ବ୍ଲକରେ କାର୍ଯ୍ୟରତ ଅଛନ୍ତି। ସେହିପରି କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଞ୍ଚାୟତ ବିଭାଗର ନିର୍ଦ୍ଦେଶ ଚିଠି ନମ୍ବର ୭୬୭/ତା୨୨.୭.୨୦୨୫ ଅନୁସାରେ ଘସିପୁରା ବ୍ଲକରେ କାର୍ଯ୍ୟରତ ପିଇଓ ଅଶୋକ ମହାନ୍ତଙ୍କର ପାଟଣା ବ୍ଲକକୁ ବଦଳି ହୋଇଛି। ଅନୁରୂପ ଭାବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏଷ୍ଟାବ୍ଲିସମେଣ୍ଟ ବିଭାଗ ନିର୍ଦ୍ଦେଶ ୨୦୮ ୯/ତା୨୨.୭.୨୦୨୫ ଅନୁସାରେ ଘସିପୁରା ତହସିଲରେ କାର୍ଯ୍ୟରତ କନିଷ୍ଠ ରାଜସ୍ୱ ସହଯୋଗୀ ବସନ୍ତ ରାଉତଙ୍କ ହାଟଡିହି ତହସିଲକୁ ବଦଳି ହୋଇଥିବାବେଳେ ସେ ମଧ୍ୟ ଏଠାରେ କାର୍ଯ୍ୟରତ ରହିଛନ୍ତି। ଆନନ୍ଦପୁର ଶିଶୁ ବିକାଶ ବିଭାଗରେ ଗତ ପ୍ରାୟ ୧୦ ବର୍ଷ ଧରି କର୍ମଚାରୀ ।ନେ ଆଡ୍ଡା ଜମାଇ ରହିଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ୬ ବର୍ଷ ପରେ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯିବାକୁ ସରକାରୀ ନିର୍ଦ୍ଦେଶ ଥିବା ବେଳେ ଆଦେଶକୁ ଚାପି ଦିଆଯାଇଛି। ୧୦ ବର୍ଷରୁ ଅଧିକ ଦିନଧରି ସୁପରଭାଇଜରମାନେ ଏହି କାର୍ଯ୍ୟାଳୟରେ ରହିଥିବା ବେଳେ ଏବେବି ବଦଳି ନହେବା ପାଇଁ ଉଦ୍ୟମ ଜାରି ରଖିଥିବା ଆଲୋଚନାର ବିଷୟ ହୋଇଛି। ଚଳିତ ମାସରେ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ଜାରି କରିଥିବା ପତ୍ରସଂଖ୍ୟା ୧୬୨୬୫ର ନିର୍ଦ୍ଦେଶ ଅନୁଯାୟୀ ତୁରନ୍ତ ଅନ୍ୟତ୍ର ବଦଳି କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାଯାଇଛି। କେନ୍ଦୁଝର ଜିଲ୍ଲା ପ୍ରଶାସନ ଏଦିଗରେ ଉଚିତ ପଦକ୍ଷେପ ନେବାକୁ ସାଂସଦ ପ୍ରତିନିଧି ଶ୍ରୀମତୀ ପ୍ରଣୟିନୀ ବ୍ରହ୍ମ ଦାବି କରିଛନ୍ତି।

## ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ପୁରସ୍କୃତ

ଆନନ୍ଦପୁର, ୮।୮ (ସମିସ): ରାଜ୍ୟସ୍ତରୀୟ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଫ୍ରେଣ୍ଡଲି ଚିକିତ୍ସାଳୟ ଭାବେ ପୁରସ୍କୃତ କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଡାକ୍ତରଖାନା ଅଧୀକ୍ଷକ ଡାକ୍ତର ଧନେଶ୍ୱର ସେଠୀଙ୍କୁ ମାନପତ୍ର ଓ ଅର୍ଥରାଶି ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଯେ ଗତ ୨୪ ତାରିଖରେ ରାଜ୍ୟରୁ ଆସିଥିବା ଏକ ଟିମ୍ ଉପଖଣ୍ଡ ଚିକିତ୍ସାଳୟ ବୁଲି ସମୀକ୍ଷା କରିବା ପରେ ଏହି ପୁରସ୍କାର ପ୍ରଦାନ କରାଯାଇଛି।

## ୧୭ ବର୍ଷରୁ କମ୍ ରାଜ୍ୟସ୍ତରୀୟ ମହିଳା କ୍ରିକେଟକୁ ୧୨ ଛାତ୍ରୀ ମନୋନୀତ

ହାଟଡ଼ିହୀ, ୮।୮(ସମିସ): ଆସନ୍ତା ଡିସେମ୍ବର ତୃତୀୟ ସପ୍ତାହରେ ଜଗତସିଂହପୁର ଠାରେ ୨୦୨୫-୨୬ ବର୍ଷ ପାଇଁ ମହିଳା କ୍ରିକେଟ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟ ପାଇଁ ଆନନ୍ଦପୁର ଉପଖଣ୍ଡ ତଥା ହାଟଡ଼ିହୀ ବ୍ଲକର ବିଭିନ୍ନ ଉଚ୍ଚବିଦ୍ୟାଳୟ ଏବଂ ଉଚ୍ଚମାଧ୍ୟମିକ ବିଦ୍ୟାଳୟରୁ ୧୭ ବର୍ଷରୁ କମ୍ ବୟସର ୧୨ ଜଣ ଛାତ୍ରୀ ଚୟନ ହୋଇଛନ୍ତି। ଏଥିରେ ଅନିଷା ସା, ସାଇପ୍ରତୀକ୍ଷା ଜେନା, ସାଇଲକ୍ଷ୍ମୀ ଜେନା, ସୋହାନୀ ସା, ସୃଷ୍ଟି ବିଶ୍ୱାଳ, ଲିପ୍ସାରାଣୀ ଜେନା, ଦୀପ୍ତିମୟୀ ଜେନା, ଆର୍ଯ୍ୟସୂତା ଜେନା, ସ୍ୱପ୍ନାରାଣୀ ଜେନା, ଆଶାରାଣୀ ମୁଖି, ହରପ୍ରିୟା ଜେନା, ପୂଜାରାଣୀ ଜେନା ରହିଛନ୍ତି। ଆନନ୍ଦପୁର ମଡେଲ ସ୍କୁଲର କ୍ରୀଡ଼ା ଶିକ୍ଷକ ପଦ୍ମନାଭ ସାମଲ ସେମାନଙ୍କ ପ୍ରଶିକ୍ଷଣ ଦାୟିତ୍ୱରେ ରହିଛନ୍ତି। ହାଟଡ଼ିହୀସ୍ଥିତ ମଠକପୁଣ୍ଡି ମିନି ଷ୍ଟାଡିୟମରେ ସେମାନେ ଅଭ୍ୟାସ ଜାରି ରଖିଛନ୍ତି।

## ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ହାଟଡ଼ିହୀ, ୮।୮(ସମିସ): ହାଟଡିହୀ ବ୍ଲକ ସୋସୋ ପଞ୍ଚାୟତ ନୀଉଦାନୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟା ମାନାରାଣୀ ତ୍ରିପାଠୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବିଜ୍ଞାନ ମେଳାରେ ଶିକ୍ଷାବିତ୍ ତଥା ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକ ମୋହନ ମହାନ୍ତି, ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ ଜେନା, ଅନୁଷ୍ଠାନର ଉପଦେଷ୍ଟା ଅକ୍ଷୟ ବଳ ପ୍ରମୁଖ ଅତିଥି ଯୋଗ ଦେଇଥିଲେ। ଗୁରୁମା ଚିତ୍ରଲେଖା ସାମଲ, ସ୍ନେହଲତା ଖୁଣ୍ଟିଆ, ଶାଶ୍ୱତୀ ପ୍ରଧାନ, ବଲ୍ଲଭି ମିଶ୍ର, ଶୁଚିସ୍ମିତା ସାହୁ, ସ୍ନେହଲତା ବାରିକ, କମଳା ଜେନା, ଗୁରୁଜୀ ହେମନ୍ତ ରାଉତ, ଶରତଚନ୍ଦ୍ର ବିନ୍ଧାଣି, ସତ୍ୟନାରାୟଣ ରାଉତ, ଗୟାଧର ରାଉତ, ଗଙ୍ଗାଧର ଆଇଚ ପ୍ରମୁଖ ସହଯୋଗ କରିଥିଲେ। ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ପାଇଁ ମନୋନୀତ କରାଯାଇଛି।

## ସୁରକ୍ଷା ବଳ ପାଇଁ ରାକ୍ଷୀ ପଠାଇଲେ ଲିପାଞ୍ଜଳି



ବେଲବାହାଳି/ରାମଚନ୍ଦ୍ରପୁର, ୮।୮(ସମିସ): ଘସିପୁରା ବ୍ଲକ ସାଇଁକୁଳ ଗ୍ରାମର ଭଉଣୀ ଲିପାଞ୍ଜଳି ଜେନା ନିଜ ହାତରେ ରାଖି ତିଆରି କରି ପବିତ୍ର ରକ୍ଷା ବନ୍ଧନରେ ଭାରତର ସୀମା ସୁରକ୍ଷାରେ କାର୍ଯ୍ୟରତ ଥିବା ଯବାନ ଭାଇମାନଙ୍କ ପାଖକୁ ପଠାଇଛନ୍ତି। ସେ ପତିତପାବନ ମହାବିଦ୍ୟାଳୟର ଜଣେ ମେଧାବୀ ଛାତ୍ରୀ ଅଟନ୍ତି। ସେନା ମୁଖ୍ୟାଳୟକୁ ରାକ୍ଷୀ ପଠାଇବାର ପ୍ରେରଣା ସେ ସାଇଁକୁଳର ଅବସରପ୍ରାପ୍ତ ସେନା ଅଧିକାରୀ ତଥା ଯୁବ ସମାଜସେବୀ ସନ୍ତୋଷ ସ୍ୱାଇଁଙ୍କଠାରୁ ପାଇଥିଲେ। ସେଥିପାଇ ଲିପାଞ୍ଜଳିଙ୍କୁ ଓଡିଶାର ସେନା ମୁଖ୍ୟାଳୟରୁ ଅନେକ ପ୍ରଶଂସାର ସୁଅ ଛୁଟି ଆସୁଛି। ସାଇଁକୁଳର ବୁଦ୍ଧିଜିବୀ ଡ. ସନତ ରଥ, ମାର୍କଣ୍ଡ ଚରଣ ସାମଲ, କାଳନ୍ଦୀ ପଟ୍ଟନାୟକ, ଅଶୋକ ଘଡେଇ ଏଭଳି କାମକୁ ପ୍ରଶଂସା କରିବା ସହ ଲିପାଞ୍ଜଳିଙ୍କ ଶୁଭ ମନାସିଛନ୍ତି।

## ପ୍ରଫେସର ପଙ୍କଜ କର ଧରଣୀଧର ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ସଭ୍ୟ



ଚମ୍ପୁଆ, ୮।୮(ସମିସ): ଅବସରପ୍ରାପ୍ତ ପ୍ରଫେସର ପଙ୍କଜ କର ଧରଣୀଧର ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟ ଭାବେ ରାଜ୍ୟପାଳଙ୍କ ଦ୍ୱାରା ମନୋନୀତ ହୋଇଥିବା ଜଣାପଡିଛି। ବିଶ୍ୱବିଦ୍ୟାଳୟ ସମୂହର କୁଳାଧିପତିଙ୍କ ପତ୍ରସଂଖ୍ୟା ୭୭୯୦/୫.୭.୨୦୨୫ ଏବଂ ଡି.ଡି.ବିଶ୍ୱବିଦ୍ୟାଳୟ ପତ୍ରସଂଖ୍ୟା-୨୩୯୭/୪.୮.୨୫ ଆଦେଶ ଅନୁଯାୟୀ ଶିକ୍ଷାବିତ ପ୍ରଫେସର ପଙ୍କଜ କରଙ୍କୁ ସିଣ୍ଡିକେଟ ସଦସ୍ୟ ଭାବେ ମନୋନୀତ କରାଯାଇଛି। ଶ୍ରୀ କର ପ୍ରଥମେ ଝୁମ୍ପୁରା କଲେଜରୁ ଚାକିରି ଜୀବନ ଆରମ୍ଭ କରି ପରବର୍ତ୍ତୀ ସମୟରେ ବେଗୁନିଆ କଲେଜରୁ ଏପ୍ରିଲ ୨୦୨୫ରେ ଅବସର ଗ୍ରହଣ କରିଥିଲେ। ସେ ଚମ୍ପୁଆରେ ଜନ୍ମଗ୍ରହଣ କରିଛନ୍ତି। ତାଙ୍କ ପିତା ସ୍ୱର୍ଗତ କ୍ଷେତ୍ରବାସୀ କର ଜଣେ ପ୍ରସିଦ୍ଧ ଫୁଟବଲ ଖେଳାଳି। ଶ୍ରୀ କରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

## କମ୍ପାନି-ପ୍ରଶାସନ ବୈଠକ: ପାରିପାର୍ଶ୍ୱିକ ବିକାଶକୁ ଗୁରୁତ୍ୱ

ଚମ୍ପୁଆ, ୮।୮ (ସମିସ): ଅଞ୍ଚଳବାସୀଙ୍କ ନିମନ୍ତେ ଖଣି କମ୍ପାନିର ସାମାଜିକ ଦାୟିତ୍ୱକୁ ସୁଚାରୁରୂପରେ ସମ୍ପାଦନ ପାଇଁ ଚମ୍ପୁଆ ଉପଜିଲ୍ଲାପାଳ ସଭାଗୃହରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୨୫ରୁ ଅଧିକ ଖଣି କମ୍ପାନି ଅଧିକାରୀ ଯୋଗ ଦେଇଥିଲେ। କମ୍ପାନି ସୋସିଆଲ ରେସପନ୍ସିବିଲିଟି (ସିଏସଆର) ପରିପ୍ରେକ୍ଷୀରେ ଉପଖଣ୍ଡର ଉନ୍ନତି ସହ ଜନସାଧାରଣଙ୍କୁ ମୌଳିକ ସୁବିଧା ସୁଯୋଗ ପ୍ରଦାନ ଉପରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ, ବ୍ଲକରେ ପାନୀୟଜଳ ବ୍ୟବସ୍ଥା ସହିତ ଜେଏସପିଏଲ କମ୍ପାନିକୁ ବିଶ୍ରାମୁଣ୍ଡାଙ୍କ କାଂସ୍ୟ ପ୍ରତିମୂର୍ତ୍ତି ନିର୍ମାଣ ଏବଂ ନେହରୁ ଷ୍ଟାଡିୟମର ଉନ୍ନତିକରଣ ପାଇଁ ଟାଟା-ଓଏମସି କମ୍ପାନିଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ଦଧିବାମନଜୀଉ ମନ୍ଦିରର ମୁଖ୍ୟ ଫାଟକ ନିର୍ମାଣ, ପୂର୍ତ୍ତ ଓ ଗୃହନିର୍ମାଣ ଡାକବଙ୍ଗଳାର ସୌନ୍ଦର୍ଯ୍ୟକରଣ, ପଳସା ଓ କୁଟପାଳିରେ ଆଳୁ ଚାଷକୁ ପ୍ରତ୍ସାହନ ପାଇଁ କମ୍ପାନିଗୁଡ଼ିକୁ ପରାମର୍ଶ ଦିଆଯାଇଛି।

## ପୁଲିସର ମଦ ଧରପଗଡ଼ ଜାରି



ଆନନ୍ଦପୁର ୮।୮ (ସମିସ): ଗୋଟିଏ ପଟେ ଅବକାରୀ ବିଭାଗ ସ୍ଥାଣୁ ପାଲଟିଥିବା ବେଳେ ଅନ୍ୟପଟେ ପୁଲିସ ମଦ ବିରୋଧରେ ୨୪ ଘଣ୍ଟିଆ ଧରପଗଡ଼ ଜାରି ରଖିଛି। ଘସିପୁରା ଥାନା ଅନ୍ତର୍ଗତ ଯୁଗଳକିଶୋରପୁରଠାରେ ପୁଲିସ ୧୨୦୦ ଲିଟଲ ପୋଚ ସହ ୩୦ ଲିଟର ମହୁଲି ମଦ ଜବଦ କରି ଏକ ବଡ଼ ସଫଳତା ହାତେଇଛି। ତେବେ, ପୁଲିସକୁ ଦେଖି ଘଟଣାସ୍ଥଳରୁ ମଦ ପ୍ରସ୍ତୁତ କରୁଥିବା ମାଫିଆମାନେ ଫେରାର ହୋଇଯାଇଛନ୍ତି। ପୁଲିସ କାହାରିକୁ ଗିରଫ କରିପାରି ନାହିଁ। ଘସିପୁରା ଥାନାଧିକାରୀ ମାନସ କୁମାର ବାରିକଙ୍କ ନେତୃତ୍ୱରେ ଦେଶୀ ମଦ କାରବାରରୁ ରୋକ୍ ଲଗାଇବା ପାଇଁ ଏଭଳି ଅତର୍କିତ ଚଢ଼ଉ ଜାରି ରହିଥିବା ବେଳେ ପୁଲିସ ବିଭିନ୍ନ ସ୍ଥାନରୁ ବ୍ୟାପକ ମଦ ପ୍ରସ୍ତୁତ ସରଞ୍ଜାମ ଓ ବେଆଇନ ମଦ ଜବତ କରି ନଷ୍ଟ କରିଛି।

# ଅଙ୍ଗନବାଡ଼ି କର୍ମୀଙ୍କ ୭ ଦଫା ଦାବିପତ୍ର



ଚମ୍ପୁଆ, ୮।୮ (ସମିସ)

ଅଲଓଡିଶା ଅଙ୍ଗନୱାଡି ୱାର୍କର୍ସ ଆସୋସିଏସନ ଚମ୍ପୁଆ ଶାଖା ପକ୍ଷରୁ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀଙ୍କୁ ମହିଳା ଶିଶୁ ବିକାଶ ବିଭାଗ ଓ ମିଶନ ଶକ୍ତି ବିଭାଗ ଓଡିଶା ସରକାରଙ୍କ ଉଦ୍ଦେଶ୍ୟରେ ସିଡିପିଓ ଲକ୍ଷ୍ମୀକାନ୍ତୀ ମାରାଣ୍ଡିଙ୍କ ଜରିଆରେ ଏକ ୭ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ପୋଷଣ ଟ୍ରକରେ ଏଫଆରଏସ ସମୟରେ ହେଉଥିବା ସମସ୍ୟାଗୁଡିକର ସମାଧାନ, ତିନିମାସକୁ ରିଚାର୍ଜ ବାବଦକୁ ୯୦୦ ଟଙ୍କା ଯୋଗାଇଦେବା ସହିତ ୬ ମାସକୁ ଥରେ ଫେସ କ୍ୟାପଚର କରିବାକୁ ନିର୍ଦ୍ଦେଶ ଦେବାକୁ ଦାବିପତ୍ରରେ ଅନୁରୋଧ କରିଛନ୍ତି। ପ୍ରତି ଶନିବାର କିଶୋରୀ ବାଳିକା ନିମନ୍ତେ ଏମଏସପିଆଇ ଯୋଜନାରେ ଦୁଇଟି ସିଝା ଅଣ୍ଡା ଓ ଦୁଇଟି କଞ୍ଚା ଅଣ୍ଡା ଦେବା ବ୍ୟବସ୍ଥା ସ୍ୱାଗତଯୋଗ୍ୟ; ମାତ୍ର ଏହି ଯୋଜନାରେ ଆସୁଥିବା ଅର୍ଥ ଯୁଗ୍ମ ପାସବୁକରେ ଜମା କରିବାକୁ ବ୍ୟବସ୍ଥା ସହିତ ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା ପ୍ରଦାନ କରିବାକୁ ଦାବି ରହିଛି। ପ୍ରତି ଜିଲ୍ଲାରେ ଅଭିଯୋଗ ନିବାରଣ କମିଟି କରି ସ୍ଥାନୀୟ ସମାସ୍ୟାର ସମାଧାନ ଦିଗରେ ଜିଲାପାଳଙ୍କୁ ପରାମର୍ଶ ଦେବାକୁ ଉପସ୍ଥାପନ କରିଥିଲେ। ଚମ୍ପୁଆ ଶାଖା ସଭାପତି ବ୍ରହ୍ମତ୍ରୀ ପ୍ରଧାନ ଓ ସମ୍ପାଦିକା ମମତା ମହାନ୍ତ ପ୍ରମୁଖ ଉକ୍ତ ଦାବିପତ୍ର ପ୍ରଦାନ କରିଛନ୍ତି।

## ୧୧ରୁ ସମୂହ ଛୁଟିରେ ଯିବେ ଅମଲା



ଚମ୍ପୁଆ,୮।୮(ସମିସ): ୯ ଦଫା ଦାବି ପୂରଣ ନେଇ ସରକାରଙ୍କ ଉଦାସୀନତାର ପ୍ରତିବାଦରେ ପୂର୍ବରୁ କଳାବ୍ୟାଜ ପରିଧାନ କରିଥିବା ଅମଲାମାନେ ଚଳିତମାସ ୧୧ ତାରିଖରୁ ସମୂହ ଛୁଟିରେ ରହିବେ ବୋଲି ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କୁ ଲିଖିତ ଦାବି ପ୍ରଦାନ କରିଛନ୍ତି। ଓଡିଶା ରାଜସ୍ୱ ଅମଲା ସଂଘ ଓ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି ଅନୁସାରେ ଚଳିତ ମାସ ୮ ତାରିଖ ସୁଦ୍ଧା ୯ ଦଫା ଦାବି ପୂରଣ ନେଇ ସରକାର ଟାଳୁଟୁଳ ନୀତି ଗ୍ରହଣକୁ ବିରୋଧ କରି କର୍ମଚାରୀମାନେ ଛୁଟି ନେଇ ପ୍ରତିବାଦ କରିବେ। ଏହି ପରିପ୍ରେକ୍ଷୀରେ ଉପଜିଲାପାଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଅମଲାମାନେ ଉପଜିଲ୍ଲାପାଳଙ୍କୁ ଲିଖିତ ସୂଚନା ପ୍ରଦାନ କରିଛନ୍ତି।

## ନାବାଳିକାକୁ ଦୁର୍ଷ୍କର୍ମ ଅଭିଯୋଗରେ ଜଣେ ଗିରଫ

ବସ୍ତା ବ୍ଲକ୍/ଲଙ୍ଗଳେଶ୍ୱର,୮।୮(ସମିସ): ନାବାଳିକା ଝିଆରୀକୁ ଦୁର୍ଷ୍କର୍ମ ଅଭିଯୋଗରେ ଅଭିଯୁକ୍ତ ସମ୍ପର୍କୀୟ ପିଉସାକୁ ପୁଲିସ ଗିରଫ କରିଛି । ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି । ଅଭିଯୁକ୍ତ ପିଉସାକୁ କାବୁ କରି ରାତି ସାରା ବାନ୍ଧି ରଖିଥିଲେ ପୀଡ଼ିତାଙ୍କ ପରିବାର ଲୋକେ । ଖବର ପାଇ ଘଟଣାସ୍ଥଳରେ ସିଂଲା ଥାନା ପୁଲିସ ପହଞ୍ଚି ଅଭିଯୁକ୍ତକୁ ଗିରଫ କରି ଥାନାକୁ ନେଇଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଅଦୈତ ମଣ୍ଡଳ(୬୦) । ମାଙ୍କଡ଼ ଘଉଡ଼ାଇବା ବାହାନାରେ ଡାକିନେଇ ପୂର୍ବରୁ ନାବାଳିକା ଝିଆରୀ ସହ ଅଦୈତ ବାରମ୍ବାର ସମ୍ପର୍କ ରଖିଥିଲା । ଏକଥା କାହା ଆଗରେ କହିଲେ ଜୀବନରୁ ମାରିଦେବାର ଧମକ ଦେଇଥିଲା ଅଭିଯୁକ୍ତ ପିଉସା । ନାବାଳିକାର ଶରୀର ଅସୁସ୍ଥ ହେବାରୁ ପରିବାର ଲୋକେ ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା କରିବା ପରେ ସେ ଗର୍ଭବତୀ ଥିବା ଜଣାପଡ଼ିଥିଲା । ପୁଲିସ ଅଭିଯୁକ୍ତକୁ ଗିରଫ କରିବା ସହ ସିଂଲା ଥାନାରେ ୧୭୩/୨୫ ମାମଲା ରଜୁ କରି ତଦନ୍ତ ଜାରି ରଖିଛି ।

## ପୌରପାଳିକା ଓ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ

ସୋର,୮।୮(ସମିସ): ସୋର ତହସିଲ ଓ ପୌରପାଳିକା ପକ୍ଷରୁ କଲେଜ ଛକ ଏବଂ ଟେଣ୍ଟେଇ ଗ୍ରାମରେ ଜବରଦଖଲ ଉଚ୍ଛେଦ କରାଯାଇଛି । ଆଜି ମଧ୍ୟାହ୍ନରେ ସୋର ପୌରାଞ୍ଚଳ କଲେଜ ଛକ ନିକଟରେ ଦିର୍ଘଦିନରୁ ସରକାରୀ ଜାଗାରେ ହୋଇଥିବା ଏକ ଦୋକାନକୁ ଉଚ୍ଛେଦ କରାଯାଇଛି । ଦୋକନଟି ଦୀର୍ଘ ବର୍ଷଧରି ଏଠାରେ ଥିବା ବେଳେ ସ୍ଥାନୀୟ ଲୋକଙ୍କ ଅଭିଯୋଗକ୍ରମେ ତାଙ୍କୁ ୩ ଥର ନୋଟିସ କରାଯାଇଥିଲା । ଏ ବାବଦରେ ସ୍ଥାନୀୟ ଲୋକେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ତ ହୋଇଥିଲେ । ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଆଜି ମଧ୍ୟାହ୍ନରେ ସୋର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ ଓ ସୋର ତହସିଲଦାର ଦୈତାରୀ ମଲ୍ଲିକ ସୋର ପୁଲିସ ସହଯୋଗରେ ଜବରଦଖଲକୁ ଉଚ୍ଛେଦ କରିଥିଲେ । ସେହିପରି ସୋର ତହସିଲ ଅଧିନ ଟେଣ୍ଟେଇ ବଜାରରେ ୨ଡିସମିଲ ସରକାରୀ ଜାଗାରେ ଥିବା ୩ଟି ଦୋକାନକୁ ସୋର ଅତିରିକ୍ତ ତହସିଲଦାର କୃଷ୍ଣ ମୋହନ ସିଂହ ସୋର ପୁଲିସ ସହାୟତାରେ ଉଚ୍ଛେଦ କରିଥିବା ସୂଚନା ମିଳିଛି ।

## ବରପଦାରେ ଆତଙ୍କ ସୃଷ୍ଟିକରି ୩ ଯୁବକ ଗିରଫ

ଖଇରା,୮।୮(ସମିସ): ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନ ବରପଦା ଛକ ନିକଟରେ ଆତଙ୍କ ସୃଷ୍ଟି କରିବା ସହ ପୁଲିସଠାରୁ ବଟିନେଇ ଖଇରା ଓ ଔପଦା ଥାନା ଅଞ୍ଚଳର ୩ଯୁବକ ଖଇରା ପୁଲିସ ହାତରେ ଧରାପଡ଼ିଛନ୍ତି । କୋର୍ଟଚାଲାଣ ହୋଇଥିବା ଯୁବକମାନେ ହେଲେ ଖଇରା ଥାନା ଅଧୀନ ସରସତିଆ ଗ୍ରାମର ସଞ୍ଜିବ ମୁଖି, ଔପଦା ଥାନା ଅଧୀନ ପ୍ରତାପପୁର ଗ୍ରାମର ଉଜ୍ଜ୍ୱଳ ପ୍ରଧାନ ଓ କୃଷ୍ଣଦାସପୁର ଗ୍ରାମର ଦେବାଶିଷ ବିଶ୍ୱାଳ । ଗୁରୁବାର ରାତିରେ ସୋର-କୁପାରୀ ରାସ୍ତାର ବରପଦା ଛକରେ ଉପରୋକ୍ତ ୩ଜଣ ଯୁବକ ବନ୍ଧୁକ ଦେଖାଇ ଲୁଟପାଟ କରୁଥିବା ବେଳେ ଗ୍ରାମବାସୀ ଭୟଭିତ ଅବସ୍ଥାରେ ପୁଲିସକୁ ଖବର ଦେଇଥିଲେ । ଖବରପାଇଁ ପ୍ରଥମେ ଏଏସଆଇ ସଞ୍ଜୀବ ଖୁଣ୍ଟିଆ ସାଧାପୋଷାକରେ ଘଟଣାସ୍ଥଳକୁ ଯିବାରାସ୍ତାରେ ସେମାନେ ପ୍ରଥମେ ଧମକଚମକ ଦେଇ ତାଙ୍କ ପାଖରୁ ୨ଶହ ଟଙ୍କା ଛଡ଼ାଇ ନେଇଥିଲେ । ପରେ ଏଏସଆଇ ଖୁଣ୍ଟିଆ ଖଇରା ଆଇଆଇସି ସୁଚନ୍ଦ୍ର ମହାଳିକଙ୍କୁ ଜଣାଇବା ପରେ ଖଇରା ଥାନାରୁ ଏକ ଟିମ ପହଞ୍ଚି ଆତଙ୍କ ସୃଷ୍ଟି କରୁଥିବା ଏହି ଯୁବକମାନଙ୍କୁ ଗିରଫ କରିବା ସହ ତାଙ୍କ ନାମରେ ମାମଲା ରୁଜୁ କରିଥିଲେ । ବନ୍ଧୁକ ବ୍ୟତିତ ନଗଦ ୭ଶହ ଟଙ୍କା, ଏକ ବାଇକ ସହ ଅନ୍ୟକିଛି ମାରଣାସ୍ତ୍ର ଜବତ କରାଯାଇଛି ।

## ଦୁଇ କିନ୍ନରଙ୍କୁ ମିଳିଲା ଭତ୍ତା

ଜଳେଶ୍ୱର ବ୍ଲକ,୮।୮(ସମିସ): ଜଳେଶ୍ୱର ପୌରାଞ୍ଚଳର ଦୁଇ କିନ୍ନରଙ୍କୁ ଜଳେଶ୍ୱର ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ନୂତନ ଭତ୍ତା ପ୍ରଦାନ କରାଯାଇଛି । ଦୁଇ କିନ୍ନର ନୀଳାଚଳ ମହାରଣା(୨୫) ଓ ଗରାଳୀ ବୈନାଥ ଡୋରା(୩୧)ଙ୍କୁ ଜଳେଶ୍ୱର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ଭତ୍ତା ପ୍ରଦାନ କରିଥିଲେ ।

# ଜଳାଭିଷେକ ପାଇଁ ବାବା ଚନ୍ଦନେଶ୍ୱର ଓ ଭୂଷଣ୍ଡେଶ୍ୱର ଶୈବପୀଠ ଉତ୍ସବମୁଖର

ଭୋଗରାଇ/ଚନ୍ଦନେଶ୍ୱର/ଭୂଷଣ୍ଡେଶ୍ୱର,୮।୮(ସମିସ)

ଧାରା ଶ୍ରାବଣରେ ଦେବଦେବ ମହାଦେବଙ୍କୁ ଜଳାଭିଷେକ କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି । ସେଥିପାଇଁ ଲକ୍ଷ ଲକ୍ଷ କାଉଡ଼ିଆ ଭାରତବର୍ଷର ବିଭିନ୍ନ ଶୈବପୀଠକୁ ଚାଲି ଚାଲି ଯାଇ ଜଳାଭିଷେକ କରିଥାନ୍ତି । ସେହିପରି ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱର ଏବଂ ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱରଙ୍କ ପୀଠରେ ମଧ ଏହି ମାସ ପ୍ରତ୍ୟେକ ସମବାର କାଉଡ଼ିଆଙ୍କ ଭିଡ଼ ହେଉଥିବା ବେଳେ ଶ୍ରାବଣ ପୂର୍ଣ୍ଣିମା ତିଥିରେ ଏହି ଦୁଇ ଶୈବପୀଠ ଚଳଚଞ୍ଚଳ ହୋଇଥାଏ । ପ୍ରତିବର୍ଷ ଭଳି ଚଳିତ ବର୍ଷ ଆସନ୍ତା ଶନିବାର ପୂର୍ଣ୍ଣମୀ ଥିବାରୁ ଶୁକ୍ରବାର ଅପରାହ୍ନରୁ ଲକ୍ଷ ଲକ୍ଷ କାଉଡ଼ିଆ ବିଭିନ୍ନ ନଦୀରୁ ପାଣି ଭାର ନେଇ ଜଳାଭିଷେକ କରିବାକୁ ପହଞ୍ଚିଛନ୍ତି । ଆଜି ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ କାଉଡ଼ିଆଙ୍କ ଭିଡ଼କୁ ଆଖି ଆଗରେ ରଖି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ତାଳସାରି ମେରାଇନ ଥାନା ପୁଲିସ ଉପସ୍ଥିତ ରହି ଭିଡ଼କୁ ନିୟନ୍ତ୍ରଣ କରିବାର ବ୍ୟବସ୍ଥା ଗ୍ରହଣ କରାଯାଇଛି । କାଉଡ଼ିଆ ଭକ୍ତମାନେ ସୁବର୍ଣ୍ଣରେଖା ନଦୀରେ ଥିବା ରାଜଘାଟ ଠାରୁ ଆରମ୍ଭ କରି ବାଇଗଣବାଡିଆ, ଦହମୁଣ୍ଡା, ମନୁନଗର, ଭୋଗରାଇ ଲକ୍, ରସଲପୁର, ପନ୍ତାଇ, କିର୍ତ୍ତନିଆ ଏବଂ ଚିଟେଇ ନଇରୁ ପାଣିନେଇ ବାବା ଚନ୍ଦେନେଶ୍ୱର ଓ ବାବା ଭୂଷଣ୍ଡେଶ୍ୱର ମହାଦେବଙ୍କ ମନ୍ଦିରରେ ପାଣି ଢାଳିବାକୁ ଯାଉଛନ୍ତି । ସେହିପରି ପଡ଼ୋଶୀ ପଶ୍ଚିମବଙ୍ଗରୁ ମଧ କାଉଡ଼ିଆମାନେ ଗଙ୍ଗା ନଦୀରୁ ପାଣି ଆଣି ଦେବଦେବ ମହାଦେବଙ୍କୁ ଜଳାଭିଷେକ କରିବାକୁ ଛୁଟି ଆସିଛନ୍ତି । ଅର୍ଦ୍ଧ ରାତ୍ରୀରୁ ଜଳାଭିଷେକ ପ୍ରକ୍ରିୟା ଆରମ୍ଭ ହେବାକୁ ଥିବା ବେଳେ ତା ପୂର୍ବରୁ ସେବାୟତଙ୍କ ତରଫରୁ ଦେବଦେବ ମହାଦେବଙ୍କ ସମସ୍ତ ନୀତିକାନ୍ତି ଶେଷ କରାଯିବ ବୋଲି ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚନା ମିଳିଛି । ମନ୍ଦିର ମୌରସି ତପନ କୁମାର ପଣ୍ଡା, ଉପ ମୌରସି ବୃନ୍ଦଦେବ ପଣ୍ଡାଙ୍କ ସହିତ ଅନ୍ୟ ସେବାୟତମାନେ ଉପସ୍ଥିତ ରହି ଏହି ଜଳାଭିଷେକ କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇ ଥିବା ବେଳେ ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଭୋଗରାଇ ତହସିଲଦାର ସୂର୍ଯ୍ୟକୁମାର ନାୟକ ତଥା ଟ୍ରଷ୍ଟ ବୋର୍ଡର କର୍ମଚାରୀମାନେ ଦୁଇ ପୀଠରେ ଉପସ୍ଥିତ ରହିଛନ୍ତି । ରାସ୍ତାର ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀ ସଂଗଠନ ଭକ୍ତମାନଙ୍କ ଥକ୍କା ମେଣ୍ଟାଇବା ପାଇଁ ରହିବା, ଖାଇବା ଔଷଧର ବ୍ୟବସ୍ଥା କରିଥାନ୍ତି । ପ୍ରଶାସନ ତରଫରୁ ଭକ୍ତମାନଙ୍କର ଯେପରି କୌଣସି ଅଘଟଣ ନ ଘଟେ ସେଥିପାଇଁ ବିଭିନ୍ନ ନଦୀଘାଟ, ରାସ୍ତାର ଛକରେ ଓ ମନ୍ଦିର ପରିସରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଚଳିତବର୍ଷ ଶ୍ରାବଣ ପୂର୍ଣ୍ଣମୀରେ ୫ ଲକ୍ଷରୁ ଅଧିକ କାଉଡ଼ିଆ ଭକ୍ତ ଉଭୟ ମନ୍ଦିରରେ ସମାଗମ ହେବାର ଆଶଙ୍କା କରାଯାଇଛି । ଏଥିରେ ଭୋଗରାଇ ପୁଲିସ ପ୍ରଶାସନ, ତହସିଲ ପ୍ରଶାସନ, ବ୍ଲକ ପ୍ରଶାସନ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ମାନେ କାଉଡ଼ିଆ ସେବାରେ ନିୟୋଜିତ ଅଛନ୍ତି । ଅନ୍ୟପକ୍ଷରେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ବ୍ଲକଅଧ୍ୟକ୍ଷ ପ୍ରବୀରକୁମାର ଗିରି, ସମାଜସେବୀ ଙ୍ଗ ଅଭିଜିତ ଦାସ, ରମାକାନ୍ତ କରଣ, ଜିଲ୍ଲା ପରିଷଦ ସଦସ୍ୟା କବିତା ମହାନ୍ତି, ଦମୟନ୍ତୀ ସାହୁ ପ୍ରମୁଖ ଶୈବପୀଠ ତଥା ବିଭିନ୍ନ ସେବା ଶିବିରରେ ଉପସ୍ଥିତ ରହିଥିଲେ ।



୫ଲକ୍ଷରୁ ଲକ୍ଷରୁ ଅଧିକ କାଉଡ଼ିଆଙ୍କ ସମାଗମ

## ସୁନାକଣିଆ ମାଁ କାଳୀ ନଦୀଘାଟରେ କାଉଡ଼ିଆଙ୍କ ପୂଜାର୍ଚ୍ଚନା



ଜଳେଶ୍ୱର: ଦେବ ଦେବ ଚନ୍ଦନେଶ୍ୱର ମହାଦେବଙ୍କୁ ଜଳାଭିଷେକ କରିବା ଲାଗି ସୀମାନ୍ତ ଅଞ୍ଚଳରେ ହଜାର ହଜାର କାଉଡ଼ିଆ ସୁବର୍ଣ୍ଣରେଖା ନଦୀକୂଳରେ ପୂଜାର୍ଚ୍ଚନା ସହିତ ଜଳ ଭାର ଧରି ବାହାରିଥିଲେ । ବିଶେଷ କରି ଓଡିଶା ପଶ୍ଚିମବଙ୍ଗ ସୀମାନ୍ତ ସୁନାକଣିଆ ମାଁ କାଳୀ ନଦୀଘାଟରେ ୬ବର୍ଷ ଧରି ଉକ୍ତ କମିଟି ପକ୍ଷରୁ କାଉଡ଼ିଆଙ୍କୁ ବ୍ୟାପକ ସେବା ଯୋଗାଇ ଦିଆଯାଉଛି । ପ୍ରତିବର୍ଷ ଭଳି ଶୁକ୍ରବାର ପୂର୍ବାହ୍ନରୁ ଭୋଲେ ବମ୍ ଭକ୍ତମାନେ ନଦୀପଠାରେ ପୂଜାର୍ଚ୍ଚନା ସହିତ ଜଳାଭିଷେକ ଲାଗି ଘଟତ୍ତୋଳନ କରିଥିଲେ । କମିଟି ପକ୍ଷରୁ ଶିବ ଭକ୍ତଙ୍କ ଲାଗି ଭାଡା ପ୍ରସ୍ତୁତ ସହିତ ଖାଦ୍ୟ ପାନୀୟର ବ୍ୟାପକ ବ୍ୟବସ୍ଥା ହୋଇଥିଲା । ଏହାସହିତ କୈଳାସ ପତିଶିବଙ୍କ ଅବିକଳ ବେଶଭୂଷା ପରିବେଷଣ କାଉଡ଼ିଆ ଓ ଦର୍ଶକମାନଙ୍କ ମଧ୍ୟରେ ଭକ୍ତିଭାବ ଜାଗ୍ରତ କରିଥିଲା । ଅଞ୍ଚଳ ଭୋଲେ ବମ୍‌ରେ ପ୍ରକମ୍ପିତ ହେଉଥିବା ବେଳେ ଅପରାହ୍ଣରେ କାଉଡ଼ିଆଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । କମିଟିର ସଭାପତି ଶଙ୍କର ଘୋଷ, ସମ୍ପାଦକ ପ୍ରଦୀପ ମହାପାତ୍ର, କୋଷାଧ୍ୟକ୍ଷ ରଣଜିତ୍ ଘୋଷ, ଅସିତ୍ ଘୋଷ, ପ୍ରକାଶ ଘୋଷ, ରାଜେଶ ଘୋଷ, ଜୟଦେବ ଜେନା, ଦୀପୁ ଘୋଷ, ଗୋପାଳ ମହାପାତ୍ର, ସୁଭଜିତ୍ ଦଳାଇ, ଅନୀଲ ଦଳାଇ, ସପନ ଦଳାଇ, ପ୍ରିୟବ୍ରତ ଦଳାଇ, ମହେଶ୍ୱର ଗିରି, ସୁମନ୍ତ ଘୋଷ, ସଞ୍ଜିତ୍ ମହାପାତ୍ର ଶମ୍ଭୁ ମହାପାତ୍ର, ରବୀନ୍ଦ୍ର ଘୋଷ ପ୍ରମୁଖ ସଦସ୍ୟମାନେ ଦିବସ ବ୍ୟାପୀ ସେବାରେ ନିମଗ୍ନ ହୋଇଥିଲେ ।

## ରବୀନ୍ଦ୍ର ଗିରିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ବସ୍ତା ବିଧାୟିକା

ବାଲିଆପାଳ,୮।୮(ସମିସ): ବାଲିଆପାଳ ବ୍ଲକ ଡଗରା ପଞ୍ଚାୟତ ଅଧୀନ ଡଗରା ପନ୍ତା ଗ୍ରାମର ସ୍ୱର୍ଗତଃ ନିବାରଣ ଗିରିଙ୍କ ବଡ ପୁଅ ସ୍ୱର୍ଗତଃ ରବୀନ୍ଦ୍ର ଗିରିଙ୍କ ଏକାଦଶାହ କ୍ରିୟାରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏକାଦଶାହ କ୍ରିୟାରେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ସ୍ୱର୍ଗତଃ ଗିରିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସ୍ୱର୍ଗତଃ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ଼ଗରା ପଞ୍ଚାୟତର ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ନିତ୍ୟାନନ୍ଦ ଜେନା, ରତ୍ନାକର ନାୟକ, ରତ୍ନାକର ରାଉତ, ନାରାୟଣ ପାତ୍ର, ଅଶୋକ କୁଅଁର, ଦୀପକ କୁମାର ବିଶ୍ୱାଳ, ଜଗବନ୍ଧୁ ନାୟକ ପ୍ରମୁଖଙ୍କ ସମେତ ବହୁ ବ୍ୟକ୍ତି, ଗ୍ରାମବାସୀ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ତାଙ୍କର ତିନି ଭାଇ ଦିଲ୍ଲୀପ, ପୁଲିନ, ରାମଶଙ୍କର ଏବଂ ବଡ ପୁଅ ଭାସ୍କର, ସାନ ପୁଅ ଭବେଶ, ଝିଅ ଜ୍ୱାଇଁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



## ଗାଡ଼ି ଧକ୍କାରେ ଯୁବକ ଗୁରୁତର

ରାଜଘାଟ,୮।୮(ସମିସ): ବସ୍ତା ଥାନା, ୧୬ ନମ୍ବର ଜାତୀୟ ରାଜପଥର ଜୁଣବଳଦା ଛକ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜୈନିକ ଯୁବକ ଗୁରୁତର ହୋଇଛନ୍ତି । ଯୁବକ ଜଣକ ଅମର୍ଦ୍ଦାରୋଡ-ବସ୍ତା ରାସ୍ତାର ପାଶ୍ୱର୍ରେ ଚାଲି ଚାଲି ଯାଉଥିବା ସମୟରେ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲେ । ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବସ୍ତା ହସ୍ପିଟାଲ ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ଯୁବକର ଅବସ୍ଥା ସଂକଟାପନ୍ନ ଥିବା ବେଳେ ତାଙ୍କର କୌଣସି ପରିଚୟ ମିଳିପାରିନାହିଁ । ଜାତୀୟ ରାଜପଥ ପହରା ପୁଲିସ ସହ ଅମର୍ଦ୍ଦାରୋଡ ଫାଣ୍ଡି ଅଧିକାରୀ ବିଜୟ କୁମାର ବାରକ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି ।

## ବିନା ସୂଚନାଫଳକରେ ବ୍ରାହ୍ମଣପାଳ ସ୍ଲୁଇସ୍ ଗେଟ୍

# ଦରଖଣ୍ଡିଆ କରି ଠିକାଦାର ଛୁ’

ଅସୁରାଳି, ୮।୮(ସମିସ)

ଧାମନଗର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀପାଳଠାରେ ଚାଷୀଙ୍କ ଜଳାଭାବକୁ ଦୂର କରିବା ପାଇଁ ୨ କୋଟିରୁ ଅଧିକ ଟଙ୍କାର ବ୍ୟୟବରାଦରେ ସ୍ଲୁଇସ୍ ଗେଟ ନିର୍ମାଣ କରାଯିବା ପାଇଁ ଗତ ଫେବୃୟାରୀରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ମାତ୍ର ଏଯାଏଁ ନିର୍ମାଣ କାର୍ଯ୍ୟର କୌଣସି ଅଗ୍ରଗତି ପରିଲକ୍ଷିତ ହେଉନାହିଁ । ବୋଟିଂ କାମ ପରେ ନା ଆସୁଛନ୍ତି ଠିକାଦାର ନା ଆସୁଛନ୍ତି ଯନ୍ତ୍ରୀ ନା ହେଉଛି କାମ । ଗେଙ୍ଗୁଟି ନାଳର କଣ୍ଡିଆଠାରେ ନିର୍ମିତ ହେଉଥିଲା । ଯାହାଦ୍ୱାରା ବିଭିନ୍ନ ପଞ୍ଚାୟତର ୨୦୦୦ ହେକ୍ଟର ଜମିର ୨୦ ହଜାର ଚାଷୀ ଉପକୃତ ହୋଇଥାନ୍ତେ । ବର୍ତ୍ତମାନ ନଦୀରେ ବନ୍ୟା ଆସିବାରୁ ଉକ୍ତ ସ୍ଥାନର ଚତୁପାଶ୍ୱର୍ ଧସିଯାଇଛି । ଜଳସେଚନ ବିଭାଗ ବାଉଁଶ ଏବଂ ବାଲିବସ୍ତା ଦିଆଯାଇଛି । ନିମ୍ନମାନର କାର୍ଯ୍ୟ ଏବଂ ଅଧାଖଣ୍ଡିଆ କାର୍ଯ୍ୟ ପାଇଁ ପାର୍ଶ୍ୱବର୍ତ୍ତୀ ଗାଁ ଯଥା ବାହାରବିଲ, ବ୍ରାହ୍ମଣପାଳ ଏବଂ ନିକଟରେ ଥିବା ବିବି ହାଇସ୍କୁଲ ଓ ପ୍ରାଇମେରୀ ସ୍କୁଲ ଦୁଇଟି ନଦୀରେ ଲୀନ ହେବା ଭଳି ଆଶଙ୍କା ଦେଖାଦେଇଛି । ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଉ, ଠିକାଦାର ଓ ଯନ୍ତ୍ରୀଙ୍କ ଉପସ୍ଥିତି ନିଶ୍ଚିତ କରାଯାଉ, ପ୍ରକଳ୍ପର ଅଗ୍ରଗତି ଉପରେ ନିୟମିତ ନିରୀକ୍ଷଣ ଓ ରିପୋର୍ଟିଂ କରାଯାଉ ବୋଲି ଚାଷୀମାନେ ଦାବି କରୁଛନ୍ତି । ଏହି ପ୍ରକଳ୍ପର ଅଗ୍ରଗତି ନିମନ୍ତେ ପ୍ରଶାସନ ଓ ନିର୍ମାଣ ବିଭାଗର ଦୃଢ଼ ହସ୍ତକ୍ଷେପ ଆବଶ୍ୟକ ।



**ବ୍ରାହ୍ମଣପାଳ, ବାହାରବିଲ, ବିବି ହାଇସ୍କୁଲକୁ ବିପଦ**

ଯନ୍ତ୍ରୀ ବିମଳ ବେହେରା କହିଛନ୍ତି ଯେ ସେ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଆଗାମୀ ଦିନରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ । ଏପଟେ ତୁରନ୍ତ କାର୍ଯ୍ୟ ନ ସାରିଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି ବୈତରଣୀ ସୁରକ୍ଷା ମଞ୍ଚର ସଭାପତି ସନ୍ତୋଷ ଦାସ ।

## ଲକ୍ଷାଧିକ ଟଙ୍କା ଠକି ଅନୁଗୋଳରୁ ଗିରଫ

ଭଦ୍ରକ,୮।୮(ସମିସ): ଦୀର୍ଘ ୧୨ ବର୍ଷ ହେବ ବିଭିନ୍ନ ଲୋକଙ୍କୁ ଚୂନା ଲଗେଇ ଲକ୍ଷ ଲକ୍ଷ ଟଙ୍କା ଠକିନେଇ ଫେରାର ଥିବା ଜଣେ ଠକକୁ ଭଦ୍ରକ ଟାଉନ ପୁଲିସ ଅନୁଗୁଳରୁ ଗିରଫ କରିଛି । ଅଭିଯୁକ୍ତ ହେଉଛି ଭଦ୍ରକ ମଠସାହି ଅଞ୍ଚଳର ଭବାନୀ ଶଙ୍କର ମହାପାତ୍ର ଓରଫ ଚନ୍ଦୁ । ଦୀର୍ଘ ବର୍ଷ ହେବ ଫେରାର ଥିଲା । ଏହି ଠକେଇ ମାମଲାର ୱାରେଣ୍ଟ ଅନୁସାରେ, ଟାଉନ ପୁଲିସ ତାକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି ।



## ଆଦାନୀ ଧାମରା ପୋର୍ଟରେ ପ୍ରଥମ ଷ୍ଟିଲ ସ୍ଲାବ୍ ରେକ୍ ଲୋଡିଂର ଶୁଭାରମ୍ଭ

ଧାମରା, ୮।୮(ସମିସ): ଆଦାନୀ ଧାମରା ପୋର୍ଟ ଷ୍ଟିଲ ସ୍ଲାବ୍ ପରିବହନ ଯୋଗାଣ କ୍ଷେତ୍ରରେ ଐତିହାସିକ ମାଇଲଖୁଣ୍ଟ ହାସଲ କରିପାରିଛି । ଧାମରା ପୋର୍ଟ ପକ୍ଷରୁ ପ୍ରଥମଥର ପାଇଁ ଷ୍ଟିଲ ସ୍ଲାବ୍ ଟ୍ରେନ ମାଧ୍ୟମରେ ଲୋଡିଂର ଶୁଭାରମ୍ଭ କରାଯାଇଛି । ପ୍ରଥମଥର ପାଇଁ ଅଗଷ୍ଟ ୩ ତାରିଖରେ ଏମ୍‌ଭି ଏର୍‌ଟିକେ ନେପ୍‌ଟ୍ୟୁନ୍ ଜାହାଜରେ ଜିନ୍ଦଲ ଷ୍ଟେନଲେସ୍ ଷ୍ଟିଲ ଲିମିଟେଡ୍‌ର ଆମଦାନୀ କରାଯାଇଥିବା ୩୫,୦୦୦ ଏମ୍‌ଟି ଉଚ୍ଚମାନର ଷ୍ଟିଲ ସ୍ଲାବ୍ ଧାମରା ପୋର୍ଟରେ ସଫଳତାର ସହ ବର୍ଥ କରି ସୁଚାରୁରୂପେ ଅନଲୋଡିଂ କରାଯାଇଥିଲା । ପୋର୍ଟ ଦ୍ୱାରା ଏହି ପଣ୍ୟ ଦ୍ରବ୍ୟରୁ ପ୍ରାୟ ୨୯୦୦ ମେଟ୍ରିକ ଟନ୍ (୧୩୩ ସ୍ଲାବ) କାର୍ଗୋ ୪୫ ଟି ବିଏଫ୍‌ଏନ୍‌ଏସ୍ ୱାଗନ୍‌ରେ ସଫଳତାର ସହ ଲୋଡିଂ କରାଯାଇଛି । ଜିନ୍ଦଲ ଷ୍ଟିଲର ଏହି ସ୍ଲାବ୍ ଏହାର କଳିଙ୍ଗନଗରସ୍ଥିତ ପ୍ଲାଣ୍ଟକୁ ପରିବହନ କରାଯାଇଛି । ଆଦାନୀ ଧାମରା ପୋର୍ଟ ମାନବ ସମ୍ବଳ ବିଭାଗ ମୁଖ୍ୟ ବାସୁକୀ ନାଥ ଏହି ଷ୍ଟିଲ ଲୋଡିଂ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ କାର୍ଯ୍ୟକ୍ରମ ଓ ରେଳ ପରିଚାଳନା ମୁଖ୍ୟ ଚିନ୍ମୟ ଦାଶ, କାର୍ଗୋ ପରିଚାଳନା ମୁଖ୍ୟ ବିଭୂଦତ୍ତ ରାୟ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।




## କାର୍ଯ୍ୟକ୍ଷମ ହେଲା ପଦ୍ମପୁର ୩୩/୧୧ ବିଦ୍ୟୁତ୍ ଗ୍ରୀଡ୍

ବାସୁଦେବପୁର, ୮।୮(ସମିସ): ବିଦ୍ୟୁତ ସବଡିଭିଜନ ଅଧୀନ ପଦ୍ମପୁରଠାରେ ବହୁ ପ୍ରତୀକ୍ଷିତ ୩୩/୧୧ ବିଦ୍ୟୁତ ଗ୍ରୀଡ କାର୍ଯ୍ୟକ୍ଷମ ହୋଇଛି । ଏହାଦ୍ୱାରା ୪ଟି ପଞ୍ଚାୟତର ଉପଭୋକ୍ତା ଉପକୃତ ହେବେ ବୋଲି ଜଣାପଡ଼ିଛି । ସୁଗୋ, ଏରତାଳ, ଜଗନ୍ନାଥ ପ୍ରସାଦ, ପଦ୍ମପୁର ପଞ୍ଚାୟତକୁ ଶୁକ୍ରବାର ଅପରାହ୍ଣରେ ଏହି ଗ୍ରୀଡରୁ ବିଦ୍ୟୁତ ଯୋଗାଣ ଆରମ୍ଭ ହୋଇଛି । ଏ ବାବଦରେ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ଜିଲ୍ଲା ବିଦ୍ୟୁତ କମିଟିର ଅଧକ୍ଷା ଭାବେ ବହୁ ବାର ସମୀକ୍ଷା କରିଥିଲେ । ସ୍ଥାନୀୟ ବିଧାୟକ ଅଶୋକ ଦାସ ବିଧାନସଭା ଓ ଜିଲ୍ଲା କମିଟିରେ ଆଲୋଚନା କରିଛନ୍ତି । ଗତ ଜୁଲାଇ ୨୪ରେ ଜିଲ୍ଲାର ଅନେକ ସମସ୍ୟା ସହିତ ଉକ୍ତ ପ୍ରସଙ୍ଗରେ ଶ୍ରୀମତୀ ମଣ୍ଡଳ ଏବଂ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ସମୀକ୍ଷା କରିଥିଲେ । ଜିଲ୍ଲାପାଳ ଓ ବିଦ୍ୟୁତ ବିଭାଗର ପ୍ରତିଶ୍ରୁତି ଫଳରେ ଉକ୍ତ ସବଷ୍ଟେସନ କାର୍ଯ୍ୟକ୍ଷମ ହୋଇପାରିଛି ।



## ପଶ୍ଚିମବଙ୍ଗରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଦୋଳସାହି, ୮।୮(ସମିସ): ତିହିଡି ବ୍ଲକ୍ ଗୁଆମାଳ ପଞ୍ଚାୟତ କୁମାରପୁର ଗ୍ରାମର ମହେନ୍ଦ୍ର ଦାସଙ୍କ ବଡ଼ପୁତ୍ର ଗୋପବନ୍ଧୁ (୪୮) ଦୀର୍ଘ ୨୦ ବର୍ଷ ଧରି ପଶ୍ଚିମବଙ୍ଗର ଚନ୍ଦନ ନଗରଠାରେ ରୋଷେଇ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ । ତାଙ୍କର ୧୬ ଓ ୧୨ ବର୍ଷର ଦୁଇ କନ୍ୟା ସନ୍ତାନ ଓ ଜଣେ ତିନି ବର୍ଷର ପୁତ୍ର ସନ୍ତାନ ଥିବା ଜଣାଯାଇଛି । ଗୋପବନ୍ଧୁ ପଶ୍ଚିମବଙ୍ଗରେ ରୋଷେଇ କାମ ସାରି ଫେରୁଥିଲା ବେଳେ ତାଙ୍କ ହୃଦଘାତ ହୋଇ ମୃତ୍ୟୁ ଘଟିଥିଲା । ତାଙ୍କ ମରଶରୀରକୁ ପଶ୍ଚିମବଙ୍ଗରୁ ନିଜ ଗ୍ରାମକୁ ତାଙ୍କ ଜଣେ ଆତ୍ମୀୟଙ୍କ ଆର୍ଥିକ ସହାୟତାରେ ଅଣାଯାଇ ଶବ ଦାହ ହୋଇଥିଲା ବେଳେ ପଞ୍ଚାୟତରେ ଗୋପବନ୍ଧୁ ଦାସଙ୍କ ବିୟୋଗରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ସେହିପରି ଗୋପବନ୍ଧୁ ପରିବାର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିଲା ବେଳେ ତାଙ୍କର ବିୟୋଗରେ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି । ଗୋପବନ୍ଧୁଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।



## ଗାଡ଼ି ଧରପଗଡ଼; ୫ ଲକ୍ଷ ୮୩ ହଜାର ଫାଇନ୍

ତିହିଡି, ୮।୮ (ସମିସ): ଦୁର୍ଘଟଣା ହ୍ରାସ ଲକ୍ଷ୍ୟରେ ଚାନ୍ଦବାଲି ରାଜ୍ୟ ରାଜପଥରେ ଗୁରୁବାର ଜିଲ୍ଲା ପରିବହନ ବିଭାଗ ଓ ତିହିଡି, ପିର ହାଟ ପୁଲିସର ମିଳିତ ସହଯୋଗରେ ଗାଡି ଯାଞ୍ଚରୁ ୫ ଲକ୍ଷ ୮୩ ହଜାର ଟଙ୍କା ଜରିମାନା କରାଯାଇଥିବା ଜଣାପଡିଛି । ମଦ ପିଇ ଗାଡ଼ି ଚଳାଇବା ଅଭିଯୋଗରେ ଜଣେ, ୩୦ଟି ବିନା ହେଲମେଟରେ ଗାଡି ଚାଳନା, ସିଟ ବେଲଟ ପିନ୍ଧି ନ ଥିବା ଅଭିଯୋଗରେ ଦୁଇ ଓ ଯାତ୍ରୀବାହୀ ଗାଡ଼ିରେ ପଣ୍ୟ ସାମଗ୍ରୀ ପରିବହନ ଅଭିଯୋଗରେ ଏହି ଫାଇନ କଟାଯାଇଛି । ଏହି ଯାଞ୍ଚରେ ଜିଲ୍ଲା ପରିବହନର ରାସ୍ତା ସୁରକ୍ଷା ଅଧିକାରୀ ସେକ ଅବଦୁଲ ରହିମ, ଟ୍ରାଫିକ ସବଇନ୍ସପେକ୍ଟର ଶର୍ମିଷ୍ଠା ମିଶ୍ର, କନିଷ୍ଠ ଏମଭିଆଇ ପ୍ରିୟଙ୍କା ପ୍ରଧାନ, ଅତିରିକ୍ତ ଟ୍ରାଫିକ ସବଇନ୍ସପେକ୍ଟର ଶ୍ୟାମସୁନ୍ଦର ନାୟକଙ୍କ ସମେତ ଉଭୟ ତିହିଡି ଓ ପିରହାଟ ପୁଲିସ କର୍ମଚାରୀ ସାଙ୍ଗକୁ ପରିବହନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ।

# ମହିଳାଙ୍କୁ ସ୍ୱାବଲମ୍ବୀ କରାଇଛି ଟେରାକୋଟା କଳା

ବନ୍ତ/ଆଗରପଡ଼ା, ୮।୮(ସମିସ)

ବର୍ତ୍ତମାନ ଟେରାକୋଟା ଶିଳ୍ପ ଜୀବନଜୀବିକାର ଏକ ମୁଖ୍ୟ ମାଧ୍ୟମ ପାଲଟିଛି । ବିଶେଷ କରି ମହିଳାମାନେ ଏହାଦ୍ୱାରା ଉପକୃତ ହେଉଛନ୍ତି । ଯାହାଦ୍ୱାରା ସମାଜର ମୁଖ୍ୟସ୍ରୋତରେ ସେମାନେ ସାମିଲ ହୋଇ ଆତ୍ମନିର୍ଭରଶୀଳତାକୁ ପାଥେୟ କରିପାରିଛନ୍ତି । ଉକ୍ତ ଶିଳ୍ପକୁ ପାଥେୟ କରି ବହୁ ମହିଳା ନିଜର ଜୀବନ ଓ ଜୀବିକାକୁ ସରସ ସୁନ୍ଦର କରିପାରିଛନ୍ତି । ଏହିପରି ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ମହାନ୍ତିପଡ଼ା ପଞ୍ଚାୟତରେ । ତ୍ରିସାଳିଆ ଏହିପରି ଏକ ଗ୍ରାମ ଯେଉଁ ଗ୍ରାମରେ ୭୦ ପରିବାରର ପାଖାପାଖି ୫୦୦ ଜଣ କୁମ୍ଭକାର ସମ୍ପ୍ରଦାୟର । ସମୟ ଚକ୍ରରେ କୁମ୍ଭକାରଙ୍କ ବେଉସା ହଜିହଜି ଯାଉଥିବା ବେଳେ ସେହି ଗ୍ରାମରେ ଜନ୍ମିତା ଜଣେ ମହିଳା ଟେରାକୋଟା ଶିଳ୍ପକୁ ପାଥେୟ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ବହୁ ମହିଳାଙ୍କୁ ଉକ୍ତ ଶିଳ୍ପ ମାଧ୍ୟମରେ ଜୀବିକା ପ୍ରଦାନ କରାଇପାରିଛନ୍ତି ।

ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଲୋକନାଥ ସାହୁ ଓ ବୀଣାପାଣିଙ୍କ ଝିଅ ନିରୁପମା ପିଲାଟି ଦିନରୁ କାରିଗରୀ ପ୍ରତି ରୁଚି ରଖି ପିତା ଲୋକନାଥଙ୍କୁ କାରିଗରୀ କାର୍ଯ୍ୟରେ ସହଯୋଗ କରୁଥିଲେ । +୨ ପାଠପଢା ଶେଷ କରିବା ପରେ ଆଉ ଅଧିକ ପାଠ ନପଢି ବା ଚାକିରି ପଛରେ ନ ଗୋଡାଇ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ରାଜ୍ୟ ହସ୍ତଶିଳ୍ପ ନିଗମ ତାଲିମ ଶିବିରରୁ ଟେରାକୋଟାରେ ପ୍ରଶିକ୍ଷଣ ନେଇଥିଲେ । ପରେ ଉକ୍ତ ଶିଳ୍ପକୁ ଜୀବିକା ରୂପେ ଗ୍ରହଣ କରି ଆତ୍ମନିର୍ଭରଶୀଳ ହେବାର ପ୍ରୟାସ ଜାରି ରଖିଥିଲେ । ଏହି ସମୟରେ ସେ ବନ୍ତ ବ୍ଲକ ବିଟିପୁର ପଞ୍ଚାୟତ ଅନ୍ତର୍ଗତ ବିଟିପୁର ଗ୍ରାମର ଟେରାକୋଟା ଶିଳ୍ପୀ ପଦ୍ମନାଥ ସେଠୀଙ୍କୁ ନିଜ ଜୀବନ ସାଥୀ ରୂପେ ଚୟନ କରିବା ସହ ତାଙ୍କ ସହଯୋଗରେ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ଓ ପଶୁପକ୍ଷୀଙ୍କ ସମେତ ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ ନିର୍ମାଣ କରି ତାକୁ ବଜାରରେ ବିକି ନିଜକୁ ରୋଜଗାରକ୍ଷମ କରାଇବା ସହ ଆତ୍ମନିର୍ଭରଶୀଳ କରାଇପାରିଥିଲେ । ପରେ ଏହାକୁ ବୃତ୍ତି ରୂପେ ବାଛିବା ସହ ଅନ୍ୟ ମହିଳାଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରାଇବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ।

ସେଥିପାଇଁ ସେ ବିଟିପୁର ଗ୍ରାମର ମାଧବଜୀଉ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ସଦସ୍ୟତା ଗ୍ରହଣ କରିଥିଲେ । ପରେ ୨୦୨୧ରେ କେନ୍ଦ୍ର ହସ୍ତଶିଳ୍ପ ନିଗମ ଓ ୨୦୨୩ରେ ରାଜ୍ୟ ହସ୍ତଶିଳ୍ପ ନିଗମ ଦ୍ୱାରା ଆୟୋଜିତ ଟେରାକୋଟା ପ୍ରଶିକ୍ଷଣ ଶିବିରରେ ତାଲିମଦାତା ଭାବେ ଦକ୍ଷତାର ସହ ନିଜର ଦାୟିତ୍ୱ ପ୍ରତିପାଦନ କରିବା ସହ ଅଧିକାରୀଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇପାରିଥିଲେ । ବର୍ତ୍ତମାନ ସେ ନିଜ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାଙ୍କ ସମେତ ଆଖପାଖ ଅଂଚଳର ପାଖାପାଖି ୨୦୦ ଜଣ ମହିଳାଙ୍କୁ ଟେରାକୋଟା ଶିଳ୍ପର ପ୍ରଶିକ୍ଷଣ ଦେଉଛନ୍ତି । ତାଲିମପ୍ରାପ୍ତ ମହିଳାଙ୍କ ଦ୍ୱାରା ନିର୍ମିତ କାରୁକାର୍ଯ୍ୟକୁ ବିଭିନ୍ନ ସମୟରେ ରାଜ୍ୟରେ ଆୟୋଜନ କରାଯାଉଥିବା ହସ୍ତଶିଳ୍ପ ମେଳାରେ ରାଜ୍ୟ ହସ୍ତଶିଳ୍ପ ନିଗମ ସହଯୋଗରେ ବିକ୍ରୟ କରୁଛନ୍ତି । ଉକ୍ତ ଶିଳ୍ପ ମାଧ୍ୟମରେ ଅନ୍ୟଙ୍କ ପାଇଁ ଉଦାହରଣ ପାଲଟିଥିବା ନିରୁପମା ବୁଡ଼ିଯାଉଥିବା କୁମ୍ଭକାର ବେଉସା ପରିବାରର ସଦସ୍ୟଙ୍କୁ ସରକାର ଉକ୍ତ ଶିଳ୍ପରେ ନିୟୋଜିତ ହେବାକୁ ପ୍ରୋତ୍ସାହିତ କରାଇପାରିଲେ ଏହା ଅଧିକ ଲୋକପ୍ରିୟ ହୋଇପାରନ୍ତା ବୋଲି ମତ ବ୍ୟକ୍ତ କରିବା ସହ ଏଥିପାଇଁ ଅଧିକ ପ୍ରଶିକ୍ଷଣର ବ୍ୟବସ୍ଥା ଓ ଉନ୍ନତମାନର ଯନ୍ତ୍ରପାତି ଯୋଗାଇ ଦେବା ସହ ଆର୍ଥିକ ସହାୟତାର ସୁବନ୍ଦୋବସ୍ତ କରାଇବାକୁ ଚେଷ୍ଟିତ ହେବାକୁ ଅନୁରୋଧ କରିଛନ୍ତି । ତତ୍‌ସହିତ ନବୀନ ସରକାରଙ୍କ ସମୟରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଭଦ୍ରକରୁ ଆଗରପଡ଼ା ରାସ୍ତାର ବରପଦା ଛକଠାରେ ସ୍ଥାପିତ ହୋଇଥିବା ଫଳକରେ ଟେରାକୋଟା ଓ ମୃତ୍ତିକା ହସ୍ତଶିଳ୍ପ ପୁଞ୍ଜ, ମହାନ୍ତିପଡ଼ା, ବନ୍ତ ବ୍ଲକ ସ୍ଥାନିତ ହୋଇଥିଲା । ତେଣୁ ନୂତନ ସରକାର ଉକ୍ତ ଅଞ୍ଚଳରେ ଟେରାକୋଟା ଶିଳ୍ପକୁ ଅଧିକ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି ।



### ପାଞ୍ଚପୀଢ଼କୁ ଜିଲ୍ଲା ଘୋଷଣା ଦାବିରେ ଗଣଧାରଣା

# ଉପଜିଲ୍ଲାପାଳଙ୍କ ସାନ୍ତ୍ୱନା ପରେ ଆନ୍ଦୋଳନ ସ୍ଥଗିତ

କରଞ୍ଜିଆ,୮।୮ (ସମିସ):

ପାଞ୍ଚପୀଢ଼ ଜିଲ୍ଲା ଘୋଷଣା ଦାବିରେ ଚାଲିଥିବା ଧାରଣା ଶୁକ୍ରବାର ସପ୍ତମ ଦିନରେ ପହଞ୍ଚିଥିଲା। ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ସାନ୍ତ୍ୱନା ଦେବା ସହିତ ଦାବିପତ୍ର ଗ୍ରହଣ କରିଥିଲେ। ଫଳରେ ପ୍ରଗତି ମଞ୍ଚ ଆନ୍ଦୋଳନକୁ ସ୍ଥଗିତ ରଖିଛି। ଏହି ଆନ୍ଦୋଳନ ଅଗଷ୍ଟ ୨ ତାରିଖରୁ ଆରମ୍ଭ ହୋଇଥିଲା। ପାଞ୍ଚପିଢ଼ ପ୍ରଗତି ମଞ୍ଚର ସଭାପତି ଆଇନଜୀବି ସଂଜୟ କୁମାର ସାହୁ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। କାର୍ଯ୍ୟକାରୀ ସଭାପତି ଦୁର୍ଗାପ୍ରସାଦ ଦାସ, ଉପସଭାପତି ଉମା ଶଙ୍କର ଦାସ, ଗୌରୀଶଙ୍କର ସିନା, ସର୍ବେଶ୍ୱର ମିଶ୍ର, ଚନ୍ଦ୍ର କୁମାର ଲଳିତେନ୍ଦୁ ଦାସ, ସାଧାରଣ ସମ୍ପାଦକ ଆଇନଜୀବି ଦିବ୍ୟପ୍ରସାଦ ସାହୁ, ସଂପାଦକ କର୍ଣ୍ଣାର୍ଜୁନ ସାହା, ସଚିଦାନନ୍ଦ ସାହୁ, ଅଭିମନ୍ୟୁ ତ୍ରିପାଠୀ ପ୍ରମୁଖ ଧାରଣାରେ ବସିଥିଲେ। ଉପଖଣ୍ଡର ସଦର ମହକୁମାରେ ଏଡିଏମ୍ ଅଫିସ, ଏଆରଟିଓ ଅଫିସ, ଅତିରିକ୍ତ ଏସ.ପି.ଙ୍କ କାର୍ଯ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ସହିତ ଆହୁରି ଅନେକ ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟ ଖୋଲି ଜନସାଧାରଣଙ୍କୁ ତୁରିତ୍ ସେବା ଯୋଗାଇବାକୁ ମଞ୍ଚ ଦାବି କରି ଆସୁଛି। ହେଲେ ସରକାର କୌଣସି ପଦକ୍ଷେପ ନ ନେବାରୁ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇଥିଲା। ସରକାର ପାଞ୍ଚପିଢ଼ବାସୀଙ୍କୁ ବାରମ୍ବାର ଉପେକ୍ଷା କରିବାରୁ ମଞ୍ଚ ଡାକରାରେ ଆନ୍ଦୋଳନ ଉଗ୍ରରୂପ ଧାରଣକଲା। ଫଳରେ ୨ ତାରିଖରୁ ଗଣଧାରଣା ଆରମ୍ଭ ହୋଇଥିଲା। ଭୌଗୋଳିକ ଦୃଷ୍ଟିକୋଣରୁ ପାଞ୍ଚପିଢ଼କୁ ଜିଲ୍ଲା ଘୋଷଣା କରିବା ଯଥାର୍ଥତା ରହିଛି ବୋଲି ମଞ୍ଚ ଦାବି କରିଛି। ଉପଖଣ୍ଡରୁ ଜିଲ୍ଲା ସଦର ମହକୁମା ଦୂରତା ୧୨୫ କିମି ହୋଇଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ୭ଦିନ ଧାରଣାରେ ଉପଖଣ୍ଡର ସମସ୍ତ ବ୍ଲକ ଓ ଏନ୍ଏସି ଜନସାଧାରଣ ଏବଂ ଛାତ୍ରଛାତ୍ରୀ ମଧ୍ୟ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ନାଗରିକ ସଂଘର ଉପଦେଷ୍ଟା ଗୋପାଳ ଅଗ୍ରୱାଲା, ଭରତ ଚନ୍ଦ୍ର ଦାଶ, ସର୍ବେଶ୍ୱର ମିଶ୍ର, ଅଭିମନ୍ୟୁ ତ୍ରିପାଠୀ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା।



## ବିଦ୍ୟାଳୟରେ ଶିକ୍ଷକ ନିଶାରେ ଚୁର; ଛାତ୍ରଛାତ୍ରୀ ଅବାକ୍

ତୁରୁମୁଙ୍ଗା, ୮।୮ (ସମିସ): ପାଠ ପଢ଼ାଇବାକୁ ଆସି ମଦ ନିଶାରେ ସ୍କୁଲ ବାରଣ୍ଡା ଶୋଇଗଲେ ଶିକ୍ଷକ। ଶୁକ୍ରବାର ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ପାଟଣା ବ୍ଲକ ବାଉଁଶୁଳି ପଞ୍ଚାୟତ ଭୁଲୁଦା ଦିଣ୍ଡାପାଟ ଉଚ୍ଚବିଦ୍ୟାଳୟରେ। ବିଦ୍ୟାଳୟର ବିଜ୍ଞାନଶିକ୍ଷକ ଜଗନ୍ନାଥ ମହାନ୍ତ ଶୁକ୍ରବାର ୧୦ଟା ସମୟରେ ସ୍କୁଲକୁ ପାଠ ପଢ଼ାଇବାକୁ ଆସିଥିଲେ ମାତ୍ର ସାର୍ ମଦ ନିଶାରେ ଗଡ଼ିଗଲେ। ଶିକ୍ଷକ ଶୋଇଥିବା ଦେଖି ଛାତ୍ରଛାତ୍ରୀମାନେ ତାଙ୍କୁ ଉଠାଇଥିଲେ ମଧ୍ୟ ସେ ଉଠି ପାରି ନଥିଲେ। ଏନେଇ ଅଭିଭାବକ ଖବର ପାଇ ସ୍କୁଲକୁ ଆସି ହୋ ହାଲ୍ଲା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବେଣୁଧର ନାଏକ କହିଥିଲେ, ସେ ୩ ଦିନ ଶିକ୍ଷାଦାନ କରି ଅନ୍ୟ ଦିନ ପୁରନ୍ଦରପୁର ଉଚ୍ଚବିଦ୍ୟାଳୟରେ ପଢାଇ ଥାଆନ୍ତି। ଶୁକ୍ରବାର ସେ ମଦ ପିଇ ସ୍କୁଲକୁ ଆସିଥିବାରୁ ଏ ସମ୍ପର୍କରେ ସିଆରସି କ୍ଷିତିଶ କୁମାର ଦୀକ୍ଷିତ ଏବଂ ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରାଇଛନ୍ତି। ବିଦ୍ୟାଳୟ ଭିତରେ ଶିକ୍ଷକଙ୍କ ଏଭଳି ଆଚରଣକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପରବର୍ତ୍ତୀ ସମୟରେ ସେ ଛାତ୍ରଛାତ୍ରୀଙ୍କ ଆଗରେ କିଭଳି ଶିକ୍ଷାଦାନ କରିବେ ତାହା ଚର୍ଚ୍ଚା ପରିସରକୁ ଆସିଛି। ଅପରପକ୍ଷରେ, ଏଭଳି ପରିସ୍ଥିତିରେ ବିଦ୍ୟାଳୟକୁ କିପରି ପୁଅଝିଅଙ୍କୁ ଶିକ୍ଷାଦାନ ପାଇଁ ପଠାଇବେ ସେନେଇ ଅଭିଭାବକ ଚିନ୍ତା ପ୍ରକଟ କରିଛନ୍ତି। ଏପରି ଅବସ୍ଥାରେ



ଏହା କେବଳ ଗୋଟିଏ ଦୃଷ୍ଟାନ୍ତ ନୁହେଁ; ଅନ୍ୟାନ୍ୟ ସ୍କୁଲଗୁଡ଼ିକରେ ମଧ୍ୟ ଏଭଳି ଘଟଣା ସ୍ୱାଭାବିକ ଭାବେ ଚାଲିଛି। ଯାହା କି ଲୋକଲୋଚନକୁ ଆସିପାରୁ ନାହିଁ। ଆଗାମୀ ଭବିଷ୍ୟତ କୁହାଯାଉଥିବା ଛାତ୍ରଛାତ୍ରୀମାନେ କିପରି ମାନସିକ ସ୍ଥିତିରେ ପ୍ରସ୍ତୁତ ରହିବେ ତାହା ମଧ୍ୟ ଏହି ଘଟଣା ପରେ ଆଲୋଚନାର ବିଷୟ ହୋଇଛି।

## ଭୁଜାଲି ଆକ୍ରମଣରେ ବ୍ୟବସାୟୀଙ୍କ ମୃତ୍ୟୁ; ୬ ଗିରଫ

ଯୋଡ଼ା, ୮।୮ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ କାନପୁର ଡ୍ୟାମସ୍ଥିତ କଣ୍ଡରା ହାଟରେ ଗତ ଗୁରୁବାର ସନ୍ଧ୍ୟା ସମୟରେ ଏକ ମୋବାଇଲ ଖୋଳ ବ୍ୟବସାୟୀଙ୍କୁ ଭୁଜାଲିରେ ବୀଭତ୍ସ ଭାବେ ହତ୍ୟା କରିଥିବା ଘଟଣାରେ ପୁଲିସ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ମୃତକ ସୁଦାମ ହୁସେନ (୨୬) ଏବଂ ତାଙ୍କ ଘର ଚମ୍ପୁଆସ୍ଥିତ ୩ ନମ୍ବର ୱାର୍ଡ ଅଲୀନଗରରେ। ସୁଦାମ ମୋବାଇଲ କଭର ସହ ଅନ୍ୟ ସାମଗ୍ରୀ ବ୍ୟବସାୟ କରି ଦୋକାନ ବନ୍ଦ କରୁଥିବା ବେଳେ ୫-୬ ଜଣ ଦୁର୍ବୃତ୍ତ ଏକ ସ୍କୁଟି ଏବଂ ବାଇକରେ ଆସି ତାଙ୍କୁ ମାଗଣାରେ ମୋବାଇଲ କଭର ମାଗିଥିଲେ; ମନା କରିବାରୁ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଅଭିଯୁକ୍ତମାନେ ଭୁଜାଲିରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଥିବା ବେଳେ ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଘଟଣାର ୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଯୋଡ଼ାସ୍ଥିତ ସହିଦ ନଗରର ବିନୁ ପିଙ୍ଗୁଆ (୨୦), ଆଜାଦ ବସ୍ତିର ମନୋଜ ପାତ୍ର(୨୯), ସୁରଜ ହେମ୍ବ୍ରମ (୨୧), ବିକାଶ ପାତ୍ର (୧୯)। ଆଉ ଦୁଇ ଜଣ ନାବାଳକ ଅପରାଧୀ ସାମିଲ ଅଛନ୍ତି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସୁଶାନ୍ତ ପ୍ରଧାନ କହିଛନ୍ତି।

## ମୁଖୀସାହିରେ ପିଇବା ପାଣି ସମସ୍ୟା

ଆନନ୍ଦପୁର,୮।୮ (ସମିସ): ବର୍ଷାଦିନରେ ପିଇବାପାଣି ମିଳୁନି। ଅଞ୍ଚଳବାସୀ ଅସୁବିଧା ଭୋଗୁଛନ୍ତି ଏଭଳି ସମସ୍ୟା ଦେଖିବାକୁ ମିଳିଛି ଆନନ୍ଦପୁର ପଣିରାଞ୍ଚଳ ୧୫ନମ୍ବର ୱାର୍ଡର ମୁଖୀସାହିରେ। ଗତ କିଛି ଦିନ ହେଲା ପାଇପରେ ପାଣି ଆସୁ ନଥିବାରୁ ଲୋକମାନେ ଡହଳବିକଳ ହେଉଛନ୍ତି। ଏହି ସାହିରେ ୧୫ରୁ ଉର୍ଦ୍ଧ୍ୱ ପରିବାର ରହୁଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଷ୍ଟାଣ୍ଡପୋଷ୍ଟ ଲଗାଯାଇଥିବାବେଳେ ଘରକୁ ମଧ୍ୟ ସଂଯୋଗ ଦିଆଯାଇଛି। ପୂର୍ବରୁ ଠିକ୍ ଭାବେ ପାଣି ଆସୁଥିବାବେଳେ ଗତ ୫ ଦିନ ହେଲା ପାଣି ଆସୁନାହିଁ। ଫଳରେ ଲୋକମାନେ ପିଇବାପାଣି ସହ ସ୍ନାନ,ଶୌଚ ହେବାପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାହିର ବିକାଶ ମୁଖି, ପ୍ରକାଶ ମୁଖି, ସନ୍ତୋଷମୁଖି, ରମେଶ ମୁଖି, ଆୟୁବ୍ ଖାଁ, ପବିତ୍ର ମହାରଣା, ଗାନ୍ଧୀ ମୁଖି, କୁଶ ମୁଖି, ମୁନା ମୁଖି, ଲକ୍ଷ୍ମୀଧର ମୁଖି ନିବେଦନ କରିଛନ୍ତି।



## ଯୁବକ ନିଖୋଜ ଅଭିଯୋଗ

କୁଆମରା/ରାସଗୋବିନ୍ଦପୁର, ୮।୮ (ସମିସ): ରାସଗୋବିନ୍ଦପୁର ଥାନା ବଡାମପୁର ଅଞ୍ଚଳରେ ଶୁକ୍ରୁ ସିଂ (୨୧) ନିଖୋଜ ହୋଇଥିବା ନେଇ ଥାନା ରେ ଅଭିଯୋଗ ହୋଇଛି। ତିନି ମାସ ତଳେ ସେ ଆନ୍ଧ୍ରପ୍ରଦେଶରେ ଶ୍ରମିକ ଭାବେ ମାରବଲ ତିଆରି କାରଖାନାରେ କାର୍ଯ୍ୟ କରୁଥିଲେ। ତେବେ ସେ ଛୁଟି ନେଇ ଗତ ୬ ତାରିଖରେ ହୀରାଖଣ୍ଡ ଏକ୍ସପ୍ରେସରେ ଘରକୁ ଫେରୁଥିବା ବେଳେ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ବାପା ବିରେନ୍ଦ୍ର ସିଂ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଚଳାଇଛି।

## ୧୩ରେ ସଂକୁଳସ୍ତରୀୟ ବିଜ୍ଞାନ ମେଳା

କୁଆମରା,୮।୮ (ସମିସ): ଗୋପବନ୍ଧୁ ନଗର ବ୍ଲକ ଖୁଣ୍ଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆସନ୍ତା ୧୩ ତାରିଖରେ ସଂକୁଳ ସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହେବ। ଏଥିନିମନ୍ତେ ଆଜି କୁଆମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଂକୁଳ ପ୍ରମୁଖ ବିରଞ୍ଚି ନାରାୟଣ ସେନାପତିଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଖଣ୍ଡର ଉଦଳା, କପ୍ତିପଦା, ଶରତ, ଖୁଣ୍ଟା, କୁଆମରା ଓ ନୁଦୁଡିହା ସରସ୍ୱତୀ ବିଦ୍ୟା ମନ୍ଦିର ଅଂଶ ଗ୍ରହଣ କରିବେ। ଉକ୍ତ ବୈଠକରେ ସମସ୍ତ ବିଦ୍ୟାଳୟର ପ୍ରଧାନ ଗୁରୁଜୀ ଓ ସଂପୃକ୍ତ ବିଦ୍ୟାଳୟର ସଭାପତି ଓ ସଂପାଦକ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରମେଶ ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ଜଙ୍ଗଲ ଜମି ଅଧିକାର ଆଇନଲାଗୁ ଦାବିରେ କଂଗ୍ରେସ ଦାବିପତ୍ର

କରଞ୍ଜିଆ,୮।୮ (ସମିସ): ବିଶ୍ୱ ଆଦିବାସୀ ଦିବସ ପାଳନ ଅବ୍ୟାହତି ପୂର୍ବରୁ ଜଙ୍ଗଲ ଜମି ଅଧିକାର ଆଇନ ଲାଗୁ ଦାବିରେ କଂଗ୍ରେସ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଭୁବନ ବିହାରୀ ସାହୁଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ପରେ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ବରିଷ୍ଠ ଆଦିବାସୀ ନେତ୍ରୀ ଯବାମଣି ଟୁଡୁ, ଗୋଲାପ ମଞ୍ଜରୀ ସୋରେନ, ଲାଳନ ସିଂ, ଯୁବନେତା ଜାକିର ହୁସେନ, ଟୁଆଁ ଦାସ, ଧରଣୀଧର ମହାନ୍ତଙ୍କ ସମେତ ବହୁ ନେତା ସାମିଲ ହୋଇଥିଲେ।

## ଅବକାରୀ ବିଭାଗର ଚଢଉ; ୩ ଗିରଫ

ମୋରଡା,୮।୮ (ସମିସ): ଶୁକ୍ରବାର ଦେଉଳି ଏବଂ କୁଳିଅଣା ଅବକାରୀ ବିଭାଗ ପକ୍ଷରୁ ଶୁଳିଆପଦା ଏବଂ ଚାନ୍ଦୁଆ ଥାନା ଅଞ୍ଚଳରେ ଚଢ଼ଉ କରି ଚୋରାମଦ ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫମାନେ ହେଲେ ବଡଶୁଖିଲାଖାଲି ଓ ନେଧୁଆ ଗ୍ରାମର ଜିତୁ ଟୁଡୁ, ଶୁଖି ଟୁଡୁ ଏବଂ ସ୍ୱପନ ମାନ୍ନା। ପ୍ରଥମେ ବଡ଼ଶୁଖିଲାଖାଲି ଏବଂ ନେଧୁଆ ଗ୍ରାମରେ ଚଢ଼ଉ କରି ମୋଟ ୪୨ ଲିଟର ଦେଶୀ ମଦ ଓ ଏକ ବାଇକକୁ ମଧ୍ୟ ଜବତ କରିଛନ୍ତି। ଉକ୍ତ ଘଟଣାରେ ଜିତୁ ଟୁଡୁ, ଶୁଖି ଟୁଡୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେହିପରି ଖଇଖିଆ ଛକ ନିକଟରେ ଚଢ଼ଉ କରି ଏକ ବାଇକକୁ ଜବତ କରିବା ସହିତ ୨ କୁଇଣ୍ଟାଲ ୧୦ କେଜି ମହୁଲ ଜବତ କରିବା ସହିତ ସ୍ୱପନ ମାନ୍ନାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ବଜ୍ରପାତ ସୁରକ୍ଷା ସଚେତନତା

କେନ୍ଦୁଝର,୮।୮ (ସମିସ): ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ବଜ୍ରପାତ ସୁରକ୍ଷା ରଥକୁ ଜିଲ୍ଲାପାଳ ବିଶାଲ ସିଂହ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ରଥ ଜିଲ୍ଲାର ୪ଟି ପଞ୍ଚାୟତ ଯଥା ରାଇକଳା, ଶଗଡ଼ ପଟା, ତୋରାଣିପୋଖରୀ ଏବଂ ଦଁରା ଅଞ୍ଚଳ ଯାଇ ଲୋକଙ୍କୁ ବଜ୍ରପାତଠାରୁ ସୁରକ୍ଷିତ ରହିବାପାଇଁ ବ୍ୟାପକ ଜ୍ଞାନ ବିତରଣ କରିବ। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଡେପୁଟି କଲେକ୍ଟର ଆପତ୍ତକାଳୀନ ଅଭିଳାଷ ପୁରୋହିତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାଏ, ସହକାରୀ ଜିଲ୍ଲାପାଳ ସନ୍ତୋଷ ଜେନା, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଇଜାଜ ଇକବାଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

ଆନନ୍ଦପୁର,୮।୮ (ସମିସ): ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ସଭାଗୃହରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ହସପିଟାଲ ପରିଚାଳକ ଅବିନାଶ ଧଳଙ୍କ ସଂଯୋଜନାରେ ବରିଷ୍ଠ ଶିଶୁ ବିଶେଷଜ୍ଞ ଡାକ୍ତର କୃଷ୍ଣଚନ୍ଦ୍ର ଦାଶ ମୁଖ୍ୟଅତିଥି, ପ୍ରସୁତି ବିଶେଷଜ୍ଞ ଡାକ୍ତର ରବିନାରାୟଣ ସେନାପତି, ଶିଶୁ ବିଶେଷଜ୍ଞ ଡାକ୍ତର ଅମର ବେହେରା ସମ୍ମାନିତ ଅତିଥିଭାବେ ଏହି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଡାକ୍ତରଖାନାର ସେବିକା, ଆଶାକର୍ମୀ, ଓ ମହିଳା ଯୋଗ ଦେଇଥିଲେ।

## ୧୬ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚେତାବନୀ

ବେଲବାହାଲି,୮।୮ (ସମିସ): ବିଭିନ୍ନ ମହାବିଦ୍ୟାଳୟରେ ନିଯୁକ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କୁ ନୀତିଗତ ଭାବେ ସରକାରୀ ଅନୁଦାନ ପ୍ରଦାନ ନହେଲେ ଆଗାମୀ ୧୬ ତାରିଖଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବାକୁ ଓଡିଶା ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ତରଫରୁ ଆନନ୍ଦପୁର ଉପଖଣ୍ଡ ପତିତପାବନ ମହାବିଦ୍ୟାଳୟଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସାମ୍ବାଦିକ ସମ୍ମିଳନୀରେ ଏଭଳି ଚେତାବନୀ ଦେଇଛି ସଂଘ। ୨୦୦୮ ଜୁନ୍‌ରୁ ୨୦୧୮ ମଧ୍ୟରେ ନିଯୁକ୍ତ ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ପରିସରଭୁକ୍ତ କରିବାକୁ ଦାବି ହୋଇଛି। ଏଥିରେ ମଦନ ମୋହନ ସ୍ୱାଇଁ, ସ୍ୱର୍ଣ୍ଣସିନ୍ଧା ସ୍ୱାଇଁ, ବର୍ଷାରାଣୀ ପଲେଇ, ତନ୍ମୟ ପଟ୍ଟନାୟକ, ଜଗବନ୍ଧୁ ଜେନା, ସୌମ୍ୟା ସୁଚରିତା ସାହୁ, ଦେବସ୍ମିତା ଜେନା, ପାଟସାଣୀ, ପ୍ରବୀଣ କବି, ଦେବସ୍ମିତା ମହାନ୍ତ, ପୁଷ୍ପଲତା ପାଢ଼ୀ, ପ୍ରଦୀପ କୁମାର ସାହୁ, ଅମିତ ମିଶ୍ର, ବିଦ୍ୟାଧର ଦାଶ, ଆଲୋକ ଦାଶ, ଶ୍ରଦ୍ଧାଞ୍ଜଳି ଜେନା, ନମିତା ବଳ, ଜୟଦେବ ଦାଶ, ସୁକାନ୍ତ ଖଟୁଆ, ସଞ୍ଜୟ ରାଉତ, ତାପସ ପତି, ବିଦ୍ୟାଧର ଘଡ଼େଇ, ମାନସୀ ବେହେରା, କୁନୁ ଦେହୁରୀ, ନିରାକାର ଚକ୍ର ଦାବି ସମ୍ପର୍କରେ ଆଲୋଚନା କରିଥିଲେ।

## 'ଘରେ ଘରେ ତ୍ରିରଙ୍ଗା ଓ ସ୍ୱଚ୍ଛତା'



ତେଲକୋଇ, ୮।୮ (ସମିସ): ତେଲକୋଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଘରେ ଘରେ ତ୍ରିରଙ୍ଗା ଘରେ ଘରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ରାଜ୍ୟ ଜଳ ପରିମଳ ବିଭାଗ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ ସାରା ରାଜ୍ୟରେ କରାଯାଉଥିବା ବେଳେ ତାହା ତେଲକୋଇ ବ୍ଲକର ୨୨ଟି ଗ୍ରାମପଞ୍ଚାୟତରେ ଅଗଷ୍ଟ ୮ରୁ ୧୫ ପର୍ଯ୍ୟନ୍ତ ଚାଲିବ। ସେହିପରି ପରିମଳ ସଫେଇ ସ୍ୱଚ୍ଛତା ସଚେତନତା ଓ ସ୍ୱାଧୀନତା ପାଳନ ନିମନ୍ତେ ପ୍ରସ୍ତୁତି କାର୍ଯ୍ୟ ମାନ ରହିଥିବା ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ ସୂଚନା ଦେଇଛନ୍ତି। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ବିଡ଼ିଓଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତି ଥିଲେ।

## ୨ ବାଲି ଟ୍ରାକ୍ଟର ଜବତ

ତେଲକୋଇ, ୮।୮ (ସମିସ): ତେଲକୋଇ ସମାକୋଇ ନଦୀ ପଠାର ତଳସାହି ବାବା ଟୁଙ୍ଗି ନିକଟରୁ ବେଆଇନ ବାଲି ଉତ୍ତୋଳନ କରି ଚୋରା ଚାଲାଣ ବେଳେ ତେଲକୋଇ ପୁଲିସ ଦୁଇଟି ଟ୍ରାକ୍ଟରକୁ ଜବତ କରିଛି। ଏନେଇ ଏକ ମାମଲା ରୁଜୁ ହେବା ସହିତ ଗାଡି ମାଲିକଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଗୁରୁବାର ବିଳମ୍ବିତ ରାତିରେ ବାବା ଟୁଙ୍ଗି ନିକଟରୁ ବାଲି ବେଆଇନ ଚୋରା ଚାଲାଣ ହେଉଥିବା ନେଇ ପୁଲିସ ଖବର ପାଇଥିଲା। ତେଲକୋଇ ଥାନା ଆଇଆଇସି ଅଞ୍ଜନ ପାତ୍ର ସଦଳବଳେ ଚଢ଼ଉ କରି ଦୁଇଟି ଟ୍ରାକ୍ଟରକୁ ଜବତ କରିଥିଲେ। ବାଲି ମାଫିଆମାନେ ଫେରାର ହୋଇଯାଇଥିବା ବେଳେ, ଅନ୍ୟପଟେ ସମାକୋଇ ନଦୀର କଦଳୀ କୁଣ୍ଡ ଓ ନୂଆ ବସଷ୍ଟାଣ୍ଡ ତଳ ମୁଣ୍ଡରୁ ଆଉ କେତେକ ବାଲି ମାଫିଆ ପ୍ରତ୍ୟେକ ରାତିରେ ଜେସିବି ଦ୍ୱାରା ବାଲି ଉତ୍ତୋଳନ କରି ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ କରୁଥିବାରୁ ଏଥି ପ୍ରତି ଚଢ଼ଉ କରିବା ପାଇଁ ଦାବି ହେଉଛି।

## ଗଛରୁ ପଡ଼ି ନାବାଳକ ମୃତ

ତେଲକୋଇ, ୮।୮ (ସମିସ): ତେଲକୋଇ ଥାନା କାଳିଆହତା ଫାଣ୍ଡି ଗଳଦା ଗ୍ରାମ କଲଭର୍ଟ ପୋଲିଆ ନିକଟରୁ ଜଣେ ନାବାଳକର ମୃତଦେହ ଉଦ୍ଧାର ହୋଇଛି। ମୃତ ନାବଳ ହେଲା ଗଜନା ମୁଣ୍ଡା (୧୩)। ଘର ଝାଡ଼ଖଣ୍ଡରେ ହୋଇଥିବା ବେଳେ ଗଳଦାସ୍ଥିତ ମାମୁଙ୍କ ଘରକୁ ଆସିଥିବା ଜଣାପଡ଼ିଛି। ନିକଟରେ ଏକ ଅର୍ଜୁନ ଗଛରେ ଟସର ତୋଳିବାକୁ ଚଢ଼ିଥିବା ବେଳେ ଗଛରୁ ପଡ଼ି ମୃତ୍ୟୁ ହୋଇଥିବା କୁହାଯାଉଛି। ତେଲକୋଇ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି।

## ଜିଲ୍ଲା ସାମ୍ବାଦିକ ସଂଘର ପ୍ରସ୍ତୁତି ବୈଠକ

କରଞ୍ଜିଆ, ୮।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଆଗାମୀ ୧୭ ତାରିଖରେ ଯଶିପୁର ସ୍ଥିତ କନକ ରେସିଡେନ୍ସିଠାରେ ଅନୁଷ୍ଠିତ ହେବ। ଏଥିପାଇଁ ଯଶିପୁରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଉପସଭାପତି ତଥା କାର୍ଯ୍ୟକାରିଣୀ ବୈଠକର ଆବାହକ ଦିଲୀପ କୁମାର ସାହୁ, ସଦସ୍ୟ ସାମ୍ବାଦିକ ଜନାର୍ଦ୍ଦନ ମହାନ୍ତ, ଲଲାଟେନ୍ଦୁ ପାତ୍ର, ସଞ୍ଜୟ ମହାନ୍ତ, ସରୋଜ ମହାନ୍ତ, ନିହାର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷ କରି ଜିଲ୍ଲା ସାମ୍ବାଦିକ ସଂଘକୁ ମଜଭୁତ କରିବା, ସାମ୍ବାଦିକଙ୍କ ଭତ୍ତା ଲାଗୁକରିବା, ସ୍ୱାସ୍ଥ୍ୟବୀମା ବୃଦ୍ଧି କରିବା ସମେତ ମୟୂରଭଞ୍ଜ ଜିଲ୍ଲାର ବିକାଶ ପାଇଁ କେତେକ ଉନ୍ନତି ମୂଳକ କାମ ଓ ସମସ୍ୟା ସମ୍ପର୍କୀୟ ଆଲୋଚନା ହୋଇଥିଲା। ରାଜ୍ୟ ସ୍ତରୀୟ କଳିଙ୍ଗ ପେଶାଦାର ସାମ୍ବାଦିକ ସଂଘ ର ରାଜ୍ୟ ସଭାପତି ମନୋଜ ଦାସ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗଦେବା ସହ ଉପସଭାପତି ସୌରଭ ପଟ୍ଟନାୟକ, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଅରୁଣ କୁମାର ଓତା, ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଅଗ୍ରୱାଲ ସମେତ କାର୍ଯ୍ୟକାରୀ କମିଟିର ସଦସ୍ୟଗଣ ଉପସ୍ଥିତ ରହିବେ।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ବୈଶିଙ୍ଗା, ୮।୮ (ସମିସ) : ବେତନଟୀ ପୁଲିସ ଏକ ଚୋରା ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହିତ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ବେତନଟୀ ଅଭିମୁଖେ ଏକ ବାଲିବୋଝେଇ ଟ୍ରାକ୍ଟର ଆସୁଥିବାର ଖବରପାଇ ବେତନଟୀ ପୁଲିସ ମହୁଲିଆ ଛକରେ ଚଢଉ କରିଥିଲା। ପରେ ଜବତ କରି ଥାନାକୁ ଆଣି ତଦନ୍ତ ଆରମ୍ଭ କରିଛି।

## ଦେଶୀ ମଦ ଓ ମହୁଲ ପୋଚ ଜବତ; ୫ ଗିରଫ

ରାଇରଙ୍ଗପୁର, ୮।୮ (ସମିସ): ରାଇରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷରୁ ସହ ଉପ-ନିରୀକ୍ଷକ ସୁଧାଂଶୁ କୁମାର ବେହେରା ଏବଂ କର୍ମଚାରୀଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଗୋରୁମହିଷାଣି ଥାନା ଅନ୍ତର୍ଗତ ନୂଆଗାଁ, ଲୁହାଶିଳା, ଆମଡାବେଡା ଓ ରାଇରଙ୍ଗପୁର ସହରାଞ୍ଚଳ ଥାନା ଅନ୍ତର୍ଗତ ପୋଖରିଆରେ ଚଢଉ କରିଥିଲେ। ଚଢଉ ସମୟରେ ୩୩ ଲିଟର ଦେଶୀ ରନ୍ଧା ମଦ ଓ ୭୫୦ ଲିଟର ମହୁଲ ପୋଚ ଜବତ କରିବା ସହିତ ୫ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫମାନେ ହେଲେ ପୋଖରିଆ ଗ୍ରାମର ଦକ୍ଷିଣ କିସ୍କୁ, ଲୁହାଶିଳା ଗ୍ରାମର ରାଣୀମଣି ଟୁଡୁ, ଆମଡାବେଡ଼ା ଗ୍ରାମର ଗୋବିନ୍ଦ ମୁର୍ମୁ, ନୂଆଗାଁ ଗ୍ରାମର ଝରି ମୁଣ୍ଡା ଓ ଗୋବରା ମୁଣ୍ଡା। ଚଢ଼ଉରେ ବହଳଦା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଣଜିତ ଶବର, ବିଶୋଇ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପିଙ୍କି ମାରାଣ୍ଡି, କନେଷ୍ଟବଳ ଦିଲ୍ଲୀପ ଜେନା, ଅରୁଣ କୁମାର ମୁଦୁଲି ପ୍ରମୁଖ ସାମିଲ ହୋଇଥିଲେ।

## ବଳକା ସାମଗ୍ରୀରୁ ରାକ୍ଷୀ ପ୍ରସ୍ତୁତି କରୁଛନ୍ତି ମହିଳା

ଖୁଣ୍ଟା, ୮।୮ (ସମିସ): ବଳକା ଥିବା ତୁଳା, ସୂତା ଏବଂ କପଡାରୁ ବିଭିନ୍ନ ଡିଜାଇନର ହାତରେ ରାକ୍ଷୀ ତିଆରି କରୁଛନ୍ତି ଖୁଣ୍ଟା ବ୍ଲକ୍ ଅନ୍ତର୍ଗତ ଭୋଳାଗଡିଆ ଗ୍ରାମର ଖଦୀ କେନ୍ଦ୍ରର ମହିଳା। ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ମହିଳା ଇକୋ ଫ୍ରେଣ୍ଡଲି ରାକ୍ଷୀ ତିଆରି କରୁଛନ୍ତି। ସୂଚନାଯୋଗ୍ୟ ଯେ, ଏହି ମହିଳାମାନେ କପା ତୂଳାରୁ ଅରଟରେ ସୂତା ତିଆରି କରିବା ଏବଂ ହସ୍ତତନ୍ତରେ ଖଦୀ ବସ୍ତ୍ର ବୁଣାବୁଣି କରି ରୋଜଗାର କରୁଛନ୍ତି। କେତେକ ମହିଳା ଜୈବିକ ପଦ୍ଧତିରେ ମଧ୍ୟ କପା ଚାଷ କରୁଛନ୍ତି। ସେହି କପା ତୂଳାରୁ ସେମାନେ ସୂତା କାଟିବା ପରେ ଅବଶିଷ୍ଟାଂଶକୁ ନେଇ ଏବେ ସେମାନେ ବଳକା ସମୟରେ ଏହି ହାତ ତିଆରି ରାକ୍ଷୀ ପ୍ରସ୍ତୁତ କରୁଛନ୍ତି। ଏହାକୁ ସେମାନେ ନିଜ ଭାଇ ହାତରେ ବାନ୍ଧିବା ସହ କିଛି ରାକ୍ଷୀକୁ ସେମାନେ ବିକ୍ରି କରିଛନ୍ତି। ଏହି ଆକର୍ଷଣୀୟ ରାକ୍ଷୀ ବେଶ୍ ଆଦୃତ ଲାଭ କରିପାରିଛି।



### ସାହାରପଡ଼ା ବ୍ଲକ୍

## କାଜୁ ଚାରାରୋପଣରେ ଦୁର୍ନୀତି; ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସୁପାରିସ୍

ତୁରୁମୁଙ୍ଗା, ୮।୮ (ସମିସ):

କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ ୨୦୨୩-୨୪ ଆର୍ଥିକ ବର୍ଷରେ ଉଦ୍ୟାନ କୃଷି ବିଭାଗ କେନ୍ଦୁଝର ତରଫରୁ ମନରେଗା ଯୋଜନାରେ ସ୍ଥାନୀୟ ଲୋକଙ୍କ ଜରିଆରେ ୧୨ଟି ସ୍ଥାନରେ କଲମୀ କାଜୁ ଏବଂ ଆପେଲ ବେରୀ ବୃକ୍ଷ ରୋପଣ କରାଯାଇଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଏବଂ ଆର୍ଥିକ ତ୍ରୁଟିପୂର୍ଣ୍ଣ ପରିଚାଳନା ପାଇଁ କୌଣସିଠାରେ ଗୋଟିଏ ମଧ୍ୟ ଗଛ ବଞ୍ଚି ନଥିବା ନେଇ କେନ୍ଦୁଝର ସାଂସଦଙ୍କ ଉଦ୍ୟାନ କୃଷି ବିଭାଗର ପ୍ରତିନିଧି ଶିବାଜୀ ଗୌତମ ମହାନ୍ତ ବର୍ମା ଜିଲ୍ଲାପାଳ ବିଶାଳ ସିଂଙ୍କ ନିକଟରେ ଅଭିଯୋଗ କରିଥିଲେ। ସିଡିଓ କମ ଏଡିପିସି(ଏମଜିଏନଆର୍‌ଇଜିଏସ୍) ଏବଂ ଜିଲ୍ଲା ପରିଷଦ ନିର୍ଦ୍ଦେଶକ୍ରମେ ମନରେଗା ଲୋକପାଳ ବୃଷଭଚନ୍ଦ୍ର ନାୟକ, ସାହାରପଡା ଏଏଚଓ ଉଦ୍ୟାନସାଥୀ ଏବଂ ଅଭିଯୋଗକାରୀଙ୍କ ଉପସ୍ଥିତିରେ ସମସ୍ତ ବୃକ୍ଷ ରୋପଣ ସ୍ଥାନ ବୁଲି ତଦନ୍ତ କରିବା ସହ ଚାଷୀ ଏବଂ ଉଦ୍ୟାନ ସାଥୀଙ୍କ ସହ ଆଲୋଚନା କରିଥିଲେ। ଅଧିକାରୀଙ୍କ ପ୍ରତି ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସହିତ ଅନୁପାତ ଅନୁଯାୟୀ ୫ ଜଣ ଅଧିକାରୀଙ୍କଠାରୁ ୨୪ଲକ୍ଷ ୫୩ହଜାର ୫ଶହ ୬୨ ଟଙ୍କା ଆଦାୟ କରିବା ପାଇଁ ସୁପାରିସ କରାଯାଇଛି। ମୋଟ ଜରିମାନା ବାବଦ ଅର୍ଥର ୩୦ ପ୍ରତିଶତ କେନ୍ଦୁଝର ଡିଡିଏଚ ସୌମେନ୍ଦ୍ର ନାରାୟଣ ପାଣିଗ୍ରାହୀଙ୍କଠାରୁ, ୦୫ ପ୍ରତିଶତ କେନ୍ଦୁଝର ଏଡିଏଚ ଗୋବିନ୍ଦଚନ୍ଦ୍ର ମେହେରଙ୍କଠାରୁ, ୨୦ ପ୍ରତିଶତ ସାହାରପଡା ବ୍ଲକ ଏଏଚଓ ସସ୍ମିତା ନାୟକଙ୍କ ଠାରୁ, ୨୫ ପ୍ରତିଶତ ସାହାରପଡା ବ୍ଲକର ଏଚଓ ମହେନ୍ଦ୍ରନାଥ ମହାନ୍ତଙ୍କଠାରୁ ଏବଂ ୨୦ ପ୍ରତିଶତ ସାହାରପଡା ବ୍ଲକର ଏଚଇଡବ୍ଲ୍ୟୁ ମୋହିତ ମହାନ୍ତଙ୍କଠାରୁ ଆଦାୟ କରିବା ପାଇଁ ସୁପାରିସ କରାଯିବା ସହିତ ଉପରୋକ୍ତ ପ୍ରତ୍ୟେକ ଅଧିକାରୀଙ୍କଠାରୁ ୧୦୦୦ ଟଙ୍କା ଲେଖାଏଁ ଜରିମାନା ସହ ଦୃଢ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦୁଝର ଜିଲ୍ଲାପାଳ କମ୍ ଡିପିସିଙ୍କୁ ସୁପାରିସ କରାଯାଇଛି। ଏହା ପୂର୍ବରୁ ପାଟଣା ବ୍ଲକରେ ମଧ୍ୟ ଏହି କେଳେଙ୍କାରୀ ପାଇଁ ବିଭାଗୀୟ କର୍ମଚାରୀଙ୍କଠାରୁ ପ୍ରାୟ ୨୨ ଲକ୍ଷ ଟଙ୍କା ଆଦାୟ ପାଇଁ ସୁପାରିସ ହୋଇଥିଲା।

ସକାଳ
THE SAKALA
www.sakalaepaper.com

# ସମ୍ପୂର୍ଣ୍ଣା

ଶନିବାର, ୯ ଅଗଷ୍ଟ, ୨୦୨୫


## ଆଜିର ରାଶିଫଳ

**ମେଷ:** ସନ୍ତାନଙ୍କ ପ୍ରଗତିରେ ଅଭିଭାବକ ଖୁସି ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନୂତନ ଜମି କ୍ରୟ କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବୃଷ:** ଅଟକି ରହିଥିବା କାର୍ଯ୍ୟ ପୂରା ହୋଇପାରେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ।

**ମିଥୁନ:** କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ପଡୋଶୀଙ୍କ ସହ ସୁସମ୍ପର୍କ ରହିବ।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଅଟକି ଥିବା କାର୍ଯ୍ୟ ସମାପନ ହେବ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

**କର୍କଟ:** ଜୀବନସାଥୀଙ୍କ ସାନ୍ନିଧ ମିଳିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ।

**କନ୍ୟା:** ପ୍ରେମ ବ୍ୟାପାରରେ ସମସ୍ୟା ଦେଖାଦେବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ। ପିଲାମାନେ ଖେଳକୁଦରେ ସମୟ ବିତାଇବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି।

**ବିଛା:** ସ୍ୱାସ୍ଥ୍ୟ ଭଲ ରହିବ। ସନ୍ତାନଙ୍କ ଖୁସିରେ ଖୁସି ହେବେ। ଅଚାନକ ଖୁସି ଖବର ମିଳିବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**ଧନୁ:** ସୃଜନାଶୀଳତା ବୃଦ୍ଧି ପାଇବ। ଅଧିକ ଖର୍ଚ୍ଚାନ୍ତ ହେବେ। ପ୍ରେମ ବ୍ୟାପାରରେ ସଫଳ ହେବେ।ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ପୁରୁଣା ନିବେଶରୁ ଲାଭ ମିଳିବ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂଆ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ। ପ୍ରେମିକା-ପ୍ରେମିକଙ୍କ ପାଇଁ ଦିନଟି ଭଲ।

## ଆଜିର ଇତିହାସ

- ୧୮୩୧- ଆମେରିକାରେ ପ୍ରଥମ ଥର ବାଷ୍ପଚାଳିତ ଇଞ୍ଜିନ୍ ଚାଲିଲା।
- ୧୮୯୨- ଥୋମାସ୍ ଆଲ୍‌ଭା ଏଡିସନ୍ ଟୁ ୱେ ଟେଲିଗ୍ରାଫକୁ ପେଟେଣ୍ଟ କରାଇଲେ।
- ୧୯୪୫- ଆମେରିକା ଜାପାନର ନାଗାସାକି ସହର ଉପରେ ଦ୍ୱିତୀୟ ପରମାଣୁ ବୋମା ପକାଇଲା ।
- ୨୦୧୯ - ଉତ୍ତର ପ୍ରଦେଶରେ ଗୋଟିଏ ଦିନରେ ୨୨୦ ମିଲିଅନ୍ ଗଛ ଲଗାଗଲା।


## ଅଗଷ୍ଟ କ୍ରାନ୍ତି ଦିବସ



ଆଜି ଅଗଷ୍ଟ କ୍ରାନ୍ତି ଦିବସ। ଭାରତର ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଦିନ ।୧୯୪୨ ଅଗଷ୍ଟ ୯ ତାରିଖରେ ପରାଧୀନ ଭାରତକୁ ବ୍ରିଟିଶ ଶାସନରୁ ମୁକ୍ତ କରିବା ପାଇଁ ଏହି ଦିନ ଭାରତଛାଡ଼ ଆନ୍ଦୋଳନର ମୂଳଦୁଆ ପକାଇ ଥିଲେ ଜାତିର ପିତା ମହାତ୍ମା ଗାନ୍ଧୀ। ଏହାପରେ ଭାରତବାସୀ ଏକଜୁଟ୍ ହୋଇ ବ୍ରିଟିଶମାନଙ୍କ ବିରୋଧରେ ଲଢ଼େଇ କରିଥିଲେ। ଫଳରେ ବ୍ରିଟିଶ ସରକାର ଦେଶ ଛାଡ଼ିବାକୁ ବାଧ ହୋଇଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଭାରତର ସହାୟତା ବଦଳରେ ଇଂରେଜମାନେ ଭାରତକୁ ମୁକ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ ପରବର୍ତ୍ତୀ ସମୟରେ ନିଜ କଥାରୁ ଓହରି ଯାଇଥିଲେ। ଯାହା ଫଳରେ ଇଂରେଜଙ୍କ ଠାରୁ ସ୍ୱାଧୀନତା ଛଡ଼ାଇ ଆଣିବା ଲାଗି ୧୯୪୨ ଅଗଷ୍ଟ ୮ ରେ ଭାରତୀୟ ଜାତୀୟ କଂଗ୍ରେସ ଇଂରେଜ ସରକାର ବିରୋଧରେ ଭାରତ ଛାଡ଼ ଆନ୍ଦୋଳନର ଡାକରା ଦେଇଥିଲା। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ କମିଟି ତାହାର ବମ୍ବେ ଅଧିବେଶନରେ ଏହି ନିର୍ଣ୍ଣାୟକ ଆନ୍ଦୋଳନ ପାଇଁ ସଂକଳ୍ପ ପାରିତ କରିଥିଲା। ଆନ୍ଦୋଳନ ଆରମ୍ଭ ପୂର୍ବରୁ ଗାନ୍ଧୀଙ୍କ ସମେତ କଂଗ୍ରେସର ସମସ୍ତ ପ୍ରମୁଖ ନେତାଙ୍କୁ ଗିରଫ କରି ନିଆଯାଇଥିଲା। ଏହାପରେ ଇଂରେଜମାନେ ଗାନ୍ଧିଜୀଙ୍କୁ ପୁନେର ଆଗା ଖାଁ ପ୍ୟାଲେସରେ ବନ୍ଦୀ କରି ରଖିଥିଲେ। ଅବଶ୍ୟ ଗାନ୍ଧିଜୀ ଅହିଂସା ଭାବେ ଏହି ଆନ୍ଦୋଳନର ଡାକରା ଦେଇଥିଲେ। ମାତ୍ର ଆନ୍ଦୋଳନ ସମୟରେ ଅନେକ ସ୍ଥାନରେ ହିଂସା, ଦଙ୍ଗା ଆଦି ଦେଖିବାକୁ ମିଳିଥିଲା। ଦେଶରେ ଧନଜୀବନ ନଷ୍ଟ ହେଲା। ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଯାଇ ସମସ୍ତ ନେତା, କ୍ରାନ୍ତିକାରୀ ଏବଂ ସଂଗ୍ରାମୀମାନଙ୍କୁ ଗିରଫ କରାଯାଇଥିଲା। ସେହି ସମୟରେ ଇଂରେଜଙ୍କ କବଳରୁ ବର୍ତ୍ତି ଯାଇଥିବା ଜଣେ କ୍ରାନ୍ତିକାରୀ ଯୁବା ନେତ୍ରୀ ଅରୁଣା ଆସଫ୍ ଅଲ୍ଲୀ ୧୯୪୨ ଅଗଷ୍ଟ ୯ ତାରିଖରେ ମୁମ୍ବାଇର ଗୋୱାଲିଆ ଟ୍ୟାଙ୍କ ମଇଦାନରେ (ବର୍ତ୍ତମାନର କ୍ରାନ୍ତି ମଇଦାନ) ତ୍ରିରଙ୍ଗା ଉଡ଼ାଇ ଭାରତ ଛାଡ଼ ଆନ୍ଦୋଳନର ଶୁଭାରମ୍ଭ କରିଥିଲେ। ଏହି ଆନ୍ଦୋଳନ ଅହିଂସା ମାର୍ଗରେ ହେଉ ବୋଲି ଗାନ୍ଧିଜୀ ଆବାହନ କରିଥିଲେ କିନ୍ତୁ ଦେଶର ଅନେକ ସ୍ଥାନରେ ହିଂସା ଦେଖିବାକୁ ମିଳିଥିଲା। ଯାହାକୁ ଗାନ୍ଧିଜୀ ପସନ୍ଦ କରିନଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଇଂରେଜମାନେ ଭାଙ୍ଗି ପଡ଼ିଥିଲେ। ଠିକ୍ ଏହି ସମୟରେ ଗାନ୍ଧିଜୀଙ୍କ ଏହି ଆନ୍ଦୋଳନ ଭାରତକୁ ସ୍ୱାଧୀନତା ଦେବାରେ ଉଚିତ ମାର୍ଗ ସାଜିଥିଲା। ମହାତ୍ମା ଗାନ୍ଧୀଙ୍କ 'କର ବା ମର' ମନ୍ତ୍ରରେ ଉଦ୍‌ବୁଦ୍ଧ ଏହି ଆନ୍ଦୋଳନ ନେତୃତ୍ୱ ଅଭାବ, ଦୁର୍ବଳ ସମନ୍ୱୟ, ଅସ୍ପଷ୍ଟ ଯୋଜନା ଓ ବ୍ରିଟିଶ କର୍ତ୍ତୃପକ୍ଷଙ୍କ ଦମନ ଯୋଗୁଁ ବେଶୀ ଦିନ ତିଷ୍ଠି ନ ଥିଲା। ଅବଶ୍ୟ ଏହା ଦେଶବାସୀଙ୍କୁ ଇଂରେଜ ଶାସନ ବିରୋଧରେ ଏକଜୁଟ କରିବାରେ ସଫଳ ହୋଇଥିଲା। ଏହାର ଫଳ ସ୍ୱରୂପ ୧୯୪୭, ଅଗଷ୍ଟ ୧୫ ତାରିଖରେ ଭାରତ ଇଂରେଜ ଶାସନ କବଳରୁ ମୁକ୍ତ ହୋଇ ସ୍ୱାଧୀନତା ପ୍ରାପ୍ତି କରିଥିଲା। ଏହି ଐତିହାସିକ ବିପ୍ଳବ ଥିଲା ଭାରତର ସ୍ୱାଧୀନତା ପାଇଁ ଏକ ମୁକ୍ତିର ମଶାଲ। ଆଜିର ଦିନରେ ଦେଶ ପାଇଁ ଜୀବନ ଦେଇଥିବା ବୀର ସଂଗ୍ରାମୀମାନଙ୍କ ବଳିଦାନକୁ ମନେ ପକାଉଛନ୍ତି କୋଟି କୋଟି ଭାରତୀୟ।

### ଆଜି ଆସିଥିଲେ

## ସ୍ୱଭାବକବି ଗଙ୍ଗାଧର ମେହେର



ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ଯେଉଁ କେତେଜଣ ଆଗଧାଡ଼ିର ସାହିତ୍ୟିକଙ୍କ ନାମ ଆସିଥାଏ ତନ୍ମଧ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେର ଅନ୍ୟତମ । ତାଙ୍କ ଲେଖନୀ ମୁନରୁ ଝରି ପଡ଼ିଥିବା ଅକ୍ଷର ସବୁ ଓଡ଼ିଆ ସାହିତ୍ୟର ଅମ୍ଳାନ କୀର୍ତ୍ତି ହୋଇରହିଛି । ସେ ଏକାଧାରରେ ପ୍ରକୃତି କବି, ସ୍ୱଭାବ କବି ଭାବେ ପରିଚିତ ଥିଲେ । ପ୍ରକୃତି ଚିତ୍ରଣରେ ତାଙ୍କର ସ୍ୱତନ୍ତ୍ର ଦୃଷ୍ଟିକୋଣ ଥିଲା। କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ ପରି ତାଙ୍କର କବିତାଗୁଡ଼ିକ ଉଚ୍ଚ ଆଲଙ୍କରିକ ଶବ୍ଦ, ଅନନ୍ୟ ସଂଯୋଜନା ଶୈଳୀ, ଉପମା, ରୂପକ ଓ ଯଥାର୍ଥ ଶବ୍ଦାବଳୀର ଉପଯୁକ୍ତ ପ୍ରୟୋଗ ସହ ସମୃଦ୍ଧ। ଗଙ୍ଗାଧର ୧୮୬୨ ମସିହା ଆଜିର ଦିନରେ ଅବିଭକ୍ତ ସମ୍ବଲପୁର ବର୍ତ୍ତମାନ ବରଗଡ଼ ଜିଲ୍ଲା ବରପାଲି ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ। ବାଲ୍ୟକାଳରେ ଦାରିଦ୍ର୍ୟର କଷାଘାତ ଯୋଗୁଁ ସେ ଅଧିକ ଶିକ୍ଷାଲାଭ କରିପାରି ନ ଥିଲେ। କିନ୍ତୁ ପିଲାଦିନରୁ ସେ କବିତା ଲେଖିବା ଆରମ୍ଭ କରିଥିଲେ। ଓଡ଼ିଶାର ପୁରାତନ କବିମାନଙ୍କ ପଦାଙ୍କ ଅନୁସରଣ କରି ସେମାନଙ୍କ ଶୈଳୀରେ ସେ ନିଜର ପ୍ରଥମ ଲେଖା ସବୁ ଲେଖିଥିଲେ। ତାଙ୍କର ଆଦ୍ୟ ରଚନାବଳୀ ଭିତରେ 'ରସ ରତ୍ନାକର' ଓ 'ଅହଲ୍ୟାସ୍ତବ' ଅନ୍ୟତମ। ଏଗୁଡ଼ିକ ରୀତିଯୁଗୀୟ ଶୈଳୀରେ ରଚନା କରାଯାଇଥିଲା। ସ୍ୱଳ୍ପ ଶିକ୍ଷା ସତ୍ତ୍ୱେ ବି ତାଙ୍କର ଓଡ଼ିଆ ଓ ସଂସ୍କୃତ ଭାଷାରେ ଗଭୀର ଜ୍ଞାନ ଥିଲା। ଏକ ସାଧାରଣ ଚାକିରି କରି ସେ ପରିବାର ପ୍ରତିପୋଷଣ କରୁଥିଲେ। ସେଥିପାଇଁ ତାଙ୍କୁ ବହୁ ବାଧାବିଘ୍ନର ସାମ୍ନା କରିବାକୁ ପଡ଼ିଥିଲା । ପରବର୍ତ୍ତୀ ସମୟରେ ତାଙ୍କ ପ୍ରତିଭାଦୀପ୍ତ ଓ ପ୍ରଚଣ୍ଡ ସୃଜନଶୀଳ ସତ୍ତା ସୃଷ୍ଟି କରିଥିଲା ବହୁ କାଳଜୟୀ କାବ୍ୟ ଓ କବିତା। ଓଡ଼ିଆ ଭାଷା ମହାସଙ୍କଟ ଦେଇ ଗତି କରୁଥିଲାବେଳେ 'ଇନ୍ଦୁମତୀ', 'କୀଚକବଧ', 'ତପସ୍ୱିନୀ', 'ପ୍ରଣୟବଲ୍ଲରୀ', 'ଉତ୍କଳ ଲକ୍ଷ୍ମୀ', 'ଅଯୋଦ୍ଧା ଦୃଶ୍ୟ' ଭଳି ଉଚ୍ଚକୋଟୀର କାବ୍ୟ ଓ କବିତା ରଚନା କରି ଓଡ଼ିଆ ଭାଷା ଆନ୍ଦୋଳନକୁ ସେ ତେଜୀୟାନ କରିଥିଲେ । 'ଅର୍ଘ୍ୟଥାଳି' ହେଉଛି ତାଙ୍କର ଲୋକପ୍ରିୟ କବିତା ସଂଗ୍ରହ। ତାଙ୍କ ରଚିତ ଶେଷ କାବ୍ୟ ଥିଲା 'ପଦ୍ମିନୀ'। ଗଙ୍ଗାଧରଙ୍କ କବିତାଗୁଡ଼ିକ ଯେତିକି ସୁନ୍ଦର, ତାଙ୍କର ଜୀବନଶୈଳୀ ବି ଥିଲା ବେଶ୍ ସାବଲୀଳ। ପ୍ରକୃତିର ଅସାଧାରଣ ବର୍ଣ୍ଣନା, ଆଦର୍ଶ ଚରିତ୍ର ଚିତ୍ରଣ, ମାନବତାର ଜୟଗାନ ଆଦି ଥିଲା ତାଙ୍କ ସାହିତ୍ୟ କୃତିର ବିଶେଷତ୍ୱ। ୧୯୨୪ ମସିହା ଏପ୍ରିଲ୍ ୪ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା।

## ମୃଣାଳଙ୍କ ପ୍ରେମରେ ଧନୁଷ୍ !



ବଲିଉଡ୍ ଅଭିନେତ୍ରୀ ମୃଣାଳ ଠାକୁରଙ୍କ ଜନ୍ମଦିନ ପାର୍ଟି ଏବେ ଚର୍ଚ୍ଚାରେ ରହିଛି। କାରଣ ଏଥିରେ ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ଧନୁଷ୍ ଯୋଗ ଦେଇଥିଲେ। ତେବେ ଧନୁଷ୍ 'ସନ୍ ଅଫ୍ ସର୍ଦ୍ଦାର୍ ୨'ର ସ୍କ୍ରିନିଂ ପାଇଁ ମୁମ୍ବାଇ ଆସିଥିଲେ। ଏହି ସମୟରେ ସେ ମୃଣାଳଙ୍କ ଜନ୍ମଦିନ ପାର୍ଟିରେ ଯୋଗ ଦେଇଥିଲେ। 'ସନ୍ ଅଫ୍ ସର୍ଦ୍ଦାର ୨' ଲିଡ୍ ରୋଲରେ ଅଜୟ ଦେବଗନ୍ ଓ ମୃଣାଳ ଠାକୁର ନଜର ଆସିଛନ୍ତି। ଫିଲ୍ମର ସ୍କ୍ରିନିଂ ଇଭେଣ୍ଟରେ ଉଭୟ କଥା ହେଉଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ଏହାପରେ ଧନୁଷ୍ ମୃଣାଳଙ୍କୁ ଡେଟ୍ କରୁଥିବା ଖବର ଜୋର୍ ଧରିଛି। ଏହାପୂର୍ବରୁ ମୃଣାଳ ଧନୁଷଙ୍କ ଫିଲ୍ମ 'ତେରେ ଇସ୍କ ମେଁ' ପାର୍ଟିରେ ଯୋଗ ଦେଇଥିଲେ। କନିକା ଢିଲୋଁ ଏହାର କିଛି ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଥିଲେ। ଏଥିରେ ଧନୁଷ୍ ଓ ମୃଣାଳ ଗୋଟିଏ ଫ୍ରେମ୍‌ରେ ନଜର ଆସିଥିଲେ। ସେବେଠାରୁ ଉଭୟଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ହେଉଛି। ତେବେ ଏହାକୁ ନେଇ ଧନୁଷ୍ କିମ୍ବା ମୃଣାଳ କୌଣସି ମନ୍ତବ୍ୟ ଦେଇ ନାହାନ୍ତି। ଏଠାରେ ପ୍ରକାଶ ଥାଉ କି, ଧନୁଷ୍ ପୂର୍ବରୁ ସାଉଥ୍ ଇଣ୍ଡଷ୍ଟ୍ରୀର ଭେଟେରାନ୍ ଅଭିନେତା ରଜନୀକାନ୍ତଙ୍କ ଝିଅ ଐଶ୍ୱର୍ଯ୍ୟାଙ୍କୁ ବିବାହ କରିଥିଲେ। ଉଭୟ ବିବାହର ୧୮ ବର୍ଷ ପରେ ୨୦୨୨ରେ ଅଲଗା ହୋଇଯାଇଥିଲେ।

## ରାକ୍ଷୀ ପୂର୍ଣ୍ଣିମା



ପୁଷ୍ପଲତା ସାହୁ

ଶ୍ରାବଣ ମାସର ପୂର୍ଣ୍ଣିମା ତିଥିରେ
ହେଉଛି ରକ୍ଷା ବନ୍ଧନ
ମୋ ଭାଇ ହାତରେ ରାକ୍ଷୀ ବାନ୍ଧିବି
ଦେଇ ମଥାରେ ଟୋପି ଚନ୍ଦନ ॥
ହାତରେ ବାନ୍ଧିବି ନାଲି ପାଟ ଡୋର
ଖୁଆଇବି ମିଠା ଲଡୁ
ଠାକୁର ପାଖରେ ମନାସି କରିବି ମୋ
ଭାଇ ଆୟୁଷ ବଢୁ ॥
ଏତିକି ଅଳି ମୁଁ କରିବି ଭାଇକୁ
କେବେ କରିବୁନି ପର
ସୁଖରେ ଦୁଃଖରେ ସାହା ହୋଇଥିବୁ
ଭଉଣୀ ତୋର ନିଜର ॥
ଗାଁ ଘର ମୋର ଲିପା ପୋଛା କରି
ଛାଟି ଦେଲି ଗହ୍ମା ଚିତା
ହଳ ଲଙ୍ଗଳର ଝୋଟି ମୁଁ ଲେଖିଲି
ସୋଲେ କରି ମାଳ ଗୁନ୍ଥା ॥
ବଉଳା ଗାଈ ମୋ ଧୋବ ଫରଫର
ତା ଶିଙ୍ଗେ ଢାଉ ମୁଁ ବୋଳି
ମଥାରେ ସିନ୍ଦୂର ବେକେ ଫୁଲମାଳ
ଖୋଇଲି ସରୁ ଚକୁଳି ॥
ଆମରି ଗୁହାଳେ ବନ୍ଧା ହୋଇଛନ୍ତି
କାଶିଆ କପିଳା ଦୁଇ
ଗହ୍ମା ପୂର୍ଣ୍ଣିମାରେ ପୂଜା ସେ ହୁଅନ୍ତି
ହଳ ସେ କରନ୍ତି ନାହିଁ ॥
ଚାଷୀ ଘର ଝିଅ ଅଟଇ ମୁହିଁ ଯେ,
ବାପା ଅଜା ଅମଳର
ଦେଖି ଆସୁଅଛି ଏ ବିଧି ବିଧାନ
କେବେ ମନୁ ଭୁଲି ନାହିଁ ॥ ■

କେନ୍ଦ୍ରାପଡ଼ା
ମୋ-୮୭୫୮୩୨୧୯୭



## ରକ୍ଷା ବନ୍ଧନ



ଆଚାର୍ଯ୍ୟ କ୍ଷିତୀଶ ଜେନା

ମୁନା ଶୋଇଥିବା ଦେଖିତ ମାମୁନି
କହେ ଉଠିପଡ଼ ଭାଇ
ସକାଳ ହେଲାଣି ଯାଇଛୁ କି ଭୁଲି
ଆଜିପା ରାକ୍ଷୀ ପୁନେଇଁ ।
ଚଞ୍ଚଳ ଯାଆତୁ ନିତ୍ୟକର୍ମ ସାରି
ନୂଆ ଜାମା ଦବୁ ପିନ୍ଧି
କେଡ଼େ ସୁନ୍ଦରିଆ ରାକ୍ଷୀ ମୁଁ ରଖିଛି
ତୋ ହାତରେ ଦେବି ବାନ୍ଧି ।
ମୋ ଗେହ୍ଲୁ ଭାଇର ମୁଣ୍ଡରେ ପକାଇ
ଅରୁଆ ଚାଉଳ ଦୁବ
ଧୂପ, ଦୀପ ଜାଳି ବନ୍ଦାଇବି ତତେ
ମନାସିବି ତୋର ଶୁଭ ।
କେବଳ ମୁଁ ନୁହେଁ ଶାଶୁଘରେ ତଥା
ଦୂରେ ଥିଲେ ଭଉଣୀଟି
ଭାଇର ପାଖକୁ ରାକ୍ଷୀପୂର୍ଣ୍ଣିମାରେ
ଆସେ ସୁଦୂରରୁ ଛୁଟି ।
ଉପହାର ଠାରୁ ଭାଇ ଉପସ୍ଥିତି
ଭଉଣୀ ପାଇଁକି ବଡ଼
ଭାଇ ଥିଲେ ସାଥେ ଭଉଣୀକୁ ସ୍ପର୍ଶ
କରେନି କଦାପି ଝଡ଼ ।
ପ୍ରଭୁ ବଳଦେବଙ୍କ ଜନ୍ମଦିନ ଆଜି
ପାଳିବେ ତ ପଲ୍ଲୀପୁରେ
ବଳଦ ଗାଈଙ୍କୁ ଗାଧୋଇ ରାକ୍ଷୀକୁ
ବାନ୍ଧିବେ ତାଙ୍କରି ଠାରେ ।
ଜଗା ବଳିଆଙ୍କୁ ସୁଭଦ୍ରା ବାନ୍ଧିବେ
ଭାବର ବନ୍ଧନ ରାକ୍ଷୀ
ପବିତ୍ର ସମ୍ପର୍କ ଭାଇ ଭଉଣୀଙ୍କ
ରାକ୍ଷୀ ଅଟେ ମୂକସାକ୍ଷୀ ।
ବଡ଼ଦେଉଳର ତିନି ଦିଅଁଙ୍କୁ ମୁଁ
କରୁଅଛି ନିବେଦନ
ତୁମପରି ପ୍ରତି ଭାଇ ଭଉଣୀଙ୍କ
ଅତୁଟ ରହୁ ବନ୍ଧନ । ■

କଣ୍ଟିଗଡ଼ିଆ, ଧର୍ମଶାଳା,
ଯାଜପୁର
ମୋ- ୭୦୦୮୭୩୪୮୦୦

## ତ୍ରିରଙ୍ଗା



ଚିତ୍ତରଞ୍ଜନ ମହାନ୍ତି

ସବୁ ପାତ୍ର ନୁହେଁ କଳସୀ
ସବୁ ପତର ନୁହେଁ ତୁଳସୀ
ସବୁ ନଦୀ ନୁହଁଇ ଗଙ୍ଗା
ସବୁ ପତାକା ନୁହେଁ ତ୍ରିରଙ୍ଗା ॥
ସଗର୍ବେ ଉଡ଼େ ଫରଫର
ଦେଖିଲେ ଆସେ ମନେ ଗର୍ବ
ମିଳିଯାଏ ମୁକ୍ତିର ଆନନ୍ଦ
ଖୋଲା ଆକାଶେ ମୁକ୍ତ ବିହଙ୍ଗ ॥
ସୁଯୋଗ୍ୟ ସନ୍ତାନ ଏ ଦେଶର
ଗାନ୍ଧୀ, ଗୋପବନ୍ଧୁ, ଜବାହର
ଲାଲ୍, ବାଲ୍, ପାଲ୍, ସୁଭାଷ
ମୁକ୍ତି ସେନାର ଶ୍ରେଷ୍ଠ ନାୟକ ॥
ଦେଇଛନ୍ତି ଅମୃତ ବାର୍ତ୍ତା
ପାଥେୟ କରି ଚାଲିଛୁ ରାସ୍ତା
ଶାନ୍ତି, ଅହିଂସା, ପ୍ରେମ ବଳେ
ସବୁରି ହୃଦୟ ଜିତି ହୁଏ ॥
ଦେଶର ସୁଯୋଗ୍ୟ ସନ୍ତାନ
ସବୁରି ହୃଦୟେ ବିଦ୍ୟମାନ
ଏମିତି ସନ୍ତାନ ଥିଲେ ଦେଶର
ଶତ୍ରୁମାନଙ୍କ ପଡ଼େନି ନଜର ॥
ଦେଶ ବଞ୍ଚିଲେ ଆମେ ବଞ୍ଚିବା
ଦେଶ ପାଇଁ ଜୀବନ ଦେବା
ଦେଶବାସୀ ଜାଗ୍ରତ ପ୍ରହରୀ
ଜୀବନ ଧନ୍ୟ ତା' ସେବା କରି ॥ ■

ଡଗିରା, ରାଣୀତାଲ
ମୋ- ୯୪୩୮୬୭୦୧୫୦



## ସୁମନ

## ଉପକାର ଶୁଝିଲେ ଜନ୍ଦା ଓ ପିମ୍ପୁଡ଼ି



କାଳିକିଙ୍କର



ଅଧିକ ବର୍ଷା ହେଲାରୁ ନଦୀ ଉଛୁଳି ପଡ଼ିଲା । ସମସ୍ତେ କହିଲେ ବନ୍ୟା ଆସିଲା । ସ୍କୁଲ ଛୁଟି । ତେବେ ସବୁଆଡ଼େ ପାଣି ଓ ସୁଅ ଚାଲୁଥିବାରୁ ରିଆ, ଟିଆ, କିଆ ଆଦି ପିଲାମାନେ ଘରେ ଅଛନ୍ତି। ସେମାନେ ଖୁସି ଯେ, ତାଙ୍କ ଆଗରେ ପାଣିର ସୁଅ ଧୀରେଧୀରେ ଯାଉଛି । କାଠି କୁଟା ପତର ଇତ୍ୟାଦି ଭାସି ଭାସି ଯାଉଛି । ଘର ଆଗରେ ଅବଶ୍ୟ ଅଧିକ ପାଣି ହୋଇନି କି ସୁଅ ପ୍ରଖର ନୁହେଁ ତେଣୁ ରିଆ, ଟିଆ ଓ କିଆ ସେ ପାଣି ଭିତରେ ଦୌଡାଦୌଡ଼ି କରୁଛନ୍ତି। ହାତର ଆଞ୍ଜୁଳାରେ ପାଣି ନେଇ ଖେଳୁଛନ୍ତି । ହଠାତ୍ ରିଆ କହିଲା- ଆରେ ଦେଖ ଦେଖ, କେମିତି ଗୋଟିଏ କଦଳୀ ପତ୍ର ଭାସି ଆସୁଛି ଓ ସେଥିରେ ଜନ୍ଦା ଓ ପିମ୍ପୁଡ଼ି ଭାସି ଯାଉଛନ୍ତି । ଜନ୍ଦା ଓ ପିମ୍ପୁଡ଼ିମାନେ ରିଆ, ଟିଆ ଓ କିଆଙ୍କୁ ଦେଖି କହିଲେ- ଆମେ ଭାସିଯାଉଛୁ ଏ ପାଣିରେ । ଆମକୁ ଟିକିଏ ଉଦ୍ଧାର କରନ୍ତନି ? କିଆ ଓ ଟିଆ କହିଲେ ନା ନା ବାବା, ତୁମେ ସବୁ ଆସିଲେ ଆମକୁ କାମୁଡ଼ିବ। ରିଆ କିନ୍ତୁ କହିଲା ନାରେ, ବିପଦରେ ଯିଏ ପଡ଼ିଛି ତାକୁ ସାହାଯ୍ୟ କରିବା ଉଚିତ । ତାପରେ ବି ଯଦି ସେ ଆମର କ୍ଷତି କଲା କରୁ, ତା' ଧର୍ମ ତା'ର । ରିଆ ଆଗକୁ ବଢ଼ିଲା । ସାଥିରେ ଟିଆ ଓ କିଆ । ସେମାନେ ଧୀରେ ଧୀରେ ସେ କଦଳୀପତ୍ର ସହ ଜନ୍ଦା ଓ ପିମ୍ପୁଡ଼ିଙ୍କୁ ଉଦ୍ଧାର କଲେ। ଏମାନେ ସବୁ ନାଲି ଜନ୍ଦା ଓ ପିମ୍ପୁଡ଼ି । କାମୁଡ଼ିଲେ ଖୁବ୍ ଯନ୍ତ୍ରଣା ହୁଏ। ରିଆ କିନ୍ତୁ ସେଥିପ୍ରତି ଖାତିର୍ ନ କରି ସେମାନଙ୍କୁ ଟିଆ ଓ କିଆ ସହ ମିଶି ଉଦ୍ଧାର କଲା ଓ ଭୁଇଁରେ ଛାଡ଼ିଦେଲା । ଜନ୍ଦା ଓ ପିମ୍ପୁଡ଼ି ସେମାନଙ୍କୁ ଧନ୍ୟବାଦ ଦେଇ ବାଉଁଶ ବୁଦା ଆଡ଼େ ଚାଲିଲେ ।


ଅନେକ ଦିନ ବିତି ଯାଇଛି । ଏବେ ବନ୍ୟା କି ବର୍ଷା ନାହିଁ । ରିଆ, ଟିଆ, କିଆ ସେଇ ବାଉଁଶ ବୁଦା ପାଖରେ ଖେଳୁଥିଲେ ଯେ, ହଠାତ୍ ତାଙ୍କ ପାଖକୁ ଗୋଟିଏ ସାପ ଫଁ ଫଁ କରି ମାଡ଼ି ଆସିଲା । ରିଆ, ଟିଆ, କିଆ କ'ଣ କରିବେ ଉପାୟ ନ ପାଇ କାନ୍ଦିବାକୁ ଲାଗିଲେ । ପାଖଦେଇ ଜନ୍ଦା ଓ ପିମ୍ପୁଡ଼ି ଖାଦ୍ୟ ନେଇ ଯାଉଥିଲେ। ସେମାନେ ରିଆ, ଟିଆ ଓ କିଆଙ୍କର କାନ୍ଦିବା ଶୁଣି ଅଟକି ଗଲେ ଓ ଦେଖିଲେ ବିଷାକ୍ତ ଦୁଷ୍ଟ ନାଗ ସେମାନଙ୍କୁ କାମୁଡ଼ିବାକୁ ଦୌଡ଼ୁଛି । ଆଚ୍ଛା, ଏମିତି କଥା । ଜନ୍ଦା ଓ ପିମ୍ପୁଡ଼ି ସେମାନଙ୍କର ଖାଦ୍ୟ ସେଇଠି ଥୋଇ ସେ ଦୁଷ୍ଟ ନାଗକୁ ଘେରି ଗଲେ ଓ ତାର ଲାଞ୍ଜରୁ ମୁଣ୍ଡଯାଏ କାମୁଡ଼ିବାକୁ ଲାଗିଲେ । ବିଚରା ସେ ଦୁଷ୍ଟ ନାଗ ଆଉ ଫଁ ଫଁ କରି ରିଆ, ଟିଆ ଓ କିଆଙ୍କ ଆଡ଼କୁ ଆସିବ କ'ଣ- ସେଇଠି ଛଟପଟ ହେଲା ଓ ଜନ୍ଦା ପିମ୍ପୁଡ଼ିଙ୍କୁ ଛାଡ଼ିଦେବାକୁ ଅନୁରୋଧ କଲା । ଏଣେ ସାପଟିର ଆଉ ଫଁ ଫଁ ଶବ୍ଦ ନ ଶୁଣି ରିଆ, ଟିଆ ଓ କିଆ ଅନେଇଲେ ସେ ଆସୁଥିବା ଦିଗକୁ । ଦେଖିଲେ ଜନ୍ଦା ଓ ପିମ୍ପୁଡ଼ିମାନେ ତାକୁ ଘେରି ରହିଛନ୍ତି ଓ କାମୁଡ଼ି କାମୁଡ଼ି ତା ଦେହ ଫୁଲେଇ ଦେଲେଣି । ନାଗଟି ନେହୁରା ହୋଇ ଛାଡ଼ି ଦେବାକୁ କହୁଥାଏ। ରିଆ ଟିଆ ଓ କିଆଙ୍କୁ କହିଲା- ଚିହ୍ନିଲ ଏ ଜନ୍ଦା ଓ ପିମ୍ପୁଡ଼ି କିଏ? ଏମାନେ ସେଇମାନେ ଯାହାଙ୍କୁ ଆମେ ପାଣିରୁ ଉଦ୍ଧାର କରିଥିଲେ । "ଦେଖୁଛ ତ ! କେମିତି ଜନ୍ଦା ଓ ପିମ୍ପୁଡ଼ି ଉପକାର ଶୁଝିଲେ।" ■

ସୌଭାଗିନୀ ନିବାସ, ରେଞ୍ଚ, ପୁରୀ
ମୋ-୮୨୪୯୨୧୬୦୬୭





**ବୈଭବ କୁମାର ପାତ୍ର**
ଷଷ୍ଠ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର



**ସାଇ ସେଠୀ**
ଚତୁର୍ଥ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ପୋଖରୀପୁଟ, ଭୁବନେଶ୍ୱର



**ଇଭାଂଶୀ ମିଶ୍ର**
ଦ୍ୱିତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର



**ଲକ୍ଷ୍ମୀପ୍ରିୟା ଦାଶ**
ତୃତୀୟ ଶ୍ରେଣୀ
କେନ୍ଦ୍ରୀୟ ବିଦ୍ୟାଳୟ ୬
ପୋଖରୀପୁଟ, ଭୁବନେଶ୍ୱର







ସକାଳ
THE SAKALA
www.sakalaepaper.com

## ଆଣ୍ଡରସନ-ତେନ୍ଦୁଲକର ଟ୍ରଫି

# ଅନାବଶ୍ୟକ ତ୍ରୁଟି ଯୋଗୁଁ ସିରିଜ୍ ହାତଛଡ଼ା

ନୂଆଦିଲ୍ଲୀ,୮।୮ (ଏଜେନ୍ସି):



ଇଂଲଣ୍ଡରେ ନିକଟରେ ଶେଷ ହୋଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ କଠିନ ପରିଶ୍ରମ ଓ ଭଲ ଖେଳିଥିଲେ ମଧ୍ୟ ଘରୋଇ ଦଳ ସହ ଭାରତ ୨-୨ରେ ସିରିଜ୍ ଅମୀମାଂସିତ ରଖିଛି। କିନ୍ତୁ ପ୍ରାଧାନ୍ୟ ବିସ୍ତାର କରୁଥିବା ଦଳକୁ ସର୍ବଦା ବିଜୟ ମିଳେନାହିଁ। ୨୦୧୮ରେ ଇଂଲଣ୍ଡଠାରୁ ୪-୧ରେ ଟେଷ୍ଟ ସିରିଜ୍ ହାରିବା ପରେ ଏକଥା କହିଥିଲେ ବିରାଟ କୋହଲି। ୨୦୨୧-୨୨ ଓ ୨୦୨୫ରେ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍ ଖୁବ୍ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ଉଭୟ ସିରିଜ୍‌ରେ ଭାରତ ପ୍ରାଧାନ୍ୟ ବିସ୍ତାର କରିଥିଲେ ମଧ୍ୟ ବିଜୟୀ ହୋଇ ପାରି ନ ଥିଲା। କିନ୍ତୁ ସିରିଜ୍‌ର ତଥ୍ୟକୁ ତର୍ଜମା କଲେ ଜଣାଯାଏ, ଗୁରୁତ୍ୱପୂର୍ଣ୍ଣ ସମୟରେ ଭାରତୀୟ ଖେଳାଳିଙ୍କ ଅନିଚ୍ଛାକୃତ ତ୍ରୁଟି ଓ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଭାଗ୍ୟ ସହାୟ ହେବାରୁ ଭାରତ ଏହି ସିରିଜ୍‌ରେ ବିଜୟୀ ହେବାରୁ ବଞ୍ଚିତ ହୋଇଥିଲା।

ଅନ୍ୟପକ୍ଷରେ ଦେଖିବାକୁ ଗଲେ ୨୦୧୯ ପରଠାରୁ ଅଷ୍ଟ୍ରେଲିଆ ଓ ଭାରତ ପରି ଶକ୍ତିଶାଳୀ ଦେଶ ବିପକ୍ଷରେ ଇଂଲଣ୍ଡ ଉଭୟ ଘରୋଇ ଓ ବିଦେଶ ମାଟିରେ ୪ଟି ଟେଷ୍ଟ ସିରିଜ୍ ଖେଳିଥିଲେ ମଧ୍ୟ ଗୋଟିଏ ହେଲେ ଜିତିପାରିନାହିଁ। ବର୍ତ୍ତମାନ ଖେଳାଯାଇଥିବା ସିରିଜ୍‌ରେ ଭାରତୀୟ ବ୍ୟାଟର ୩୯.୭୭ ହାରରେ ରନ୍ ସଂଗ୍ରହ କରି ୧୨ଟି ଶତକ ହାସଲ କରିଥିଲେ। ଇଂଲଣ୍ଡ ବ୍ୟାଟର ୩୬.୫୩ ହାରରେ ରନ୍ ସଂଗ୍ରହ କରିବା ସହ ୯ଟି ଶତକ ହାସଲ କରିଥିଲେ। ଭାରତୀୟ ପେସ୍ ବୋଲରମାନେ ୱିକେଟପ୍ରତି ୩୪.୯୫ ଓ ଇଂଲଣ୍ଡ ପେସର ୩୬.୫୩ ହାରରେ ରନ୍ ବ୍ୟୟ କରିଥିଲେ। ଅବଶ୍ୟ ଏହା ସମ୍ଭବ ହୋଇଛି ଇଂଲଣ୍ଡର 'ବାଜ୍‌ବଲ' ନୀତି ଯୋଗୁଁ।

ଯେଉଁ ସିରିଜ୍‌ରେ ଭାରତ ଅନେକ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିଲେ ମଧ୍ୟ ଅନିଚ୍ଛାକୃତ ବା ଅନାବଶ୍ୟକ ତ୍ରୁଟି ଯୋଗୁଁ ସଫଳତା ମିଳିନାହିଁ। ନିୟନ୍ତ୍ରଣରେ ଥିବା ବଲ୍‌ରେ ଭାରତୀୟ ବ୍ୟାଟର ୨୨ଥର ଆଉଟ ହୋଇଥିଲାବେଳେ ଇଂଲଣ୍ଡର ମାତ୍ର ୯ ଜଣ ଖେଳାଳି ଆଉଟ ହୋଇଛନ୍ତି। ପ୍ରଥମ ଟେଷ୍ଟରେ ଏହିପରି ବଲ୍‌ରେ ଆଉଟ ହୋଇ ଅଧିନାୟକ ଶୁବମନ ଗିଲ୍ ଏହି ଧାରା ଆରମ୍ଭ କରିଥିଲେ। ଏହା ପରେ ଭାରତର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ଟେଷ୍ଟରେ ଏକଦା ଭାରତ ୩ ୱିକେଟରେ ୪୩୦ ରନ୍ କରିଥିଲାବେଳେ ଗିଲ୍‌ଙ୍କ ଅନାବଶ୍ୟକ ଆଉଟ ପରେ ଦଳ ୪୭୧ରେ ଅଲଆଉଟ ହୋଇଥିଲା। ଏହି ଟେଷ୍ଟର ଦ୍ୱିତୀୟ ଇନିଂସରେ ଉପଅଧିନାୟକ ଋଷଭ ପନ୍ତ୍ ଦମ୍‌ର ସହ ବ୍ୟାଟିଂ କରୁଥିଲାବେଳେ ପ୍ରତିପକ୍ଷ ସୋଏବ ବସିରଙ୍କୁ ଅନାବଶ୍ୟକ ସଟ୍ ମାରି ଆଉଟ ହୋଇଥିଲେ। ଯାହା ଫଳରେ ଭାରତ ଏକଦା ୩ ୱିକେଟରେ ୨୮୭ ରନ୍ କରିଥିଲାବେଳେ ୩୬୪ରେ ଅଲଆଉଟ ହୋଇଥିଲା। ଲର୍ଡ୍ସରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ଋଷଭ ପନ୍ତ୍ ଲଞ୍ଚ ପୂର୍ବରୁ ଅନାବଶ୍ୟକ ଭାବେ ରନ୍ ଆଉଟ ହେବା, ସୋଏବ ବସିରଙ୍କ ବଲରେ ମହମ୍ମଦ୍ ସିରାଜ ଭଲ ଖେଳିବା ପରେ ମଧ୍ୟ ପ୍ଲେଡ ଅନ୍ ହେବା ଭାରତୀୟ ଖେଳାଳିଙ୍କ ଦ୍ୱାରା ହୋଇଥିବା ଅନିଚ୍ଛାକୃତ ତ୍ରୁଟି ମଧ୍ୟରେ ଅନ୍ୟତମ। ଯେଉଁ ସିରିଜ୍‌ରେ ୨ଟି ଟେଷ୍ଟ ୨୫ରୁ କମ୍ ରନ୍ ମଧ୍ୟରେ ଫଳାଫଳ ମିଳିଛି, ସେଠାରେ ଏଭଳି ଅନିଚ୍ଛାକୃତ ଓ ଅନାବଶ୍ୟକ ତ୍ରୁଟିରୁ ପ୍ରତିପକ୍ଷ ଦଳକୁ ଫାଇଦା ମିଳିଛି। ଭାରତ ପ୍ରାଧାନ୍ୟ ବିସ୍ତାର କରି ମଧ୍ୟ ସିରିଜ୍ ଜିତିବାରେ ସମର୍ଥ ହୋଇନାହିଁ।

### ଡ୍ରପ୍ କ୍ୟାଚ୍‌ରୁ ଇଂଲଣ୍ଡକୁ ଫାଇଦା

ଯେଉଁ ପିଚ୍‌ରେ ବ୍ୟାଟରକୁ ସୁହାଇଥାଏ, ସେଠାରେ ବୋଲରମାନେ ନିଜ ଫିଲ୍ଡରଙ୍କଠାରୁ କିଛି ଅଧିକ ସହାୟତା ଆଶା କରିଥାନ୍ତି। କିନ୍ତୁ ଏହି ଟେଷ୍ଟ ସିରିଜ୍‌ରେ ଠିକ୍ ଓଲଟା ହୋଇଛି। ଭାରତୀୟ ଫିଲ୍ଡରମାନେ ଏହି ସିରିଜ୍‌ରେ ୨୩ଟି ଓ ଇଂଲଣ୍ଡ ଖେଳାଳି ୧୭ଟି କ୍ୟାଚ୍ ଡ୍ରପ୍ କରିଛନ୍ତି। ଯାହା ଫଳରେ ଏମାନେ ୭୧୮ ରନ୍ ଅଧିକ ବ୍ୟୟ କରିଛନ୍ତି। ଭାରତୀୟମାନେ ଡ୍ରପ୍ କ୍ୟାଚ୍‌ରୁ ୫୮୭ ରନ୍ ଉଠାଇଛନ୍ତି। ଜଣେ ବ୍ୟାଟରଙ୍କ ପ୍ରଥମ କ୍ୟାଚ୍ ଡ୍ରପ୍ ହେବା ପରେ ସେ ଯେତିକି ଅଧିକ ରନ୍ ସଂଗ୍ରହ କରିଛନ୍ତି ତାହାକୁ ହିସାବ କରାଯାଇଛି। ଏହି ଡ୍ରପ୍ କ୍ୟାଚ୍ ଯୋଗୁଁ ସର୍ବାଧିକ ଫାଇଦା ମିଳିଛି ଇଂଲଣ୍ଡର ହ୍ୟାରୀ ବ୍ରୁକ୍‌ଙ୍କୁ। ସେ ସିରିଜ୍‌ରେ ୪୮୧ ରନ୍ କରିଥିଲାବେଳେ କ୍ୟାଚ୍ ଡ୍ରପ୍ ଯୋଗୁଁ ୨୪୦ ରନ୍‌ର ଫାଇଦା ପାଇଥିଲେ। ଲିଡ୍ସ ଟେଷ୍ଟରେ ସେ ଖାତା ଖୋଲିବା ପୂର୍ବରୁ ବୁମ୍‌ରାଙ୍କ ଦ୍ୱାରା ଆଉଟ ହୋଇଥିଲେ। କିନ୍ତୁ ତାହା ନୋ ବଲ ହେବାରୁ ୯୯ ରନ୍ କରିଥିଲେ। ଏହି କ୍ୟାଚ୍ ଡ୍ରପ୍‌ରୁ ଜେମି ସ୍ମିଥ୍ ୧୩୦, ଓଲି ପୋପ୍ ୧୨୩ ରନ୍ ଅଧିକ କରିଥିଲେ। ଭାରତୀୟମାନେ ମଧ୍ୟ ଶେଷ ୨ଟି ଟେଷ୍ଟରୁ ଡ୍ରପ୍ କ୍ୟାଚ୍ ଯୋଗୁ ଫାଇଦା ଉଠାଇଥିଲେ। ମାଞ୍ଚେଷ୍ଟରରେ ରବୀନ୍ଦ୍ର ଜାଡେଜା, ଓଭାଲ ଟେଷ୍ଟରେ ୨ଥର ଯଶସ୍ୱୀ ଜୟସ୍ୱାଲଙ୍କ କ୍ୟାଚ୍ ଡ୍ରପ୍ ହେବା ପରେ ଶତକ ହାସଲ କରିଥିଲେ। ଶେଷ ଟେଷ୍ଟରେ ନାଇଟ୍‌ୱାଚ୍‌ମ୍ୟାନ୍ ଭାବେ ଆସି ଆକାଶଦୀପ ୬୬ ରନ୍ କରିଥିଲେ। କିନ୍ତୁ ସେ ୨୧ ରନ୍ କରିଥିଲାବେଳେ ତାଙ୍କ ପ୍ରଥମ କ୍ୟାଚ୍ ଡ୍ରପ୍ ହୋଇଥିଲା। ସିରିଜ୍‌ରେ ଗିଲ୍ ୭୫୪ ରନ୍ କରିଥିଲେ ମଧ୍ୟ କ୍ୟାଚ୍ ଡ୍ରପ୍ ପରେ ମାତ୍ର ୫୭ ରନ୍ କରିଥିଲେ।

## ଦୁଲୀପ୍ ଟ୍ରଫିରୁ ଘରୋଇ କ୍ରିକେଟ ସିଜନ ଆରମ୍ଭ

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଭାରତରେ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦୁଲୀପ ଟ୍ରଫିରୁ ଆରମ୍ଭ ହେବ। ଏହା ମଧ୍ୟରେ ବେଙ୍ଗାଲୁରୁରେ ଅଗଷ୍ଟ ୨୮ରୁ ଆରମ୍ଭ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆନ୍ତଃଜୋନ୍ ନକ୍‌ଆଉଟ ଭିତ୍ତିରେ ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୧୫ରେ ଶେଷ ହେବା ପରେ ଅକ୍ଟୋବର ୧ରୁ ୫ ତାରିଖଯାଏ ଇରାନି କପ୍ ଖେଳାଯିବ। ରଣଜୀ ଟ୍ରଫି ଚାମ୍ପିଅନ ବିଦର୍ଭ ଓ ଅବଶିଷ୍ଟ ଭାରତ ଏକାଦଶ ମଧ୍ୟରେ ଏହି ୫ ଦିନିଆ ମ୍ୟାଚ୍ ଖେଳାଯିବ। ଏହା ପରେ ଆରମ୍ଭ ହେବ ଘରୋଇ କ୍ରିକେଟର ସବୁଠାରୁ ବଡ଼ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫି। ଗତବର୍ଷ ଭଳି ଏଥର ମଧ୍ୟ ଦୁଇଟି ପର୍ଯ୍ୟାୟରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ଏଲିଟ କାଟାଗୋରୀର ପ୍ରଥମ ପର୍ଯ୍ୟାୟ ଅକ୍ଟୋବର ୧୫ରୁ ନଭେମ୍ବର ୧୯ଯାଏ ଆରମ୍ଭ ହେବ। ଏଲିଟ ରଣଜୀ ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟ ୨୦୨୬ ଜାନୁଆରୀ ୨୨ରୁ ଫେବୃଆରୀ ୧ ଯାଏ ଖେଳାଯିବ। ଫେବୃଆରୀ ୬ରୁ ୨୯ ମଧ୍ୟରେ ରଣଜୀ ନକ୍‌ଆଉଟ ଟୁର୍ଣ୍ଣାମେଣ୍ଟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ରଣଜୀ ପ୍ଲେଟ୍ ଲିଗ୍‌ର ପ୍ରଥମ ପର୍ଯ୍ୟାୟ ଅକ୍ଟୋବର ୧୫ରୁ ନଭେମ୍ବର ୧୯ ଖେଳାଯିବ। ଜାନୁଆରୀ ୨୨ରୁ ୨୬ ତାରିଖ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।



ନଭେମ୍ବର ୧୯ରୁ ଜାନୁଆରୀ ୨୨ ମଧ୍ୟରେ ସୀମିତ ଓଭର ଫର୍ମାଟର ଦୁଇଟି ବଡ଼ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏହା ମଧ୍ୟରୁ ସୟଦ ମୁସ୍ତାକ ଅଲି ଟି-୨୦ ଟୁର୍ଣ୍ଣାମେଣ୍ଟ ନଭେମ୍ବର ୨୬ରୁ ଆରମ୍ଭ ହୋଇ ଡିସେମବର ୧୮ ରେ ଶେଷ ହେବ। ଏହା ପରେ ବିଜୟ ହଜାରେ ଟ୍ରଫି ଲିଷ୍ଟ-ଏ' (ଦିନିକିଆ ଫର୍ମାଟ) ଡିସେମ୍ବର ୨୪ରୁ ଆରମ୍ଭ ହୋଇ ଜାନୁଆରୀ ୧୮ ରେ ଶେଷ ହେବ। ରଣଜୀ ଟ୍ରଫି ଭଳି କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି ମଧ୍ୟ ୨ଟି ପର୍ଯ୍ୟାୟରେ ଖେଳାଯିବ। ପ୍ରଥମ ପର୍ଯ୍ୟାୟ ଖେଳ ଅକ୍ଟୋବର ୧୬ରୁ ନଭେମ୍ବର ୫, ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ୨୩ରୁ ଫେବୃଆରୀ ୨ ଓ ନକ୍‌ଆଉଟ ପର୍ଯ୍ୟାୟ ଫେବୃଆରୀ ୨୧ରୁ ମାର୍ଚ୍ଚ ୧୨ଯାଏ ଅନୁଷ୍ଠିତ ହେବ। ଏହାରି ମଧ୍ୟରେ ଜୁନିଅର ବିଭାଗ ଖେଳାଯିବ।

ସେହିପରି ମହିଳା ବିଭାଗ ସିନିଅର ଟି-୨୦ ଟୁର୍ଣ୍ଣାମେଣ୍ଟ ଅକ୍ଟୋବର ୮ରୁ ଅକ୍ଟୋବର ୩୧, ଦିନିକିଆ ଟ୍ରଫି ଫେବୃଆରୀ ଫେବୃଆରୀ ୬ରୁ ୨୮, ସିନିଅର ମହିଳା ଇଣ୍ଟରଜୋନାଲ ଟି-୨୦ ଟ୍ରଫି ନଭେମ୍ବର ୪ରୁ ୧୪, ସିନିଅର ମହିଳା ଇଣ୍ଟରଜୋନାଲ ଦିନିକିଆ ଟ୍ରଫି ମାର୍ଚ୍ଚ ୫ରୁ ୧୫, ସିନିଅର ମହିଳା ଇଣ୍ଟରଜୋନାଲ ୨ ଦିନିଆ ଟ୍ରଫି ମାର୍ଚ୍ଚ ୨୦ରୁ ଏପ୍ରିଲ ୩ ଯାଏ ଖେଳାଯିବ। ମହିଳା ୨୩ ବର୍ଷରୁ କମ୍ ଟି-୨୦ ଟ୍ରଫି ନଭେମ୍ବର ୨୪ରୁ ଡିସେମ୍ବର ୧୧ ଯାଏ ଖେଳାଯିବ। ୨୩ ବର୍ଷରୁ କମ୍ ଦିନିକିଆ ଟ୍ରଫି ମାର୍ଚ୍ଚ ୩ରୁ ୨୨ ଯାଏ ଅନୁଷ୍ଠିତ ହେବ।

# ଆର୍ଯ୍ୟନ ଶର୍ମା ଓ ଯଶ୍ ଦେଶମୁଖ୍

## ଅଷ୍ଟ୍ରେଲୀୟ ୧୯ ବର୍ଷରୁ କମ୍ ଦଳରେ ଦୁଇ ଭାରତୀୟ ବଂଶୋଦ୍ଭବ

ମେଲବୋର୍ଣ୍ଣ,୮।୮ (ଏଜେନ୍ସି): ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳ ଏକ ମଲ୍ଟିପଲ ଫର୍ମାଟରେ ଖେଳିବାକୁ ଅଷ୍ଟ୍ରେଲିଆ ଗସ୍ତରେ ଯିବ। ସେପ୍ଟେମ୍ବର ୨୧ରୁ ଆରମ୍ଭ ହେବାକୁ ଥିବା ଏହି ଗସ୍ତ ଲାଗି ଟିମ୍ ନେଲସନଙ୍କ ପ୍ରଶିକ୍ଷଣରେ ଅଷ୍ଟ୍ରେଲିଆ ଜୁନିଅର ଦଳ ପ୍ରସ୍ତୁତି ଆରମ୍ଭ କରିଛି। ପ୍ରଥମ ଦଫାରେ ଏହି ଟୁର ଲାଗି ଏକ ୧୫ ଜଣିଆ ୧୯ ବର୍ଷରୁକମ୍ ଅଷ୍ଟ୍ରେଲିଆ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଦୁଇ ଭାରତୀୟ ବଂଶୋଦ୍ଭବ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଆର୍ଯ୍ୟନ ଶର୍ମା ଓ ଯଶ ଦେଶମୁଖ। ଅଷ୍ଟ୍ରେଲିଆର ଘରୋଇ କ୍ରିକେଟରେ ସଫଳତା ପାଇବା ପରେ ଏମାନଙ୍କୁ ଜାତୀୟ ଦଳରେ ସାମିଲ କରାଯାଇଛି। ଭିକ୍ଟୋରିଆ ପକ୍ଷରୁ ଖେଳୁଥିବା ଆର୍ଯ୍ୟନ ଜଣେ ଟପ୍ ଅର୍ଡର ବ୍ୟାଟର। ସେହପରି ଦେଶମୁଖ ଜଣେ ପେସ୍ ବୋଲିଂ ଅଲରାଉଣ୍ଡର। ଏବେ ଅଷ୍ଟ୍ରେଲୀୟ କ୍ରିକେଟରେ ଭାରତୀୟ ବଂଶୋଦ୍ଭବ ଖେଳାଳି ସ୍ଥାନ ପାଉଛନ୍ତି। ଲେଗ୍ ସ୍ପିନର ତନବୀର ସାଙ୍ଗା ଏବେ ଅଷ୍ଟ୍ରେଲିଆ-ଏ ଦଳର ନେତୃତ୍ୱ ନେଇଥିଲେ। ଏଣୁ ଅଷ୍ଟ୍ରେଲିଆରେ ମଧ୍ୟ ଅନ୍ୟ ଦେଶର ଖେଳାଳିଙ୍କୁ ସ୍ଥାନ ମିଳୁଛି। ଏହି ଗସ୍ତରେ ୩ଟି ଦିନିକିଆ ଓ ୨ଟି ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।



### କାନାଡ଼ିଆନ୍ ଓପନ ଟେନିସ

## ଓସାକାଙ୍କୁ ହରାଇ ବୋକୋ ଚାମ୍ପିଅନ

ଟରଣ୍ଟୋ,୮।୮ (ଏଜେନ୍ସି): କାନାଡାର ଟିନ୍ ଏଜ୍ ଖେଳାଳି ଭିକ୍ଟୋରିଆ ବୋକୋ ୪ଥରର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ନାଓମି ଓସାକାଙ୍କୁ ପରାସ୍ତ କରି କାନାଡିଆନ୍ ଓପନ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଗୁରୁବାର ରାତିରେ ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମ ସେଟ ୨-୬ରେ ହାରିବା ପରେ ୧୮ ବର୍ଷିଆ ବୋକୋ ପରବର୍ତ୍ତୀ ୨ଟି ସେଟ୍‌କୁ ୬-୪, ୬-୧ ରେ ଜିତିବା ସହ ଟାଇଟଲ କବ୍‌ଜା କରିଥିଲେ। ଏବେ ବିଶ୍ୱରେ ୮୫ ନମ୍ବର ଖେଳାଳି ହୋଇଥିବା ବୋକୋଙ୍କ କ୍ୟାରିୟରରେ ଏହା ପ୍ରଥମ ଡବ୍ଲ୍ୟୁଟିଏ ୧୦୦୦ ଟାଇଟଲ। ବୋକୋ ମଧ୍ୟ କାନାଡାର ପ୍ରଥମ ଖେଳାଳି ଭାବେ ଓପନ ଏରାରେ ୩ଜଣ ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ସୋଫିଆ କେନିନ, କୋକୋ ଗଫ୍ ଓ ଏଲେନା ରିବାକିନାଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।




## ଘାନା ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନରେ ଭାଗନେବେ କିଟ୍‌ର ଅବିନାଶ

ଭୁବନେଶ୍ୱର,୮।୮(ସମିସ): ଓଡ଼ିଶା ତଥା କିଟ୍‌ର ଛାତ୍ର ଅବିନାଶ ମହାନ୍ତି ଭାରତ ପକ୍ଷରୁ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ମନୋନିତ ହୋଇଛନ୍ତି। ଘାନାରେ ଅଗଷ୍ଟ ୧୧ରୁ ୧୭ ଯାଏ ଜେଇ ୱିଲସନ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ଅବିନାଶ ଭାରତୀୟ ଦଳର ପ୍ରତିନିଧିତ୍ୱ କରିବେ। ନିକଟରେ ଜର୍ମାନୀରେ ଅନୁଷ୍ଠିତ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ ବୋଲି କିଟ୍ ପକ୍ଷରୁ ସୂଚନା ଦିଆଯାଇଛି।



## ଦୁଷ୍କର୍ମ ଅଭିଯୋଗରେ ପାକିସ୍ତାନୀ କ୍ରିକେଟର ହାଇଦର୍ ଅଲି ଗିରଫ

ଲଣ୍ଡନ,୮।୮ (ଏଜେନ୍ସି): ବ୍ରିଟେନର ଜଣେ ମହିଳାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ପାକିସ୍ତାନର ଜଣେ ପ୍ରତିଷ୍ଠିତ ଟି-୨୦ କ୍ରିକେଟ ଖେଳାଳି ହାଇଦର ଅଲିଙ୍କୁ ମାଞ୍ଚେଷ୍ଟର ଗ୍ରେଟର ପୁଲିସ୍ ଗିରଫ୍ କରିଛି। ହାଇଦର ଏବେ ଜେଲ୍‌ରେ ଥିଲାବେଳେ ଅଗଷ୍ଟ ୪ ତାରିଖ ଦିନ ତାଙ୍କୁ ଗିରଫ କରାଯାଇଥିଲା। ପାକିସ୍ତାନ-ଏ' ଦଳର ଇଂଲଣ୍ଡ ଗସ୍ତବେଳେ ମାଞ୍ଚେଷ୍ଟରର ଏକ ସ୍ଥାନରେ ଏହି ଘଟଣା ଗତ ଜୁଲାଇ ୨୩ରେ ଘଟିଥିଲା। ଗିରଫ୍ ହେବା ପରେ ହାଇଦରଙ୍କୁ ପାକିସ୍ତାନ କ୍ରିକେଟ ବୋର୍ଡ ସସ୍‌ପେଣ୍ଡ କରିଛି। ବିଚାର ଶେଷ ନ ହେବା ଯାଏ ଏହା ବଳବତ୍ତର ରହିବ। ୨୦୨୦ରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିବା ହାଇଦର ପାକିସ୍ତାନ ସିନିଅର ଟିମ୍ ପକ୍ଷରୁ ୩୫ଟି ଟି-୨୦ ଓ ୨ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି।



## ଲଣ୍ଡନରେ କୋହଲିଙ୍କ ଅଭ୍ୟାସ

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ସୁପରଷ୍ଟାର ବିରାଟ କୋହଲି ପ୍ରତିଯୋଗିତାମୂଳକ କ୍ରିକେଟକୁ ଫେରିବା ଲାଗି ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଲଣ୍ଡନରେ ବସବାସ କରୁଥିବା ଆଇପିଏଲ୍ ଟିମ୍ ଗୁଜରାଟ ଟାଇଟନ୍ସର ଆସିଷ୍ଟାଣ୍ଟ କୋଚ୍ ନଇମ ଅମିନଙ୍କ ତତ୍ତ୍ୱାବଧାନରେ ସେ ଶୁକ୍ରବାର ଅଭ୍ୟାସ କରିଥିଲେ। ଧୂସର ରଙ୍ଗର ଏକ ଟି-ସାର୍ଟ ପିନ୍ଧି ବ୍ୟାଟିଂ ଅଭ୍ୟାସ କରୁଥିବା ଦେଖାଯାଇଥିଲା। ନଇମ ଅମିନ ସହାୟତା କରିଥିବାରୁ କୋହଲି ସାମାଜିକ ଗଣମାଧ୍ୟମରେ ତାଙ୍କୁ ଧନ୍ୟବାଦ ଦେବାକୁ ପଛାଇ ନ ଥିଲେ। ଏବେ ଭାରତ ସେପ୍ଟେମ୍ବର ୯ରୁ ଟି-୨୦ ଫର୍ମାଟରେ ଏସିଆ କପ୍ ଖେଳିବ। କିନ୍ତୁ କୋହଲି ଟି-୨୦ରୁ ଅବସର ନେଇସାରିଥିବାରୁ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିପାରିବେ ନାହିଁ। କିନ୍ତୁ ଭାରତୀୟ ଦଳ ତାହାର ପରବର୍ତ୍ତୀ ଦିନିକିଆ ସିରିଜ୍ ଅଷ୍ଟ୍ରେଲିଆ ସହ ଅକ୍ଟୋବର ୧୯ରୁ ୨୫ ଯାଏ ଖେଳିବ। ଏହି ସିରିଜ୍‌ରେ ସେ ଦଳରେ ସାମିଲ ହେବେ ବୋଲି ଆଶା କରାଯାଉଛି। ଅଗଷ୍ଟରେ ବାଂଲାଦେଶ ସହ ଭାରତର ଦିନିକିଆ କ୍ରିକେଟ ଖେଳିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଏହି ଗସ୍ତ ବାତିଲ ହେବାରୁ କୋହଲିଙ୍କ ଫେରିବା ବିଳମ୍ବିତ ହୋଇଛି। କୋହଲି ଏବେ ଦମ୍‌ର ସହ ଅଭ୍ୟାସ କରୁଥିବା ଦେଖାଯାଇଛି।



ଅଷ୍ଟ୍ରେଲିଆ ୪ ମ୍ୟାଚ୍ ବିଶିଷ୍ଟ ହକି ଟେଷ୍ଟ ସିରିଜ୍ ଖେଳିବାକୁ ଶୁକ୍ରବାର ଯାଇଥିବା ଭାରତୀୟ ଦଳ

# ୱାର୍ଲ୍ଡ ଆଥ୍‌ଲେଟିକ୍ କଣ୍ଟିନେଣ୍ଟାଲ୍ ଟୁର୍ ଲାଗି କଳିଙ୍ଗ ପ୍ରସ୍ତୁତ

ଭୁବନେଶ୍ୱର, ୮।୮ (ସମିସ):

ଆଉ ଗୋଟିଏ ଦିନ ପରେ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଯାଉଛି ଦିନିକିଆ ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ୍) ପ୍ରତିଯୋଗିତା। ଆଥ୍‌ଲେଟିକ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଏହି ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟ ଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଏସିଆନ୍ କପ୍ ଆଥଲେଟିକ୍ସ ପରେ ଏହା ଦ୍ୱିତୀୟ ଅନ୍ତର୍ଜାତୀୟ ଇଭେଣ୍ଟ। ଏଣୁ ଏହାକୁ କିପରି ସଫଳତାର ସହ ଆୟୋଜନ କରାଯାଇପାରିବ ସେଥିଲାଗି ଆୟୋଜକମାନେ ଜୋରସୋର ଉଦ୍ୟମ ଚଳାଇଛନ୍ତି। ଏହି ଇଭେଣ୍ଟର ସଫଳତା ବଳରେ କଳିଙ୍ଗରେ ଅଧିକ ଅନ୍ତର୍ଜାତୀୟ ଆଥ୍‌ଲେଟିକ ପ୍ରତିଯୋଗିତା ଆୟୋଜିତ ହେବାର ରାସ୍ତା ପରିଷ୍କାର ହେବ। କଳିଙ୍ଗରେ ଏକାଧିକ ଅନ୍ତର୍ଜାତୀୟ ପ୍ରତିଯୋଗିତା, ବିଶେଷ କରି ହକି ଖେଳରେ ଦୁଇଥର ବିଶ୍ୱକପ୍ ସଫଳତାର ସହ ଆୟୋଜିତ ହେବା ପରେ ଏହି ଷ୍ଟାଡିୟମର ଗୁରୁତ୍ୱ ଅନେକ ପରିମାଣରେ ବଢ଼ିଯାଇଛି। କ୍ରିକେଟକୁ ବାଦ୍ ଦେଇ ଅନେକ ଅଲିମ୍ପିକ୍ ଖେଳରେ ଏଠାରେ ଅନ୍ତର୍ଜାତୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି।



ରବିବାର ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତା ଲାଗି ୧୫ଟି ଦେଶରୁ ୧୬୦ଜଣ କ୍ରୀଡ଼ାବିତ ପଞ୍ଜିକରଣ କରିଛନ୍ତି। ଶୁକ୍ରବାର ଦ୍ୱିତୀୟ ସର୍ବାଧିକ ପ୍ରତିଯୋଗୀ ୧୩ ଜଣଙ୍କୁ ନେଇ ନେପାଳ ଦଳ ଏଠାରେ ପହଞ୍ଚିଛନ୍ତି। ସେମାନଙ୍କୁ ଭବ୍ୟସ୍ୱାଗତ ଦିଆଯାଇ ହୋଟେଲରେ ରଖାଯାଇଛି। ଅନ୍ୟ ଦେଶର କିଛି ପ୍ରତିଯୋଗୀ ମଧ୍ୟ ଏଠାରେ ପହଞ୍ଚିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରତିଯୋଗୀ ଆଜି କଳିଙ୍ଗ ଷ୍ଟାଡିୟମ୍ ବୁଲି ଦେଖିଛନ୍ତି। ଏମାନେ ଷ୍ଟାଡିୟମ୍‌ରେ ଥିବା ସୁବିଧା ସୁଯୋଗର ଭୂୟସୀ ପ୍ରଶଂସା କରିଛନ୍ତି। ଭାରତୀୟ ଆଥଲେଟିକ୍ସର ଦୁଇ ବରିଷ୍ଠ ସଂଗଠକ ଆଦିଲ ସୁମରିୱାଲା ଓ ଲଳିତ ଭାନୋଟ ଟୁର୍ଣ୍ଣାମେଣ୍ଟ ଆୟୋଜନର ତଦାରଖ କରୁଛନ୍ତି। ଯୁବ ପିଢ଼ିର ଆୟୋଜକ ତଥା ବାହାଦୁର ସିଂହ ସାଗୋ, ସନ୍ଦୀପ ମେହେଟା ଓ ଟେକ୍ନିକାଲ ଏକ୍ସପର୍ଟ ଷ୍ଟାନ୍‌ଲୀ ବି ଜୋନ୍ସ ଏଠାରେ ଉପସ୍ଥିତ ରହି ପ୍ରତ୍ୟକ୍ଷ ଭାବେ ଆୟୋଜନର ପ୍ରସ୍ତୁତି ଚଳାଇଛନ୍ତି। ଅଢ଼େଇ ଘଣ୍ଟାର ସମୟ ଅବଧି ମଧ୍ୟରେ ୧୯ ଗୋଟି ଇଭେଣ୍ଟ ଆୟୋଜିତ ହେବ। ଭାରତ ପରେ ନେପାଳରୁ ସର୍ବାଧିକ ୧୩ଜଣ, ଶ୍ରୀଲଙ୍କାର ୧୦ଜଣ, ମାଲେସିଆର ୯ଜଣ, ଦକ୍ଷିଣ ଆଫ୍ରିକା ଓ ଗ୍ରେଟ୍ ବ୍ରିଟେନରୁ ୪ଜଣ ଲେଖାଏ ଆଥ୍‌ଲେଟ୍ ଏଥିରେ ଅଂଶଗ୍ରହଣ କରିବେ। ଓଡ଼ିଆ ଆଥ୍‌ଲେଟଙ୍କ ମଧ୍ୟରେ ଜାଭେଲିନ୍ ଫିଙ୍ଗାଳି କିଶୋର ଜେନା, ସ୍ପ୍ରିଣ୍ଟର ଶ୍ରାବଣୀ ନନ୍ଦ, ଲାଲୁପ୍ରସାଦ ଭୋଇଙ୍କଠାରୁ ପଦକ ଆଶା କରାଯାଉଛି। ଓଡ଼ିଶାରେ ଥିବା ହାଇପର୍ଫର୍ମାନ୍ସ ଆଥଲେଟିକ୍ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ଛତିଶଗଡ଼ର ଅନିମେଶ କୁଜୁରଙ୍କ ଉପରେ ଅନେକ ଭରସା ରହିଛି। ଅନିମେଶ ଏବେ ଓଡ଼ିଶାର ଘରେ ଘରେ ପରିଚିତ ହୋଇସାରିଛନ୍ତି।

### ଆୟୋଜିତ ହେବାକୁ ଥିବା ଇଭେଣ୍ଟ

**ପୁରୁଷ :** ୧୦୦, ୨୦୦, ୪୦୦, ୮୦୦ ଓ ୫୦୦୦ ମିଟର, ଲଙ୍ଗ୍ ଜମ୍ପ୍, ଟ୍ରିପଲ ଜମ୍ପ, ଜାଭେଲିନ୍ ଥ୍ରୋ ଓ ୪ ଗୁଣା ୪୦୦ ମିଟର ରିଲେ।

**ମହିଳା :** ୧୦୦, ୨୦୦, ୪୦୦, ୮୦୦ ଓ ୫୦୦୦ ମିଟର, ୧୦୦ ମିଟର ହର୍ଡଲ୍ସ, ଲଙ୍ଗ୍ ଜମ୍ପ୍, ଜାଭେଲିନ୍ ଥ୍ରୋ ଓ ୪ ଗୁଣା ୪୦୦ ମିଟର ରିଲେ।

**ମିକ୍ସଡ :** ୪ ଗୁଣା ୪୦୦ ମିଟର ରିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS